ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୨/୨୦୨୨ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, July 2/2022 Page 16 ₹ 7.00 | ★★★★

୪୮ଶ ଭାଗ ୨୧୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-



# ଡାଆଣୀ ବୁଢ଼ୀ

## କାଳିନ୍ଦୀଚରଣ ପାଣିଗ୍ରାହୀ

ଗାଁ ଭିତରେ ବୁଢ଼ୀର ଇତିହାସ ଏକ ରହସ୍ୟ। କେତେ ଯୁଆନ ଲୋକ ଅଧା ବୟସରେ ପହଞ୍ଚିଲେଣି, କହନ୍ତି ସେମାନେ ପିଲାଦିନୁ ବୁଢ଼ୀକୁ ଏମିତି ଦେଖିଆସୁଛନ୍ତି। କେହି କେହି ବୁଢ଼ାଙ୍କ ମୁହଁରୁ ଶୁଣାଯାଏ, ବହୁତ ବର୍ଷ ତଳେ ବୁଢ଼ୀ ଆଉ କେଉଁ ଗାଁରୁ ଆସି ସେଠାରେ ରହିଛି। ଗାଁ ଲୋକଙ୍କର ଧାରଣା, ବୁଢ଼ୀ ଚିରକାଳ ସେମିତି ବୁଢ଼ୀ। ସେ ଯେ କେବେ ପିଲା ଥିଲା, କି ଯୁବତୀ ଥିଲା, ତାହା ଲୋକଙ୍କୁ ଅସମ୍ଭବ ବୋଧହୁଏ।

ସ୍ୱାମୀ ପୁଅ ଘେନି ସେ ଯେ ଦିନେ ଘର କରି ଥାଇପାରେ, ସ୍ନେହ ମମତା ସଂସାରର ସୁଖ ଦୁଃଖରେ ଦିନେ ଯେ ତା'ର ଭାଗ ଥାଇପାରେ, କାହାରିଠାରୁ ଏମିତି କଥା ଶୁଣିଲେ, ତାକୁ ପାଗଳ କହି ଲୋକେ ହସରେ ଉଡ଼ାଇ ଦିଅନ୍ତି। ବୁଢ଼ୀର ରୀତିଗତିରୁ ମଧ୍ୟ ଜଣାପଡ଼େ, ସୃଷ୍ଟି ଭିତରେ ସେ ଯେମିତି ଗୋଟାଏ ଅଲଗା ପ୍ରାଣୀ। ଜୀବ ଜଗତରେ ତାହାର କେହି ସମ୍ପର୍କୀୟ ଥିଲା ପରି ମନେ ହୁଏନାହିଁ। କୁଡ଼ିଆଖଣ୍ଡେ ତା'ର ଗୋଟାଏ ସୀମାରେ। ବଖୁରିଏ ତିନି ଚାରିହାତ ଲମ୍ବା ଓ ଚଉଡ଼ା ଛୋଟ କୁଡ଼ିଆଟି! ଫଟା କବାଟ ଖଣ୍ଡି ହାତ ଦୁଇ ଲମ୍ବ। କୁଡ଼ିଆ ଭିତରକୁ ସେତିକି ମାତ୍ର ଆଲୋକ ପ୍ରବେଶର ଦ୍ୱାର। ସେହି ବାଟେ ବୁଢ଼ୀ ନଇଁ ନଇଁ ଯା'ଆସ କରେ। ମେଲା ଅଗଣାଟିରେ ଲଙ୍କାମରିଚ ଓ ଗେଣ୍ଡୁ ଗଛ ଗୋଟିଏ ଦିଓଟି, କୁଡ଼ିଆ ପଛରେ ଲମ୍ବା ନାଗଫେଣି ଓ କିଆବଣ!

ଘରକରଣା ଜିନିଷ ବୋଲି ମାଠିଆଟିଏ, ଛିଣ୍ଡାଲୁଗା ଖଣ୍ଡେ କି ଦି'ଖଣ୍ଡ, କତରା ଖଣ୍ଡେ ଓ ଖାଇବାର କଂସାଟି। ବୁଢ଼ୀର ବେଉସା ହେଲା ଚେରମୂଳି। ଅନେକ ବଡ଼ ଗୁଣିଆ ତାକୁ ମାନିବାର ଶୁଣା ଅଛି। ଆଉ କିଏ କହନ୍ତି, ସେ କୁଆଡ଼େ କିମିଆବଳରେ ମଣିଷକୁ ଛେଳି ମେଣ୍ଢା କରି ଦେଇପାରେ। ଗାଁ ଲୋକେ ସେଥିପାଇଁ ତାକୁ ଡରନ୍ତି। ଦୂର ଗାଁରୁ ମଧ୍ୟ ତାହାର ସୁଖ୍ୟାତି ଶୁଣି ଲୋକେ ତା'ଠାରୁ କିମିଆ ନେବାକୁ ଆସିଥା'ନ୍ତି। ସେଥିରେ ବୁଢ଼ୀର ଯାହା ପଇସେ ଦି'ପଇସା ଆୟ ହୁଏ।

ଖୁବ୍ କମ୍ ସମୟ ସେ ଦାଣ୍ଡକୁ ବାହାରେ। ମାସ ଭିତରେ ଥରେ ଦି'ଥର ହେଲେ ଯଥେଷ୍ଟ। କିନ୍ତୁ ସେଇ ସମୟରେ ତା'ର ଦୁଷ୍ଟ ପିଲାଗୁଡ଼ାକ ଧୂଳି ଟେକା ପକାଇ ତାକୁ ଅଥୟ କରିଦିଅନ୍ତି। ପୁରୁଷ ଲୋକେ ଏହାକୁ ଗୋଟେ ସାଧାରଣ କଥା ଭାବି ପିଲାମାନଙ୍କୁ ମନା କରନ୍ତି ନାହିଁ। ବୁଢ଼ୀ ତାହାର ବାକି ଥିବା ଯୋଡ଼ିକ ଛାମୁଦାନ୍ତ ତଳ ଓଠ ଉପରେ ଚାପି ଦେଇ ଏବଂ ଆଖି ଯୋଡ଼ିକୁ କୋରଡ଼ ଭିତରୁ କାଢ଼ି ଏମିତି ବିକୃତ ଭଙ୍ଗୀରେ ଚାହେଁ ଯେ, ଖୁବ୍ ସାହସୀ ପୁରୁଷ ମଧ୍ୟ ତାହା ଦେଖି ଡରିଯିବ। ଗାଁ ଲୋକେ ଭାବନ୍ତି ବୁଢ଼ୀଟା ଡାଆଣୀ। କେହି କେହି କହନ୍ତି, ସେ ଅଧରାତିରେ ଗୋଡ଼ ଉପରକୁ ଓ ମୁଣ୍ଡ ତଳକୁ କରି ଚରା କରିବାକୁ ଯାଏ।

ବୁଢ଼ୀ ଆସୁଥିବା ଦେଖିଲେ ମା'ମାନେ ସାନ ପିଲାଙ୍କୁ ଲୁଚାନ୍ତି। ଦୃଷ୍ଟି ପଡ଼ିଯିବା ଭୟରେ ତାଙ୍କ ବେକରେ ଔଷଧ ବାନ୍ଧି ଦିଅନ୍ତି। ସ୍ୱପ୍ନରେ ଆସି ମଧ୍ୟ ବୁଢ଼ୀ ପିଲାଙ୍କୁ ଡରାଏ ବୋଲି ମା'ମାନଙ୍କର ଧାରଣା। କାରଣ ପିଲାଗୁଡ଼ାକ ଶୋଇଥିବା ବେଳେ ଚମକନ୍ତି, ବିଳିବିଳାନ୍ତି; ଡାଆଣୀ ବୁଢ଼ୀ ଆସୁଥିବା କଥା ଶୁଣିଲେ ଡରି ଥରି ଭାତ ଖାଇ ଦିଅନ୍ତି। ଏ ବୁଢ଼ୀଟା ଭିତରେ କ'ଣ କେବେହେଲେ ଟିକିଏ ଭଲଗୁଣ ଥାଇପାରେ? ତେବେ ସେ ମଝିରେ ମଝିରେ ଟିକିଏ ଗାଁ ଲୋକଙ୍କ ଦରକାରରେ ଆସେ।

## ପ୍ରଦକ୍ଷିଣ

ପୋଖତୀ ମାଇପିଙ୍କର ଗର୍ଭ କଷ୍ଟ ହେଲେ ଜଡ଼ିବୁଟି ଦରକାର ହୁଏ। ସେଇଥିପାଇଁ ସେ ଗାଁ ମୁଣ୍ଡରେ ଟିକିଏ ଆଶ୍ରା ପାଇଛି। ତା' କଥା ଶୁଣିଲେ ଲୋକେ ଡରନ୍ତି– ସେ ମଧ କହେ ଅତିକମ୍। ଦିନଯାକ ସେ ଭାତ ରାନ୍ଧେ, ଲଙ୍କାମରିଚ ଗଛରେ ପାଣିଦିଏ। ରାତି ତମାମ କୁଡ଼ିଆ ଭିତରେ ଥାଏ। ସେତେବେଳେ କୁଡ଼ିଆ ଭିତରୁ ଗୋଟିଏ ସରୁ ଆଲୁଅ ଜୁଳୁଜୁଳୁ ହୋଇ ଦିଶେ। ପଦାକୁ ବାହାରିଲେ ସେହି ଜଳାରେ ଖଣ୍ଡେ ଲୁହା କିଳିଣୀ ସାହାଯ୍ୟରେ ଭିତରୁ ସେ କବାଟ ପକାଇ ଦେଇଯାଏ। ରାତିରେ ସେ କାହିଁ ଯିବାକୁ ମଙ୍ଗେ ନାହିଁ।

ଅଧାରାତିଯାକେ କବାଟ ଜଳାରୁ ସେହି ସରୁ ଆଲୁଅଟି ଦିଶେ। ରାତି ଘଡ଼ିକରୁ ଛୋଟ ଗାଆଁଟି ନିସ୍ତବ୍ଧ ହୋଇଯାଏ। ସବୁ ଘରୁ ଆଲୁଅ ନିଭେ। ଆକାଶରେ ଅସଂଖ୍ୟ ଦୀପାବଳି ତଳେ ଘରଗୁଡ଼ିକ ଶାନ୍ତିରେ ଶୋଇପଡ଼ନ୍ତି; କିନ୍ତୁ ବୁଢ଼ୀଘରୁ ସେ ଆଲୁଅଟି ନିଭେ ନାହିଁ। ସମସ୍ତ ଗ୍ରାମ ଯେତେବେଳେ ଗଭୀର ନିଦ୍ରାମଗ୍ନ, ବିଶ୍ୱପ୍ରକୃତି ନିଷ୍ପନ୍ଦ, ପତିହୀନା, ସନ୍ତାନଶୂନ୍ୟା, ବନ୍ଧୁ ଜନହୀନା ଏହି ବୁଢ଼ୀଟ ଚାହିଁ ରହେ କାହିଁକି?

ବୁଢ଼ୀ ଯେବେ ଦେଖେ, ଚାରିଆଡ଼ ନୀରବ, ଥରେ ବାହାରକୁ ଆସି ଆଖି ପକାଇଯାଏ କେହି ଅଛି କି ନାହିଁ! ତାହା ପରେ ଭଲ କରି କବାଟ କିଳି ହେଁସଖଣ୍ଡ ତଳେ ପାରିଦିଏ। ତା' ଉପରେ ଧୋବ କନାଟିଏ ବିଛାଇ ଦେଇ ସିଧାଯାଏ ଚୁଲି ମୁଣ୍ଡକୁ। ଚାଳରୁ ଖଣ୍ଡେ ମୁନିଆ ବତା କାଢ଼ି ଆସ୍ତେ ଆସ୍ତେ ଚୁଲି ମୁଣ୍ଡକୁ ଖୋଳେ। ସେଠାରୁ ତିନିଚାରି ପ୍ରସ୍ତ କନାଗୁଡ଼ା ହୋଇଥିବା ଗୋଟିଏ ଘଡ଼ି କାଢ଼େ। ଅତି ଯତ୍ନରେ କନାଖଣ୍ଡ ଫିଟାଇ ବିଛଣା ଉପରେ ଘଡ଼ିଟିର ଉପକରଣ ସବୁ କୁଢ଼ାଇ ଦିଏ।

ଅତି ପୁରୁଣା ମସିହା ଦି'ପଟ ସୁନାଖଡୁ ଓ ଗୋଟିଏ ସୁନା ମୁଦି ହେଲା ଏହି ଉପକରଣ। ସେଗୁଡ଼ିକୁ ନିଜ ଆଙ୍ଗୁଠିରେ ଥରକୁ ଥର ସେ ଏପାଖ ସେପାଖ କରେ। କେତେବେଳେ ନିଜର ଶୁଖିଲା ଓଠରେ ଚୁମ୍ବନ କରେ, କୋଟରଗତ ଚକ୍ଷୁରେ ସ୍ୱର୍ଶ କରେ, ବକ୍ଷରେ ଚାପି ଧରେ। ଅସ୍ଥି ଚର୍ମର ହାତ ଦୁଇଟିରେ ଖଡୁ ଦିପଟି ପିନ୍ଧେ, ମୁଦିଟିକୁ ଅଙ୍ଗୁଠିରେ ପୂରାଏ, ଥରେ ଏପାଖ, ଥରେ ସେପାଖ କରି ଚାହେଁ। ପୁଣି ଶୁଖିଲା ଓଠରେ ଚୁମ୍ବନ କରେ, କୋଟରଗତ ଚକ୍ଷୁରେ ସ୍ୱର୍ଶ କରେ, ବକ୍ଷରେ ଚାପି ଧରେ।

ଜୀବନରେ କେଉଁ ସୁଦୂର ଇତିହାସର ଏହି ସ୍ମୃତିଟିକୁ ସେ ଧରି ରଖିଛି! ସୁପ୍ତ ଦୁନିଆରେ ଜାଗ୍ରତ ରହି ନୀରବ ନିଶାରେ ବୃଦ୍ଧାର କି ପ୍ରେମାଭିନୟ ଚାଲିଛି! ସମୟର ଶତ ଦୁର୍ବିପାକ, ଦୁର୍ଯୋଗ, ଅସଂଖ୍ୟ ସୁଖ ଦୁଃଖ ଅଙ୍ଗେ ଲିଭାଇ ସେ କେଉଁ ଅନ୍ତରତମ ସାଥୀର ଏହି ସ୍ମରଣ ଚିହ୍ନଟିକୁ ଜୀବନର ସମ୍ବଳ କରି ନେଇଛି, କେହି ସେ ଖବର ରଖେ ନାହିଁ, ଜାଣିବାକୁ ଚାହେଁ ନାହିଁ। ଊର୍ଦ୍ଧ୍ୱରେ ଅନନ୍ତ ଆକାଶ ତାହାର ଲକ୍ଷ ଲକ୍ଷ ଜ୍ୟୋତିପୁଞ୍ଜ ନେଇ କୁଡ଼ିଆଟିର ଛାତ ଉଢ଼ାଳରେ ରହିଯାଏ। ନିବିଡ଼ ଅନ୍ଧକାରକୁ ବିଦୀର୍ଣ୍ଣ କରି ସେହି କ୍ଷୀଣ ଦୀପାଲୋକଟି ମାତ୍ର ତାହା ଦେଖେ।

ସେହି ଗ୍ରାମର ଚୌକିଦାର ଭାନୁ ମଳିକ ବଡ଼ ସାହସୀ ବୋଲି ପରିଚିତ। ଅଧରାତିରେ ଝଡ଼ ତୋଫାନରେ ମଧ୍ୟ 'ହୁସିଆର' ଡାକି ଡାକି ସେ ବଣବୁଦାରୁ ଚୋର ଘଉଡ଼ାଏ। ବହୁ କାଳ ହେଲା ଅଧରାତିରେ ସେ ବୁଢ଼ୀର କୁଡ଼ିଆ ଭିତରେ ଆଲୁଅ ଜଳୁଥିବା ଦେଖିଛି। କବାଟ ନିକଟକୁ ଯାଇ ଜଳାବାଟେ ଭିତରକୁ ଭରସି ଚାହିଁବାକୁ ତାହାର ସାହସ ପାଏ ନାହିଁ। ଡାଆଣୀ ବୁଢ଼ୀ ହାଡ଼ମୁଣ୍ଡ ନେଇ କୌତୁକ କରୁଥିବ ବୋଲି ତା'ର ବିଶ୍ୱାସ। ଦିନେ ତାହାର ଭାରି ଆଗ୍ରହ ହେଲା, ଜଳା ଭିତରେ ଦେଖିବ ବ୍ୟାପାରଟା କ'ଣ?

ସେ ତ କେତେ କ'ଣ ମଶାଣି ବୁଲିଛି, ହାଡ଼ କଙ୍କାଳ କ'ଣ ତାକୁ ଗୋଡ଼ାଇ ଖାଇ ଯାଉଛି କି? ମନ୍ତ୍ର ପ୍ରଭାବରେ ବୁଢ଼ୀ ଯଦି ହାଡ଼ଗୁଡ଼ାକୁ ଜୀବଦାନ କରି ତାହାରି ଆଡ଼କୁ ପେଷେ, ତାହା ଦେହରେ ତ ଢେର ଜୋର ଅଛି, ସେ ପଳାଇ ଆସି ପାରିବ! ଏମିତି କେତେ କଥା ଭାବି ସେ ଅସଲ କଥା ଆବିଷ୍କାର କରିବାକୁ ବାହାରିଲା।

ଦିନେ ରାତିରେ ବୁଢ଼ୀ ଯେତେବେଳେ ବାହାର ଆଡ଼କୁ ଚାହିଁ ଘର ଭିତରକୁ ଗଲା, ଭାନୁ ମଳିକ ଛପି ଛପି ତା' ଦୁଆର ପାଖରେ ପହଞ୍ଚିଲା। କବାଟଜଳା ଭିତରେ ଚାହିଁ ସେ ଅବାକ୍ ହେଲା। ଚୁଲି ମୁଣ୍ଡରେ ବୁଢ଼ୀ ଘଡ଼ି ଖୋଳି ସେଇ ସୁନା ଖଡୁ ବାହାର କଲା। ତାକୁ ଚାହିଁ ଭାନୁ ମଳିକର ଆଖି ଝଲସି ଗଲା। ସବୁ ଅଭିନୟ ସାରି ବୁଢ଼ୀ ଘଡ଼ିଟିକୁ ନେଇ ଚୁଲି ମୁଣ୍ଡରେ ପୋତିଲା। ଭାନୁ ଧୀରେ ଧୀରେ ସେଠାରୁ ଫେରି ଆସିଲା।

ଦିନେ ରାତିରେ ଗାଆଁ ସାଆନ୍ତଙ୍କ ବୋହୂର ପ୍ରସବ ବେଦନା ହେଲା। ସେ ଆସି ବୁଢ଼ୀକୁ ଡାକି ଘେନିଗଲେ। ପ୍ରସବରେ ବିଳମ୍ବ ହେବାରୁ ସେମାନେ ଜୋର କରି ବୁଢ଼ୀକୁ ସେ ରାତିରେ ଛାଡ଼ିଲେ ନାହିଁ। ଭାନୁ ମଳିକ ଏହିପରି ସୁଯୋଗ ଖୋଜୁଥିଲା। ଆଗରୁ ଗୋଟିଏ ଲୁହାକିଳା ସେ ଯୋଗାଡ଼ କରିଥିଲା।

ଧୀରେ ଧୀରେ ସେ ବୁଢ଼ୀର ଘର ଆଡ଼କୁ ଚାଲିଲା, ଆସ୍ତେ କିଳିଣିଟି ଫିଟାଇଦେଲା। ଦେହ ତା'ର ଥରୁଥାଏ। ବୁଢ଼ୀ ଯଦି ପହଞ୍ଚିଯାଏ କିମ୍ବା ଆଉ କେହି ଜାଣିପକାନ୍ତି। କିନ୍ତୁ ବୁଢ଼ୀର ମନ୍ତ୍ରବଳରେ ଯଦି ସେ ଛେଳି କିମ୍ବା ମେଣ୍ଢା ହୋଇପଡ଼େ, ତାହାହେଲେ କି ଦୁର୍ଦ୍ଦଶା ତା'ର କହିଲେ ସରିବ ନାହିଁ! ମଧୁ ବେହେରା ତାହାର ପ୍ରତିବାଦୀ, ତାହାରି ଗାଈଗୋଠରେ ସେ ଚରିବ, ପାହାର ଖାଇବ ସିନା! ଇତ୍ୟାଦି ଇତ୍ୟାଦି।



କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜନ୍ମ ୨ ଜୁଲାଇ ୧୯୦୧ରେ, ଅବିଭକ୍ତ ପୁରୀ ଜିଲାର ବିଶ୍ୱନାଥପୁର ଗ୍ରାମରେ ଓ ପରଲୋକ ୧୫ ମେ ୧୯୯୧ରେ, କଟକରେ। ଓଡ଼ିଆ 'ସବୁଜ ସାହିତ୍ୟ'ର ଏହି ମହାରଥୀ ଏକାଧାରରେ ଥିଲେ କବି, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର ଓ ପ୍ରାବନ୍ଧିକ। କାଳଜୟୀ ଉପନ୍ୟାସ 'ମାଟିର ମଣିଷ' ପାଇଁ ସେ ପୃଥିବୀ ବିଖ୍ୟାତ। ଭାରତୀୟ ସାହିତ୍ୟକୁ ନିଜର ଅବିସ୍ମରଣୀୟ ଅବଦାନ ପାଇଁ ତାଙ୍କୁ ମିଳିଛି ଜାତୀୟ ସାହିତ୍ୟ ଏକାଡେମୀ ପୁରସ୍କାର ଓ 'ପଦ୍ମଭୂଷଣ' ସମ୍ମାନ। 'ଡାଆଣୀ ବୁଢ଼ୀ' କାଳିନ୍ଦୀଚରଣଙ୍କର ଏକ ଅନନ୍ୟ ଗଳ୍ପ, ଯାହା ବହୁ ପଠିତ।

ଖୁବ୍ ସାହସ ବାନ୍ଧି ସେ ଘର ଭିତରେ ଆଲୁଅ ଜାଳିଲା। ଢୁନି ଢୁନି ଚୁଲି ମୁଣ୍ଡକୁ ଗଲା। ଘଡ଼ିଟିକୁ କାଢ଼ି ଚୁଲି ମୁଣ୍ଡଟା ମାଟିରେ ପୂର୍ବ ପରି ସମାନ କରିଦେଲା। ଭଲ ରୂପେ କବାଟ ବନ୍ଦ କରିଦେଇ ଚାଲିଲା ସେ ଆପଣା ଘର ଆଡ଼କୁ। ଘଡ଼ିଟିକୁ ଧରି ଚାଲିଥାଏ ଦାଣ୍ଡ ମଝିରେ ଭାନୁ ମଳିକ। ହାତ ତା'ର ଶୀତେଇ ଉଠୁଥାଏ। ସତେ ଅବା ସେ ଘଡ଼ି ଭିତରୁ ତା' ଦେହକୁ କିଏ ଝୁଙ୍ଗା ମାରି ମାରି ଦେଉଛି!

ଘରେ ତାହାର ଉପାର୍ଜିତ ଧନ କଥା କାହାରିକୁ ସେ କହିଲା ନାହିଁ। ଘଡ଼ିଟାକୁ ଥରେ ଫିଟାଇ ଦେଖିଲା ନାହିଁ ମଧ୍ୟ। ନିଜ ଘରେ ତାକୁ ଲୁଚାଇ ପୋତି ରଖିଦେଲା। ଭୋରରୁ ବୁଢ଼ୀ ତା' କୁଡ଼ିଆକୁ ଫେରିଲା, ନିଜ କାମରେ ମନ ଦେଲା। ବେଳ ଗଡ଼ିଆସିଲା, ସଞ୍ଜ ହେଲା, ଗୋରୁଗାଈ ଘରକୁ ଫେରିଲେ। ପ୍ରତି ଘରୁ ଦୀପ ନିଭିଲା। ଗାଁଟି ଉପରେ ପୁଣି ରାଜତ୍ୱ କଲା ବିରାଟ ନିସ୍ତବ୍ଧତା।

ବୁଢ଼ୀ ଚାରିଆଡ଼କୁ ଚାହିଁଦେଇ ପୂର୍ଣ୍ଣଥରେ ଦମ୍ଭ କରି କବାଟ କିଳିଲା, ହେଁସପାରି କନା ବିଛାଇଲା, ମୁନିଆଁ ବତାଟି ଧରି ଚୁଲିମୁଣ୍ଡକୁ ଗଲା, ଖୋଳି ଦେଖିଲା, ଘଡ଼ି ନାହିଁ! ଆଉ ଖୋଳିଲା, ଘଡ଼ି ନାହିଁ, ବୁଢ଼ୀ ଖୋଳିବାରେ ଲାଗିଗଲା। ଖୋଳୁ ଖୋଳୁ ଘର ଗୋଟିକ ଖୋଳି ପକାଇଲା, ଯାହା ଯେଉଁଠି ଥିଲା, ସବୁ କାଢ଼ି ଏପାଖ ସେପାଖ ଦେଖିଲା, କିନ୍ତୁ ଘଡ଼ି କାହିଁ?

ପୁଣି ଯାଇ ଚୁଲିମୁଣ୍ଡ ଖୋଳିଲା। କେଡ଼େ ଗଭୀର ହୋଇଗଲା। କେବଳ ମାଟି, ମାଟି! ସକାଳ ହେଲା, କୁଆ ଡାକିଲା। ବୁଢ଼ୀ ଖୋଳିବାରେ ଲାଗିଛି। ସୂର୍ଯ୍ୟ ଉଠିଲା ମୁଣ୍ଡ ଉପରକୁ। ଲୋକେ କାମରୁ ଫେରିଲେ। ବୁଢ଼ୀର ଖୋଳା ଶେଷ ହୋଇନାହିଁ।

ଖୋଳିଖୋଳି ବୁଢ଼ୀ ଯେବେ ଥକିଗଲା, ସେତେବେଳେ ଭାବିଲା, ସାଆନ୍ତଙ୍କ ଲୋକେ ଆସି ବୋଧହୁଏ ନେଇ ଯାଇଛନ୍ତି। କବାଟ କିଳି ସେ ସାଆନ୍ତଙ୍କ ଘରକୁ ଧାଇଁଲା। ତାଙ୍କ ଆଗରେ ଠିଆହୋଇ ଏକା ନଜରରେ ଚାହିଁଲା। ବୁଢ଼ୀର ଲମ୍ବା ଦାନ୍ତ ଓ ବିକୃତ ମୁହଁକୁ ଚାହିଁ ଚାହିଁ ସାଆନ୍ତ କେତେ ପ୍ରଶ୍ନ ପଚାରିଲେ। କିନ୍ତୁ ବୁଢ଼ୀ ମୁହଁରେ ଜବାବ ନାହିଁ, କେବଳ ସେ ଏକ ଦୃଷ୍ଟିରେ ଚାହିଁ ରହିଛି। ପାଗଳୀ ହୋଇଯାଇଛି ଭାବି ସାଆନ୍ତ ତାହାକୁ ବାହାର କରିଦେଲେ। ସେଠାରୁ ଆସି ବାଟରେ ଯିଏ ତା' ଆଗରେ ପଡ଼ନ୍ତି, ବୁଢ଼ୀ ତାଙ୍କୁ ଚାହିଁ ଠିଆ ହୋଇଯାଏ। ସ୍ତ୍ରୀ ଲୋକମାନେ ଡରି ଯାଆନ୍ତି, ପୁରୁଷ ଲୋକ ଧମକ ଦିଅନ୍ତି, ପିଲାଗୁଡ଼ାକ ଟେକା ଧୂଳି ଫିଙ୍ଗନ୍ତି– କେହି ତା' ଅନ୍ତରର ମିନତି ଶୁଣି ପାରନ୍ତି ନାହିଁ।

ତା' ପ୍ରାଣର ସବୁ କୋମଳ ବୃତ୍ତି, କରୁଣ ଝଙ୍କାର ଏକ ବୀଭତ୍ସ ଭଙ୍ଗୀରେ ଯେମିତି ମୁଖରେ ପ୍ରତିଫଳିତ ହୁଏ। ସମସ୍ତେ ସେହି ବାହାରଟାକୁ ଦେଖି ସିନା ଯାହା ବୁଝନ୍ତି, ଭିତର ତାହାର ରହସ୍ୟପୂର୍ଣ୍ଣ। ଗାଁ ପାରି ହୋଇ ସେ ଦୁଇ ଚାରି ଦିନ ଏଣେତେଣେ ବୁଲିଲା। ଦିନେ ମର୍ଦ୍ଦରାଜପୁର ଗାଁର ଜମିଦାରଙ୍କ ଘର ପାଖରେ ଥିବା ଛୋଟ ଆମ୍ବତୋଟା ଭିତରେ ଗଲାବେଳେ ଗୋଟିଏ କଅଁଳ କାନ୍ଦଣା ସେ ଶୁଣିପାରିଲା। ସେହି ଶବ୍ଦ ଆଡ଼କୁ ଯାଇ ବୁଢ଼ୀ ଦେଖିଲା, ଆମ୍ବତୋଟା ମୂଳେ ଗୋଟିଏ ମଣିଷ ପିଲା। ମାଆ ତା'ର ଅଳ୍ପ ସମୟ ଆଗରୁ ଜନ୍ମ କରି ଏଇଠି ପକାଇଯାଇଛି।

ଶିଶୁଟିର ସୁଢ଼ଳ ସୁଗୋଲ ରୂପ ଦେଖି ବୁଢ଼ୀ ଭାବିଲା, କେଉଁ ସମ୍ଭ୍ରାନ୍ତବଂଶୀୟ ପୁରୁଷର ଔରସରେ ଏହାର ଜନ୍ମ। ପିଲାଟିକୁ କୋଳରେ ଧରି ସେ ଘରକୁ ଫେରିଲା। ଏଣିକି ନିଜର ସବୁ ଯତ୍ନ ଢାଳିଦେବାକୁ ବୁଢ଼ୀକୁ ଏଇ ପିଲାଟି ମିଳିଲା। ଗାଁର ଲୋକେ ଡାଆଣୀର ପୁଣି ପିଲା ପାଳିବା ଦେଖି କେତେ କଳ୍ପନାଜଳ୍ପନା କଲେ। ଅତି ସୁନ୍ଦର ହୋଇ ବଢ଼ିଲା ସେ ପିଲାଟି। ବୁଢ଼ୀ ତାହାର ନାମ ଦେଇଥାଏ ବିଧୁଶେଖର; କିନ୍ତୁ ତାକୁ ସବୁବେଳେ ସେ ଡାକେ ମିନି। ଟିକିଏ ତା' ଦେହ ଅସୁସ୍ଥ ହେଲେ ବୁଢ଼ୀ ନାନା ଉପଚାର କରେ। ତା' କଷ୍ଟ ଦେଖିଲେ ବୁଢ଼ୀ ଆଖିରୁ ଲୁହ ଝରିପଡ଼େ। ପିଲାଟି ହସିଲେ ବୁଢ଼ୀର ବିକୃତ ମୁହଁରେ ହସ ଫୁଟି ଉଠେ। ଗାଁ ଲୋକେ କହନ୍ତି, ଆଜି ସୁଦ୍ଧା ତାକୁ କେହି କାନ୍ଦିବାର ବି ହସିବାର ଦେଖି ନ ଥିଲେ। ଏବେ ଦେଖିଲେ।

କହୁଁ କହୁଁ ପାଞ୍ଚ ଛ'ବର୍ଷ ବିତିଗଲା, ମିନି ଚାଲି ବୁଲି ପାରିଲା। ମା' ମାନେ ଡାଆଣୀ ପୁଅ ସାଙ୍ଗରେ ଖେଳିବା ଲାଗି ପିଲାମାନଙ୍କୁ ମନା କରନ୍ତି; ମିନିର ପ୍ରଫୁଲ୍ଲ ବଦନ, ସୁନ୍ଦର ପ୍ରକୃତି କ୍ରୀଡାସଙ୍ଗୀମାନଙ୍କୁ ଆକର୍ଷଣ କରେ। ମିନି ଖାଇ ନ ଥିଲେ ବୁଢ଼ୀ ନ ଖାଇ ଚାହିଁ ବସିଥିବ। ମିନିକୁ ଖେଳିବାର ଦେଖିଲେ ତା' ପ୍ରାଣ ଉତ୍‌ଫୁଲ୍ଲିତ ହୋଇ ନୃତ୍ୟ କରେ। ମିନିପାଇଁ କେତେ ପୁଣ୍ୟ ପର୍ବ କେତେ ପିଠାପଣା କରେ। ମିନି ସୁଖରେ ରହିବ ବୋଲି କେତେ ଓଷା ବ୍ରତ ମନାସେ। ମିନିକୁ ପାଇ ତା' ଜୀବନର ଗତି ସମ୍ପୂର୍ଣ୍ଣ ବଦଳିଗଲା। ଶୁଷ୍କ କାଷ୍ଠବତ୍ ତା' ହୃଦୟ ସରଳ ହୋଇ ଅଙ୍କୁର ଦେଲା। ମିନିପାଇଁ କେତେ ଯାତ୍ରା ତୀର୍ଥକୁ ଯାଇ ସେ ଖେଳନା କିଣି ଆଣେ। ମିନି ଖେଳିବ ବୋଲି ବୁଢ଼ୀ ତା' ଦୁଆର ଆଗରେ ଗୋଟିଏ ଛୋଟ ଫୁଲ ବଗିଚା କରିଥାଏ। ସେଥିରେ କେତେ ସୁନ୍ଦର ସୁନ୍ଦର ଫୁଲ ଫୁଟେ, ମିନି ସେ ସବୁ ନେଇ ଖେଳେ। ବୃଦ୍ଧା ଦୁଆରେ ବସି ହସୁଥାଏ।

ଏହିପରି ମିନି ତା'ର ସମସ୍ତ ପ୍ରାଣ ଅଧିକାର ବସିଲା। ଅଳଙ୍କାର ଘଡ଼ିଟି କଥା ସମୟ ସମୟରେ ବୃଦ୍ଧାର ମନେପଡ଼ିଲେ ସେ କ୍ଷୁଣ୍ଣ ହୁଏ। କାରଣ ସେ ଭାବେ ଅଳଙ୍କାରତକ ଥିଲେ ମିନିକୁ ବିଭା କରାଇ ସେ ସମସ୍ତ ତା'ର ସ୍ତ୍ରୀକୁ ଦେଇଥାନ୍ତା। ମିନିକୁ ବିଭା କରାଇବ, ସ୍ତ୍ରୀ ତା'ର ଘରକୁ ଆସିବ, କେତେ ସୁଖ ଶରଧା, କେତେ ଉତ୍ସବ, କେତେ ଆନନ୍ଦ ଇତ୍ୟାଦି କଳ୍ପନା କରି ବୃଦ୍ଧା ଅଳଙ୍କାର କଥା ଭୁଲିଯାଏ।

ମର୍ଦ୍ଦରାଜପୁର ଜମିଦାରଙ୍କର କୌଣସି ସନ୍ତାନସନ୍ତତି ନ ହେବାରୁ ଏବଂ ପୋଷ୍ୟପୁତ୍ର ଗ୍ରହଣ କରିବାରେ କୌଣସି ସୁବିଧା ସୁଯୋଗ ନ ମିଳିବାରୁ ତାଙ୍କ ଅନ୍ତେ ତାଙ୍କର ଉତ୍ତରାଧିକାରୀ କିଏ ହେବ, ଏହି କଥା ନେଇ ଚହଳ ପଡ଼ିଗଲା। ତାଙ୍କ ଘର ନିକଟ ବଗିଚାରୁ ସେ ବୁଢ଼ୀ ପୁଅ ନେଇଥିବା କଥା ସେ କୁଆଡୁ କିପରି ଜାଣିଥିଲେ, ତା'ର ରୂପଗୁଣର ମଧ୍ୟ କିପରି କାହାଠାରୁ ପରିଚୟ ପାଇଥିଲେ। ବୃଦ୍ଧାକୁ ଡକାଇ ମିନିକି ନେବା ପାଇଁ ସେ ନାନା ପ୍ରଲୋଭନ ଦେଖାଇଲେ। ବୁଢ଼ୀ ମିନିକୁ ବିଭା ଦେବ, ବୋହୂ ଆଣିବ, ନାତି ଦେଖିବ, ପ୍ରଲୋଭନରେ ସେ ଭୁଲିବ କାହିଁକି? ଜମିଦାର କୌଣସି ରୂପେ ବୁଢ଼ୀକୁ ପାରିଲେ ନାହିଁ।

ସନ୍ଧ୍ୟା ହୋଇ ଆସିଛି, ମିନି ଫୁଲବଗିଚାରେ ଖେଳୁଛି, ଅସ୍ତଗାମୀ ରବିର କନକ ରଶ୍ମି ତା' ଉପରେ ପଡ଼ିବାରୁ ସ୍ୱର୍ଣ୍ଣ ଉପବନରେ ସୁବର୍ଣ୍ଣ ପ୍ରତିମାଟିଏ ଖେଳିଲା ପରି ଦିଶୁଛି। ବୁଢ଼ୀ ପିଣ୍ଡାରେ ବସି ମୁଗ୍ଧ ନୟନରେ ମିନିର କ୍ରୀଡ଼ା ଦେଖୁଛି। ଜମିଦାରଙ୍କ ଲୋକେ ଆସି ଜବରଦସ୍ତି ମିନିକୁ ଧରିନେବାକୁ ଉଦ୍ୟତ ହେଲେ। ବୃଦ୍ଧା ବିଦ୍ୟୁତ୍ ବେଗରେ ସେମାନଙ୍କ ଆଡ଼କୁ ଛୁଟିଗଲା। ଜମିଦାରଙ୍କ ଲୋକେ ଠେଙ୍ଗାବାଡ଼ି ଉଠାଇ ତାକୁ ନିରସ୍ତ୍ର କରାଇଲେ। ବୃଦ୍ଧା ଶୂନ୍ୟ ପ୍ରାଙ୍ଗଣରେ ନିର୍ବାକ୍ ନିସ୍ତବ୍ଧ ହୋଇ ଏକ ଦୃଷ୍ଟିରେ ମିନି ଆଡ଼କୁ ଚାହିଁ ରହିଲା, ଜମିଦାର ଘର ଲୋକେ ମିନିକୁ ନେଇ ଅଦୃଶ୍ୟ ହୋଇଗଲେ। ବୃଦ୍ଧ ଚକ୍ଷୁରେ ପିଛଡ଼ା ପଡ଼ିଲା ନାହିଁ। ସେ ସମ୍ମୁଖରେ ମିନିକୁ ଦେଖୁଥିଲା କିମ୍ବା ଅତୀତ ଜୀବନର ସମସ୍ତ ଛବିର ସ୍ମୃତିପଟ ଖୋଲି ଦେଇ ଚକ୍ଷୁ ପଲକରେ ସେ ସବୁର ପରିବର୍ତ୍ତନ ଦର୍ଶନ କରୁଥିଲା, କହିହେବ ନାହିଁ। ସୂର୍ଯ୍ୟ ଅସ୍ତ ଗଲା, ଗୋଟି ଗୋଟି ହୋଇ ତାରା ଉଇଁଲେ। ବୃଦ୍ଧାର ଆଖିପତା ପଡ଼ିନାହିଁ। ଯେଉଁଠାରେ ସେ ଠିଆ ହୋଇଥିଲା, ସେଇଠାରେ ଅଗଣା ମଝିରେ ବସିପଡ଼ି ଦାଣ୍ଡକୁ ଏକ ଦୃଷ୍ଟିରେ ଚାହିଁ ରହିଲା। ଯେଉଁ ଗୃହରେ ମିନି ନାହିଁ, ସେ ଗୃହକୁ ଫେରି ଚାହିଁବାକୁ ଇଚ୍ଛା ହେଲା ନାହିଁ। ମିନି ତା'ର ଏ ଦରିଦ୍ର ଗୃହରେ କଷ୍ଟ ପାଉଥିଲା। ଜମିଦାର ହୋଇ ସୁଖରେ ରହିବ, ବୃଦ୍ଧା ସେ କଥା ବୁଝିଲା ନାହିଁ। ସେ ତ ଏବେ ଆଉ ତା'ର ମିନି ନୁହେଁ, ସେ ଯେ ଜମିଦାର ଘର ମିନି!

ସବୁ ଘରୁ ଗୋଟି ଗୋଟି ହୋଇ ଦୀପ ନିଭିଗଲା। ଗ୍ରାମଟି ନିସ୍ତବ୍ଧ ହୋଇ ଆସିଲା। ବୃଦ୍ଧା ସେହି ଏକ ସ୍ଥାନରେ ବସି କାକରରେ ଭିଜି ମିନି ଯିବା ରାସ୍ତାକୁ ଏକ ଦୃଷ୍ଟିରେ ଚାହିଁରହିଲା। କିଛି ସମୟ ପରେ ସମ୍ମୁଖରେ ଦେଖିଲା, ଜଣେ ଲୋକ ତା' ଆଡ଼କୁ ଅଗ୍ରସର ହେଉଛି। ଲୋକଟି ଯେତେବେଳେ ଅତି ନିକଟକୁ ଆସିଲା, ବୁଢ଼ୀ ପଚାରିଲା "କିଏ?" "ମୁଁ ଭାନୁ ମଳିକ" କହି ଲୋକଟି କ'ଣ ଗୋଟାଏ ବୁଢ଼ୀ ଆଗରେ ଥୋଇ ଲମ୍ବ ହୋଇ ଗୋଡ଼ତଳେ ପଡ଼ିଗଲା। ବୁଢ଼ୀ ତା'ର ସେହି ବହୁ ଦିନର ସାଇତା ଅଳଙ୍କାର ଘଡ଼ିଟି ଅବିକଳ ସେହିପରି କନାବନ୍ଧା ହୋଇ ସମ୍ମୁଖରେ ପଡ଼ିଥିବାର ଦେଖି ଚମକି ପଡ଼ିଲା। ଭାନୁ ମଳିକକୁ ଉଠାଇ, କଥା କ'ଣ ପଚାରିଲା। ଭାନୁ ଯେପରି ଭାବରେ ଅଳଙ୍କାର ଘଡ଼ିଟି ଚୋରିକରି ନେଇଗଲା ଏବଂ ଯେପରି ଭାବରେ ରଖିଥିଲା, ସମସ୍ତ ବୃତ୍ତାନ୍ତ ବୁଢ଼ୀକୁ ବୁଝାଇ କହିଲା। ଘଡ଼ିଟି ଚୋରିକରି ନେବା ଦିନ ତା' ମନ ହନ୍ତସନ୍ତ ହେଉଛି ଏବଂ ସେହି ଅପରାଧରେ କିଛି ଦିନ ହେଲା ତାକୁ ଛାତି ବେମାର ଧରିଛି। ପଣ୍ଡିତମାନଙ୍କୁ ପଚାରି ବୁଝିଲା ଯେ, କୌଣସି ଗୁରୁତର ପାପରୁ ତା'ର ଏଭଳି ମାରାତ୍ମକ ବେମାର ହୋଇଅଛି। ସେ ପାପର ପ୍ରାୟଶ୍ଚିତ୍ତ କଲେ ଏହାର ଖଣ୍ଡନ ହୋଇଯିବ। କିନ୍ତୁ ସେ ବ୍ରାହ୍ମଣ ପଣ୍ଡିତମାନଙ୍କୁ ଭୋଜନ ନ ଦେଇ ଅସଲ ପାପଟାକୁ ଦୂର କରିବା ଲାଗି ଏହା ଫେରାଇ ଦେବାକୁ ଆସିଛି ଏବଂ ବୁଢ଼ୀ ପାଖରେ କ୍ଷମା ପ୍ରାର୍ଥନା କରୁଛି।

ବୁଢ଼ୀ ଅବାକ୍ ହୋଇ ଏକ ଧ୍ୟାନରେ କିଛି କ୍ଷଣ ବସିରହିଲା। ସେ ଅସ୍ପଷ୍ଟ ତାରାଲୋକରେ ଖୁବ୍ ନିର୍ମଳ ଭାବରେ ଦେଖିପାରିଲା, ବୃଦ୍ଧାର ମୁଖ ଯେପରି ଏକ ଜ୍ୟୋତିରେ ଉଜ୍ଜ୍ୱଳ ହୋଇ ଉଠୁଛି।

ଭାନୁ ମଳିକର ରୋଗ ଉପଶମ ଲାଗି ଚେରମୂଳି ଦି'ଖଣ୍ଡ ଦେଇ ତା'ର ସେହି ସ୍ନେହର ଘଡ଼ିଟିକୁ ଧରି ବୃଦ୍ଧା ଧୀରେ ଧୀରେ ଗୃହ ମଧ୍ୟରେ ପ୍ରବେଶ କଲା। ଭାନୁ ମଳିକ ଚାଲିଗଲା ପରେ ବୁଢ଼ୀ ବାହାରକୁ ଥରେ ପ୍ରଦକ୍ଷିଣ କଲା। ଗୃହ ମଧ୍ୟରେ ପ୍ରବେଶ କରି ସଦ୍ୟରେ କବାଟ କିଳିଦେଲା। ହେଁସଟି ତଳେ ପାରିଦେଲା। ଧୋବ କନାଖଣ୍ଡେ ତା' ଉପରେ ବିଛାଇ ଦେଲା, ଘଡ଼ି ଉପରୁ ଅତି ଯତ୍ନରେ ଅତି ଧୀରେ ଧୀରେ କନା ଖଣ୍ଡି ଖୋଲିଦେଲା, ଅଳଙ୍କାରଗୁଡ଼ିକ କାଢ଼ି ଶୀର୍ଣ୍ଣ ଅଙ୍ଗୁଳିରେ ଆଲୋଡ଼ିତ କଲା; କେତେଥର ଶୁଷ୍କ ଓଷ୍ଠରେ ଚୁମ୍ବନ କଲା, କୋଟରଗତ ଚକ୍ଷୁରେ ବାରମ୍ବାର ସ୍ୱର୍ଶ କଲା, ବକ୍ଷରେ ଚାପିଧରିଲା–ଖଡୁ ଦି'ପଟ ହାତରେ ପିନ୍ଧିଲା, ସୁନା ମୁଦିଟି ଅଙ୍ଗୁଳିରେ ଧାରଣା କଲା, ପରେ ଏପାଖ ସେପାଖ ଓଲଟାଇ କରି ଚାହିଁଲା।

ଯେତେବେଳେ ଗ୍ରାମଟି ନିସ୍ତବ୍ଧ, ଦୀପ ସବୁ ନିଭିଯାଇଛି, ଭାନୁମଳିକ ପ୍ରତିଦିନ ପହଞ୍ଚ ପହରା ଦେବା ବେଳେ ଦେଖେ, ବୁଢ଼ୀର କବାଟଜଳାରୁ ସେହି ସୂକ୍ଷ୍ମ ରଶ୍ମିଟି ଆସୁଛି!

---

ପୁସ୍ତକ ପରିଚୟ

## ମାତୁଳ ସମ୍ବାଦ

**ନାଟ୍ୟକାର:** ସୂର୍ଯ୍ୟମଣି ତ୍ରିପାଠୀ
**ପ୍ରକାଶିକା:** ମନୋରମା ତ୍ରିପାଠୀ, ଖଣ୍ଡଗିରି, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୫୦/-



ଆଲୋଚ୍ୟ ନାଟକଟି ମହାଭାରତର ଦୁଇ ମାମୁ (ଅଭିମନ୍ୟୁଙ୍କ ମାମୁ ଶ୍ରୀକୃଷ୍ଣ ଓ ଦୁର୍ଯ୍ୟୋଧନାଦିଙ୍କ ମାମୁ ଶକୁନି)ଙ୍କ ଚରିତ୍ରର ଆପାତଃ ଅଦୃଶ୍ୟମାନ ବ୍ୟକ୍ତିତ୍ୱ ତଥା ଧର୍ମସଂସ୍ଥାପନା ପାଇଁ ଦୁହିଁଙ୍କ ମନରେ ଥିବା ଆଶା ଓ ଉଦ୍‌ବେଗକୁ ନେଇ ରଚିତ। ପ୍ର. ବୈଷ୍ଣବ ଚରଣ ସାମଲ କହିଛନ୍ତି: "ଉଭୟ କୃଷ୍ଣ ଓ ଶକୁନିଙ୍କ ଉଦ୍ଦେଶ୍ୟ ସମାନ– ପାପ ଓ ଅଧର୍ମର ବିନାଶ। ଏହି ଦୁଇ ମାମୁଙ୍କର ସମ୍ବାଦ ହିଁ ଏହି ନାଟକ। x x ନାଟକରେ ଶକୁନିକୁ ଦିଆଯାଇଛି ଗୁରୁତ୍ୱ। ସେ ମାତୁଳ କୌରବଙ୍କର। ତାଙ୍କର ସମ୍ବାଦ ହିଁ ଏହି ନାଟକର ମର୍ମ କଥା। ତାଙ୍କର କପଟତା ଓ ହିଂସ୍ରତାର ଅନ୍ତରାଳରେ ଭକ୍ତି ଭାବଟିଏ ଯେ ସଂଗୁପ୍ତ ହୋଇ ରହିଥିଲା, ତାହା ଶେଷରେ ପ୍ରକଟିତ ହୋଇଛି।" ନାଟକରେ 'ସଂଳାପ' ମୁଖ୍ୟତଃ ଅମିତ୍ରାକ୍ଷର ଛନ୍ଦଧର୍ମୀ। ମୋଟ ପାଞ୍ଚଟି ଦୃଶ୍ୟ ନାଟକରେ ରହିଛି। ଅଙ୍କ ବିଭାଜନ ନାହିଁ। ତୃତୀୟ ଦୃଶ୍ୟରେ ଅଭିମନ୍ୟୁ ବଧ ପରେ ଅର୍ଜୁନଙ୍କ ପ୍ରତିକ୍ରିୟା, ପୁତ୍ରଶୋକ, ଭାଇମାନଙ୍କ ପ୍ରତି ଆବେଗାକୁଳ ଆକ୍ଷେପ ଯେତିକି ନାଟକୀୟ, ସେତିକି କରୁଣ। ନାଟକର ବିଶେଷତ୍ୱ ହେଉଛି, ସଂଳାପ ସଂଯୋଜନାକୁ ତ୍ୱରାନ୍ୱିତ ଓ ତୀବ୍ର କରି ଉତ୍କଣ୍ଠାର ନିର୍ମାଣ, ଯାହା ନାଟକରେ ମଞ୍ଚୋପଯୋଗିତାକୁ ନିଶ୍ଚିତ କରେ। ପୁରାଣର ବିଷୟବସ୍ତୁ 'ମାତୁଳ ସମ୍ବାଦ'ରେ କେବଳ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଗୋଟିଏ ବିନ୍ଦୁରେ ଛିଡ଼ା କରାଇ ନାହିଁ, ବରଂ ଜୀବନର ଚିରନ୍ତନୀ ବାସ୍ତବତାକୁ ଧାପେଧାପେ ନିତ୍ୟନୂତନ କରି ଗଢ଼ିତୋଳିଛି। ମନରେ ଗଚ୍ଛିତ ସଂସ୍କାର ନେଇ ନାଟକ ଭିତରକୁ ଯାତ୍ରା କରୁଥିବା ପାଠକ/ ଦର୍ଶକ ଅବଧାରିତ ଭାବେ ତା' ଚେତନାରେ ନୂତନ ଏକ ସୂର୍ଯ୍ୟୋଦୟ ଧରି ନିଶ୍ଚିମିତ ହେବ। ନାଟକଟି ପୁନଃପୁନଃ ପଠନ ଓ ମଞ୍ଚାଭିନୟର ଅପେକ୍ଷା ରଖେ।

## ମୁଗ୍ଧ ନୀରବତା

**କବି:** ଶାନ୍ତି ମହାନ୍ତି
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୮୯/-



ମୋଟ ୧୦୩ଟି କବିତା ଆଲୋଚ୍ୟ ଗ୍ରନ୍ଥରେ ସ୍ଥାନିତ। ଗୀତିଧର୍ମିତା ହେଉଛି କବିତାଗୁଡ଼ିକର ପ୍ରାଣ। ଗ୍ରନ୍ଥର ପ୍ରଥମ କବିତାର ପ୍ରଥମ ପଙ୍‌କ୍ତିଟି ଏହିପରି: "ହୃଦୟ ମୋର ମୁକୁଳିତ ଏକ/ ପଦ୍ମକଳିର ଘର,/ କେଉଁ ମଧୁକର ଦିବ୍ୟ ମଧୁରେ/ ଶୁଣାଏ ତୁମରି ସ୍ୱର।" ଏବଂ ଶେଷ କବିତା 'ସଖା ତୁମେ ନିରନ୍ତର'ର ପ୍ରଥମ ପଙ୍‌କ୍ତିଟି ହେଉଛି– "କେତେ ଅନୁପମ ଶୋଭିତ ସପନେ/ ସଖା ତୁମେ ନିରନ୍ତର,/ କ୍ଳାନ୍ତ ନ ହୋଇ ଗଢ଼ି ତୋଳୁଅଛ/ ଚେତନାର ନବଦ୍ୱାର।"– ଏଥିରୁ ସ୍ପଷ୍ଟ ଯେ କବି ମହାନ୍ତି ମନ ନୁହେଁ, ମୁକୁଳିବାର ଅପେକ୍ଷାରେ ଥିବା ଚେତନାର ନୂଆ ନୂଆ ଦ୍ୱାରମାନଙ୍କୁ ଉନ୍ମୋଚିତ କରିବାର ଅଭୀପ୍‌ସାରେ ତାଙ୍କ କବିତ୍ୱକୁ ତାଲିମ ଦେଇଚାଲିଛନ୍ତି, ଯଦିଓ କେବେ ବି ସେ ଲେଶମାତ୍ର ଅହଂକାର ଆଣନ୍ତି ନାହିଁ ମନରେ ଯେ ସେ ନିଜେ ତାଙ୍କ କବିତାର ରଚୟିତା। 'ଉତ୍ସର୍ଗ'ରେ ଲେଖନ୍ତି: "ନିଜର ବୋଲି ଭାବୁ ନ ଥିବା ଏ କବିତା ସମୂହକୁ ସେହି ଅଦୃଶ୍ୟ ଓ ଅପ୍ରମେୟ ଦାତାଙ୍କୁ ସମର୍ପଣ କରୁଛି।" ଅଧିକାଂଶ କବିତାରେ ବିରାଜମାନ ଅଶ୍ରୁତ ନୀରବତା, ଯାହା ଉତ୍ତୀର୍ଣ୍ଣ କବିତାର ଅଭିଳକ୍ଷିତ ସମ୍ପଦ। ଖାଲି ପଦ ମିଳନ ନୁହେଁ, ପଦ ଭିତରର ସଂଗୋପିତ ଗୁଣୁଗୁଣୁକୁ ସେ ପାଠକ/ ଶ୍ରୋତାଙ୍କ କର୍ଣ୍ଣକୁହରରେ ପହଞ୍ଚାଇବାର ସାଧନା ଜାରି ରଖନ୍ତି ତାଙ୍କ କବିତାରେ। 'ତଟିନୀ', 'ସଖା', 'ନୀଳକଇଁ', 'ଘର', 'ଡାକନ୍ତି ସେ ବାରବାର', 'ଜୀବନ ଗୀତି', 'ପୁଲକିତ ବେଳାଭୂମି', 'ତୁମେ ଅଛ ବୋଲି', 'ବରିଛି ମାଟିର କାରା', 'ଜହ୍ନର କବିତା', 'ଗୋପନ ଇସାରା' ଓ 'ଶେଷ ଅନ୍ଧାର' ଭଳି କବିତା ଅନୁରାଗୀ ପାଠକଙ୍କୁ ଅନୁଭବର ଭିନ୍ନ ଏକ ଜଗତକୁ ଘେନିଯାଏ।

---

## କାଳକାଳକୁ

"ସଂଗ୍ରହାଳୟ କୁହାଯାଉଥିବା ମୃତ ପ୍ରତିମାଗୁଡ଼ିକ ଭିତରେ କଳା ବନ୍ଦୀ ନ ହୋଇ ପଥପ୍ରାନ୍ତ, ଟ୍ରାମ୍‌ବସ୍, କଳକାରଖାନା ଓ ଶ୍ରମିକଙ୍କ ଗୃହାଙ୍ଗନ– ସବୁଠି ବ୍ୟାପ୍ତ ହୋଇ ରହିବା ଉଚିତ।"
– ଭ୍ଲାଦିମିର ମାୟାକୋଭସ୍କି



**ଭ୍ଲାଦିମିର ମାୟାକୋଭସ୍କିଙ୍କ** ଜନ୍ମ ୧୯ ଜୁଲାଇ ୧୮୯୩ରେ ଓ ପରଲୋକ ୧୪ ଏପ୍ରିଲ ୧୯୩୦ରେ, ମାତ୍ର ୩୬ ବର୍ଷ ବୟସରେ। ରୁଷ୍ ଭାଷାର ଏହି ମହାନ୍ କବି କବିତା ରଚନା ସାଙ୍ଗକୁ ନାଟ୍ୟନିର୍ଦ୍ଦେଶନା, ଚଳଚ୍ଚିତ୍ର ଅଭିନୟ ଓ ପତ୍ରିକା ସଂପାଦନାରେ ମାହିର୍ ଥିଲେ। କଳା ପତ୍ରିକା LEF ର ସେ ଥିଲେ ଚର୍ଚ୍ଚିତ ସଂପାଦକ। 'A Cloud in Trousers' (୧୯୧୫) ଓ 'Backbone Flute' (୧୯୧୬) ତାଙ୍କର ଦୁଇଟି ପ୍ରସିଦ୍ଧ କବିତା। ସେ ଥିଲେ ରୁଷର ଭବିଷ୍ୟବାଦୀ କାବ୍ୟଆନ୍ଦୋଳନର ପୁରୋଭାଗରେ ଓ ଏହି ଆନ୍ଦୋଳନର ଇସ୍ତାହାର 'A slap in the face of Public Taste' (୧୯୧୩)ର ଯୁଗ୍ମ ସ୍ୱାକ୍ଷରକାରୀ। ନିଜକୁ ନିଜେ ଗୁଳିକରି ହତ୍ୟା କଲାପରେ ତାଙ୍କର ଯେଉଁ ଶ୍ମଶାନଯାତ୍ରା ହୋଇଥିଲା, ତାହା ଥିଲା ଲେନିନ୍ ଓ ଷ୍ଟାଲିନ୍‌ଙ୍କ ପରେ ତୃତୀୟ ବିଶାଳତମ ଶୋକଯାତ୍ରା, ଯହିଁରେ ଦେଢ଼ଲକ୍ଷ ଯୋଗ ଦେଇଥିଲେ। ନିଜ ଆତ୍ମଜୀବନୀ 'I, Myself'ରେ ମାୟାକୋଭସ୍କି ଲେଖିଛନ୍ତି: "ମୋ' ମୁଣ୍ଡ ଭିତରେ ବିପ୍ଳବ ଓ କବିତା ଫେଣ୍ଟାଫେଣ୍ଟି।" ଷ୍ଟାଲିନ୍‌ଙ୍କ ମତରେ ସେ ଥିଲେ ସୋଭିଏତ୍ ଭାଷାର ସର୍ବୋତ୍ତମ ଓ ସର୍ବାଧିକ ପ୍ରତିଭାସମ୍ପନ୍ନ କବି। କାହିଁକି କେଜାଣି ସେ ହିଁ କହିଥିଲେ– "ଆମର ପୃଥିବୀ ନାମକ ଏହି ଗ୍ରହଟି ଆନନ୍ଦ ପାଇଁ ଖୁବ୍ କମ୍ ଅବସର ରଖେ।"

---

କବିତା

ଗୀତି–କବିତା

## ସାଧବବୋହୂ

**ଧନଞ୍ଜୟ ସ୍ୱାଇଁ**

ମୋର ପଣତକାନିରେ କାନିଏ ବରଷା
ଆଣିଛି ସରାଗେ ତୋଳି
ସବୁଜ ଘାସରେ ନାଲିପାଟ ପିନ୍ଧି
ଥିରିଥିରି ଯିବି ଚାଲି ।।୦।।
ମୋ' ଥିରି ଚାଲିରେ ବନ୍ଧ୍ୟାବିଲରେ
ଖେଳଇ ସବୁଜ ଢେଉ
ମୋ' ଲାଗି ମାଟିରେ ମହୁଆ ମହକ
ମେଘରୁ ଝରଇ ମହୁ
ହିଡ଼ତଳ ମାଟି ହସେ ଚେଇଁଉଠି
ଦେଖି ମୋ' ଅଳସ ଚାଲି
ଆଣିଛି ସରାଗେ ତୋଳି ।।୧।।
ମେଘ ଆକାଶରେ ଘୋଟି ଆସି ଯେବେ
ଚଉଦିଗ ଦିଏ ରୁନ୍ଧି
କଅଁଳ ମନରେ ଡେଣା ଲାଗେ ମୋର
ସୁହାଗ ସିନ୍ଦୂର ପିନ୍ଧି
ମୋତେ ଦେଖି ଧାନବିଲ ଗୀତ ଶୁଣେ
ନଈ ଅବା କାନଡେରି
ଆଣିଛି ସରାଗେ ତୋଳି ।।୨।।

ମୋ: ୯୪୩୭୦୦୦୬୩୬

## ନୀରବ ରାତିର ସ୍ୱପ୍ନ

**ଶରତ କୁମାର ଦାସ**

ମୁଁ ଶବ୍ଦ ଗଢ଼େ ମୋ' ଖିଆଲି ମନରେ
ଜୀବନ୍ୟାସ ବି ଦିଏ
ମଂଚ ବାନ୍ଧେ ଶୂନ୍ୟରେ ତାରାଫୁଲଙ୍କ ମେଳରେ।

ସେହି ଶବ୍ଦମାନେ ନୂପୁର ପିନ୍ଧନ୍ତି
ବଧୂ ବେଶ ସାଜନ୍ତି
ପଶି ଆସନ୍ତି ମୋ' କୋଠରିକୁ ଅତି ସନ୍ତର୍ପଣେ
ଜହ୍ନରାତିରେ ବିଛାଡ଼ି ହୋଇ ପଡ଼ିଥିବା
ଫୁଲଙ୍କ ଗହଣରେ।

ରଜନୀଗନ୍ଧାର ବାସ୍ନା ଭରିଯାଏ ମୁହୂର୍ତ୍ତକ ପାଇଁ
ମୁଁ ଆକ୍ରାମାକ୍ରା ହୋଇଯାଏ
ଧଡ଼ପଡ଼ ଉଠିପଡ଼ି ବାହାରକୁ ଚାହେଁ।

ଆକାଶ ସେମିତି ହସୁଥାଏ
ଯେମିତି ଆଗରୁ ହସୁଥିଲା,
ପୃଥିବୀ ସେମିତି ଚାହିଁଥାଏ ଯେମିତି ଆଗରୁ,
ଆଉ ମୋ' କାନରେ ଧସେଇ ପଶୁଥାଏ
ରୁଣୁଝୁଣୁ ଧ୍ୱନି ସେହି ଶବ୍ଦମାନଙ୍କର ବାରମ୍ବାର।

ମୁଁ କ୍ଷଣକେ ତୀରବିଦ୍ଧ ହୋଇଯାଏ
ନିର୍ବାକ୍, ନିସ୍ପନ୍ଦ, ପ୍ରାଣହୀନ ଲାଗେ
ପକ୍ଷୀଟିଏ ସେମିତି ଚିତ୍କାର କରୁଥାଏ ଯେମିତି ଆଗରୁ
ଏକ ଅନ୍ଧାରୁଆ ଆବଦ୍ଧ ପଂଜୁରିରେ,
ଗୋଟିଏ ଲାଲ୍ ଟହଟହ ରକ୍ତର ଖଣ୍ଡା
ଝୁଲୁଥାଏ ମୋ' ମୁଣ୍ଡ ଉପରେ।

ମୋ' ଡ୍ରଇଂରୁମ୍‌ରେ କାନ୍ଥକୁ ଆଉଜି ରହିଥିବା
ଲମ୍ବା ଆଇନାଟା ଥଟ୍ଟା କରୁଥାଏ ଜିଭ ଦେଖାଇ
ଯେମିତି ଆଗରୁ ସେ ଥଟ୍ଟା କରୁଥିଲା
ମୋ' ଅସହାୟତାକୁ ଦେଖି।

ମୁଠାଏ ଥଣ୍ଡା ପବନରେ ରାତି ପାହିଆସେ
ଜହ୍ନ ବି ଲୁଚିଯାଏ ଲବଙ୍ଗ ଦ୍ୱୀପରେ
ଫିକା ପଡ଼ିଯାଏ ରଜନୀଗନ୍ଧାର ମହମହ ବାସ୍ନା
ଅସ୍ପଷ୍ଟ ଶୁଭେ ରୁଣୁଝୁଣୁ ସ୍ୱର।
ମୁଁ ସେମିତି ଚାହିଁଥାଏ ଝର୍କା ଫାଙ୍କ ଦେଇ
ଲମ୍ବା ରାସ୍ତାର ଫୁଙ୍ଗୁଳା ଛାତିକୁ।

ଭଙ୍ଗା ଦୁର୍ଗରେ ପିଟି ହେଉଥିବା ପବନର
ଆବାଜ ମୁଁ ଅନୁଭବ କରେ ମୋ' ଛାତିରେ
ଶୀତେଇଯାଏ ହୃତ୍‌ପିଣ୍ଡ ନୀରବ ରାତିରେ
କମ୍ପନ ଖେଳେ ପ୍ରତିଟି ଲୋମକୂପରେ
କେଉଁ ଏକ ଭୟଙ୍କର ସ୍ୱପ୍ନରେ।

ମୋ: ୮୨୪୯୧୩୭୦୯୧

# ଶ୍ରଦ୍ଧାଳୁମୟ ଶ୍ରୀକ୍ଷେତ୍ର

## ଶରଧାବାଲିରେ ତିନି ରଥ

- ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ
- ନିର୍ଦ୍ଧାରିତ ସମୟ ପୂର୍ବରୁ ହେଲା ରଥଟଣା
- ଆଜି ଜନ୍ମବେଦୀକୁ ବିଜେ ହେବେ ଚତୁର୍ଦ୍ଧାମୂର୍ତ୍ତି

**ପୁରୀ ଅଫିସ,୧।୭**

ଦୁଇବର୍ଷର କରୋନା କଷଣ ପରେ ଶୁକ୍ରବାର ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଗହଣରେ ଗଡ଼ିଛି ଦାରୁଦିଅଁଙ୍କ ତିନିରଥ। ବଡ଼ଦାଣ୍ଡରେ ଭକ୍ତ-ଭଗବାନଙ୍କ ମିଳନ ଘଟିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରା ରତ୍ନବେଦୀ ଛାଡ଼ି ତିନି ରଥରେ ବିଜେ ହୋଇ ଜନ୍ମବେଦୀ ତଥା ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରିଥିଲେ। ସଅଳ ନୀତିକାନ୍ତି ଯୋଗୁ ନିର୍ଦ୍ଧାରିତ ସମୟର ପ୍ରାୟ ସାଢ଼େ ୩ଘଣ୍ଟା ପୂର୍ବରୁ ରଥଟଣା ଆରମ୍ଭ ହୋଇଥିଲା। ଘଣ୍ଟଘଣ୍ଟା ଓ ବାଦ୍ୟ ନାଦ ମଧ୍ୟରେ ଭକ୍ତମାନେ ହରିବୋଲ ଓ ଜୟ ଜଗନ୍ନାଥ ଧ୍ୱନି ଦେଇ ରଥ ଟାଣିନେଇଥିଲେ। ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ତିନିରଥ ଗଡ଼ି ଗଡ଼ି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ପହଞ୍ଚିଥିଲା। ☞ପୃଷ୍ଠା-୨



ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ରଥକୁ ପହଣ୍ଡି ବିଜେ କରାଯାଉଛି।



ଶ୍ରୀମନ୍ଦିର ସମ୍ମୁଖରୁ ନନ୍ଦିଘୋଷ ରଥକୁ ଭକ୍ତମାନେ ଟାଣି ନେଉଛନ୍ତି।






# ୪ରେ ଲଘୁଚାପ: ୮ ଯାଏ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧।୭(ବ୍ୟୁରୋ)**

ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୪ ତାରିଖରେ ଏହା ଲଘୁଚାପରେ ପରିଣତ ହେବ। ଏହାର ପ୍ରଭାବରେ ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଆରବସାଗରରୁ ଜଳୀୟ ବାଷ୍ପ ଆସୁଥିବା ବେଳେ ଘୂର୍ଣ୍ଣିବଳୟ ଯୋଗୁ ଜୁଲାଇ ୨ରୁ ୮ ତାରିଖ ଯାଏ ରାଜ୍ୟରେ ବର୍ଷା ଲାଗି ରହିବ। ତେବେ ୬ରୁ ୮ ତାରିଖ ମଧ୍ୟରେ କେତେକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଉଛି। ଭୁବନେଶ୍ୱରସ୍ଥିତ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ୧୪ତାରିଖ ମଧ୍ୟରେ ୨ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ପୂର୍ବାନୁମାନ କରାଯାଉଛି। ଓଡ଼ିଶା ଉପକୂଳରେ ଗୋଟିଏ ଲଘୁଚାପ କ୍ଷେତ୍ର ଜୁଲାଇ ୭ ତାରିଖ ଓ ଅନ୍ୟଟି ୧୪ ତାରିଖ ମଧ୍ୟରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ଯୋଗୁ ଓଡ଼ିଶାରେ ମୌସୁମୀ ବର୍ଷା ସକ୍ରିୟ ହେବ ବୋଲି ଅନୁମାନ କରାଯାଉଛି। ଏଥିଯୋଗୁ ଆସନ୍ତା ୮ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୩ ତାରିଖରେ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ବୌଦ୍ଧ, ଝାରସୁଗୁଡ଼ା, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, ଖୋର୍ଦ୍ଧା, ପୁରୀ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

ରାଜ୍ୟର ଅଧିକାଂଶ ଜିଲାରେ ନିଅଣ୍ଟିଆ ବର୍ଷା ପରିସ୍ଥିତି ରହିଛି। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ୍ ପହିଲାରୁ ଜୁଲାଇ ୧ ତାରିଖ ମଧ୍ୟରେ ରାଜ୍ୟରେ ୩୭ ପ୍ରତିଶତ କମ୍ ବର୍ଷା ହୋଇଛି। ତେବେ ଆସନ୍ତା ଲଘୁଚାପରେ କିଛି ପରିମାଣରେ ଭରଣା ହେବ ବୋଲି ଅନୁମାନ କରାଯାଉଛି।

# ଦୁଇ ଶହ ଟପିଲା ଦୈନିକ ସଂକ୍ରମଣ

**ଭୁବନେଶ୍ୱର, ୧।୭ (ବ୍ୟୁରୋ)**

ରାଜ୍ୟରେ କ୍ରମାଗତ ଭାବେ କରୋନା ସଂକ୍ରମଣ ବଢି ଚାଲିଛି। ଜୁଲାଇରୁ ଚତୁର୍ଥ ଲହର ଆସିବା ନେଇ ଯେଉଁ ଆଶଙ୍କା କରାଯାଉଥିଲା ତାହାର ସଂକେତ ଏବେଠୁ ମିଳିବାରେ ଲାଗିଛି। କିଛିଦିନ ହେବ ଆକ୍ରାନ୍ତଙ୍କ ସଂଖ୍ୟା ଶତକ ଭିତରେ ରହୁଥିବା ବେଳେ ଏବେ ଦ୍ୱିଶତକ ପାର କରିଛି। ଗୁରୁବାର ରାଜ୍ୟରୁ ୧୫୫ଜଣ ଆକ୍ରାନ୍ତ ବାହାରିଥିଲେ। ହେଲେ ଶେଷ ୨୪ ଘଣ୍ଟାରେ ରାଜ୍ୟର ୧୭ ଜିଲାରୁ ୨୦୪ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୧୧୯ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୮୫ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୧୮ଜଣ ୧୮ ବର୍ଷ ବୟସରୁ କମ୍ ଶିଶୁ ଓ କିଶୋର ଥିବା ଜଣାପଡିଛଇ। ବିଶେଷକରି ଖୋର୍ଦ୍ଧା ଓ କଟକ ଜିଲାରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୮୬ଜଣ ରହିଛନ୍ତି। ସେହିପରି କଟକରୁ ୩୮ଜଣ, ସୁନ୍ଦରଗଡରୁ ୧୮ଜଣ, ବାଲେଶ୍ୱରରୁ ୮ଜଣ, ମୟୂରଭଞ୍ଜରୁ ୫ଜଣ, ନୂଆପଡାରୁ ୪ଜଣ, ଭଦ୍ରକ, ☞ପୃଷ୍ଠା-୨





| LOCATION | MARKET GOLD RATE (10 GRAM) | MALABAR GOLD RATE (10 GRAM) | DIFFERENCE (10 GRAM) |
|---|---|---|---|
| DELHI | ₹49810 | ₹47500 | ₹2310 |
| MUMBAI | ₹49810 | | ₹2310 |
| KOLKATA | ₹50560 | | ₹3060 |
| HYDERABAD | ₹47850 | | ₹350 |
| CHENNAI | ₹47850 | | ₹350 |

*RATE SOURCED FROM MARKET FOR 10 GRAM 22KT GOLD ON 01-07-2022

10 MALABAR PROMISES
COMPLETE TRANSPARENCY · ASSURED LIFETIME MAINTENANCE · ZERO DEDUCTION GOLD EXCHANGE · 100% BIS HALLMARKED GOLD · TESTED & CERTIFIED DIAMONDS · GUARANTEED BUYBACK · COMPLIMENTARY INSURANCE · FAIR PRICE POLICY · RESPONSIBLY SOURCED PRODUCTS · FAIR LABOUR PRACTICES

RUPALI SQUARE, SAHEED NAGAR, BHUBANESWAR. TEL: 8008655916, 06742542916
NEAR POLICE STATION, CHANDRASEKHARPUR, BHUBANESWAR. TEL: 9668988916
CANTONMENT ROAD, CUTTACK, ODISHA. TEL: 7327088916
BUY ONLINE AT: malabargoldanddiamonds.com | INDIA | USA | SINGAPORE | MALAYSIA | UAE | QATAR | KSA | OMAN | KUWAIT | BAHRAIN
MALABAR GOLD & DIAMONDS
CELEBRATE THE BEAUTY OF LIFE







**ଆଜିର ସମ୍ପାଦକୀୟ**

**ବଡ଼ ଅଦଳବଦଳ**

**ଆଜିର ମନ୍ତବ୍ୟ**

"ମହାରାଷ୍ଟ୍ରର ରାଜନୈତିକ ଘଟଣାକ୍ରମ ପରେ ବିରୋଧୀ ଦଳଗୁଡ଼ିକ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ପାଇଁ ବିଚାର କରୁଥାଇପାରନ୍ତି। ତେଣୁ ତାଙ୍କ ବିଜୟ ସମ୍ଭାବନା ଉଜ୍ଜ୍ୱଳ ହୋଇଛି।
–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଲାଲୁ
ପରିବାରବର୍ଗ


ସିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦୁର୍ଘଟଣାରେ ଫଟୋ ସାମ୍ବାଦିକ ଅଶୋକ ପଣ୍ଡାଙ୍କ ମୃତ୍ୟୁ

**ଭୁବନେଶ୍ୱର(ବ୍ୟୁରୋ)/ପିପିଲି,୧।୭(ଡି.ଏନ୍.ଏ.)**

ବରିଷ୍ଠ ଫଟୋ ସାମ୍ବାଦିକ ଅଶୋକ ପଣ୍ଡା (୫୨)ଙ୍କର ଶୁକ୍ରବାର ସକାଳେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ରଥଯାତ୍ରା ଫଟୋ ସଂଗ୍ରହ ପାଇଁ ସେ ଭୁବନେଶ୍ୱରରୁ ପୁରୀ ଯାଉଥିବାବେଳେ ୩୧୬ ନମ୍ବର ଜାତୀୟ ରାଜପଥର ପିପିଲି ଥାନା ସାତଶଙ୍ଖ ଫାଣ୍ଡି ଅନ୍ତର୍ଗତ ଯଶୁଆପୁର ଛକ ନିକଟରେ ସକାଳ ପ୍ରାୟ ୭ଟାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଶୋକଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ସାକ୍ଷୀଗୋପାଳ ମେଡିକାଲକୁ ପଠାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଅଶୋକଙ୍କୁ ମୃତ ଘୋଷଣା କରିଥିଲେ। କୌଣସି ଭାରିଯାନ ଅଶୋକଙ୍କ ବାଇକ୍‌କୁ ଧକ୍କା ଦେଇ ପଳାଇଥିବା ଅନୁମାନ କରାଯାଉଛି। ପୋଲିସ ଅଶୋକଙ୍କ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ଅଧିକ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅଶୋକ ଦୈନିକ ଖବରକାଗଜ 'ସମୟ'ର ଫଟୋ ସାମ୍ବାଦିକ ଭାବେ କାର୍ଯ୍ୟ କରୁଥିଲେ। ସେ ହେଉଛନ୍ତି ସରକାରୀ ସ୍ୱୀକୃତିପ୍ରାପ୍ତ ଫଟୋ ସାମ୍ବାଦିକ। ରଥଯାତ୍ରା ଫଟୋ କଭରେଜ୍ ପାଇଁ ଭୋର୍ ପ୍ରାୟ ୫ଟାରେ ବାଇକ ଯୋଗେ ଭୁବନେଶ୍ୱରସ୍ଥିତ ବାସଭବନରୁ ପୁରୀ ଅଭିମୁଖେ ବାହାରିଥିଲେ। ଯଶୁଆପୁର ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ବାଇକ୍ ସହ ସେ ଡିଭାଇଡରରେ ପିଟିହୋଇ ରାସ୍ତାରେ ପଡି ରହିଥିଲେ। ତାଙ୍କ ମୁଣ୍ଡ, ନାକ ଓ ପାଟିରୁ ରକ୍ତସ୍ରାବ ହୋଇଥିବା ଦେଖିବାକୁ ମିଳିଥିଲା। ପୋଲିସଠାରୁ ସୂଚନା ପାଇ ତାଙ୍କ ପରିବାର ଓ ସମ୍ପର୍କୀୟ ଡାକ୍ତରଖାନାରେ ପହଞ୍ଚିଥିଲେ। ତେବେ ମୃତ୍ୟୁ ଖବର ଜଣାପଡ଼ିବା ପରେ ହସ୍ପିଟାଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ମୃତଦେହକୁ ସୂଚନାଭବନସ୍ଥିତ ସାମ୍ବାଦିକମାନଙ୍କ କାର୍ଯ୍ୟାଳୟ ଭୁବନେଶ୍ୱର ଡଟ୍ କମ୍‌କୁ ନିଆଯାଇଥିଲା। ସେଠାରୁ କଳ୍ପନା ବିଜେବି ନଗରସ୍ଥିତ ସରକାରୀ ବାସଭବନ ଓ ପରେ ନିଜ କାର୍ଯ୍ୟାଳୟ ସମୟ ଅଫିସ୍‌କୁ ନିଆଯାଇଥିଲା। ଅପରାହ୍ନରେ ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ଝିଅ ସିମ୍ରନ ପଣ୍ଡା ମୁଖାଗ୍ନି ଦେଇଥିଲେ।

**ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ**


ଅଶୋକ ପଣ୍ଡା

ଅଶୋକଙ୍କ ଘର ମୟୂରଭଞ୍ଜ ଜିଲା ବାରିପଦା ଅଞ୍ଚଳରେ। ସେ ୧୯୮୪ରୁ ଇଷ୍ଟର୍ନ ପ୍ରେସ୍ ଏଜେନ୍ସିରେ ଫଟୋ ସାମ୍ବାଦିକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ୧୯୯୬ରେ ସେ 'ସମୟ'ରେ ଯୋଗଦେଇଥିଲେ। ଏଥିସହ ସେ ଟାଇମ୍ସ ଅଫ୍ ଇଣ୍ଡିଆ, ଏସିଆନ୍ ଏଜ୍, ସନ୍ମାର୍ଗ ଆଦି ଜାତୀୟ ସ୍ତରୀୟ ଖବରକାଗଜକୁ ଫଟୋ ପଠାଉଥିଲେ। ସେହିଭଳି ନ୍ୟୁଜ୍ ଟାଇମ୍ସ ଇନାଡୁ ଭଳି କେତେକ ଆଞ୍ଚଳିକ ଖବରକାଗଜକୁ ମଧ୍ୟ ଫଟୋ ଯୋଗାଉଥିଲେ। ୧୯୯୯ ମହାବାତ୍ୟା ଫଟୋ ତାଙ୍କୁ ଜାତୀୟ ସ୍ତରରେ ପରିଚୟ ଦେଇଥିଲା। ସ୍ୱତନ୍ତ୍ର ଫଟୋ ପାଇଁ ସେ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ସମେତ ଅନେକ ପୁରସ୍କାର ଓ ସମ୍ମାନ ପାଇଥିଲେ।

ଅଶୋକଙ୍କ ଅକାଳ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କରମ ମନ୍ଦ,
ଦିଅଁ ଦେବତା କିମ୍ବା ନିନ୍ଦ।**

ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳ ଭୋଗ କରିଥାଏ। ପ୍ରାରବ୍ଧ କର୍ମକୁ ସ୍ୱୟଂ ଭଗବାନ ମଧ୍ୟ କାଟିଦେଇପାରି ନ ଥାନ୍ତି। ତେଣୁ ଭଗବାନଙ୍କୁ ଏଥିନିମନ୍ତେ ଦୋଷ ଦେବାରେ କିଛି ଲାଭ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କହି ଜାଣିଲେ ପୁଇଁ ଚିଙ୍ଗୁଡ଼ି ବିକାଯାଏ,
କହି ନ ଜାଣିଲେ କଖାରୁ ଗଡ଼ ଗଡ଼ଉଥାଏ।**

ଜଣେ ଯଦି ଭଲ କଥା କହିପାରେ, ତାହେଲେ ସେ ଖରାପ ଜିନିଷକୁ ମଧ୍ୟ ଖୁବ୍‌ଶୀଘ୍ର ଉପଯୁକ୍ତ ମୂଲ୍ୟରେ ବିକ୍ରି କରିଦେଇପାରେ। କହି ନ ଜାଣିଲେ ଭଲ ଜିନିଷ ମଧ୍ୟ ବିକ୍ରି ନ ହୋଇ ପଡି ରହେ। ବ୍ୟବସାୟରେ ସଫଳତା ପାଇଁ ମଧୁର ବଚନ ଓ ଉତ୍ତମ ବ୍ୟବହାରର ଅଧିକ ଗୁରୁତ୍ୱ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପୋଲିସ-ମାଓବାଦୀ ଗୁଳି ବିନିମୟ: ଜଣେ ମାଓବାଦୀ ନିହତ

ମାଲକାନଗିରି,୧।୭ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମାର ମାନକାପାଲ ଅଞ୍ଚଳରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ତାଙ୍କ ନାମ କମଲେଶ ବୋଲି ଜଣାପଡ଼ିଛି। ଖବରରୁ ଜଣାପଡିଛି ମାନକାପାଲ ଅଞ୍ଚଳରେ ଶୁକ୍ରବାର ଡିଆର୍‌ଜି ଯବାନମାନେ ସର୍ଚ୍ଚ ଅପରେଶନ କରୁଥିଲେ। ପୋଲିସକୁ ଦେଖି ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳିଚାଳନା କରିଥିଲେ। ପୋଲିସ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଶେଷରେ ତଲାସୀ ବେଳେ କମଲେଶଙ୍କ ମୃତଦେହ ମିଳିଥିଲା।

# ବଜ୍ରପାତରେ ଦୁଇ ପର୍ଯ୍ୟଟକଙ୍କ ମୃତ୍ୟୁ

**ଭୋଗରାଇ, ୧।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୀମାନ୍ତ ଦୀଘା ବେଳାଭୂମିରେ ବଜ୍ରପାତ ହୋଇ ଦୁଇ ପର୍ଯ୍ୟଟକ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ ପଶ୍ଚିମବଙ୍ଗ ନଦିଆ କଲ୍ୟାଣୀ ଅଞ୍ଚଳର ଓ ଅନ୍ୟଜଣେ ହାଓଡ଼ାର ବୋଲି ସୂଚନା ମିଳିଛି। ଉଭୟେ ଶୁକ୍ରବାର ଅପରାହ୍ନରେ ନ୍ୟୁଦୀଘା ସମୁଦ୍ର କୂଳରେ ବୁଲୁଥିବା ବେଳେ ବଜ୍ରପାତ ହୋଇଥିଲା। ସେମାନଙ୍କୁ ତୁରନ୍ତ ଦୀଘା ଜେନେରାଲ ହସ୍ପିଟାଲକୁ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୀଘା ମେରାଇନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ଲାଗି କାଁଥି ଦାରୁହା ହସ୍ପିଟାଲକୁ ପଠାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଋଣ ପରିଶୋଧ କିମ୍ବା ଅର୍ଥ ସମ୍ପର୍କୀୟ ସମସ୍ୟାକୁ ସୁଧାରିବାର ପ୍ରୟତ୍ନ କରିବେ। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସଫଳତା ପାଇବେ। କୌଣସି ସାମାଜିକ କାମରେ ସହଯୋଗ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ଆଜି ଭ୍ରମଣଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ, ଯାହାକି ସ୍ୱାସ୍ଥ୍ୟ ପ୍ରତି ପ୍ରତିକୂଳ ପ୍ରଭାବ ସୃଷ୍ଟି ହେବ।

**ବୃଷ** ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ କରିବାକୁ ପଡିବ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ** କୌଣସି ଚିନ୍ତା ନ କରି କାମ କରି ଚାଲନ୍ତୁ ନିଶ୍ଚିତ ସଫଳତା ପାଇବେ। ପାରିବାରିକ ସମସ୍ୟା ବନ୍ଧୁଙ୍କ ନିକଟରେ ପ୍ରକାଶ କରିପାରିବେ ନାହିଁ। ଜମିଜମା କିମ୍ବା ଗୃହ ସମ୍ପର୍କୀୟ ସମସ୍ୟାକୁ କେନ୍ଦ୍ର କରି ମାନସିକ ସ୍ଥିରତା ରହି ନ ପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି।

**କର୍କଟ** ଅନୁକୂଳ ଗ୍ରହ ପ୍ରଭାବରୁ ମଧୁର ବ୍ୟବହାର ଦ୍ୱାରା ଅନ୍ୟକୁ ଆପଣାର କରିବାରେ ସମର୍ଥ ହେବେ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ ଦୁଶ୍ଚିନ୍ତା ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ବାତାବରଣ ମଧ୍ୟରେ ସହଜ ମନେ ହୋଇପାରେ। ଆଜି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି।

**ସିଂହ** ଆବଶ୍ୟକତା ପୂରଣ ସକାଶେ ବିଭିନ୍ନ ଫନ୍ଦି ଫିକର କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରକାଶନ, ପ୍ରଶାସନ ଏଜେନ୍ସି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ବନ୍ଧୁଙ୍କ ସହ ଭ୍ରମଣରେ ଯିବାକୁ ପରିବାରରୁ ସମର୍ଥନ ପାଇବେ ନାହିଁ। କର୍ମଜଞ୍ଜାଳ ବୃଦ୍ଧିଜନିତ ଏକପ୍ରକାର ଅଣନିଃଶ୍ୱାସୀ ଭଳି ଅନୁଭବ କରିବେ।

**କନ୍ୟା** ବିଭିନ୍ନ ଘରୋଇ ସମସ୍ୟାକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ବିଚାର ନକରି କାମକଲେ ସମସ୍ୟା ଭିତରକୁ ଟାଣି ହୋଇଯିବେ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ତୁଳା** ବିଭିନ୍ନ ଅସୁବିଧା ଭିତରେ ଚଳିବା ହେତୁ ମାନସିକ ଅବସ୍ଥା ଖରାପ ରହିବ। ଫଳରେ ଆଜି ଦିନଟିରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ, ସଭା ସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ଅତୀତ ଘଟଣା ମନକୁ ବାରମ୍ବାର ଆନ୍ଦୋଳିତ କରିବ। କେତେକ କ୍ଷେତ୍ରରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଆଦୌ ଭଲ ସମ୍ପର୍କ ନଥିବା ବ୍ୟକ୍ତିମାନଙ୍କ ଦ୍ୱାରା କୌଣସି ସମସ୍ୟା ସୃଷ୍ଟି ହୋଇପାରେ। ରାଜନୀତି, ପ୍ରଶାସନ, ଆନୁଷ୍ଠାନିକ, ସାଂସ୍କୃତିକ କ୍ଷେତ୍ରରେ ସଫଳତା ପାଇବେ।

**ଧନୁ** ଈର୍ଷାପରାୟଣ ବନ୍ଧୁଙ୍କ ବ୍ୟବହାର ମନରେ ଆଘାତ ସୃଷ୍ଟି କରିବ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ସାମାନ୍ୟ ଅଗ୍ରଗତି ଘଟିବ। ବ୍ୟବସାୟ, ପରିବହନ, ଅର୍ଥସମ୍ପର୍କ ଓ ଆନୁଷ୍ଠାନିକ କାମରୁ ମନ ଖୁସିରହିବ।

**ମକର** ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍‌ସନ ଲାଗି ରହିବ। ଠିକ୍ ସମୟରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ବିଭିନ୍ନ ବ୍ୟତିକ୍ରମ ମଧ୍ୟରେ କର୍ମକ୍ଷେତ୍ରରେ ସ୍ଥିତି ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜ ଲୋକମାନେ ଯେତେ ସମସ୍ୟା ସୃଷ୍ଟି କଲେ ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ। ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ିବାରେ ଜଣେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହି ନ ପାରେ। କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ ରହିବାର ଆଶଙ୍କା ପୂରା ମାତ୍ରାରେ ରହିଛି। ଆଜି ଦିନ ଭିତରେ ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହାକି ବ୍ୟସ୍ତତାର କାରଣ ହେବ। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

# ଅଭିଯୁକ୍ତଙ୍କ ବାଇକ୍ ନଂ. ୨୬୧୧

**ଉଦୟପୁର, ୧।୭**

**ଆଉ ୨ ଗିରଫ**




ରାଜସ୍ଥାନ ଉଦୟପୁରର ଦରଜି କହ୍ନେୟାଲାଲ ତେଲିଙ୍କ ହତ୍ୟା ଅଭିଯୁକ୍ତ ରିଆଜ ଅଖ୍‌ତାରୀ ତାଙ୍କ ବାଇକ୍‌ରେ '୨୬୧୧' (୨୦୦୮ ନଭେମ୍ବର ୨୬ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ) ନମ୍ବର ଲଗାଇଥିଲେ। ୨୦୧୩ରେ ସେ ଅତିରିକ୍ତ ୫ ହଜାର ଟଙ୍କା ଖର୍ଚ୍ଚ କରି ଏହି ନମ୍ବର କିଣିଥିଲେ। ତାଙ୍କ ବାଇକ୍‌ର ପୂରା ନମ୍ବର ଆର୍‌ଜେ ୨୭ ଏଏସ୍ ୨୬୧୧ ଥିଲା ବୋଲି ଜଣାପଡ଼ିଛି। ଜୁନ୍ ୨୮ରେ ଅଭିଯୁକ୍ତ ରିଆଜ୍ ଏବଂ ଗୋସ୍ ମହମ୍ମଦ କହ୍ନେୟାଲାଲଙ୍କୁ ହତ୍ୟା କରି ସେହି ବାଇକ୍‌ରେ ଫେରାର ହୋଇଯାଇଥିଲେ। ପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ମୁମ୍ବାଇ ଆକ୍ରମଣ ସହ ସେମାନଙ୍କ କୌଣସି ଲିଙ୍କ୍ ଥିବା ନେଇ ମଧ୍ୟ ତଦନ୍ତ କରାଯିବ ବୋଲି ପୋଲିସ କହିଛି।

ଅନ୍ୟପକ୍ଷେ ଏହି ଘଟଣାରେ ଆତଙ୍କବାଦ ନିରୋଧୀ ସ୍କ୍ୱାଡ ଶୁକ୍ରବାର ଆଉ ୨ ଜଣଙ୍କୁ ଗିରଫ କରିଥିବାବେଳେ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗିରଫ ଦୁଇ ଜଣଙ୍କ ନାଁ ମୋହସିନ୍ ଏବଂ ଆଶିଫ୍ ବୋଲି ଜଣାପଡ଼ିଛି। ଏହି ବୀଭତ୍ସ ହତ୍ୟାକାଣ୍ଡ ପାଇଁ ସେମାନେ ଯୋଜନା ପ୍ରସ୍ତୁତ କରିବା ସହ ରିଆଜ୍ ଏବଂ ଗୋସ୍‌ଙ୍କୁ ସହଯୋଗ କରିଥିବା ପୋଲିସ କହିଛି। ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ଭାଜପାରୁ ନିଲମ୍ବିତ ହୋଇଥିବା ନୂପୁର ଶର୍ମାଙ୍କ ସପକ୍ଷରେ ଏକ ସୋସିଆଲ ମିଡିଆ ପୋଷ୍ଟକୁ ନେଇ କହ୍ନେୟାଲାଲଙ୍କୁ ହତ୍ୟା କରାଯାଇଛି। ଏନ୍‌ଆଇଏ ଘଟଣାର ତଦନ୍ତ କରୁଛି।

## ପ୍ରଥମ ପୃଷ୍ଠାରୁ...

### ଶ୍ରଦ୍ଧାଳୁମୟ ଶ୍ରୀକ୍ଷେତ୍ର...

ଶ୍ରଦ୍ଧାଳୁମୟ ହୋଇପଡ଼ିଥିଲା ଶ୍ରୀକ୍ଷେତ୍ର। ୧୦ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବାବେଳେ ସୁରୁଖୁରୁରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ସମ୍ପନ୍ନ ହୋଇଛି। ଶନିବାର ରଥ ଉପରେ ରୀତିନୀତି ପରେ ଚତୁର୍ଦ୍ଧାମୂର୍ତ୍ତି ଜନ୍ମବେଦୀକୁ ବିଜେ କରିବେ। ଶୁକ୍ରବାର ଭୋର ୩ଟାରେ ମହାପ୍ରଭୁଙ୍କ ମଙ୍ଗଳଆଳତି ହୋଇଥିଲା। ଏହାପରେ ମଇଲମ ୩ଟା ୦୫, ତଡ଼ପଲାଗି ଓ ରୋଷହୋମ ୩ଟା ୧୫, ଅବକାଶ ୩ଟା ୪୦ରୁ ୩ଟା ୫୫ ଓ ମଇଲମ ୪ଟାରେ ହୋଇଥିଲା। ୪ଟା ୨୫ରେ ସୂର୍ଯ୍ୟପୂଜା, ୪ଟା ୩୦ରେ ବେଶ ଶେଷ ପରେ ଦ୍ୱାରପାଳ ପୂଜା ୪ଟା ୫୦, ଗୋପାଳବଲ୍ଲଭ ଓ ସକାଳଧୂପ ୪ଟା ୫୫ରେ ହୋଇଥିଲା। ସକାଳ ୫ଟାରେ ଗୋପାଳବଲ୍ଲଭ ଓ ସକାଳ ଧୂପ ଛେକ, ୫ଟା ୦୫ରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ୫ଟା ୪୦ ସୁଦ୍ଧା ଶେଷ ହୋଇଥିଲା। ଏହାପରେ ସକାଳ ୬ଟାରେ ରଥ ପ୍ରତିଷ୍ଠା, ୬ଟା ୧୫ରେ ପହଣ୍ଡି ଆରମ୍ଭ ହୋଇଥିଲା। ଚତୁର୍ଦ୍ଧା ବିଗ୍ରହ କ୍ରମାନ୍ୱୟରେ ଧାଡ଼ି ପହଣ୍ଡି ହୋଇ ରଥକୁ ବିଜେ ହୋଇଥିଲେ। ପହଣ୍ଡି ଶେଷ ପରେ ଶ୍ରୀମଦନମୋହନ ଓ ଶ୍ରୀରାମକୃଷ୍ଣ ୯ଟା ୨୫ରେ ରଥକୁ ବିଜେ କରିଥିଲେ। ଏହାପରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ନିଜ ଅନୁଗାମୀଙ୍କ ସହ ରଥ ଉପରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ମହାରାଜା ଗଜପତି ଦିବ୍ୟସିଂହ ଦେବ ରୁପା ପାଲିଙ୍କିରେ ଆସି ତିନି ରଥରେ ସୁବର୍ଣ୍ଣ ଖଡ଼ିକାରେ ଛେରା ପହଁରା କରିଥିଲେ। ମଧ୍ୟାହ୍ନ ୧୨ଟା ୨୦ରେ ଛେରା ପହଁରା ଶେଷ ହୋଇଥିଲା। ୧ଟା ସୁଦ୍ଧା ଚାରମାଳ ଫିଟାହୋଇ ଘୋଡ଼ା ଓ ସାରଥି ଲଗାଯାଇଥିଲା। ଏହାପରେ ରଥଟଣା ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ ପ୍ରଥମେ ତାଳଧ୍ୱଜ ରଥ ଟଣାଯାଇଥିଲା। ମଧ୍ୟାହ୍ନ ୧୨ଟା ୩୮ରେ ତାଳଧ୍ୱଜ, ଅପରାହ୍ନ ୧ଟା ୩୦ରେ ଦେବଦଳନ ଓ ଶେଷରେ ୨ଟା ୩୦ରେ ନନ୍ଦିଘୋଷ ରଥ ଟଣାଯାଇଥିଲା। ସେହିପରି ଅପରାହ୍ନ ୩ଟା ୫୫ରେ ତାଳଧ୍ୱଜ, ୫ଟା ୨୦ରେ ଦେବଦଳନ ଓ ସନ୍ଧ୍ୟା ୬ଟା ୩୦ରେ ନନ୍ଦିଘୋଷ ରଥ ଶରଧାବାଲିରେ ପହଞ୍ଚିଥିଲା। ପୁରୀ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ନିର୍ଦ୍ଧାରିତ ସମୟ ପୂର୍ବରୁ ନୀତିକାନ୍ତି ହେବା ଯୋଗୁ ସଅଳ ରଥଟଣା ହୋଇପାରିଲା। ତିନି ରଥ ଗୋଟିଏ ଦିନରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିପାରିଲା। ଆଗାମୀ ନୀତିକାନ୍ତିକୁ ମଧ୍ୟ ଶୃଙ୍ଖଳିତ ଓ ନିର୍ଦ୍ଧାରିତ ସମୟରେ ଶେଷ କରିବା ପାଇଁ ସେବାୟତମାନଙ୍କୁ କୁହାଯାଇଛି। ସେହିପରି ପୁରୀ ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ଟ୍ରାଫିକ୍ ବ୍ୟବସ୍ଥା ଆମ ନିକଟରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଥିଲା। ସେହିପରି କିଭଳି ସୁରୁଖୁରୁରେ ନିର୍ଦ୍ଧାରିତ ସମୟରେ ରଥଟଣା ସରିବ ସେନେଇ ମଧ୍ୟ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇଥିଲା। ଅଗ୍ନିଶମ, ଜିଲା ପ୍ରଶାସନ ଭଳି ପ୍ରମୁଖ ବିଭାଗ ସହ ଠିକ୍ ସମନ୍ୱୟ ହେତୁ କାର୍ଯ୍ୟ ସ୍ୱାଭାବିକ ଭାବେ ସମ୍ପାଦିତ ହୋଇଛି। ପାଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ୧୮୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

### ଦୁଇ ଶହ ଟପିଲା ...

ସମ୍ବଲପୁର, ଦେଓଗଡ ଓ ସମ୍ବଲପୁରରୁ ୩ଜଣ ଲେଖାଏ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡାରୁ ୨ଜଣ ଲେଖାଏ, ଢେଙ୍କାନାଳ, ଯାଜପୁର, କନ୍ଧମାଳ, କେନ୍ଦୁଝର ଓ ନୟାଗଡରୁ ଜଣେ ଲେଖାଏ ଏବଂ ଷ୍ଟେଟ୍ ପୁଲରୁ ୨୨ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ମୋଟ୍ ସକ୍ରିୟଙ୍କ ସଂଖ୍ୟା ୮୭୨କୁ ବୃଦ୍ଧି ପାଇଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କରୋନାର ପୂର୍ବ ଲହରଗୁଡିକରେ ଖୋର୍ଦ୍ଧା ଜିଲା ସଂକ୍ରମଣରେ ଶୀର୍ଷରେ ରହିଥିଲା। ଏଥର ମଧ୍ୟ ସମାନ ସ୍ଥିତି ଉପୁଜିବା ନେଇ ଆଶଙ୍କା କରାଯାଉଛି। କାରଣ ଏବେ ରାଜ୍ୟରୁ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ କେବଳ ଖୋର୍ଦ୍ଧା ଜିଲାରୁ ରହିଛନ୍ତି। ତେବେ ରାଜଧାନୀ ଭୁବନେଶ୍ୱର ପାଇଁ ଖୋର୍ଦ୍ଧା ଜିଲାର ଏପରିସ୍ଥିତି ହୋଇଛି। ଜିଲାରୁ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରୁ ଅଧାରୁ ଅଧିକ କେବଳ ଭୁବନେଶ୍ୱରରୁ ବାହାରୁଛନ୍ତି। ଗତ ୨୪ ଘଣ୍ଟାରେ ଖୋର୍ଦ୍ଧା ଜିଲାରୁ ଚିହ୍ନଟ ହୋଇଥିବା ୮୬ଜଣ ସଂକ୍ରମିତଙ୍କ ମଧ୍ୟରୁ ଭୁବନେଶ୍ୱରରୁ ୭୦ଜଣ ରହିଛନ୍ତି। ଫଳରେ ସହରରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୩୦୭ରେ ପହଞ୍ଚିଛି। ତେଣୁ ସ୍ଥିତିକୁ ଦେଖି ବିଏମ୍‌ସି ପକ୍ଷରୁ ସହରରେ କଟକଣା ଲାଗୁ କରାଯାଉଛଇ। ମାସ୍କ ପରିଧାନ, ସାମାଜିକ ଦୂରତା ବଜାୟ ଓ ଅନ୍ୟାନ୍ୟ କେତେକ କୋଭିଡ୍ ନିୟମକୁ ପୁଣି ଲାଗୁ କରାଯିବା ସହ ବାଧ୍ୟତାମୂଳକ କରାଯାଇଛି। ତେବେ ରାଜ୍ୟରେ ଏହି ନିୟମକୁ କଡାକଡି ଭାବେ ପାଳନ କରିବା ପାଇଁ ତୁରନ୍ତ ନିର୍ଦ୍ଦେଶ ଦିଆଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।


# classifieds Everyday
**0674-2580101, 2549302**

real estate

## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

**Gharabari advance boundarywall plot sale Gudiapokhari Omvihar with 30'road, electricity, plantetion, Patta limited plot available. 8763887357, 8144730854.** D-73274

Luxurious 4BHK Duplex Jharpada-1.5cr, Pokhariput-1.3cr, Balianta-85lakh, Retanga-49lakh and Land at Hanspal-2200/ Patrapada-1800/ Balianta-1acre. 7008550473. D-876

**ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ 700mtr ଦୂରତାରେ Adyanta କଲେଜ backsideରେ yellowzone ପ୍ଲଟ୍ ମିଳୁଛି। 9556368377.** D-73270

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186.** D-73925

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73831

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରତାରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଛି। 9994968742.** D-73267

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita- 9853150290. D-73271

**East facing Plot sale measuring 4500Sqft. (60'×75') at JANLA, Bhubaneswar, facility (BDA Yellowzone, Gharabari, Boundarywall & electricity). Contact: 7978090773.** D-881

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-773

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-772

Khordha Municipalityରେ PN College- Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481.** D-73260

3BHK ready to move flat (Rs.85-95lakhs, outright) available near Khandagiri. 9040090394, 9040090398. D-73617

construction

**Construct your home @850/-, 1330/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73254

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856.** D-698

healthcare

All types hair cutting, body massage by smart lady room services available. Contact: 9938582450. D-71346

**Relax, refresh your body, mind at Saikrupa Spa with best therapies. 8984068077.** D-805

Newly open full body massage ladies and gents. 8327740003, 8093860513. D-73926

Refreshing your mind and body with the best therapy, 7873794731. D-872

## LOST

I Satyabhama Meher, W/o- Radha Krushna Meher, R/o- Rajendra College Chowk, Balangir declare that Regd. Sale deed No-226 dated 15.01.1979 of Mouza- Larkipali, Khata No-1078/144, Plot No-1619/4594-Ac.0.111decs. recorded in my name. The above Regd. Sale deed has been lost on dt. 14.06.2022. I wish to create mortgage of the said property and the building constructed over the same for a loan/credit facility from State bank of India. D-885

ମୁଁ ପ୍ରକାଶ କୁମାର ପଲାଇ, (୪୨ବର୍ଷ), ପି- ନିରଞ୍ଜନ ପଲାଇ, ଗ୍ରାମ- ବାଲିପଡ଼ା, ପୋ- ସୋହାଡା, ଥାନା- ଧାମନଗର, ଜିଲ୍ଲା- ଭଦ୍ରକ ଅଟେ। ମୁଁ ଘୋଷଣା କରୁଅଛି କି ଖାତା ନଂ.-୪୩୧/୧୧୩, ପ୍ଲଟ୍ ନଂ.-୧୫୫୦/୧୯୮୯, ଘରବାଡ଼ି ଏ୦.୦୩ଡି, ପ୍ଲଟ୍ ନଂ.-୧୫୪୯/୧୯୮୮, ଘରବାଡ଼ି ଏ୦.୦୪ଡି., ପ୍ଲଟ୍ ନଂ.-୧୫୪୮/୧୯୮୭, ଘରବାଡ଼ି ଏ୦.୦୩ଡି, ମୌଜା- ବାଲିପଡ଼ା, ମୋ ମା' ଶାନ୍ତିଲତା ପଲାଇ, ସ୍ୱା- ନିରଞ୍ଜନ ପଲାଇଙ୍କ ନାମରେ ରେକର୍ଡଭୁକ୍ତ ଅଛି। ଦୁର୍ଭାଗ୍ୟବଶତଃ ଏହି ଜମି ପଟ୍ଟା କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି ମୋବାଇଲ ନଂ.-୯୭୭୬୪୦୩୪୧୯ରେ ଜଣାଇବାକୁ ଅନୁରୋଧ। ଧ-୮୮୨

## AFFIDAVIT

ମୁଁ ସନ୍ତୋଷ କୁମାର ସାହୁ, ପି- ଭଗବାନ ସାହୁ, ଗ୍ରାମ/ପୋ- ବୈପାରିଗୁଡ଼ା, ଜି- କୋରାପୁଟ ତା 22.06.2022ରିଖ କୁନ୍ଦୁରା ନୋଟାରୀଙ୍କ ଆଗରେ ଏକ ଶପଥପାଠ ଜରିଆରେ ମୋର ନାମ ସନ୍ତୋଷ ସାହୁରୁ ସନ୍ତୋଷ କୁମାର ସାହୁକୁ ପରିବର୍ତ୍ତିତ କରାଇଛି। ଆଜିଠାରୁ ମୁଁ ସନ୍ତୋଷ କୁମାର ସାହୁ ନାମରେ ପରିଚିତ ହେବି। ଧ-୮୭୯

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଭୂସ୍ଖଳନ ମୃତ୍ୟୁସଂଖ୍ୟା ୨୧**

ମଣିପୁର ନୋନି ଜିଲାରେ ବୁଧବାର ବିଳମ୍ବିତ ରାତିରେ ହୋଇଥିବା ଭୂସ୍ଖଳନରେ ଏନ୍‌ଡିଆର୍‌ଏଫ୍ ଟିମ୍ ଶୁକ୍ରବାର ସୁଦ୍ଧା ୨୧ ଜଣଙ୍କ ମୃତଦେହ ଠାବ ହୋଇଛି। ସେମାନଙ୍କ ମଧ୍ୟରେ ୧୫ ଜଣ ଯବାନ ଅଛନ୍ତି। ଘଟଣାସ୍ଥଳରେ ୩ଟି ଏନ୍‌ଡିଆର୍‌ଏଫ୍ ଟିମ୍, ସ୍ଥାନୀୟ ପ୍ରଶାସନ ଏବଂ ସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଦୁର୍ଘଟଣାରେ ୨୩ ଜଣ ଆହତଙ୍କ ଚିକିତ୍ସା ସ୍ଥାନୀୟ ଡାକ୍ତରଖାନାରେ ଜାରି ରହିଛି। ତେବେ ଭଗ୍ନାବଶେଷ ତଳେ ଏକାଧିକ ଲୋକ ଫସି ରହିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ନିଖୋଜ ଅଛନ୍ତି।

# ୪ରେ ସିନ୍ଧେଙ୍କ ଶକ୍ତି ପରୀକ୍ଷା

- ବସିବ ୨ ଦିନିଆ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ
- ବିଦ୍ରୋହୀ ବିଧାୟକଙ୍କୁ ଭେଟିଲେ ନୂଆ ମୁଖ୍ୟମନ୍ତ୍ରୀ

ମୁମ୍ବାଇ/ ନୂଆଦିଲ୍ଲୀ ,୧।୭


ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଧେ

ମହାରାଷ୍ଟ୍ରରେ ଶିବସେନା ବିଦ୍ରୋହୀ ଓ ଭାଜପା ମେଣ୍ଟରୁ ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ନେଇଥିବା ଏକନାଥ ସିନ୍ଧେ ଆସନ୍ତା ୪ ତାରିଖରେ ବିଧାନସଭାରେ ଶକ୍ତିପ୍ରଦର୍ଶନ କରିବେ। ଜୁଲାଇ ୩ରୁ ମହାରାଷ୍ଟ୍ରର ୨ ଦିନିଆ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଆରମ୍ଭ ହେବ। ସିନ୍ଧେ ସେଠାରେ ତାଙ୍କ ସରକାରର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବେ ବୋଲି ଜଣାପଡ଼ିଛି। ଶନିବାର ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ବିଧାନସଭା ବାଚସ୍ପତି ନିର୍ବାଚନ ପାଇଁ ନାମାଙ୍କନପତ୍ର ଗ୍ରହଣ କରାଯିବ। ରବିବାର ନୂଆ ବାଚସ୍ପତିଙ୍କୁ ବଛାଯିବ। ଭାଜପା ବିଧାୟକ ରାହୁଲ ନରଭେକର ଶୁକ୍ରବାର ଏହି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଗତ ବର୍ଷ ଫେବୃୟାରୀରେ କଂଗ୍ରେସର ନାନା ପାଟୋଲେ ଇସ୍ତଫା ଦେବା ପରେ ଏହି ପଦ ଖାଲି ପଡ଼ିଥିଲା।

ସିନ୍ଧେଙ୍କ ନିକଟରେ ୩୯ ଶିବସେନା ବିଧାୟକ ଏବଂ ଅନ୍ୟ ଦଳ ଓ ସ୍ୱାଧୀନ ପାର୍ଟିର ଆଉ ୧୦ ଏମ୍‌ଏଲ୍‌ଏଙ୍କ ସମର୍ଥନ ରହିଥିବା ଦାବି କରିଛନ୍ତି। ଏହାସହ ଭାଜପାର ୧୦୬ ବିଧାୟକ ରହିଛନ୍ତି। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ସରକାର ଗଢ଼ିବା ପାଇଁ ୧୪୫ ବିଧାୟକଙ୍କ ସମର୍ଥନ ଆବଶ୍ୟକ। ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ସିନ୍ଧେ ଗୁରୁବାର ରାତିରେ ଗୋଆ ଯାଇ ବିଦ୍ରୋହୀ ବିଧାୟକଙ୍କୁ ଭେଟିଛନ୍ତି। ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ତାଙ୍କୁ ସେଠାରେ ସ୍ୱାଗତ କରିଥିଲେ।

## ‘ମୁଁ ଇଡିକୁ ଡରୁନି’



ମୁଁ ଜୀବନରେ କିଛି ଭୁଲ କରି ନାହିଁ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ କାହିଁକି ଡରିବି ବୋଲି ୧,୦୩୪ କୋଟି ଟଙ୍କାର ପାତ୍ର ଚାୱଲ ଜମି ଦୁର୍ନୀତି ମାମଲାରେ ଶୁକ୍ରବାର ତଦନ୍ତକାରୀ ସଂସ୍ଥା ଅଫିସ୍‌ରେ ହାଜର ହେବା ପରେ ଶିବସେନା ଏମ୍‌ପି ସଞ୍ଜୟ ରାଉତ କହିଛନ୍ତି। ସଞ୍ଜୟ ଆଇନ ଅନୁସାରେ ଇଡିକୁ ସମସ୍ତ ସୂଚନା ଦେବା ଏବଂ ତଦନ୍ତରେ ସହଯୋଗ କରିବା କର୍ତ୍ତବ୍ୟ ସେ ପାଳନ କରିଥିବା କହିଛନ୍ତି। ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ଭିତରେ ଇଡିର ମୁମ୍ବାଇ ଅଫିସ୍‌ରୁ ତାଙ୍କୁ ସମନ କରାଯାଇଥିଲା।

# ମୋଦି, ଶାହା ରାଜି ହୋଇଥିଲେ...

**୨୦୧୯ରେ ମୁଖ୍ୟମନ୍ତ୍ରୀ ପଦ କାହିଁକି ଦେଲେନି: ଉଦ୍ଧବ**

ମୁମ୍ବାଇ, ୧।୭



ଶିବସେନା ବିଦ୍ରୋହୀଙ୍କ ଦ୍ୱାରା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦରୁ ଗାଦିଚ୍ୟୁତ ହୋଇଥିବା ଉଦ୍ଧବ ଠାକ୍‌ରେ ଭାଜପାକୁ ଟାର୍ଗେଟ କରିଛନ୍ତି। ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ ଆୟୋଜିତ କରି ଉଦ୍ଧବ କହିଛନ୍ତି, ‘ତଥାକଥିତ ଶିବ ସୈନିକ’ଙ୍କୁ ଭାଜପା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ କରାଇଛି। କିନ୍ତୁ ୨୦୧୯ରେ ନିଜ ପ୍ରତିଶ୍ରୁତି ମୁତାବକ ଏହି ଆସନରେ ଭାଜପା କାହିଁକି ଶିବସେନାର ଜଣେ ପ୍ରତିନିଧିଙ୍କୁ ରଖି ନ ଥିଲା। ଶିବସେନାକୁ ୫ ବର୍ଷରୁ ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ପଦ ଦେବାକୁ ଏବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଥିବା ଅମିତ ଶାହାଙ୍କୁ ସେତେବେଳେ କହିଥିଲି। ନରେନ୍ଦ୍ର ମୋଦି, ଶାହା ଏଥିରେ ରାଜି ହୋଇଥିଲେ ହେଁ ପରେ ପ୍ରତାରଣା କରିଥିଲେ। ଭାଜପା ତାଙ୍କ ସହ ଯେପରି ବିଶ୍ୱାସଘାତ କରିଛି ସେପରି ମହାରାଷ୍ଟ୍ରବାସୀଙ୍କ ପାଇଁ ନ କରୁ ବୋଲି ଉଦ୍ଧବ କହିଛନ୍ତି।

# ସୁପ୍ରିମକୋର୍ଟରେ ସିନ୍ଧେଙ୍କୁ ଆଶ୍ୱସ୍ତି

ଏକନାଥ ସିନ୍ଧେ କ୍ୟାମ୍ପକୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ସିନ୍ଧେଙ୍କ ସମେତ ବିଦ୍ରୋହୀ ଗୋଷ୍ଠୀର ୧୬ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଶିବସେନା ପକ୍ଷରୁ ହୋଇଥିବା ଆବେଦନର ତ୍ୱରିତ ଶୁଣାଣି ପାଇଁ ସର୍ବୋଚ୍ଚ ଅଦାଲତ ଶୁକ୍ରବାର ମନା କରିଦେଇଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜେ. ବି. ପରଦିୱାଲାଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଆସନ୍ତା ୧୧ ତାରିଖରେ ଏହି ଆବେଦନର ଶୁଣାଣି ପାଇଁ ରାଜି ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ସିନ୍ଧେ ଓ ଆଉ ୧୫ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବା ନିମନ୍ତେ ବରିଷ୍ଠ ଆଇନଜୀବୀ କପିଲ ସିବଲ ତ୍ୱରିତ ଶୁଣାଣି ପାଇଁ ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ।

# ଜଗନ୍ନାଥମୟ ଦିଲ୍ଲୀ



**ନୂଆଦିଲ୍ଲୀ,୧।୭:** କୋଟି କୈବଲ୍ୟନାଥ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଭାରତର ରାଜଧାନୀ ଦିଲ୍ଲୀରେ ଥିବା ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଧାର୍ମିକ ରୀତିନୀତି ଅନୁଯାୟୀ ମହା ଆଡ଼ମ୍ବରରେ ପାଳିତ ହୋଇଛି। ମହାମାରୀ କରୋନା ପାଇଁ ଦୁଇବର୍ଷ ଧରି ଏଠାରେ ରଥଯାତ୍ରା ବନ୍ଦ ରହି ଥିବାରୁ ଚଳିତବର୍ଷ ବହୁ ସଂଖ୍ୟକ ଓଡ଼ିଆ ସମେତ ବିଭିନ୍ନ ପ୍ରାନ୍ତରରୁ ଭକ୍ତମାନେ ଏଥିରେ ସାମିଲ ହୋଇ ରଥ ଟାଣିଥିଲେ। ଦିଲ୍ଲୀର ପ୍ରସିଦ୍ଧ ହଜଖାସସ୍ଥିତ ଜଗନ୍ନାଥ ମନ୍ଦିରରେ ପ୍ରାୟ ୪୦ ହଜାର ଭକ୍ତଙ୍କ ସମାଗମ ହୋଇଥିବାବେଳେ ତ୍ୟାଗରାଜନଗର ରୋହିଣୀ, ଶାହଦରା, ଫରିଦାବାଦ, ନୋଏଡା ଏବଂ ଗୁରୁଗ୍ରାମରେ ମଧ୍ୟ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ଯୋଗଦେଇଥିଲେ। ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ହଜନ୍ୟାସ ଜଗନ୍ନାଥ ମନ୍ଦିରକୁ ସକାଳ ୫ଟାରୁ ଆସି ପୂଜାର୍ଚ୍ଚନା କରିଥିଲେ। ଏଠାରେ ନୀଳାଚଳ ସେବାସଂଘର ସମ୍ପାଦକ ରବୀନ୍ଦ୍ର ପ୍ରଧାନ ଛେରାପହଁରା କରିଥିଲେ। ଦିଲ୍ଲୀର ବିଭିନ୍ନ ସ୍ଥାନରେ ରଥଟଣା ହୋଇଥିବାରୁ ସମଗ୍ର ସହର ଜଗନ୍ନାଥମୟ ହୋଇ ଉଠିଥିଲା।

# କୁଳାଧିପତି କିଏ: ଧନକର ବନାମ ମମତା

କୋଲକାତା,୧।୭





ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକର ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହି କ୍ରମରେ ରାଜ୍ୟପାଳ ଶୁକ୍ରବାର ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟ(ଆର୍‌ବିୟୁ)ର ନୃତ୍ୟ ବିଭାଗ ପ୍ରେଫେସର ମହୁଆ ମୁଖାର୍ଜୀଙ୍କୁ ନୂତନ କୁଳପତି ନିଯୁକ୍ତ କରିଛନ୍ତି। ବର୍ତ୍ତମାନର କୁଳପତି ସବ୍ୟସାଚୀ ବସୁ ରୟ ଚୌଧୁରୀଙ୍କ କାର୍ଯ୍ୟକାଳ ଖୁବ୍‌ଶୀଘ୍ର ଶେଷ ହେଉଥିବାବେଳେ ରାଜ୍ୟପାଳ ଏହି ସରକାରୀ ୟୁନିଭର୍ସିଟିର କୁଳାଧିପତି ରୂପେ ଏପରି ପଦକ୍ଷେପ ନେଇଛନ୍ତି। ରବୀନ୍ଦ୍ର ଭାରତୀ ଆଇନ, ୧୯୮୧ର ଧାରା ୯(୧)(ଖ) ଅନୁସାରେ ମୁଖାର୍ଜୀଙ୍କୁ ନିଯୁକ୍ତ କରାଯାଇଥିବା ନେଇ ରାଜ୍ୟପାଳ ଟୁଇଟ୍ କରିଛନ୍ତି। ଏଥିସହ ସରକାରଙ୍କ ସର୍ଚ୍ଚ କମିଟି ପକ୍ଷରୁ କରାଯାଇଥିବା ସୁପାରିସ ପତ୍ରକୁ ମଧ୍ୟ ସେ ଏଥିରେ ସଂଲଗ୍ନ କରିଛନ୍ତି। ସୁପାରିସ ପତ୍ରର ସର୍ବାଗ୍ରେ ମୁଖାର୍ଜୀଙ୍କ ନାମ ରହିଥିବା ରାଜ୍ୟପାଳ କହିଛନ୍ତି।

**ଆର୍‌ବିୟୁ କୁଳପତି ନିଯୁକ୍ତ କଲେ ପଶ୍ଚିମବଙ୍ଗ ରାଜ୍ୟପାଳ**

ପ୍ରକାଶ ଯେ, ଏହା ପୂର୍ବରୁ ମମତାଙ୍କୁ ରାଜ୍ୟରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳାଧିପତି କ୍ଷମତା ପ୍ରଦାନ ପାଇଁ ନିକଟରେ ବିଧାନସଭାରେ ଏକ ବିଧେୟକ ଗୃହୀତ କରାଯାଇଥିଲା। ଉକ୍ତ ବିଲ୍ ଉପରେ ରାଜ୍ୟପାଳଙ୍କ ମୋହରକୁ ଅପେକ୍ଷା କରାଯାଇଥିଲା। ଏନେଇ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁଖପାତ୍ର କୁନାଲ ଘୋଷ କହିଛନ୍ତି, ରାଜ୍ୟପାଳ ପୁଣି ଥରେ ପ୍ରମାଣିତ କରିଛନ୍ତି ଯେ, ସେ ଗଣତାନ୍ତ୍ରିକ ଓ ସଂଘୀୟ ମୂଲ୍ୟବୋଧରେ ବିଶ୍ୱାସ କରନ୍ତ ନାହିଁ। ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳାଧିପତି ନିଯୁକ୍ତ କରିବା ନେଇ ବିଧାନସଭାରେ ଗୃହୀତ ବିଲ୍‌କୁ ଅନୁମୋଦନ ପାଇଁ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଥିବାବେଳେ ସେ ତରବରିଆ ଭାବେ ଆର୍‌ବିୟୁ ଭିସିଙ୍କ ନାମ ଘୋଷଣା କରିଛନ୍ତି।



ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ହିଁ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। –ଶ୍ରୀଅରବିନ୍ଦ

# ବଡ଼ ଅଦଳବଦଳ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ଦିଲ୍ଲୀର ଲ୍ୟୁଟ୍‌ନାଣ୍ଟ ଗଭର୍ନର ଭାବେ ବିନୟ କୁମାର ସକ୍‌ସେନା ଦାୟିତ୍ୱ ନେବା ପରେ ବହୁ ନିଷ୍ପତ୍ତି ନେଇସାରିଛନ୍ତି। କିନ୍ତୁ ପ୍ରଥମ ଥର ପାଇଁ ସେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଡେପୁଟି ସେକ୍ରେଟାରି ପି.ସି.ଠାକୁରଙ୍କ ସହ ଦୁଇଜଣ ଏସ୍‌ଡିଏମ୍ ହର୍ଷିତ ଜୈନ ଏବଂ ଦେବେନ୍ଦ୍ର ଶର୍ମାଙ୍କୁ ଦୁର୍ନୀତି ଅଭିଯୋଗରେ ନିଲମ୍ବନ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ବିଶେଷସୂତ୍ରରୁ ପ୍ରକାଶ ଯେ, ଏହି ଡିଏନ୍‌ଆଇସିଏସ୍ ଅଧିକାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଯାଇଛି। ତେବେ ଦିଲ୍ଲୀ ସରକାରରେ ଏହାଠାରୁ ବଡ଼ ପରିବର୍ତ୍ତନ ହେଉଛି, ଯେଉଁଥିରେ ଦିଲ୍ଲୀ ଆଡ୍‌ମିନିଷ୍ଟ୍ରେଟିଭ ସବର୍ଡିନେଟ ସର୍ଭିସ(ଡିଏସ୍‌ଏସ୍)ର ୬୦ରୁ ୭୦% ଅଧିକାରୀ ପ୍ରଭାବିତ ହେବେ। ଜଣାପଡ଼ିଛି ଯେ, ଗୋଟିଏ ବିଭାଗରେ ବହୁ ବର୍ଷ ହେଲା କାର୍ଯ୍ୟରତ ଡିଏସ୍‌ଏସ୍ ଅଧିକାରୀମାନଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ବଦଳି କରିବା ପାଇଁ ମୁଖ୍ୟ ସଚିବ ନରେଶ କୁମାର ବିଭାଗୀୟ ମୁଖ୍ୟମାନଙ୍କୁ କହିଛନ୍ତି। ଦିଲ୍ଲୀ ସରକାର ୪୦ରୁ ଊର୍ଦ୍ଧ୍ୱ ଆଇଏଏସ୍ ଏବଂ ଡିଏନ୍‌ଆଇସିଏସ୍ ଅଧିକାରୀମାନଙ୍କୁ ବଦଳି କରିବାର ଦିନକ ପରେ ଏହି ନିଷ୍ପତ୍ତି ସାମ୍ନାକୁ ଆସିଛି। ଉକ୍ତ ପୁନର୍ଗଠନ ପଛରେ କିଛି ରହସ୍ୟ ରହିଛି। ମନେ ହେଉଛି, ସେହି ୭୦% ଅଧିକାରୀ ୫ ବର୍ଷରୁ ଊର୍ଦ୍ଧ୍ୱ ହେଲା ଗୋଟିଏ ବିଭାଗରେ କାମ କରୁଛନ୍ତି। ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ (ସିଭିସି) ନିୟମାବଳୀ କହେ ଯେ, ମୁଖ୍ୟ ପଦବୀରେ ଥିବା ଅଧିକାରୀମାନେ ପ୍ରତି ୩ ବର୍ଷରେ ସ୍ଥାନାନ୍ତର ହେବା ସହ ଅନ୍ୟମାନେ ଗୋଟିଏ ପଦବୀରେ ୫ ବର୍ଷ ରହିବା ପରେ ବଦଳି ହେବା ଉଚିତ। ଅଧିକ ସଂଖ୍ୟକ ଅଧିକାରୀଙ୍କୁ ବଦଳି କରାଯାଇଥିବାରୁ କାର୍ଯ୍ୟରେ ବାଧାକୁ ଏଡ଼ାଇବା ଲାଗି ପର୍ଯ୍ୟାୟକ୍ରମେ ସେମାନଙ୍କୁ ବଦଳି କରାଯିବାର ସମ୍ଭାବନା ଥିବା ଜଣାପଡ଼ିଛି।

### ଭାରତର ସ୍ୱର !

ଭୁଟାନରେ ଥିବା ଭାରତର ରାଷ୍ଟ୍ରଦୂତ ରୁଚିରା କମ୍ବୋଜ ଜାତିସଂଘରେ ଟି.ଏସ୍ ତିରୁମୂର୍ତ୍ତିଙ୍କ ପରେ ଭାରତର ନୂଆ ସ୍ଥାୟୀ ପ୍ରତିନିଧି ହେବାକୁ ଯାଉଛନ୍ତି। ୧୯୮୭ ବ୍ୟାଚ୍‌ର ଭାରତୀୟ ବିଦେଶ ସେବା(ଆଇଏଫ୍‌ଏସ୍) ଅଧିକାରୀ କମ୍ବୋଜଙ୍କ ରାଜନୈତିକ ସମସ୍ୟା, ଶାନ୍ତି ପ୍ରତିଷ୍ଠା ଏବଂ ସଙ୍କଟ ସମ୍ଭାଳିବାରେ ବିଶେଷଜ୍ଞାନ ରହିଛି। ଏହାସହ ସେ ଯେଉଁ ସ୍ଥାନକୁ ଫେରିବେ ତା'ସମ୍ପର୍କରେ ସେ ବେଶ୍ ଅବଗତ ; କାରଣ, ପୂର୍ବରୁ ତାଙ୍କୁ ଜାତିସଂଘରେ ଭାରତର ସ୍ଥାୟୀ ମିଶନ ଭାବେ ଦାୟିତ୍ୱ ଦିଆଯାଇଥିଲା। ଭାରତର ଚିଫ୍ ପ୍ରୋଟୋକଲ ଅଫିସର ଭାବେ ଅଧିକାଂଶ କୂଟନୀତିଜ୍ଞ ସାଧାରଣତଃ ପରଦା ପଛରେ ରହି କାମ କରୁଥିବାବେଳେ କମ୍ବୋଜ ସେହି ପଦବୀ ଦଖଲ କରିବାରେ ଭାରତର ପ୍ରଥମ ମହିଳା ହୋଇଛନ୍ତି। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶପଥଗ୍ରହଣ ଉତ୍ସବରେ ସାର୍କର ବହୁ ଦେଶର ମୁଖ୍ୟମାନେ ଉପସ୍ଥିତ ଥିବା ସମୟରେ କମ୍ବୋଜ ଯେଉଁଭଳି ଭାବେ ସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ତାହା ଅଧିକାଂଶ କୂଟନୀତିଜ୍ଞଙ୍କ କ୍ଷେତ୍ରରେ ଦେଖାଯାଏ ନାହିଁ। ପ୍ରୋଟୋକଲ ପ୍ରଭାବୀ କୂଟନୀତିର ଚାବିକାଠି। ଉତ୍ତମ ୱାଇନ୍ ଭଳି ପ୍ରୋଟୋକଲ ବହୁ ସମୟରେ ମୁଡ୍ ସେଟ କରେ ଏବଂ ଆୟୋଜିତ ଉତ୍ସବରେ ଗମ୍ଭୀର କୂଟନୀତିକ କାର୍ଯ୍ୟକଳାପ ଲାଗି ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରେ। ଏ ଦୃଷ୍ଟିରୁ ବିଚାର କଲେ ଭାରତରେ ପ୍ରୋଟୋକଲ ଇନ୍ ଚାର୍ଜରେ ଥିବା ସମୟରେ ବିଶ୍ୱର ଅଧିକାଂଶ ନେତା ଭାରତ ଗସ୍ତରେ ଆସିଥିବା ବେଳେ ରୁଚିରା ସେମାନଙ୍କୁ ଭେଟ କରିଥିବାରୁ ସେ ଜାତିସଂଘରେ ଭାରତର ଆମ୍ବାସାଡାର ଭାବେ ଜଣେ ଯୋଗ୍ୟ ମହିଳା ରୂପେ ବିବେଚିତ ହୋଇଛନ୍ତି। ଅବଶ୍ୟ ତାଙ୍କର ନୂଆ ଦାୟିତ୍ୱ କୂଟନୀତିକ ଶିଷ୍ଟାଚାରଠାରୁ ଅଧିକ କିଛି ଆବଶ୍ୟକ କରେ। କିନ୍ତୁ ଯାହା ସବୁ ସଙ୍କେତ ମିଳୁଛି, ସେଥିରୁ ଜଣାପଡୁଛି ଯେ, ବିଶ୍ୱର ସର୍ବବୃହତ୍ କୂଟନୈତିକ ଷ୍ଟେଜ୍‌ରେ ସେ ଭାରତର ସ୍ୱର ହେବାକୁ ପ୍ରସ୍ତୁତ ଅଛନ୍ତି।

### ବୋର୍ଡ ନିଷ୍ପତ୍ତିକୁ ଅଣଦେଖା

ଆଦିବାସୀ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଆର୍. ଜୟା ଟ୍ରାଇବାଲ କୋଅପରେଟିଭ ମାର୍କେଟିଂ ଡେଭଲପ୍‌ମେଣ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ (ଟିଆର୍‌ଆଇଏଫ୍‌ଇଡି)ର ଅତିରିକ୍ତ ଦାୟିତ୍ୱରେ ପୂର୍ବଭଳି ରହିବେ। ତାଙ୍କ ସେବାକୁ ବନ୍ଦ କରିବା ଲାଗି ଟିଆର୍‌ଆଇଏଫ୍‌ଇଡିର ବୋର୍ଡ ଅଫ୍ ଡାଇରେକ୍ଟର୍ସ ପକ୍ଷରୁ ସର୍ବସମ୍ମତ ନିଷ୍ପତ୍ତି ନିଆଯିବା ସତ୍ତ୍ୱେ ସେ ଏହି ଦାୟିତ୍ୱ ତୁଲାଇବେ। ବୋର୍ଡ ଅଫ୍ ଡାଇରେକ୍ଟର୍ସର ସର୍ବସମ୍ମତ ମତକୁ ଟିଆର୍‌ଆଇଏଫ୍‌ଇଡି ଅଧ୍ୟକ୍ଷ ରାମସିଂ ରଥୱା ଆଦିବାସୀ ବ୍ୟାପାର ସଚିବ ଅନିଲ କୁମାର ଝାଙ୍କୁ ଜଣାଇଦେଇଥିଲେ। ଆଶା କରାଯାଉଥିଲା ଜୟାଙ୍କୁ ଅତିରିକ୍ତ ଦାୟିତ୍ୱରୁ ହଟାଇ ଦିଆଯିବ, ହେଲେ ତାହା ନ ହେବା ଅନେକଙ୍କୁ ବିସ୍ମିତ କରିଛି। ମନ୍ତ୍ରଣାଳୟ ମଧ୍ୟ ବୋର୍ଡର ନିଷ୍ପତ୍ତିକୁ ଅଣଦେଖା କରିବା ସହ ଜୟାଙ୍କ ପଛରେ ଦୃଢ଼ଭାବେ ଠିଆହୋଇଛି। ଏଥିରୁ ସ୍ପଷ୍ଟ ହେଉଛି, ଜଣେ ନିୟମିତ ଅଧିକାରୀ ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ଜୟା ତାଙ୍କ ଅତିରିକ୍ତ ଦାୟିତ୍ୱରେ ରହିବେ। ବୋର୍ଡର ନିଷ୍ପତ୍ତି କାର୍ଯ୍ୟକାରୀ କରିବାରେ ଜୟା ଅସହଯୋଗ କରୁଥିବା ଅଭିଯୋଗ ହେବା ପରେ ମ୍ୟାନେଜିଂ ଡାଇରେକ୍ଟର ଭାବେ ଦାୟିତ୍ୱରେ ରହିବା ଲାଗି ବୋର୍ଡ ଚାହୁଁ ନ ଥିବା କହିଥିଲା। ପରେ ଜୟାଙ୍କ ପଦବୀ ଅନିଶ୍ଚିତ ହୋଇଯାଇଥିଲା ଓ ଏଭଳି ସ୍ଥିତିରେ ମନ୍ତ୍ରଣାଳୟର ଦୃଷ୍ଟିକୋଣ ଜୟାଙ୍କ ପାଇଁ ଏକ ଉତ୍ସାହଜନକ ପ୍ରୋତ୍ସାହନ ହୋଇଛି। କିନ୍ତୁ ଟିଆର୍‌ଆଇଏଫ୍‌ଇଡି ଡାଇରେକ୍ଟର୍ସ ଏହାର ଦୃଷ୍ଟିକୋଣ ସ୍ପଷ୍ଟ କରିସାରିଥିଲାବେଳେ ଓ ବର୍ତ୍ତମାନ ମନ୍ତ୍ରଣାଳୟ ଜୟାଙ୍କ ସହ ଥିବାବେଳେ ଟିଆର୍‌ଆଇଏଫ୍‌ଇଡି ଡାଇରେକ୍ଟର୍ସ ସହ କାମ କରିବାକୁ ମନ୍ତ୍ରଣାଳୟର ସମର୍ଥନ କିଭଳି ସାହାଯ୍ୟ କରିବ ତାହା ପର୍ଯ୍ୟବେକ୍ଷକଙ୍କୁ ବିସ୍ମିତ କରିଛି।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 1 | | 9 | | | | | |
| 4 | | 8 | | | | | | 3 |
| | | | | 5 | | 1 | | 6 |
| | | | | | | | | |
| | | 9 | | 2 | | | 8 | |
| | | | 1 | | | 5 | | |
| 9 | | 3 | | | 1 | | | 5 |
| 8 | 4 | | | | 2 | | | |
| | | | 5 | 4 | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 8 | 7 | 5 | 9 | 1 | 3 | 6 |
| 6 | 3 | 9 | 8 | 2 | 1 | 4 | 7 | 5 |
| 7 | 1 | 5 | 4 | 3 | 6 | 8 | 2 | 9 |
| 5 | 2 | 7 | 1 | 4 | 3 | 6 | 9 | 8 |
| 9 | 6 | 1 | 5 | 8 | 2 | 7 | 4 | 3 |
| 3 | 8 | 4 | 6 | 9 | 7 | 5 | 1 | 2 |
| 4 | 5 | 3 | 2 | 1 | 8 | 9 | 6 | 7 |
| 1 | 9 | 6 | 3 | 7 | 5 | 2 | 8 | 4 |
| 8 | 7 | 2 | 9 | 6 | 4 | 3 | 5 | 1 |

ଗତକାଲିର ଉତ୍ତର

## ସମକାଳର ଦୁଇ ଅମର ଉପନ୍ୟାସ

# 'ଦ ଗୁଡ୍ ଆର୍ଥ' ଓ 'ମାଟିର ମଣିଷ'



**ଡ. ହୃଷୀକେଶ ମଲ୍ଲିକ**

ପ୍ରଖ୍ୟାତ ଆମେରିକୀୟ ଔପନ୍ୟାସିକା ପର୍ଲ ଏସ୍.ବକ୍‌ଙ୍କ ବିଶ୍ୱ ପ୍ରସିଦ୍ଧ ଉପନ୍ୟାସ 'ଦ ଗୁଡ୍ ଆର୍ଥ'ର ଏକ ଅବିସ୍ମରଣୀୟ ଉଦ୍ଧୃତିରୁ ମୁଁ ଆରମ୍ଭ କରୁଛି ମୋର ଏହି କ୍ଷୁଦ୍ର ଆଲେଖ୍ୟ। ଉଦ୍ଧୃତିଟି ହେଲା: ''It is the end of a family –when they begin to sell their land. Out of the land we come and into we must go – and if you will hold your land you can live – no one can rob you of land.'' ଅର୍ଥାତ୍ ''ଗୋଟିଏ ପରିବାରର ଶେଷ ସମୟ ଆସିଗଲା ବୋଲି ଜାଣିବ, ଯେତେବେଳେ ସେହି ପରିବାର ଜମି ବିକିବା ଆରମ୍ଭ କରିବେ। ଭୂମି ଅଛି ତ ଜୀବନ ଅଛି। ସବୁ ଲୁଟି ହେଇଯିବ, କିନ୍ତୁ ଭୂମିକୁ କେହି ଲୁଟି ନେଇ ପାରିବେ ନାହିଁ।'' ଉଦ୍ଧୃତିଟି ଉଲ୍ଲେଖ କରିବା ମୂଳରେ ମୋର ଅଭିପ୍ରାୟ ହେଉଛି, ବିଶ୍ୱ ସାହିତ୍ୟରେ ଭୂମିକୁ ଉତ୍ସ କରି ଲେଖା ହୋଇଥିବା ଦୁଇଟି ପ୍ରସିଦ୍ଧ ଉପନ୍ୟାସକୁ ପାଖାପାଖି ରଖି ତା'ର ଗୁଣାଗୁଣ ବିଚାର କରିବା। ଉପନ୍ୟାସ ଦୁଇଟି ହେଲା–୧. 'ଦ ଗୁଡ୍ ଆର୍ଥ' ଓ 'ମାଟିର ମଣିଷ', ଯାହାର ସ୍ରଷ୍ଟା ହେଉଛନ୍ତି ଯଥାକ୍ରମେ ପର୍ଲ ଏସ୍. ବକ୍ ଓ କାଳିନ୍ଦୀଚରଣ ପାଣିଗ୍ରାହୀ।

ସଂଯୋଗର ବିଷୟ ଏହି ଯେ ଉପନ୍ୟାସ ଦୁଇଟି ଏକା ବର୍ଷରେ ଲେଖାଯାଇଛି। ବର୍ଷଟି ହେଉଛି ୧୯୩୧। ଉପନ୍ୟାସର ବିଷୟଭୂମି ମଧ୍ୟ ସମାନ। ବକ୍‌ଙ୍କ ଉପନ୍ୟାସଟି ଚାଇନାର ଗ୍ରାମୀଣ ସଂସ୍କୃତି ଓ କୃଷକ ପରିବାରର ଜୀବନକାହାଣୀକୁ ନେଇ ରଚିତ ହୋଇଥିବା ବେଳେ କାଳିନ୍ଦୀଚରଣଙ୍କ ଉପନ୍ୟାସ ଓଡ଼ିଶାର ଅବିଭକ୍ତ ପୁରୀ ଜିଲାର ଏକ ଗ୍ରାମୀଣ ପାରିବାରିକ ଦୃଶ୍ୟପଟକୁ ନେଇ ଗତିଶୀଳ। ପୁଣି ବକ୍‌ଙ୍କ 'House of Earth' ଉପନ୍ୟାସ ତ୍ରୟୀରେ ସ୍ଥାନିତ ପ୍ରଥମ ଉପନ୍ୟାସଟି 'ଦ ଗୁଡ୍ ଆର୍ଥ' (୧୯୩୧) ହୋଇଥିବା ବେଳେ ଅନ୍ୟ ଦୁଇଟି ଉପନ୍ୟାସ– 'Sons' (୧୯୩୨) ଓ 'A House Divided' (୧୯୩୫)। କାଳିନ୍ଦୀଚରଣଙ୍କର 'ମାଟିର ମଣିଷ'ର ପରବର୍ତ୍ତୀ ଦୁଇଟି ସଂଯୋଗୀ–ଉପନ୍ୟାସ ହେଉଛି 'ଲୁହାର ମଣିଷ' ଓ 'ଆଜିର ମଣିଷ'। 'ଦ ଗୁଡ୍ ଆର୍ଥ'ର ନାୟକ ୱାଙ୍ଗ୍ ଲଙ୍ଗ୍ ଜଣେ ଚୀନୀୟ ଗରିବ କୃଷକ, ଯିଏ ନିଜର କଠିନ ପରିଶ୍ରମ ଓ ଭାଗ୍ୟ ବଳରେ ଅଚଳାଚଳ ଭୂସମ୍ପତ୍ତି ଓ ଧନରତ୍ନର ଅଧିକାରୀ ହୋଇଛି। ଓ–ଲାନ୍ ହେଉଛି ତା'ର ପୋଇଲି ସ୍ତ୍ରୀ, ସ୍ୱାମୀ ପ୍ରତି ବିଶ୍ୱସ୍ତା ଅଥଚ ସ୍ୱାମୀର ତାରିଫ୍ ତା'ପକ୍ଷେ କ୍ୱଚିତ୍ ସୁଲଭ। ଚାଇନାର ଅନ୍‌ହୁଇ ରାଜ୍ୟର ଏକ ଗ୍ରାମାଞ୍ଚଳର ଏ କାହାଣୀ, ଯାହା ବକ୍‌ଙ୍କ ପ୍ରତିଭାଦୀପ୍ତ ବର୍ଣ୍ଣନାରେ ଜୀବନ୍ତ ହୋଇଉଠିଛି। କନ୍ୟାଭ୍ରୂଣ ହତ୍ୟା, ରକ୍ଷିତା ରଖିବା, ଅଫିମପାନ ଆଦିରେ ଜର୍ଜରିତ ଗ୍ରାମ୍ୟ ଚାଇନାର ଉଜ୍ଜ୍ୱଳ ଦର୍ପଣ ହେଉଛି 'ଗୁଡ୍ ଆର୍ଥ'।

**କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଉପଲକ୍ଷେ**



'ଗୁଡ୍ ଆର୍ଥ'ର ନାୟକ ୱାଙ୍ଗ୍ ଲଙ୍ଗ୍ ଦୁର୍ଭିକ୍ଷ କବଳିତ ନିଜ ଭିଟାମାଟିକୁ ଛାଡ଼ି ଦକ୍ଷିଣ ଚାଇନାର ଏକ ନଗରାଞ୍ଚଳକୁ ପରିବାର ସହ ଚାଲିଯାଇଛି ଓ ସେଠାରେ ରିକ୍ସା ଟାଣି କୁଟୁମ୍ବ ପାଳିଛି। ଏଠାକାର ଭାଷା ତା'ର ଭାଷା ନହେଁ, ଖାଦ୍ୟପେୟ ତା' ରୁଚିର ନୁହେଁ କି ଲୋକଙ୍କ ଆଚାର ବ୍ୟବହାର ତା' ଗାଁ ପରି ନୁହେଁ। ସୁତରାଂ ଏକ ଅପରିଚିତ, ଅସଂଲଗ୍ନ ସଂସ୍କୃତି ଓ ସମାଜରେ ସେ ଓ ତା' ପରିବାର ନିଃସଙ୍ଗ। ଗାଁରେ ଥିଲାବେଳେ ୱାଙ୍ଗ୍‌ର ମୁଣ୍ଡ ଉପରେ ଥିଲା ଚିହ୍ନା ଆକାଶ ଓ ଚାରିପାଖରେ ପରିଚିତ ପଡ଼ୋଶୀ। ବେଜିଂର ସରକାରୀକଳ ସହ ଏହି ପରିବେଶର କିଛି ନେଣଦେଣ ନ ଥିଲା। ବକ୍ ୱାଙ୍ଗ୍ ଜୀବନର ଦୁଇ ପରସ୍ପର ବିରୋଧୀ ସାମାଜିକ ସ୍ଥିତିର ଯେଉଁ ଚିତ୍ର 'ଗୁଡ୍ ଆର୍ଥ'ରେ ଆଙ୍କିଛନ୍ତି, ତାହାକୁ 'ଜମି ଓ ଭୂମିର ଗରିମାୟନ' ବୋଲି ପୁଲିଜର୍ ପୁରସ୍କାର କମିଟି ବହିଟିକୁ ୧୯୩୨ରେ ପୁରସ୍କୃତ କଲାବେଳେ ମନ୍ତବ୍ୟ କରିଛନ୍ତି। କମିଟି ଆହୁରି ମଧ୍ୟ କହିଛନ୍ତି ଯେ, ବହିଟି ହେଉଛି 'ପାଶ୍ଚାତ୍ୟ ଜଗତକୁ ପ୍ରାଚ୍ୟର ବ୍ୟାଖ୍ୟା'।

କାଳିନ୍ଦୀଚରଣଙ୍କ 'ମାଟିର ମଣିଷ' ଅନୁରୂପ ଭାବେ ହେଉଛି ପାଶ୍ଚାତ୍ୟର ସାମାଜିକ ଓ ସାଂସ୍କୃତିକ ସ୍ଥିତିର ମୁହାଁମୁହିଁ କରି ଭାରତୀୟ ସମାଜ, ସଂସ୍କୃତି ଓ ଅଖଣ୍ଡ ପାରିବାରିକ ଜୀବନକୁ ଠିଆ କରାଇବା। ଭୋଗ ନୁହେଁ, ତ୍ୟାଗ ଏହି ସଂସ୍କୃତିର ଭିତ୍ତିଭୂମି। ଘର ଛାଡ଼ି ଚାଲିଯିବ ପଛକେ ବରଜୁ ପଧାନ, ବିଲରେ ହିଡ଼ ବସିବ ନାହିଁ। ବରଜୁ ମାଟିର ମଣିଷ, ମାଟିରେ ତା'ର ଜନ୍ମ, ମାଟି ତା' ପେଟକୁ ଭାତ ଦିଏ। ଅଶିକ୍ଷିତା ନାରୀର କ୍ଷୁଦ୍ରତା, ଅବିମୃଷ୍ୟକାରିତା ଆଗରେ ପରିବାରର ଅଖଣ୍ଡତାକୁ ଅବିଚଳ କରି ରଖିବାର ଯେଉଁ ସଂକଳ୍ପ ପୃଥିବୀକୁ ଭାରତୀୟ ଗ୍ରାମ୍ୟ ଜୀବନର ଅବଦାନ, ତା'ରି ପ୍ରତିଭୂ ବରଜୁ ପଧାନ। ସାନଭାଇ ଛକଡ଼ିର ସ୍ତ୍ରୀ ନେତ୍ରମଣି ଶତାବ୍ଦୀ ଶତାବ୍ଦୀ ଧରି ଭାରତର ଏହି ମହିମାଦୀପ୍ତ ପାରିବାରିକତାକୁ ଭାଙ୍ଗିଦେବାର ଏକ ଦାମ୍ଭିକ ପ୍ରତୀକ। ଜୀବନରେ ପ୍ରତିକୂଳତା ଓ ତାକୁ ସାମ୍ନା କରିବାର ସାହସକୁ ଯଦି ଗୋଟିଏ ଶବ୍ଦରେ ପ୍ରକାଶ କରାଯାଏ, ତେବେ ତାହା ହେବ 'ବରଜୁ'।

'ମାଟିର ମଣିଷ' ଗାନ୍ଧିବାଦରେ ପ୍ରଭାବିତ କି ନା ମୁଁ ଜାଣେନା, କିନ୍ତୁ ଗାନ୍ଧୀ ଭାବନାର ଏହା ହେଉଛି ଏକ କ୍ରିୟାଶୀଳ କୁମ୍ଭାରଶାଳ, ଯେଉଁଠି ଗଢ଼ାହୋଇଛି ଜୀବନର ଭଙ୍ଗା ଓ ଅଭଙ୍ଗା କେତେକେତେ ହାଣ୍ଡି। 'ପ୍ରବୃତ୍ତି' ଓ 'ନିବୃତ୍ତି'ର ସାପଶିଡ଼ି ଖେଳ ହେଉଛି 'ମାଟିର ମଣିଷ'। 'ନକାରାତ୍ମକତା' 'ସକାରାତ୍ମକତା'କୁ ଏତେ ପାଖାପାଖି, ସାମ୍ନାସାମ୍ନି କରି ଯଦି କୌଣସି ଭାରତୀୟ ଉପନ୍ୟାସରେ ଖୁବ୍ ଦୃଢ଼ଭାବେ ଠିଆ କରାଯାଇଥାଏ, ତେବେ ତାହା ଅବଧାରିତ ଭାବେ ହେବ 'ମାଟିର ମଣିଷ'।

ଏକା ବର୍ଷରେ ଲେଖାଯାଇଥିବାରୁ ଓ କାଳିନ୍ଦୀଙ୍କ ସମୟରେ ଯୋଗାଯୋଗର ମାଧ୍ୟମ ଆଜିପରି ଦ୍ରୁତ ଓ ସର୍ବଗମ୍ୟ ହୋଇ ନ ଥିବାରୁ କାଳିନ୍ଦୀ ଯେ ବକ୍‌ଙ୍କ 'ଦ ଗୁଡ୍ ଆର୍ଥ' ଉପନ୍ୟାସ ପଢ଼ିଥିବେ, ଏକଥା ବିଶ୍ୱାସ କରିହେବ ନାହିଁ। ୧୯୩୨ରେ 'ଗୁଡ୍ ଆର୍ଥ' ପାଇଲା ଉପନ୍ୟାସ ବର୍ଗରେ ପୁଲିଜର ପ୍ରାଇଜ୍ ଓ ୧୯୩୮ରେ ବକ୍‌ଙ୍କୁ ମିଳିଲା ସାହିତ୍ୟ ପାଇଁ ନୋବେଲ। ସୁତରାଂ ବକ୍ ପ୍ରଖ୍ୟାତ ହେବା ଆଗରୁ ଲେଖା ସରିଛି 'ମାଟିର ମଣିଷ'। 'ମାଟିର ମଣିଷ'ରେ ଅହିଂସା ଓ ତ୍ୟାଗ ହୋଇଛି ଉପନ୍ୟାସର ନିର୍ମାଣଭୂମି। ଅପରପକ୍ଷରେ ଚାଇନା କୃଷକସମାଜର ବୈପ୍ଳବିକ ପୃଷ୍ଠଭୂମିରେ ରଚିତ ଓ ଲାଳିତ 'ଗୁଡ୍ ଆର୍ଥ'। 'ମାଟିର ମଣିଷ' ଉପନ୍ୟାସର ବିଷୟକଳ୍ପନା, ରଚନାଶୈଳୀ ଓ ସିଦ୍ଧି 'ଗୁଡ୍ ଆର୍ଥ'ର ସମକକ୍ଷ ହୋଇଥିବା ବେଳେ କେବଳ ଉଭୟଙ୍କ ସ୍ଥିତିଗତ ଭିନ୍ନତା ବକ୍‌ଙ୍କୁ ନୋବେଲ ବିଜୟିନୀ କରିଥିବା ବେଳେ କାଳିନ୍ଦୀଚରଣଙ୍କୁ ଭାରତବିଦିତ ହେବାକୁ ବହୁକାଳ ଲାଗିଯାଇଛି। ବିଶ୍ୱସ୍ତରୀୟ ଉପନ୍ୟାସ ଲେଖି ବି ସହଜରେ ବିଶ୍ୱଦୃଷ୍ଟିକୁ ଆସିପାରି ନ ଥିବା କାଳିନ୍ଦୀଚରଣଙ୍କ ଶାନ୍ତ, ସଦାସନ୍ତୁଷ୍ଟ ମୁଖମଣ୍ଡଳଟି ଆଜି ପୁଣି ଥରେ ଅବଶ୍ୟ ଦୃଶ୍ୟମାନ ହେବ ପ୍ରତ୍ୟେକ ଓଡ଼ିଆ ଓ ଭାରତୀୟ ପାଠକଙ୍କୁ ତାଙ୍କର ଏହି ପବିତ୍ର ଜନ୍ମଦିନରେ। ଏହି ମନୀଷୀ ଔପନ୍ୟାସିକଙ୍କୁ ମୋର ଓ 'ଧରିତ୍ରୀ'ର ଅଜସ୍ର ପ୍ରଣାମ!

ମୋ:୯୮୫୩୨୮୭୭୫୫

# ବଢ଼ିଚାଲିଛି ଆତ୍ମହତ୍ୟା



**ଡା. ସମ୍ରାଟ କର**

ଓଡ଼ିଆ ସିନେ ଓ ଯାତ୍ରାଜଗତର ଚର୍ଚ୍ଚିତ ଖଳନାୟକ ତଥା ୩ଦଶନ୍ଧିର ଲୋକପ୍ରିୟ ଅଭିନେତା ରାଇମୋହନ ପରିଡ଼ା ଆତ୍ମହତ୍ୟା କରିଥିବା ଖବର ପ୍ରକାଶ ପାଇବା ପରେ ଏହା ସମସ୍ତଙ୍କୁ ବ୍ୟଥିତ କରିଛି। ପ୍ରାଥମିକ ତଦନ୍ତ ଆଧାରରେ ସେ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଅତୀତରେ ଦେଶରେ ବହୁ ନାମିଦାମୀ କଳାକାର ଆତ୍ମହତ୍ୟା କରିଥିବାର ଦୃଷ୍ଟାନ୍ତ ରହିଛି। କେବଳ କଳାକାର ନୁହନ୍ତି କୃଷକ, କିଶୋରୀକିଶୋର, ଯୁବଗୋଷ୍ଠୀ, ବୃଦ୍ଧାବୃଦ୍ଧ ଓ ଯବାନମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ପ୍ରକାଶ ପାଉଛି।

ଏକ ସର୍ବଶେଷ ପରିସଂଖ୍ୟାନ ତଥ୍ୟ ଅନୁଯାୟୀ ପାରିବାରିକ ସମସ୍ୟା କାରଣରୁ ଘଟୁଥିବା ଆତ୍ମହତ୍ୟାକୁ ଦେଖିଲେ ଓଡ଼ିଶାର ସ୍ଥାନ ୨ ନମ୍ବରରେ ରହିଛି। ଏହା ସତ୍ୟ ଯେ ଗତ କିଛିବର୍ଷ ଧରି ଲଗାତର ଦେଶରେ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି)ର ସଦ୍ୟତମ ରିପୋର୍ଟ ଅନୁସାରେ ଭାରତରେ ୨୦୨୧ରେ ମୋଟ ୧,୮୭,୧୨୩ ଲୋକ ଆତ୍ମହତ୍ୟା କରିଛନ୍ତି ଅର୍ଥାତ୍ ଦେଶରେ ପ୍ରତି ୪ ମିନିଟରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛନ୍ତି। ଓଡ଼ିଶାରେ ଏହି ସଂଖ୍ୟା ୪୮୩୨। ୨୦୨୧ ରେ ଦୈନିକ ହାରାହାରି ୧୪ଜଣ ଆତ୍ମହତ୍ୟା କରୁଛନ୍ତି। ପାରିବାରିକ ସମସ୍ୟା କାରଣରୁ ଆତ୍ମହତ୍ୟା ହାର ଅଧିକ। ମୋଟ ଆତ୍ମହତ୍ୟା ଘଟଣା ମଧ୍ୟରୁ ୬୦.୭ ହେଉଛି ପାରିବାରିକ କାରଣ। ୭୬.୪ ପ୍ରତିଶତ ସହ ଉତ୍ତରାଖଣ୍ଡ ରହିଛି ଦେଶର ତାଲିକା ଶୀର୍ଷରେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅନ୍ତର୍ଗତ କାର୍ଯ୍ୟ କରୁଥିବା ଏନ୍‌ସିଆର୍‌ବିର ତଥ୍ୟ ଅନୁସାରେ ୨୦୨୧ ରେ ସହରାଞ୍ଚଳରେ ଆତ୍ମହତ୍ୟା ହାର ୧୩.୯ ପ୍ରତିଶତ ରହିଥିଲାବେଳେ ଦେଶରେ ଏହି ହାର ୧୦.୪ ପ୍ରତିଶତ ରହିଛି। ଏହି ବର୍ଷରେ ୫୬.୬ ପ୍ରତିଶତ ଲୋକ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲାବେଳେ ୨୫.୮ ପ୍ରତିଶତ ଲୋକ ବିଷଖାଇ, ୫.୨ ପ୍ରତିଶତ ପାଣିରେ ବୁଡ଼ି ଏବଂ ୩.୮ ପ୍ରତିଶତ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ଦେଶର ମୋଟ ଆତ୍ମହତ୍ୟା ମଧ୍ୟରୁ ୩୨.୪ ପ୍ରତିଶତ ମାମଲା ପାରିବାରିକ ସମସ୍ୟା ପାଇଁ ହୋଇଥିଲାବେଳେ ୧୭.୧ ପ୍ରତିଶତ ମାମଲା ଜଟିଳ ରୋଗ କାରଣରୁ, ୫.୫ ପ୍ରତିଶତ ବୈବାହିକ ସମସ୍ୟା କାରଣରୁ ହୋଇଛି। ୨୦୨୦ ତୁଳନାରେ ୨୦୨୧ ରେ ଆତ୍ମହତ୍ୟା ମାମଲାରେ ୩.୪ ପ୍ରତିଶତ ବୃଦ୍ଧି ଘଟିଛି। ପ୍ରତି ୧୦୦ ମାମଲାରୁ ୨୯.୮ ପ୍ରତିଶତ ମହିଳା ଏବଂ ୭୦.୨ ପ୍ରତିଶତ ପୁରୁଷ ଆତ୍ମହତ୍ୟା କରୁଛନ୍ତି। ଆତ୍ମହତ୍ୟାର ସର୍ବାଧିକ ମାମଲା ମହାରାଷ୍ଟ୍ରରେ ଦେଖିବାକୁ ମିଳିଛି। ଏଠାରେ ୨୦୨୦ ରେ ୧୮,୯୧୬ ଜଣ ଆତ୍ମହତ୍ୟା କରିଥିଲାବେଳେ ତାମିଲନାଡୁ (୧୩,୪୯୩), ପଶ୍ଚିମବଙ୍ଗ (୧୨,୬୬୫), ମଧ୍ୟପ୍ରଦେଶ (୧୨,୪୫୭), କର୍ନାଟକ (୧୧,୨୮୮) ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ଅଛନ୍ତି। ୨୦୧୭ ରେ ଓଡ଼ିଶାରେ ଆତ୍ମହତ୍ୟା ମାମଲା ୪୪୯୩ ଥିଲାବେଳେ ୨୦୧୯ ରେ ଏହା ବୃଦ୍ଧି ପାଇ ୪୫୮୨ରେ ରହିଥିଲା। ଏଥିରୁ ୨୫୯୬ ଜଣ ପୁରୁଷ ଥିଲାବେଳେ



୧୯୮୬ ଜଣ ହେଉଛନ୍ତି ମହିଳା। ପାରିବାରିକ ସମସ୍ୟା କାରଣରୁ ଆତ୍ମହତ୍ୟାର ସର୍ବାଧିକ ହାର ଉତ୍ତରାଖଣ୍ଡରେ ରହିଛି। ଏଠାରେ ୨୦୨୧ ରେ ୫୧୬ ଜଣ ଆତ୍ମହତ୍ୟା କରିଥିଲା ବେଳେ ୩୯୪ ଜଣ ଅର୍ଥାତ୍ ୭୬.୪ ପ୍ରତିଶତ ମାମଲା ପାରିବାରିକ ବିବାଦ କାରଣରୁ ଘଟିଛି। ଦ୍ୱିତୀୟରେ ଓଡ଼ିଶାରେ ମୋଟ ୪୫୮୨ ଜଣଙ୍କ ମଧ୍ୟରୁ ୨୭୭୯ଜଣ ଏହି କାରଣରୁ ଆତ୍ମହତ୍ୟା କରିଛନ୍ତି। ତୃତୀୟରେ ତ୍ରିପୁରା (୫୫.୪%) ଏବଂ ଚତୁର୍ଥରେ ରହିଛି ତାମିଲନାଡୁ (୬୮୪୩–୫୦%)। ୨୦୧୯ରେ ଓଡ଼ିଶାରେ ୫୫୮ ଜଣ ଅବିବାହିତ ଯୁବକ, ୬୧୭ ଜଣ ଅବିବାହିତ ଯୁବତୀ ଆତ୍ମହତ୍ୟା କରିଥିଲେ। ମୋଟ ଆତ୍ମହତ୍ୟା ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୨୫୯୬ ଏବଂ ମହିଳାଙ୍କ ସଂଖ୍ୟା ୧୯୮୬ ରହିଛି। ତେବେ ଚିନ୍ତାର ବିଷୟ ହେଉଛି , ପାରିବାରିକ ସମସ୍ୟା ରାଜ୍ୟରେ ବଢ଼ିବା। ତଥ୍ୟ ସୂଚାଉଛି ରାଜ୍ୟରେ ମୋଟ ଆତ୍ମହତ୍ୟାରୁ ଅଧାରୁ ଅଧିକ ହେଉଛି ଏହି କାରଣ। ବିବାହିତ ଦମ୍ପତି ପାରିବାରିକ ସମସ୍ୟାରେ ଏତେ ଛନ୍ଦି ହୋଇପଡୁଛନ୍ତି ଯେ ଆତ୍ମହତ୍ୟା ଭଳି ପନ୍ଥା ଆପଣାଇବାକୁ ବାଧ୍ୟ ହେଉଛନ୍ତି।

ମନୁଷ୍ୟର ଚେତନା ଯଦି ବ୍ୟକ୍ତିକେନ୍ଦ୍ରିକ ଓ ଆକାଶଚୁମ୍ବୀ ଆଶା ସହିତ ଜଡ଼ିତ ହୁଏ, ତେବେ ତା'ର ଚେତନା ଦେହ, ମନ, ଇନ୍ଦ୍ରିୟ, ବୁଦ୍ଧି ଭଳି ନିମ୍ନ ସ୍ତରରେ ଅଟକିଯିବା ସାର ହେବ, ଯେଉଁଠି ନୈରାଶ୍ୟ ଓ ମାନସିକ ଚାପ କବଳରେ ପଡ଼ିଯାଇ ଆତ୍ମହତ୍ୟାର ଶିକାର ହେବା ସହଜ ହେବ। ମୋଟ ଉପରେ କହିବାକୁ ଗଲେ, ପ୍ରତ୍ୟେକ ମନୁଷ୍ୟ ଆସ୍ତିକ ହେଉ ବା ନାସ୍ତିକ, ବୁଝିବା ଉଚିତ ଯେ ଜଡ଼ ଓ ଚେତନା ସମ୍ମିଶ୍ରିତ ଜୀବନ ପ୍ରକୃତିର ଏକ ଅବଦାନ, ଯାହାକୁ ସଫଳତା ଓ ବିଫଳତାର ଦ୍ୱାହିଦେଇ ଆମର ନଷ୍ଟ କରିବାର ଅଧିକାର ନାହିଁ। ଆଶା ଓ ନିରାଶା, ଦୁଃଖ ଓ ସୁଖର ଲୁଚକାଳି ଖେଳ ମଣିଷ ମନରେ ଘଟିବ ହିଁ ଘଟିବ। ସେସବୁ ଆବେଗ ସହିତ ନିଜକୁ ବାନ୍ଧି ହର୍ଷୋତ୍‌ଫୁଲ୍ଲିତ କି ନୈରାଶ୍ୟରେ ନିଜକୁ ଭସାଇ ଦେବା ଉଚିତ ନୁହେଁ। ଆଜିର ଶିକ୍ଷା ପ୍ରଣାଳୀରେ ଏପରି ଦାର୍ଶନିକ ଭାବଧାରା ସାମିଲ ହେବା ଉଚିତ। ଭାରତରେ ବି ମେଣ୍ଟାଲ ହେଲ୍‌ଥ କେୟାର ଆକ୍ଟ –୨୦୧୭ ରେ ମାନସିକ ରୋଗର ନିରାକରଣ ପାଇଁ ବିଧି ବ୍ୟବସ୍ଥା ହୋଇଛି। ସେହି ଆଇନରେ ମନୋବିଜ୍ଞାନୀମାନଙ୍କ ପରାମର୍ଶ, ସାମାଜିକ କର୍ମୀଙ୍କ ନିଯୁକ୍ତି ଭଳି ଅନେକ ପ୍ରକାର ଉତ୍ତମ ବ୍ୟବସ୍ଥା ବି ରହିଛି। ତେବେ କେବଳ ଆଇନ ଭିତରେ ଏହାକୁ ସୀମିତ ରଖିଲେ ଚଳିବନି, ସେଗୁଡ଼ିକ କାର୍ଯ୍ୟକାରୀ ହେଲେ ହିଁ ଆତ୍ମହତ୍ୟାକୁ ଟାଳିହେବ। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ନିଯୁକ୍ତି ଯେତେ ମାତ୍ରାରେ ଅଧିକ ହେବ, ସେତେ ମାତ୍ରାରେ ମହିଳାମାନଙ୍କ ଆତ୍ମହତ୍ୟା ପ୍ରବଣତାର ଅବସାନ ଘଟିବ, ଯେମିତି ଚାଇନାରେ ସମ୍ଭବ ହୋଇଛି। ଆତ୍ମହତ୍ୟାକୁ ଏକ ଉତ୍କଟ ସାମାଜିକ ବ୍ୟାଧି ଭାବରେ ଆମକୁ ଗ୍ରହଣ କରିବାକୁ ହେବ। ଏଥିପାଇଁ ସରକାରଙ୍କ ଉପରକୁ କେବଳ ଦାୟିତ୍ୱ ଖସାଇଦେଇ ଆମେ ନୀରବଦ୍ରଷ୍ଟା ସାଜିଲେ ଲାଭ ହେବ ନାହିଁ। ସରକାର, ମନୋବିଜ୍ଞାନୀ, ସାମାଜିକ କର୍ମୀ, ମନସ୍ତାତ୍ତ୍ୱିକ ପରାମର୍ଶଦାତା, ଧାର୍ମିକ ବ୍ୟକ୍ତିବିଶେଷ, ଦାର୍ଶନିକ, ବୁଦ୍ଧିଜୀବୀ ଓ ଶିକ୍ଷକଙ୍କ ଭଳି ବିଜ୍ଞଜନମାନେ ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସ୍ତରରେ ପ୍ରୟାସ କରିବା ଉଚିତ।

**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ୍, କଟକ, ମୋ–୯୧୩୨୪୩୩୩୩୩**

## ଏଇ ଭାରତରେ

ଏମିତି ଘର, ଯାହା ମାଟିରେ ରହିବ ପୁଣି ପାଣିରେ ଭାସିବ। ଏଭଳି ଏକ ଆମ୍ଫିବିୟସ (ଉଭୟ ମାଟି ଓ ପାଣିରେ ରହି ପାରୁଥିବା) ଘର ନିର୍ମାଣ କରିଛନ୍ତି କେରଳର ଦୁଇ ବନ୍ଧୁ ନନ୍ମା ଗିରିଶ ଏବଂ ବେନ୍ କେ. ଜର୍ଜ। ୨୦୧୮ରେ କେରଳରେ ପ୍ରଳୟଙ୍କରୀ ବନ୍ୟା ପରେ ଏମାନେ ଏଭଳି ଘର ନିର୍ମାଣ ଲାଗି ଯୋଜନା କରିଥିଲେ। ସେହି ବର୍ଷ 'ନେଷ୍ଟ ଆବିଡ' ଷ୍ଟାର୍ଟ ଅପ୍ ପ୍ରତିଷ୍ଠା କରି ୨୦୨୧ ସେପ୍ଟେମ୍ବରରେ ଏହାର ପ୍ରଥମ ପ୍ରତିକୃତି ନିର୍ମାଣ କରିଥିଲେ। ଏବେ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେଇଛନ୍ତି। ଏକ ଭାସମାନ କଂକ୍ରିଟ ଢାଞ୍ଚା ଉପରେ ଏହାକୁ ନିର୍ମାଣ କରାଯାଇଛି। ଏହି ଘରର ନାମ ରଖିଛନ୍ତି 'ଆମ୍ଫିବି ନେଷ୍ଟ'। ଏଭଳି ଆମ୍ଫିବିୟସ ଘର ଭାରତରେ ପ୍ରଥମେ ନିର୍ମାଣ କରିଥିବା ଏହି ଦୁଇବନ୍ଧୁ ଥିରୁଭାନନ୍ତପୁରର ବାର୍ଟନ ହିଲ୍ ଗଭର୍ନମେଣ୍ଟ ଇଞ୍ଜିନିୟରିଂ କଲେଜରୁ ଟ୍ରାନ୍ସଲେଶନାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସେମାନେ ଏଭଳି ଘର ଅଧିକ ନିର୍ମାଣ କରିବା ଲାଗି ୧୦ ଜଣଙ୍କୁ ପୂର୍ଣ୍ଣକାଳୀନ ନିଯୁକ୍ତି ଦେବା ସହ ୩୩ ଜଣଙ୍କୁ କଲ୍ କନ୍‌ସଲଣ୍ଟାଟ ଭାବେ ରଖିଛନ୍ତି। ନନ୍ମା ଓ ବେନ୍ ଏବେ ଦିଲ୍ଲୀ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିରେ ପିଏଚ୍.ଡି. କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨ ଜୁଲାଇ ୧୯୯୭**

- ରାଜନୈତିକ ଘୋଡ଼ାବେପାରକୁ ରୋକିବା ପାଇଁ ପାକିସ୍ତାନ ପାର୍ଲାମେଣ୍ଟରେ ଦଳବଦଳ ନିରୋଧ ବିଲ୍ ଗୃହୀତ।
- କାବେରୀ ବିବାଦର ସମାଧାନ ପାଇଁ କେନ୍ଦ୍ର ପକ୍ଷରୁ ପ୍ରସ୍ତୁତ କାବେରୀ ନଦୀ ପ୍ରାଧିକରଣ ଯୋଜନାକୁ କର୍ଣ୍ଣାଟକର ପ୍ରତ୍ୟାଖ୍ୟାନ।
- ହାଇଦ୍ରାବାଦର କର୍ଣ୍ଣୁଲ ଜିଲା ଅନ୍ତର୍ଗତ ଡୋରାପଲ୍ଲୀ ନିକଟରେ ଟିପ୍ପର ସହିତ ଭ୍ୟାନ୍‌ର ମୁହାଁମୁହିଁ ଧକ୍କା ଘଟି ୯ ଶିଶୁ, ୭ ମହିଳା ସମେତ ୨୦ ମୃତ।
- ମଣିପୁରର ଚୁରାଚାନ୍ଦପୁର ଜିଲା ଅନ୍ତର୍ଗତ ସିଙ୍ଗତ୍‌ମ ଓ ଜୋଉଭେଙ୍ଗ ଗ୍ରାମରେ ସଶସ୍ତ୍ର କୁକି ଉଗ୍ରପନ୍ଥୀ ଗୁଳିମାଡ଼ କରିବା ଫଳରେ ୧୧ ଜଣ ପେଇତି ନିହତ।

# ପାଠକ ଶ୍ରେଷ୍ଠ ବିଚାରକ

## ଜ୍ଞାନ ପାଇଁ ସଂରକ୍ଷଣ

ମହାଶୟ,

ଡାକ୍ତରଖାନା ଗଲେ ଡାକ୍ତର ରୋଗୀଙ୍କୁ ଚିକିତ୍ସା କରୁଛନ୍ତି। ଆମେ ବସ୍‌ରେ ଗଲାବେଳେ ଟଙ୍କା ଦେଇ ଟିକଟ କାଟି ବସ୍‌ରେ ବସି ଗନ୍ତବ୍ୟସ୍ଥଳକୁ ଯାଉଛୁ। ଦୋକାନକୁ ଗଲେ ଗରାଖ ହିସାବରେ ଦୋକାନୀ କିଣାବିକା କରୁଛନ୍ତି। ଲୋକଙ୍କଠାରୁ ବ୍ଲଡ୍ ସଂଗୃହୀତ ହୋଇ ବ୍ଲଡ୍ ବ୍ୟାଙ୍କରେ ସଂରକ୍ଷିତ ରହେ। ଏସବୁ କ୍ଷେତ୍ରରେ କୌଣସି ଜାତିର ଭୂମିକା ନ ଥାଏ। କିନ୍ତୁ ଚାକିରି କ୍ଷେତ୍ରରେ ଜାତିର ଗୁରୁତ୍ୱ ରହିଛି। ଯେଉଁମାନେ ପାଠରେ ପଛୁଆ ଓ ଯେଉଁମାନଙ୍କର ସ୍ମରଣଶକ୍ତି କମ୍ ସେମାନଙ୍କର ପାଠପଢ଼ାରେ ଉନ୍ନତି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ। ସେମାନଙ୍କୁ ମାସିକ ବୃତ୍ତି ଦିଆଯାଉ, ମାଗଣାରେ ବହି, ଖାତା, ଖାଇବା, ପୋଷାକ ଯୋଗାଇବା ସହିତ ରହିବା ପାଇଁ ହଷ୍ଟେଲର ବ୍ୟବସ୍ଥା କରାଯାଉ ଓ ପାଠ, ଚାକିରି ପାଇଁ ଅଲଗା କୋଚିଂ ଦିଆଯାଉ। କଲେଜରେ ନାମ ଲେଖାବେଳେ ମେଧା ଅନୁସାରେ ନାମ ଲେଖାଯାଉ ଓ ଚାକିରି କ୍ଷେତ୍ରରେ ମଧ୍ୟ ମେଧା ଅନୁସାରେ ନିଯୁକ୍ତି ଦିଆଯାଉ। ସଂରକ୍ଷଣରେ ନୁହେଁ, ବରଂ ଜ୍ଞାନ ଆଧାରରେ ଶିକ୍ଷା ଓ ଚାକିରି କ୍ଷେତ୍ରରେ ନିଯୁକ୍ତି ମିଳିଲେ ଦେଶ ବହୁ କ୍ଷେତ୍ରରେ ଆଗକୁ ବଢ଼ିପାରନ୍ତା। ମେଧାବୀ ପିଲାମାନେ ଅନ୍ୟ ଦେଶକୁ ଚାକିରି ପାଇଁ ଯିବାକୁ ଆଗ୍ରହ ପ୍ରକାଶ କରନ୍ତେ ନାହିଁ। ସଂରକ୍ଷଣ ବ୍ୟବସ୍ଥାର ପୁନର୍ବିଚାର କରାଯାଉ। ସରକାର ଏ ବିଷୟରେ ଗମ୍ଭୀରତାର ସହ ବିଚାର କରନ୍ତୁ।

**–ଚକ୍ରଧର ରାଉତ, ପତ୍ରୁଆଁପଦା, ବାଲେଶ୍ୱର**

## ଚିରନ୍ତନୀ

ଆଜି ପୁଣି ଧୀରେ ଧୀରେ ଉଭା ହେଲା ତେସନେ
ଶୁଭ୍ର ଶୋଭାର ଢେଉ ବୁଣି ଦେଇ ବସନେ
ମୃଦୁ ମଧୁ ହାସ ଲେଖି ସଜ ଓଠ ତଟରେ
କସିଦେଇ ଏ ପରାଣ ଅକାରଣ କକ୍ଷଣେ !

–(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଥିରୁଭାନନ୍ତପୁରମସ୍ଥିତ ସିପିଆଇ(ଏମ୍) ରାଜ୍ୟ ମୁଖ୍ୟାଳୟ ଉପରେ ଆକ୍ରମଣ ଘଟଣାକୁ ବିରୋଧ କରି ଡିୱାଇଏଫ୍ଆଇ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ।

# ଦ୍ରୌପଦୀ ମୁର୍ମୁଙ୍କୁ ଅକାଳୀ ଦଳର ସମର୍ଥନ

**ଚଣ୍ଡିଗଡ଼,୧।୭:** ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଭାଜପାର ପୂର୍ବତନ ସହଯୋଗୀ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ସମର୍ଥନ କରିବ। ଏନେଇ ଏସ୍‌ଏଡି ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏସ୍‌ଏଡି ମୁଖ୍ୟ ସୁଖବୀର ସିଂ ବାଦଲଙ୍କୁ ଭେଟିବା ପରେ ଦୌପଦୀଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ସୁଖବୀର ଗଣମାଧ୍ୟମକୁ କହଛନ୍ତି, କେନ୍ଦ୍ରର ୩ କୃଷି ଆଇନକୁ ବିରୋଧ କରି ଏବଂ ଶିଖ୍ ବନ୍ଦୀଙ୍କ ମୁକ୍ତି ଦାବି ଭଳି ପ୍ରସଙ୍ଗରେ ଭାଜପା ସହ ଆମର ମତଭେଦ ରହିଛି। କିନ୍ତୁ ଅକାଳୀ ଦଳ ସବୁବେଳେ ସମାଜର ଦୁର୍ବଳ ବର୍ଗ ପାଇଁ କାମ କରିଆସିଛି। ଦ୍ରୌପଦୀ ଜଣେ ଗରିବ ପରିବାରର ମହିଳା। ସେ ରାଷ୍ଟ୍ରପତି ହେବାକୁ ସୁଯୋଗ ପାଇଛନ୍ତି। ତେଣୁ ଏହି ପ୍ରସଙ୍ଗରେ ରାଜନୈତିକ ମଦଭେଦକୁ ଭୁଲି ଆମେ ଦ୍ରୌପଦୀଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଦେବୁ।

# 'ଭଙ୍ଗା, ଗଢ଼ା ପୁରୁଣା ହୋଇଯାଇଛି'

**ମୁମ୍ବାଇ,୧।୭:** ମହାରାଷ୍ଟ୍ରରେ ଲାଗି ରହିଥିବା ଅସ୍ଥିରତା ମଧ୍ୟରେ ନୂଆ ସରକାର ଗଠନକୁ ନେଇ ଶିବସେନା ନେତା ତଥା ଏମ୍‌ପି ସଞ୍ଜୟ ରାଉତ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଭାଙ୍ଗିବା ଗଢ଼ିବା ଆମ ପାଇଁ ପୁରୁଣା କଥା ହୋଇଯାଇଛି। ଏବେ ମହାରାଷ୍ଟ୍ରରେ ନୂଆ ସରକାର ଗଠନ ହୋଇଛି। ନୂଆ ସରକାର ଭାରତୀୟ ଜନତା ପାର୍ଟି(ଭାଜପା) ସହ ଏକ ଚୁକ୍ତି କରିଛି ଓ ଦଳୀୟ ମୁଖ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇଛି। ଦେଶରେ ଏଭଳି ଘଟଣା ଅନେକ ଥର ଘଟିଛି ତେଣୁ ଏହା କିଛି ନୂଆ କଥା ନୁହେଁ। ଆମେ ନୂଆ ସରକାରଙ୍କୁ ଶୁଭେଚ୍ଛା ଜଣାଉଛୁ। ଏହା ପୂର୍ବରୁ ସଞ୍ଜୟ ରାଉତ ଶୁକ୍ରବାର ଇଡିରେ ହାଜର ହେବାର ଥିଲା। ତେଣୁ ଏହା ପୂର୍ବରୁ ସେ ଟୁଇଟ କରି ଶିବସେନା କର୍ମୀଙ୍କୁ କହିଥିଲେ ଏ ନେଇ କେହି ବ୍ୟସ୍ତ ହେବା ଆବଶ୍ୟକ ନାହିଁ। ମୁଁ ଜଣେ ନାଗରିକ ସହ ଜଣେ ଏମପି, ମୁଁ ଇଡି ନିକଟରେ ନିଶ୍ଚିତ ଭାବେ ହାଜର ହେବି। ଯେତେବେଳେ ଉଦ୍ଧବ ଠାକରେ ସରକାର ଆସିଥିଲା ସେତେବେଳେ ଭାଜପା କହିଥିଲା ଏ ସରକାର ଆମକୁ ଅଡୁଆରେ ପକାଇବ। ହେଲେ ଆମେ ସେମିତି କିଛି କରିବୁ ନାହିଁ। ସେମାନଙ୍କୁ ସୁଯୋଗ ଦେବୁ ଜନତାଙ୍କ ପାଇଁ କାମ କରିବାକୁ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
କେରଳ ପଞ୍ଚକର୍ମ ଆୟୁର୍ବେଦ କ୍ଲିନିକ୍ ପାଇଁ ସ୍ତ୍ରୀଲୋକ ଓ ଝିଅପିଲା ଆବଶ୍ୟକ। ରହିବା ଖାଇବା ସୁବିଧା ଅଛି।
8280782305

WANTED
LADY OFFICE ASST.
NAKHARA, CUTTACK
FREE ACCOMMODATION
FREE FOODING, 10000 to 15000+ bonus etc.
7809525452

See Career Appointment on every Wednesday & Saturday

URGENTLY REQUIRES
FOR TECHNICAL JOB
B.TECH ONLY
EXEL OPERATOR
FOR FEMALE ONLY
8480868087
(WhatsApp)

# ଭାଜପାରେ ମିଶିବେ ଅମରିନ୍ଦର ସିଂ

**ଚଣ୍ଡିଗଡ଼,୧।୭**

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ ଅମରିନ୍ଦର ସିଂ ଖୁବ୍‌ଶୀଘ୍ର ଭାଜପାରେ ଯୋଗଦେବେ। ୮ ମାସ ତଳେ ସେ କଂଗ୍ରେସ ଛାଡ଼ି ଗଢ଼ିଥିବା ପଞ୍ଜାବ ଲୋକ କଂଗ୍ରେସର ବିଲୟ ଘଟିବ ଭାଜପାରେ। ୮୦ ବର୍ଷୀୟ ଅମରିନ୍ଦର ସିଂ ଅସ୍ତ୍ରୋପଚାର ପାଇଁ ଲଣ୍ଡନରେ ଅଛନ୍ତି। ଆସନ୍ତା ସପ୍ତାହରେ ସେ ଫେରିବା ପରେ ଭାଜପାରେ ଯୋଗଦେବେ ବୋଲି ଜଣାପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅମରିନ୍ଦରଙ୍କୁ ଫୋନ୍ କରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ପ୍ରକାଶ ଯେ, ଅମରିନ୍ଦର ୫ ଦଶନ୍ଧି ଧରି କଂଗ୍ରେସରେ ଥିଲେ। ଗତବର୍ଷ ତତ୍କାଳୀନ ପଞ୍ଜାବ କଂଗ୍ରେସ ସଭାପତି ନବଜୋତ ସିଂ ସିଦ୍ଧୁଙ୍କ ଯୋଗୁ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ହରାଇବାକୁ ପଡ଼ିବାରୁ ସେ ଦଳ ଛାଡ଼ିଥିଲେ।

# ବିରୋଧୀଙ୍କ ନେତୃତ୍ୱକୁ ନେଇ ବଢ଼ୁଛି ଚର୍ଚ୍ଚା

## ଆଜି ବିଜେଡି, କଂଗ୍ରେସର ବିଧାୟକ ଦଳ ବୈଠକ

- ଗ୍ରହଣ ହୋଇନି ନରସିଂହଙ୍କ ଇସ୍ତଫାପତ୍ର: ତାରା
- ବିରୋଧୀ ଦଳ ନେତା ବଦଳିବା କେନ୍ଦ୍ରର ଦାୟିତ୍ୱ: ଗୋଲକ

**ଭୁବନେଶ୍ୱର,୧।୭(ବ୍ୟୁରୋ)**

ବିଧାନସଭା ମୌସୁମୀ ଅଧିବେଶନ ଶନିବାରଠାରୁ ଆରମ୍ଭ ହେବ। ଏହା ଏକ ମାସ ଧରି ଚାଲିବ। ଏହି ଅଧିବେଶନରେ ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ବଜେଟ ଆଣିବାକୁ ଯାଉଛନ୍ତି। ଏହା ସହ ବିରୋଧୀଙ୍କୁ ସମ୍ମୁଖୀନ ହେବା ସକାଶେ ଶାସକ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଉଛି। ଅନ୍ୟପଟେ ବିରୋଧୀ ମଧ୍ୟ ଶାସକ ଦଳକୁ ଘେରିବାକୁ ଯୋଜନା କରୁଛନ୍ତି। ହେଲେ ବିରୋଧୀଙ୍କ ଏହି ଯୋଜନା କାମ ଦେବନାହିଁ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

ଗୋଟିଏ ପଟେ ଦୀର୍ଘ ବର୍ଷେରୁ ଅଧିକ ଦିନ ହୋଇଗଲା ବିରୋଧୀ ଦଳ ନେତା ଗୃହରେ ସ୍ୱାସ୍ଥ୍ୟଗତ କାରଣରୁ ଅନୁପସ୍ଥିତ ରହୁଛନ୍ତି; ଯେଉଁଥିଲାଗି ବିରୋଧୀ ସେମାନଙ୍କ ରଣନୀତି ତିଆରି କରିବାରେ ବିଫଳ ହେଉଥିବା ଭାଜପା ବିଧାୟକମାନେ ମତ ରଖିସାରିଛନ୍ତି। ଅନ୍ୟପଟେ କଂଗ୍ରେସ ବିଧାୟକ ଦଳ ନେତା ପଦରୁ ନରସିଂହ ମିଶ୍ର ଇସ୍ତଫା ଦେଇସାରିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ମୁଖ୍ୟ ସଚେତକ ପଦରୁ ତାରାପ୍ରସାଦ ବାହିନୀପତି ଇସ୍ତଫା ଦେଇଛନ୍ତି। ତାରା ଏକଥାକୁ ସ୍ୱୀକାର କରିସାରିଛନ୍ତି। ଏଭଳି ସ୍ଥିତିରେ ବିରୋଧୀ ଦଳଗୁଡ଼ିକର ନେତାମାନେ ସେମାନଙ୍କ ପଦରୁ ଇସ୍ତଫା ଦେବାପରେ ପରବର୍ତ୍ତୀ ରଣନୀତି କ'ଣ ହେବ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ତେବେ ଏଭଳି ସ୍ଥିତିରେ କଂଗ୍ରେସର ଜଣେ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ୩ ଥର ଇସ୍ତଫା ଦେଇଥିବା ନେଇ ଘୋଷଣା କରିଥିଲେ। ହେଲେ ତାହା କ'ଣ କିଛି କାର୍ଯ୍ୟକାରୀ ହେଲା ? ତାଙ୍କ ଇସ୍ତଫାପତ୍ର ଗ୍ରହଣ ହୋଇ ନାହିଁ କହି ସେ ଦାୟିତ୍ୱ ତୁଲାଇ ଚାଲିଲେ। ସେମିତି ଯଦି ନରସିଂହ ମିଶ୍ର ବିଧାୟକ ଦଳ ବୈଠକରେ ନେତୃତ୍ୱ ନେବାକୁ ମନା କରନ୍ତି ତେବେ ଯାଇ ଜଣାପଡ଼ିବ ସେ ଦାୟିତ୍ୱ ତୁଲାଇବାକୁ ଆଗ୍ରହୀ ନା ନାହିଁ। ଯେମିତି ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ଅଧ୍ୟକ୍ଷ ପଦରୁ ରାହୁଲ ଗାନ୍ଧୀ ଇସ୍ତଫା ଦେବାପରେ ଆଉ ଦାୟିତ୍ୱ ନେବାକୁ ମନା କରିଦେଲେ। ଫଳରେ ସୋନିଆ ଗାନ୍ଧୀଙ୍କୁ ଦଳର ନେତୃତ୍ୱ ନେବାକୁ ବାଧ କରାଗଲା। ଶେଷରେ ସେ ତାହା ତୁଲାଉଛନ୍ତି। ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ନରସିଂହ ମିଶ୍ର ଇସ୍ତଫା ଦେବା କଥା ସେ କେବେ ମଧ୍ୟ କହିନାହାନ୍ତି। ଆଉ ଜଣେ ବିଧାୟକ ଏ ବିଷୟରେ କହିଥିଲେ, ଆସନ୍ତା ୨ ତାରିଖ ପୂର୍ବାହ୍ନ ୧୦ଟା ସମୟରେ ବିଧାୟକ ଦଳ ବୈଠକ ନରସିଂହ ବାବୁ ଡାକିଛନ୍ତି। ତାଙ୍କ ଇସ୍ତଫାପତ୍ର ମଧ୍ୟ କେହି ପାଇନାହାନ୍ତି। କେବଳ ଆଲୋଚନା ହେଲେ କିଛି ହେବ ନାହିଁ ବୋଲି ସେ କହିଛନ୍ତି। ବିଧାୟକ ବାହିନୀପତି କହିଛନ୍ତି, ବିଧାୟକ ଦଳ ବୈଠକ ନରସିଂହ ମିଶ୍ରଙ୍କ ନେତୃତ୍ୱରେ ହେବ। ସେ ଦେଇଥିବା ଇସ୍ତଫାପତ୍ର ଗ୍ରହଣ କରାଯାଇ ନ ଥିବା ତାରା କହିଛନ୍ତି। ସେହିପରି ଭାଜପା ବିଧାୟକ ଦଳ ନେତା ବିଧାନସଭା ଅଧିବେଶନ ପୂର୍ବରୁ ବଦଳିବେ ବୋଲି ଦଳର କେତେଜଣ ବିଧାୟକ, ବିଧାୟିକା କହିଥିଲେ। ଦୀର୍ଘଦିନ ହେଲା ପବ୍ଲିକ ଆକାଉଣ୍ଟସ୍ କମିଟି ବୈଠକ ବସିପାରୁ ନାହିଁ। ଏହି କମିଟିର ଅଧ୍ୟକ୍ଷ ବିରୋଧୀ ଦଳ ନେତା ହୋଇଥିବାରୁ ଏହା ଅନୁଷ୍ଠିତ ହୋଇପାରୁନାହିଁ। ଫଳରେ ବିରୋଧୀ ନିଜ ରଣନୀତି ପ୍ରସ୍ତୁତ କରିପାରୁ ନ ଥିବା ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ମଧ୍ୟ କହିଥିଲେ। ଏହାସହ ବିଧାନସଭା ଅଧିବେଶନ ବସିବା ଆଗରୁ ନୂଆ କାହାକୁ ବିରୋଧୀ ଦଳ ନେତା ପଦବୀ ମିଳିବ ବୋଲି କେତେଜଣ ବିଧାୟକ ଯୁକ୍ତି ରଖିଥିଲେ। ହେଲେ ଏଯାଏଁ ତାହା ହେଲା ନାହିଁ। ତେବେ ବିରୋଧୀ ଦଳ ନେତା ପଦରେ ନୂଆ କାହାକୁ ଦାୟିତ୍ୱ ମିଳୁନାହିଁ ବୋଲି ଜଣେ ବିଧାୟକ କହିଛନ୍ତି। ଅପରପକ୍ଷରେ ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଛନ୍ତି, ବିରୋଧୀ ଦଳ ନେତା ବଦଳାଇବା କେନ୍ଦ୍ରର ଦାୟିତ୍ୱ। ଏହାସହ ବୁଧବାର ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଥିବା ସେ ସୂଚନା ଦେଇଛନ୍ତି। ସେହିପରି ଶନିବାର ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ।

ଇଂସ୍ଟୀଟ୍ୟୂଟ ଑ଫ ବୈଂକିଂଗ ପର୍ସୋନେଲ ସିଲେକ୍ଶନ
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS
In assessment, India trusts us
Scan to visit Website
ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ

## ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କ୍ଲର୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି କ୍ଲର୍କସ୍-XII ୨୦୨୩-୨୪ର ଖାଲି ପଦବୀ ନିମନ୍ତେ)

ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କ୍ଲରିକାଲ୍ କ୍ୟାଡର ପଦବୀଗୁଡ଼ିକ ନିମନ୍ତେ କର୍ମଚାରୀ ଚୟନ ଲାଗି ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ସେପ୍ଟେମ୍ବର ୨୦୨୨ ଏବଂ ଅକ୍ଟୋବର ୨୦୨୨ରେ ଅନୁଷ୍ଠିତ ହେବା ସମ୍ଭାବନା ରହିଛି।

କାର୍ଯ୍ୟକ୍ରମଗୁଡ଼ିକର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଅନ୍-ଲାଇନ୍ ପଞ୍ଜୀକରଣ, ପ୍ରାର୍ଥୀଙ୍କ ଦ୍ୱାରା ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ | ୦୧।୦୭।୨୦୨୨ରୁ ୨୧।୦୭।୨୦୨୨ |
| ଦରଖାସ୍ତ ଦେୟ/ଇଣ୍ଟିମେଶନ୍ ଦେୟ ପୈଠ (ଅନ୍‌ଲାଇନ୍) | ୦୧।୦୭।୨୦୨୨ରୁ ୨୧।୦୭।୨୦୨୨ |
| ପ୍ରାକ୍-ପରୀକ୍ଷା ତାଲିମ ଲାଗି କଲ୍ ଲେଟର ଡାଉନ୍‌ଲୋଡ୍* | ଅଗଷ୍ଟ ୨୦୨୨ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ* | ଅଗଷ୍ଟ ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ଅଗଷ୍ଟ ୨୦୨୨ |
| **ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି** | **ସେପ୍ଟେମ୍ବର ୨୦୨୨** |
| ଅନ୍‌ଲାଇନ୍ ପରୀକ୍ଷା–ପ୍ରିଲିମିନାରିର ପରୀକ୍ଷାଫଳ | ସେପ୍ଟେମ୍ବର /ଅକ୍ଟୋବର ୨୦୨୨ |
| ଅନ୍‌ଲାଇନ୍ ପରୀକ୍ଷା–ମେନ୍ ନିମନ୍ତେ କଲ୍ ଲେଟର୍ ଡାଉନ୍‌ଲୋଡ୍ | ସେପ୍ଟେମ୍ବର /ଅକ୍ଟୋବର ୨୦୨୨ |
| **ଅନ୍‌ଲାଇନ୍ ପରୀକ୍ଷା - ମେନ୍** | **ଅକ୍ଟୋବର ୨୦୨୨** |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୩ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ

ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।

ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।

ମୁମ୍ବାଇ
ତାରିଖ: ୦୧।୦୭।୨୦୨୨ — ନିର୍ଦ୍ଦେଶକ

**ଜନ୍ମଦିନ ଶୁଭେଚ୍ଛା**



**ଶିବାଂଶୀ ମଲ୍ଲିକ (ସିଦ୍ଧି)**

ଆଜି ତୋର ପଞ୍ଚମ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ, ଏତିକି କାମନା।

ଶୁଭେଚ୍ଛା ସହ: ଜେଜେବାପା, ଜେଜେମାଆ, ବାପା, ମାଆ, ବଡ଼ବାପା, ବଡ଼ମାଆ, ଦାଦା, ଖୁଡ଼ୀ, ଅଜା, ଆଈ, ମାମୁ, ମାଉସୀ ଏବଂ ବନ୍ଧୁ ପ୍ରିୟଜନବର୍ଗ।

ଧ-୮୭୫

**ଜନ୍ମଦିନ ଶୁଭେଚ୍ଛା**



**ସମିମ୍ ଅକ୍‌ତର ଖାନ୍ (ଲାଲୁ)**

ସ୍ଥାନ: ପିପିଲି, ବଡ଼ବସ୍ତି, ୱାର୍ଡ ନଂ.–୨

ଅଲ୍ଲା ଆପଣଙ୍କ ଜୀବନକୁ ସବୁବେଳେ ସୁଖମୟ କରନ୍ତୁ। ଆପଣଙ୍କ ଜୀବନର ସବୁ ଦୁଃଖ କଷ୍ଟ ଦୂର ହେଉ, ସାରା ଜୀବନ ଆପଣଙ୍କର ଖୁସିରେ ଭରିଯାଉ।

ଶୁଭେଚ୍ଛା ସହ: ମା', ବାପା, ଭାଇ, ଭଉଣୀ, କ୍ୱାଇଁ ଓ ପରିବାରବର୍ଗ।

ଧ-୮୮୩

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403341

# ୨୫ ହଜାର ୟୁନିଟ୍ ରକ୍ତ ସଂଗ୍ରହ କରିବ ବିଜୁ ଯୁବଛାତ୍ର ଜନତା ଦଳ

### ଜୀବନବିନ୍ଦୁ ଶିବିର

**ଭୁବନେଶ୍ୱର,୧।୭(ବ୍ୟୁରୋ):** ଆସନ୍ତା ଡିସେମ୍ବର ୨୬ରେ ବିଜୁ ଜନତା ଦଳର ୨୫ତମ ପ୍ରତିଷ୍ଠା ଦିବସ ପାଳନ ହେବ। ଏହା ପୂର୍ବରୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଜୀବନବିନ୍ଦୁ ରକ୍ତଦାନ ଶିବିର ମାଧ୍ୟମରେ ୨୫,୦୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯିବ। ଏ ନେଇ ଶୁକ୍ରବାର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଭର୍ଚୁଆଲ ପ୍ଲାଟ୍‌ଫର୍ମ ଜରିଆରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ବୈଠକରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନ ସହ ରାଜ୍ୟର ପଞ୍ଚାୟତ ତଥା ମ୍ୟୁନିସିପାଲିଟି, ଏନ୍‌ଏସିର ପ୍ରତ୍ୟେକ ୱାର୍ଡରେ ୨୫ଟି ଲେଖାଏ ବୃକ୍ଷରୋପଣ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ (ଯୁବଛାତ୍ର ବ୍ୟାପାର) ତଥା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ପଞ୍ଚାୟତ ଏବଂ ପୌର ନିର୍ବାଚନ ସଫଳତା ପାଇଁ ସମସ୍ତ ଯୁବ ଛାତ୍ରଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ବିଜେଡିର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସଭାପତିଙ୍କ ମାର୍ଗଦର୍ଶନରେ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ନିଆଯାଇଥିବା ସମସ୍ତ ସାମାଜିକ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଛନ୍ତି। ବୈଠକରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟ ସଭାପତିତ୍ୱ କରିଥିଲେ।

# ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ତମାଳଲତା ରଥ**
୨୬୭/୩୩୫୫, ଜୟଦେବ ବିହାର
ତିରୋଧାନ: ୧୮।୦୭।୨୦୧୫

ବୋଉ, ଆଜି ତୁମ୍ଭର ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୁମ୍ଭ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ତୁମ୍ଭର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ୍ଭମାନଙ୍କ ପ୍ରତି ସର୍ବଦା ଅତୁଟ ରହିଥାଉ।

ଶୋକସନ୍ତପ୍ତ ପରିବାରବର୍ଗ।
ଧ-୮୭୦

**୨୨ ତମ ଶ୍ରାଦ୍ଧ ବାର୍ଷିକୀ**



**✓ ନମିତା ଧଳ**
ସ୍ୱାମୀ ✓ଇଂ. ପୀତାମ୍ବର ଧଳ
ଶହୀଦନଗର, ଭୁବନେଶ୍ୱର

ଯାହାଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ସେବା ସବୁଦିନ ପାଇଁ ପରିବାର ର ପ୍ରତ୍ୟେକଙ୍କ ପାଇଁ ଆଦର୍ଶ ଓ ପ୍ରେରଣା ହୋଇ ରହିବ।

ବିକ୍ରମ ଧଳ ଓ ପରିବାରବର୍ଗ
ଧ-୭୧୭୪୫

**୧୬ ତମ ଶ୍ରାଦ୍ଧବାର୍ଷିକୀ**



**✓ ଦିଲୀପ ମିଶ୍ର**
୧୮୫, ଜନପଥ,ଭୁବନେଶ୍ୱର
ଆର୍ବିଭାବ: ତା ୨୧.୦୯.୧୯୪୦
ତିରୋଧାନ: ତା ୨୭.୦୬.୨୦୦୬
(ଶ୍ରୀ ଗୁଣ୍ଡିଚା)

ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ : ବନ୍ଧୁ ଓ ପରିବାର ବର୍ଗ
ଧ-୮୮୦

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**୧୩ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ବିଦ୍ୟୁଲତା ମହାପାତ୍ର**
A/94, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୯।୧୧।୧୯୩୮
ତିରୋଧାନ: ୨୫।୦୬।୨୦୦୯

ମାଆ, ତୁମ ଦେହାବସାନର ୧୩ବର୍ଷ ବିତି ଯାଇଛି। ତୁମ୍ଭର ଆଦର୍ଶ, ସ୍ନେହ, ଶ୍ରଦ୍ଧା, ଅସୀମ ତ୍ୟାଗ, ଭଲପାଇବା, ମିଷ୍ଟ ବ୍ୟବହାର, ପରୋପକାରିତା, ସରଳତା, ଆମ ପରିବାର ପ୍ରତି ସର୍ବଦା ଅକ୍ଷୁଣ୍ଣ ରହୁ। ତୁମ ଅମର ଆତ୍ମା ଶାନ୍ତିରେ ରହୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ଦିଲ୍ଲୀପ, ଦୀପକ, ଆଲୋକ (ପୁତ୍ର), ଶୁଭ୍ରା, ସବିତା, ସିନାଲୀ (ପୁତ୍ରବଧୂ), ଲୀନା, ସଂଗ୍ରାମ (କନ୍ୟା ଓ ଜାମାତା), ନାତି, ନାତୁଣୀ, ଅଣନାତୁଣୀ ଓ ମହାପାତ୍ର ପରିବାରବର୍ଗ।
ଧ-୭୧୦୩୭




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

दिल्ली सरकार
आप की सरकार

# ଆପଣ ଭାରତର ପରବର୍ତ୍ତୀ ଅଲିମ୍ପିକ୍ ପଦକ ବିଜେତା ହେବାର ସ୍ୱପ୍ନ ଦେଖୁଛନ୍ତି କି?

# ଦିଲ୍ଲୀ ସ୍ପୋର୍ଟସ୍ ୟୁନିଭର୍ସିଟି

ଆରମ୍ଭ କରିବାକୁ ଯାଉଛି ନିଜର ପ୍ରଥମ ଆବାସିକ

# ଦିଲ୍ଲୀ ସ୍ପୋର୍ଟସ୍ ସ୍କୁଲ

ଏଠି ଖେଳ ହିଁ ପାଠପଢ଼ା ଅଟେ



## ଭାରତର ପ୍ରତିଭାବାନ ପିଲାମାନଙ୍କୁ ଚୟନ କରିବା ପାଇଁ

# ପଞ୍ଜୀକରଣ ଆରମ୍ଭ

### ମୁଖ୍ୟ ବୈଶିଷ୍ଟ୍ୟାବଳୀ:

- କ୍ରୀଡ଼ା ପାଇଁ ସମର୍ପିତ ଦିଲ୍ଲୀର ପ୍ରଥମ ମାଗଣା ସହ-ଶିକ୍ଷା ବିଦ୍ୟାଳୟ, ବାଳକ ଓ ବାଳିକାଙ୍କ ପାଇଁ ପୃଥକ୍ ଆବାସିକ ସୁବିଧା ସହିତ ।
- କ୍ରୀଡ଼ା ଶିକ୍ଷାରେ ଉତ୍କୃଷ୍ଟତା ପାଇଁ ଏ ଧରଣର ପ୍ରଥମ ସ୍କୁଲ-ବିଶ୍ୱବିଦ୍ୟାଳୟ ଏକୀକୃତ ସଂସ୍ଥାନ ।
- 10 ଅଲିମ୍ପିକ ଖେଳ ପାଇଁ ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଏବଂ ପ୍ରଶିକ୍ଷଣ ସୁବିଧା ।
- କ୍ରୀଡ଼ା ପ୍ରଦର୍ଶନ ଉପରେ ପ୍ରମୁଖ ଧ୍ୟାନ ସହିତ ବିଶେଷ କ୍ରୀଡ଼ା ଏକୀକୃତ ଶିକ୍ଷାଗତ ପାଠ୍ୟକ୍ରମ ।
- ଦିଲ୍ଲୀ ସ୍ପୋର୍ଟସ୍ ୟୁନିଭର୍ସିଟି (DSU) ଦ୍ୱାରା ସଞ୍ଚାଳିତ ଏବଂ ପରିଚାଳିତ - ଦିଲ୍ଲୀ ସ୍ପୋର୍ଟସ୍ ସ୍କୁଲର ଛାତ୍ର DSUରେ ନିଜର କ୍ରୀଡ଼ା ଯାତ୍ରାକୁ ଜାରି ରଖିପାରିବେ ।
- ସ୍କୁଲରୁ ଅଲମ୍ପିକ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କ୍ରୀଡ଼ା ଯାତ୍ରାର ଖର୍ଚ୍ଚ ଦିଲ୍ଲୀ ସ୍ପୋର୍ଟସ୍ ୟୁନିଭର୍ସିଟି ଦ୍ୱାରା ବହନ କରାଯିବ ।

DIP/Shabdarth/D/0046/22-23

## ଶିକ୍ଷାବର୍ଷ 2022-23ରେ ଷଷ୍ଠରୁ ନବମ ଶ୍ରେଣୀର ପିଲାଙ୍କ ନାମଲେଖା

- ସାରା ଭାରତରୁ କ୍ରୀଡ଼ାରେ ପ୍ରତିଭାବାନ ପିଲାଙ୍କୁ ଚୟନ କରିବାର ପ୍ରକ୍ରିୟା 22.06.2022ରୁ 05.07.2022 ପର୍ଯ୍ୟନ୍ତ ଚାଲିବ।
- **ପ୍ରଥମ ପର୍ଯ୍ୟାୟ:** ପ୍ରତିଭାବାନ ପିଲାଙ୍କୁ ଚୟନ କରିବା ପାଇଁ ବିଭିନ୍ନ ରାଜ୍ୟରେ ଶିବିର ଆୟୋଜନ କରାଯିବ ।
- **ଦ୍ୱିତୀୟ ପର୍ଯ୍ୟାୟ:** ଦିଲ୍ଲୀରେ ସିଲେକ୍ସନ୍ ଟ୍ରାୟଲ୍ କରାଯିବ ।
- **ତୃତୀୟ ପର୍ଯ୍ୟାୟ:** ଚୂଡ଼ାନ୍ତ ନାମଲେଖା ପରେ ମେଡିକାଲ ପରୀକ୍ଷା କରାଯିବ ।
- ପଞ୍ଜୀକରଣ ଫର୍ମ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଟେ - http://dsu.ac.in/registration/

*ଏହା ଦିଲ୍ଲୀ ସ୍ପୋର୍ଟସ୍ ସ୍କୁଲରେ ନାମଲେଖା ପାଇଁ ଏକ ପ୍ରସ୍ତାବ ନୁହେଁ ।



ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ (ଦିଲ୍ଲୀ ସ୍ପୋର୍ଟସ୍ ୟୁନିଭର୍ସିଟି), ଜାତୀୟ ରାଜଧାନୀ କ୍ଷେତ୍ର, ଦିଲ୍ଲୀ ସରକାର

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁଲାଇ ୨/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Saturday, July 2/2022 | Page 16 | ପୃଷ୍ଠା-୧



## ନୀରଜଙ୍କ ନୂଆ ଜାତୀୟ ରେକର୍ଡ

ଡାଇମଣ୍ଡ ଲିଗ୍ ମିଟ୍‌ରେ ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ନିଜ ଜାତୀୟ ରେକର୍ଡକୁ ଭଙ୍ଗ କରିଛନ୍ତି।

୦୮

୦୭

## ଅଭିନୟ କଲେ, ଗୀତ ବି ଗାଇଲେ

ଫିଲ୍ମ 'ଏକ୍ ଭିଲେନ୍ ରିଟର୍ନସ୍'ରେ ବଲିଉଡ୍ ନାୟିକା ତାରା ସୁତାରିଆ ଅଭିନୟ କରିବା ସହ ଗୀତ ମଧ ଗାଇଛନ୍ତି।





ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

# ଆଜି ପୂର୍ଣ୍ଣାଙ୍ଗ ବଜେଟ

ଭୁବନେଶ୍ୱର, ୧୭(ବ୍ୟୁରୋ)

■ ଜୁଲାଇ ୩୦ରେ ବ୍ୟୟମଞ୍ଜୁରୀ ବିଲ୍

■ ୨୪ କାର୍ଯ୍ୟଦିବସ

■ ସରକାରଙ୍କୁ ଘେରିବାକୁ ବିରୋଧୀ ପ୍ରସ୍ତୁତ

■ ଚାଷ, ପାନୀୟ ଜଳ ହେବ ମୁଖ୍ୟ ପ୍ରସଙ୍ଗ

ବିଧାନସଭା ମୌସୁମୀ ଅଧିବେଶନ ଶନିବାରଠାରୁ ଆରମ୍ଭ ହେବ। ଏହିଅଧିବେଶନ ଜୁଲାଇ ୨ରୁ ଅଗଷ୍ଟ ୪ ଯାଏ ଚାଲିବ। ଏଥିରେ ମୋଟ ୨୪ଟି କାର୍ଯ୍ୟଦିବସ ରହିଛି। ପ୍ରଥମ ଦିବସରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ହେବ। ଜୁଲାଇ ୫ ଓ ୬ରେ ବଜେଟ ଉପରେ ଆଲୋଚନା ହେବ। ଜୁଲାଇ ୭ରୁ ୧୨ ଅଧିବେଶନ ବନ୍ଦ ରହିବ। ୧୩ ତାରିଖରେ ବିଧାନସଭାରେ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପନ ହେବ। ଜୁଲାଇ ୧୪ରୁ ୨୯ ଯାଏ ବିଭିନ୍ନ ବିଭାଗର ଖର୍ଚ୍ଚଦାବି ଉପରେ ଆଲୋଚନା ହେବ। କୋଭିଡ୍ ପରେ ପ୍ରଥମ ଥର ଲାଗି ଲମ୍ବା ଅଧିବେଶନ ଚାଲିବ।



ଚଳିତ ଅଧିବେଶନ ବେଶ୍ ସରଗରମ ହେବ। ଦୀର୍ଘଦିନ ଗୃହ ଚାଲୁଥିବାରୁ ବିଭିନ୍ନ ପ୍ରସଙ୍ଗ ଉଠାଇବାକୁ ବିରୋଧୀଙ୍କୁ ମୌକା ମିଳିବ। ପୁରୁଣା ଓ ନୂଆ ପ୍ରସଙ୍ଗକୁ ନେଇ ଶାସକ ଦଳକୁ ଘେରିବାକୁ ବିରୋଧୀ ଦଳ ରଣନୀତି ପ୍ରସ୍ତୁତ କରିଛନ୍ତି।

ଭାଜପା ବିଧାୟକ ଦଳ ବୈଠକ ଶେଷ ହୋଇଥିବା ବେଳେ ଶନିବାର ପୂର୍ବାହ୍ନରେ ଉଭୟ କଂଗ୍ରେସ ଓ ବିଜେଡିର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟ ବିରୋଧୀ ଦଳ ଭାଜପା ଆଇନଶୃଙ୍ଖଳା, ଚାଷୀ, ବେକାରି, ପୁଞ୍ଜିନିବେଶ ଆଦି ପ୍ରସଙ୍ଗ ଉଠାଇବାକୁ ନିଷ୍ପତ୍ତି ନେଇଛି। ସେହିପରି କଂଗ୍ରେସ ଗ୍ରାମାଞ୍ଚଳରେ ପାନୀୟ ଜଳ, ବର୍ଷା ଅଭାବରୁ ଚାଷୀ ଓ ଚାଷ ସମସ୍ୟା, ସ୍କୁଲରେ ଶିକ୍ଷକ ଅଭାବ, ଆଇନଶୃଙ୍ଖଳା, ☞ପୃଷ୍ଠା-୩

# ଦେଶରେ ନିଆଁ ଲଗାଇଛନ୍ତି ନୂପୁର

ନୂଆଦିଲ୍ଲୀ, ୧୭

ଭାରତରେ ଯାହାସବୁ ଘଟୁଛି ସେଥିପାଇଁ ନୂପୁର ଶର୍ମା ଏକା ଦାୟୀ। ଏହି ମହିଳା ସାରା ଦେଶରେ ଭାବାବେଗକୁ ପ୍ରଜ୍ୱଳିତ କରିଛନ୍ତି। ରାଜସ୍ଥାନର ଉଦୟପୁରରେ ଜଣେ ଟେଲରଙ୍କ ତଣ୍ଟି କାଟି ହତ୍ୟା କରାଯିବା ଭଳି ଘଟଣା ପଛରେ ତାଙ୍କ ମନ୍ତବ୍ୟ ଦାୟୀ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ଭାଜପାର ନିଲମ୍ବିତ ମୁଖପାତ୍ରଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି। ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ସେ ଦେଇଥିବା ବିଚଳିତ କରିଦେବା ଭଳି ମନ୍ତବ୍ୟ ପଛରେ ଶସ୍ତା ଲୋକପ୍ରିୟତା ହାସଲ, ରାଜନୈତିକ ଏଜେଣ୍ଡା ଓ ମନ୍ଦ ଗତିବିଧି ରହିଛି। ତେଣୁ ନୂପୁର ସାରା ଦେଶକୁ କ୍ଷମା ମାଗିବା ଉଚିତ ବୋଲି ଶୀର୍ଷ ଅଦାଲତ କହିଛନ୍ତି।

ଗତ ମେ' ୨୬ରେ ଭାଜପାର ତତ୍କାଳୀନ ରାଷ୍ଟ୍ରୀୟ ମୁଖପାତ୍ର ନୂପୁର ଶର୍ମା ଏକ ଟିଭି ଚ୍ୟାନେଲରେ ଜ୍ଞାନବାପି ମସ୍‌ଜିଦ ବିବାଦ ଉପରେ ବିତର୍କ କାର୍ଯ୍ୟକ୍ରମରେ ଭାଗନେଇ ପ୍ରଫେଟ୍ ମହମ୍ମଦଙ୍କ ଉପରେ ଆପତ୍ତିଜନକ ଟିପ୍ପଣୀ ଦେଇ ବିବାଦୀୟ ହୋଇଥିଲେ। ଏହି ମନ୍ତବ୍ୟ ବିରୋଧରେ ଦେଶବ୍ୟାପୀ ହିଂସାକାଣ୍ଡ ଦେଖିବାକୁ ମିଳିଥିଲା। ଏପରି କି ଉପସାଗରୀୟ (ଗଲ୍ଫ) ଏବଂ ଇସ୍‌ଲାମିକ୍ ରାଷ୍ଟ୍ରଗୁଡ଼ିକ ମଧ ଏଥିପାଇଁ ଭାରତ ସରକାରଙ୍କୁ ସମାଲୋଚନା କରିଥିଲେ। ତାଙ୍କ ମନ୍ତବ୍ୟକୁ ନେଇ ଦେଶର ବିଭିନ୍ନ ଭାଗରେ ୧୨ରୁ ଊର୍ଦ୍ଧ୍ୱ ଏଫ୍‌ଆଇଆର୍ ହୋଇଛି। ସବୁ ମାମଲାର ତଦନ୍ତ ପାଇଁ ସେଗୁଡ଼ିକୁ ଦିଲ୍ଲୀକୁ ସ୍ଥାନାନ୍ତର କରିବା ଲାଗି ନୂପୁର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।



■ ଭାରତରେ ଯାହା ଘଟୁଛି, ସେଥିପାଇଁ ସେ ହିଁ ଦାୟୀ

■ ସାରା ଦେଶକୁ କ୍ଷମା ମାଗିବାକୁ କହିଲେ ସୁପ୍ରିମକୋର୍ଟ



ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜେ.ବି. ପରଡିୱାଲାଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ତାଙ୍କ ପିଟିଶନର ଶୁଣାଣି କରିବାକୁ ଅଗ୍ରାହ୍ୟ କରିବା ସହ ତାଙ୍କୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ନୂପୁର ସର୍ବୋଚ୍ଚ ଅଦାଲତରୁ ନିଜ ପିଟିଶନ ପ୍ରତ୍ୟାହାର କରିନେଇଛନ୍ତି।

ଦୁଇଜଣିଆ ଖଣ୍ଡପୀଠ କହିଛନ୍ତି, ନୂପୁରଙ୍କ ମନ୍ତବ୍ୟ ସାରା ଦେଶକୁ ଅଶାନ୍ତ କରିଦେଇଛି। ଏକ ଦଳର ମୁଖପାତ୍ର ହେବାର ତାତ୍ପର୍ଯ୍ୟ ଏଇୟା ନୁହେଁ ଯେ, ତାଙ୍କ ପାଖରେ ଏପରି ମନ୍ତବ୍ୟ ଦେବା ପାଇଁ ଲାଇସେନ୍ସ ରହିଛି। ସେ ଏପରି ମନ୍ତବ୍ୟ ଦେବା କ'ଣ ଦରକାର ଥିଲା। ଏକ ଟିଭି ଚ୍ୟାନେଲର ଏଜେଣ୍ଡା ଚଳାଇବା ବ୍ୟତୀତ କୋର୍ଟରେ ବିଚାରାଧୀନ ଥିବା ଏହି ପ୍ରସଙ୍ଗରେ ବିତର୍କ କରିବା ପଛର ଉଦ୍ଦେଶ୍ୟ କ'ଣ ଥିଲା ବୋଲି ଶୀର୍ଷ ଅଦାଲତ ପ୍ରଶ୍ନ କରିଛନ୍ତି। ନୂପୁରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ମନିନ୍ଦର ସିଂ କହିଥିଲେ, ତାଙ୍କ ମହକିଲ ତତ୍କାଳ ନିଜ ମନ୍ତବ୍ୟକୁ ପ୍ରତ୍ୟାହାର କରି କ୍ଷମା ମଧ ମାଗିଥିଲେ। ଏହା ଉପରେ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ, ଯଦି କାହାରି ଭାବାବେଗ ପ୍ରତି କୁଠାରାଘାତ ହୋଇଛି ତେବେ ସେ କ୍ଷମା ମାଗୁଛନ୍ତି ବୋଲି ନୂପୁର ବହୁ ବିଳମ୍ବରେ କହିଥିଲେ। ସେ ନିଜ ମନ୍ତବ୍ୟରୁ ଏପରି ସସର୍ତ୍ତ ଓହରିବା ପରିବର୍ତ୍ତେ ଟିଭି ଚ୍ୟାନେଲକୁ ଯାଇ ସାରା ଦେଶକୁ କ୍ଷମା ମାଗିବା ଆବଶ୍ୟକ ଥିଲା। ଦେଶରେ ଆଜି ଯାହାକିଛି ବି ହେଉଛି ସେଥିପାଇଁ ନୂପୁର ଏକାକୀ ଦାୟୀ।

ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିବା ନେଇ ଖଣ୍ଡପୀଠ କହିଥିଲେ, ନୂପୁରଙ୍କ ଆବେଦନ ତାଙ୍କ ଅହଂକାରକୁ ଦର୍ଶାଉଛି। ୧୦ ବର୍ଷ ଧରି ଓକିଲାତି କରୁଛନ୍ତି ବୋଲି ଦାବି କରୁଥିବା ନୂପୁରଙ୍କ ପାଇଁ ଦେଶର ବିଚାରପତିମାନଙ୍କୁ ସେ ବହୁ ଛୋଟ ମନେକରୁଛନ୍ତି। ତାଙ୍କ ବିରୋଧରେ ଏଫ୍‌ଆଇଆର୍ ହୋଇଛି। କିନ୍ତୁ ସେ ଗିରଫ ହୋଇନାହାନ୍ତି। ଏହା ତାଙ୍କ ପହଞ୍ଚକୁ ଦର୍ଶାଉଛି। ☞ପୃଷ୍ଠା-୩

## ରଥରେ ଲାଗିଲା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମୃତ, ୭ ଗୁରୁତର

**ବସ୍ତା, ୧୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ଗୁଡିଖାଲ ଗ୍ରାମରେ ଶୁକ୍ରବାର ରଥଟଣା ବେଳେ ଏକ ଦୁଃଖଦ ଘଟଣା ଘଟିଛି। ରଥରେ ୧୧କେଭି ବିଦ୍ୟୁତ ତାର ଲାଗିଯିବାରୁ ସଂସ୍ପର୍ଶରେ ଆସି ୭ଜଣ ଗୁରୁତର ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଆଗରଡା ଗ୍ରାମର ଅନୀଲ ସାହୁ(୩୨)। ଶୁକ୍ରବାର ସନ୍ଧ୍ୟାରେ ଗୁଡିଖାଲ ଗ୍ରାମରେ ରଥଟଣା ଚାଲୁଥିବା ବେଳେ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ବର୍ଷା ଯୋଗୁ ରଥ ଟଣାରେ ସାମାନ୍ୟ ବିଳମ୍ବ ହୋଇଥିଲା। ରଥକୁ ଟଣାଯାଉଥିବା ବେଳେ ଅସାବଧାନତାବଶତଃ ୧୧କେଭି ବିଦ୍ୟୁତ୍ ତାର ଲାଗିଯାଇଥିଲା। ଫଳରେ ବର୍ଷାରେ ଓଦା ହୋଇଥିବା ରଥକୁ ଧରିଥିବା ୧୦ରୁ ୧୫ଜଣ ଲୋକ ଆହତ ହୋଇଥିଲେ। ଆହତମାନଙ୍କୁ ତୁରନ୍ତ ବସ୍ତା ଡାକ୍ତରଖାନାକୁ ଅଣାଯାଇଥିଲା। ସେମାନଙ୍କ ମଧରୁ ୭ଜଣଙ୍କ ଅବସ୍ଥା ଗୁରୁତର ହୋଇଥିବା ବେଳେ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ୪ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ପଠାଯାଇଛି। ବସ୍ତା ପୋଲିସ ପହଞ୍ଚି ଅଧିକ ତଦନ୍ତ କରୁଛି।

## ରାଜ୍ୟରେ ନିଷେଧ ହେଲା ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ

ଭୁବନେଶ୍ୱର, ୧୭(ବ୍ୟୁରୋ)

ଜୁଲାଇ ୧ରୁ ସମଗ୍ର ଦେଶରେ ଥରେ ବ୍ୟବହୃତ (ସିଙ୍ଗଲ୍ ୟୁଜ୍) ପ୍ଲାଷ୍ଟିକ ସାମଗ୍ରୀର ବ୍ୟବହାରକୁ ନିଷେଧ କରାଯାଇଛି। ରାଜ୍ୟରେ ଏହା ଲାଗୁ ହୋଇଛି। ପରିବେଶକୁ କ୍ଷତି ପହଞ୍ଚାଉଥିବା ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ପରିବହନ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ ଇତ୍ୟାଦି ଉପରେ ସମ୍ପୂର୍ଣ୍ଣ କଟକଣା ରହିବ। ପ୍ଲାଷ୍ଟିକ ଚାମଚ, କପ୍, ପ୍ଲେଟ୍, ଗ୍ଲାସ୍, ଥାଳିଆ, ପାଣି ପାଉଚ, ପ୍ଲାଷ୍ଟିକ ପତାକା, ଛୁରି, ଷ୍ଟ୍ର, ନିମନ୍ତ୍ରଣ ପତ୍ର, ୧୦୦ ମାଇକ୍ରନରୁ କମ୍ ମୋଟେଇ ପିଭିସି ବ୍ୟାନର, ମିଠା ପ୍ୟାକେଟ ଆଦି ସାମଗ୍ରୀକୁ ନିଷେଧ କରାଯିବ। ଏ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ନିଷେଧ ହୋଇଥିବା ସାମଗ୍ରୀକୁ ବ୍ୟବହାର କଲେ ୫୦୦ରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ଘରେ କିମ୍ବା ବ୍ୟକ୍ତିଗତ ଭାବେ ବ୍ୟବହାର କରୁଥିଲେ ୫୦୦ ଟଙ୍କା ଜରିମାନା ଦେବାକୁ ହେବ। ☞ପୃଷ୍ଠା-୩

**ଉଲ୍ଲଂଘନ କଲେ ୫୦୦ରୁ ୫ ହଜାର ଜରିମାନା**






# ରାଜ୍ୟର ୨୧ ଜେଲରେ କ୍ଷମତାଠାରୁ ଅଧିକ ବନ୍ଦୀ

ଯାଜପୁର ଅଫିସ, ୧୭

■ ଜେଲରେ ମାନସିକ ରୋଗୀଙ୍କୁ ମିଳୁନି ସ୍ୱାସ୍ଥ୍ୟସେବା

■ ମନୋବ୍ୟାଧି ଚିକିତ୍ସକ ପଦବୀ ପୂରଣ କରିବାକୁ ନିର୍ଦ୍ଦେଶ

■ ୨୯୯ ଅସୁସ୍ଥ, ବୃଦ୍ଧାବସ୍ଥା, ଗର୍ଭବତୀ ବନ୍ଦୀ

ରାଜ୍ୟରେ ଥିବା କାରାଗାର ଓ ଉପକାରାଗାରରେ ଅନ୍ତେବାସୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି। ଯାଜପୁର ଏବଂ ବାଲିଗୁଡ଼ା ଉପକାରାଗାରରେ କ୍ଷମତାଠାରୁ ୧୦୦%ରୁ ଅଧିକ ଅନ୍ତେବାସୀ ଖୁନ୍ଦାଖୁନ୍ଦି ହୋଇ ରହୁଛନ୍ତି। ସେହିପରି ଫୁଲବାଣୀସ୍ଥିତ ଜିଲା କାରାଗାର, ଭଦ୍ରକ ସ୍ୱତନ୍ତ୍ର ଉପକାରାଗାର, କାମାକ୍ଷାନଗର ଓ ମାଲକାନଗିରି ଉପକାରାଗାରରେ ୫୦ରୁ ୧୦୦% ଅଧିକ ଏବଂ ଅନ୍ୟ ୧୫ କାରାଗାରରେ ୨୦%ରୁ ୫୦% ଅଧିକ ବନ୍ଦୀ ରହିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ କରିବାକୁ ହାଇକୋର୍ଟରେ ହୋଇଥିବା ଜନସ୍ୱାର୍ଥ ମାମଲା (ନଂ.୬୬୧୦/୨୦୦୬)ର ନିର୍ଦ୍ଦେଶ ମଧ ଉପରୋକ୍ତ ଜେଲ୍‌ରେ କାର୍ଯ୍ୟକାରୀ କରାଯାଉନାହିଁ। ୯।୬।୨୦୨୨ରେ ଏ ସଂକ୍ରାନ୍ତରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କମିଟି ବୈଠକରେ କ୍ଷମତାଠାରୁ ଅଧିକ ଅନ୍ତେବାସୀ ଥିବା କାରାଗାରରୁ ଅନ୍ୟ କାରାଗାରକୁ ଅନ୍ତେବାସୀ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଥାପି ଏହି ସମସ୍ୟା ସମାଧାନର ବାଟ ଫିଟୁ ନାହିଁ ବୋଲି ଅଭିଯୋଗ ହୋଇଛି।

ଯାଜପୁର ଉପକାରାଗାରକୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଉକ୍ତ କାରାଗାରରେ ୧୩୩ ଜଣ ଅନ୍ତେବାସୀଙ୍କ ରହିବା ପାଇଁ କ୍ଷମତା ରହିଛି। ହେଲେ ସେଠାରେ ୩୦୧ ଅନ୍ତେବାସୀ ରହୁଛନ୍ତି। ଏହାବାଦ୍ ରାଜ୍ୟରେ ଆବଶ୍ୟକ ମନୋବ୍ୟାଧି ଚିକିତ୍ସକ ଏବଂ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଭାବରୁ ମାନସିକ ରୋଗରେ ଆକ୍ରାନ୍ତ ଥିବା ଅନ୍ତେବାସୀ ଉପଯୁକ୍ତ ଚିକିତ୍ସା ସୁବିଧା ପାଉ ନ ଥିବା ଉକ୍ତ ବୈଠକରେ ମତପ୍ରକାଶ ପାଇଥିଲା। ତେଣୁ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ କରି ସମସ୍ତ ଜେଲକୁ ନିୟମିତ ଭାବେ ପରିଦର୍ଶନ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଓ ଗୃହ ବିଭାଗକୁ ଜଣାଇବାକୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଏହି ନିର୍ଦ୍ଦେଶ ମଧ କାର୍ଯ୍ୟକାରୀ ହୋଇନାହିଁ ବୋଲି ଜେଲ ଏଡିଜି ଦୀପ୍ତେଶ ପଟ୍ଟନାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି କ୍ରମରେ ସ୍ୱାସ୍ଥ୍ୟ ☞ପୃଷ୍ଠା-୩




PATANJALI
Nutrela
NUTRITION

PATANJALI FOODS LTD.
FORMERLY KNOWN AS RUCHI SOYA INDUSTRIES LIMITED

**ପୋଷଣ ଏବଂ ଭିଟାମିନ୍ସର ଅଭାବ ଅନେକ ବିପଜ୍ଜନକ ରୋଗର କାରଣ ସାଜିପାରେ ।**

**ନ୍ୟୁଟ୍ରେଲା ନ୍ୟୁଟ୍ରିସନ୍ ଏକ ପ୍ରାକୃତିକ ଅର୍ଗାନିକ୍ ସମାଧାନ ଅଟେ ।**

| ପୋଷକ ତତ୍ତ୍ୱ | ଅଭାବ କାରଣରୁ ରୋଗ |
|---|---|
| ଭିଟାମିନ୍ ଏ | ଭିଟାମିନ୍ ଏ ଅଭାବ କାରଣରୁ ଦୁର୍ବଳ ଦୃଷ୍ଟିଶକ୍ତି, କ୍ଳାନ୍ତି, ଚର୍ମର ଶୁଷ୍କତା ଏବଂ ବାରମ୍ବାର ଅସୁସ୍ଥତା ଭଳି ସମସ୍ୟା ଦେଖାଦେଇପାରେ । |
| ଭିଟାମିନ୍ ସି | ଭିଟାମିନ୍ ସି'ର ଅଭାବ ମାଂସପେଶୀ ଦୁର୍ବଳତା, ଗଣ୍ଠି ଓ ମାଂସପେଶୀ ବ୍ୟଥା, ମାଢ଼ିରୁ ରକ୍ତକ୍ଷରଣ ଆଦି ସମସ୍ୟା ସୃଷ୍ଟି କରିପାରେ । |
| ଭିଟାମିନ୍ ଡି | ଶରୀରରେ କ୍ୟାଲ୍‌ସିୟମ୍ ଏବଂ ଫସ୍‌ଫେଟ୍‌ର ନିୟନ୍ତ୍ରଣରେ ସହାୟକ । ଏହାର ଅଭାବ କାରଣରୁ କ୍ଳାନ୍ତି ଏବଂ ଅସ୍ଥି ଦୁର୍ବଳତା ଦେଖାଦେଇପାରେ । |
| ଭିଟାମିନ୍ ଇ | ଉପାଦେୟ ଆଣ୍ଟିଅକ୍ସିଡାଣ୍ଟସ୍ ଏବଂ କୋଷିକା ଝିଲ୍ଲୀର ସ୍ଥିରତା ବଜାୟ ରଖିବାରେ ସହାୟକ । ଏହାର ଅଭାବ କାରଣରୁ ଚର୍ମ ସମସ୍ୟା ଏବଂ କେଶହାନି ଘଟିପାରେ । |
| ଭିଟାମିନ୍ କେ | ଭିଟାମିନ୍ କେ ରକ୍ତ ସଞ୍ଚାଳନ ପାଇଁ ଉପାଦେୟ ଅଟେ । ଏହାର ଅଭାବ କାରଣରୁ ଅସ୍ଥି ଘନତ୍ୱ ହ୍ରାସ ପାଇଥାଏ । |
| ଭିଟାମିନ୍ ବି1 | ଭିଟାମିନ୍ ବି1 ଖାଦ୍ୟକୁ ଶକ୍ତିରେ ରୂପାନ୍ତରିତ କରିଥାଏ । ଏହାର ଅଭାବ ଡିମେନ୍ସିଆ, ଆଲ୍‌ଜାଇମର୍ସ, କ୍ୟାନ୍‌ସର୍ ଏବଂ ମେଟାବଲିଜିମ୍ ସମ୍ବନ୍ଧୀୟ ସମସ୍ୟାର କାରଣ ସାଜିପାରେ । |
| ଭିଟାମିନ୍ ବି2 | ଭିଟାମିନ୍ ବି2 ଇମ୍ୟୁନିଟି ବଢ଼ାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାର ଅଭାବ କାରଣରୁ ସ୍ନାୟବିକ ରୋଗ, ରକ୍ତହୀନତା ଏବଂ ହୃତ୍‌ପିଣ୍ଡ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ । |
| ଭିଟାମିନ୍ ବି12 | ଭିଟାମିନ୍ ବି12 ଅଭାବ ଦ୍ୱାରା ମସ୍ତିଷ୍କ, ସ୍ନାୟୁତନ୍ତ୍ର ଏବଂ ରକ୍ତଚାପ ପ୍ରଭାବିତ ହୋଇପାରେ । ଏହା ଶରୀରରେ ଲୋହିତ ରକ୍ତକୋଷିକା ଗଢ଼ିବାରେ ସହାୟତା କରିଥାଏ । |

ପ୍ରତିପୂର୍ତ୍ତି ପାଇଁ



ହୃଦୟ, ଆଖି, ଅସ୍ଥି ଏବଂ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇ 41 ଜଡ଼ିବୁଟି ଏବଂ ପୋଷକତତ୍ତ୍ୱରେ ପ୍ରସ୍ତୁତ
**ଏକ ମଲ୍ଟି-ଭିଟାମିନ୍ ।**
ଶକ୍ତି ଓ ଇମ୍ୟୁନିଟି ବୃଦ୍ଧି କରେ, କ୍ଳାନ୍ତି ଓ ଦୁର୍ବଳତା ଦୂର କରେ ।



ମକା, ସଜନା ଓ ଏଲୋଭେରାରେ ପ୍ରସ୍ତୁତ ମସ୍ତିଷ୍କ, ସ୍ନାୟବିକ ତନ୍ତ୍ର ଓ ନିମ୍ନ ରକ୍ତଚାପ ଓ ପାଚନ ପାଇଁ ଉପାଦେୟ । ଏହାର ଅଭାବ କାରଣରୁ ମାନସିକ ଅବସାଦ, ସ୍ମୃତିଶକ୍ତି ହାନି, ଉଦ୍‌ବେଗ ଏବଂ ପାଚନତନ୍ତ୍ର ସମ୍ବନ୍ଧୀୟ ଦୀର୍ଘକାଳୀନ ରୋଗ ଦେଖାଦେଇଥାଏ ।
**ଭିଟାମିନ୍ ବି-12**



ଲାଇଚେନ୍‌ରେ ପ୍ରସ୍ତୁତ, ଏହା ମାଂସପେଶୀ ଓ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ଉତ୍କୃଷ୍ଟ ଅଟେ । ଏହାର ଅଭାବ କାରଣରୁ ହୃଦୟ, ଶ୍ୱାସକ୍ରିୟା, ମସ୍ତିଷ୍କ ଓ ଅସ୍ଥି ସମ୍ବନ୍ଧୀୟ ଦୀର୍ଘକାଳୀନ ସମସ୍ୟା ଦେଖାଦେଇପାରେ ।
**ଭିଟାମିନ୍ ଡି-2କେ**



ପାଳଙ୍ଗ, ରୋଜହିପ୍ ନିର୍ଯାସ ଓ ପ୍ରାକୃତିକ ମଣ୍ଡୁର ଭସ୍ମରେ ପ୍ରସ୍ତୁତ, ଏହା ରକ୍ତହୀନତା, ଦୁର୍ବଳତା ଓ ହାଲିଆପଣରେ ତତ୍କାଳ ଲାଭ ଦେଇଥାଏ । ଏହାର ଅଭାବ କାରଣରୁ ରକ୍ତହୀନତା ଏବଂ ଅନ୍ୟାନ୍ୟ ତତ୍-ସମ୍ବନ୍ଧୀୟ ଗୁରୁତର ସ୍ୱାସ୍ଥ୍ୟ ଜଟିଳତା ଦେଖାଦେଇପାରେ।
**ଆଇରନ୍ କମ୍ପ୍ଲେକ୍ସ**



ମୁକ୍ତା ପିଷ୍ଟି ଭସ୍ମ, ମୋତି ପିଷ୍ଟି ଏବଂ ଶୈଳେୟରେ ପ୍ରସ୍ତୁତ, ଅସ୍ଥିଭଙ୍ଗୁରତା, ସ୍ନାୟୁର କାର୍ଯ୍ୟକ୍ଷମତା ଓ ପ୍ରାକୃତିକ ହାଡ଼ର ସ୍ୱାସ୍ଥ୍ୟ ପାଇଁ ଉପାଦେୟ
**ବୋନ୍ ହେଲ୍‌ଥ**



ଅଁଳା, ରୋଜହିପ୍ ଏବଂ କଖାରୁ ମଞ୍ଜି ନିର୍ଯାସରେ ପ୍ରସ୍ତୁତ, ଏଥିରେ ଅଛି ଆଣ୍ଟିଅକ୍ସିଡାଣ୍ଟ, ଇମ୍ୟୁନିଟି ବର୍ଦ୍ଧକ ଓ ବାର୍ଦ୍ଧକ୍ୟ ନିରୋଧୀ ଗୁଣଧର୍ମ ଓ ଏହା ଗଣ୍ଠିଗୁଡ଼ିକ ପାଇଁ ଉପାଦେୟ।
**ଭିଟାମିନ୍ ସି ଆଣ୍ଡ ଜିଙ୍କ୍**



ସଜନା, ଅଁଳା ଏବଂ ଅଶ୍ୱଗନ୍ଧାରେ ପ୍ରସ୍ତୁତ, ଏହା ଏକ ଆଣ୍ଟିଅକ୍ସିଡାଣ୍ଟ ଅଟେ, ଯାହା ପାଚନକ୍ରିୟା, ଷ୍ଟାମିନା ଏବଂ ଶରୀରର କୋଲେଷ୍ଟରଲ୍‌ରେ ଲାଭଦାୟକ ହୋଇଥାଏ
**ନାଚୁରାଲ୍ ସ୍ପିରୁଲିନା**

ନ୍ୟୁଟ୍ରେଲା ନ୍ୟୁଟ୍ରିସନ୍‌ର ସମ୍ପୂର୍ଣ୍ଣ ରେଞ୍ଜ **ପତଞ୍ଜଳି** ଏକ୍ସକ୍ଲୁସିଭ୍ ଷ୍ଟୋର, ମେଡିକାଲ୍ ଷ୍ଟୋର ଏବଂ ଆପଣଙ୍କ ନିକଟତମ ସମସ୍ତ ଅଗ୍ରଣୀ ଷ୍ଟୋରରେ ଉପଲବ୍ଧ ।

www.nutrelanutrition.com ରେ ଅନ୍‌ଲାଇନ୍ ଅର୍ଡର କରନ୍ତୁ କିମ୍ବା ଅର୍ଡର ମି ଆପ୍ ଡାଉନଲୋଡ୍ କରନ୍ତୁ: ORDER ME

## ଖରସ୍ରୋତାରୁ ଅଜଣା ମୃତଦେହ ଜବତ

ରସୁଲପୁର,୧୭(ଡି.ଏନ.ଏ.)

କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତ କେଉଁଟଲ ଗୁଆଁ ଗ୍ରାମ ନିକଟସ୍ଥ ଖରସସ୍ରୋତା ନଦୀରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ସ୍ଥାନୀୟ ଲୋକଙ୍କ ସୂଚନାକ୍ରମେ ରସୁଲପୁର ଦମକଳ ବାହିନୀ ନଦୀରେ ଭାସୁଥିବା ମୃତଦେହକୁ ଉଦ୍ଧାର କରିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ପଠାଇଛି। ମୃତ ବ୍ୟକ୍ତିଙ୍କ ବୟସ ୪୫ରୁ ୫୦ବର୍ଷ ହେବ ବୋଲି ଅନୁମାନ କରାଯାଇଛି। ବ୍ୟକ୍ତି ଜଣକ ଏକ କଳାରଙ୍ଗର ଗୋଲେଇ ବେକ ଟି-ସାର୍ଟ ଓ କଳାରଙ୍ଗର ହାପ ପ୍ୟାଣ୍ଟ ପିନ୍ଧିଥିଲେ। ସେ ଦିନେ ଅବା ୨ଦିନ ତଳେ ନଦୀରେ ବୁଡ଼ି ମରିଥିବା ନେଇ ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତ ଅଧିକାରୀ ଏସ୍‌ଆଇ ଅନିତା ପ୍ରଧାନ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୩/୨୨ ରୁଜୁ ହୋଇଛି।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ଚଣ୍ଡିଖୋଲ,୧୭(ଡି.ଏନ.ଏ.): ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଗୁରୁବାର ରାତିରେ ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତା ମହିଳା ଘରେ ଏକା ଥିବା ସମୟରେ ଉକ୍ତ ଥାନା ଅଞ୍ଚଳର ଯୁବକ ଜିତିନ ଦଳେଇ ମହିଳାଙ୍କ ଘରେ ପଶି ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଥାନାରେ ନଂ.୨୪୪/୨୨ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି।

## ଗଣ୍ଡଗୋଳ, ୫ ଆହତ

ଯାଁଳା,୧୭(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ଯାଁଳା ପଞ୍ଚାୟତରେ ଜାଗା ବଣ୍ଟନକୁ ନେଇ ଦୁଇ ପରିବାରରେ ଗଣ୍ଡଗୋଳ ଘଟିଛି। ଏଥିରେ ୫ ଜଣ ଆହତ ହୋଇଛନ୍ତି।

























See Career Appointment on every Wednesday & Saturday






















Your classified advertisement published in Dharitri will be listed free in Dharitri online edition : www.dharitri.com

# ଭକ୍ତ ମେଳରେ ଭଗବାନ


ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନିରଥ।




ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ରଥକୁ ପହଣ୍ଡି ବିଜେ।


କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ରଥଯାତ୍ରା।


କେନ୍ଦୁଝର ବଳଦେବଜୀଉଙ୍କ ରଥକୁ ଟାଣୁଛନ୍ତି ଭକ୍ତ।


ତାଳଧ୍ୱଜ ରଥରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଛେରାପହଁରା।

# ରଥ ଟାଣିଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ, ୧।୭**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ରଥାରୂଢ଼ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ରଥ ଟାଣିଛନ୍ତି। ମୁଖ୍ୟମନ୍ତ୍ରୀ ବିଦେଶ ଗସ୍ତରୁ ଫେରିବା ପରେ ସୁରକ୍ଷା ବଳୟ ମଧ୍ୟରେ ପୁରୀରେ ପହଞ୍ଚିଥିଲେ। ସେ ଘୋଷଯାତ୍ରା ଦେଖିବା ସହ ନନ୍ଦିଘୋଷ ରଥ ନିକଟକୁ ଆସି ରଥ ଟାଣିଥିଲେ। ସେ ଭକ୍ତମାନଙ୍କୁ ହାତ ହଲାଇ ଶୁଭେଚ୍ଛା ଜଣାଇଥିଲେ। ତାଙ୍କ ସହିତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବାଚସ୍ପତି ବିକ୍ରମ କେଶରୀ ଆରୁଖ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ ଏବଂ ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ପ୍ରମୁଖ ରଥ ଟାଣିଥିଲେ। ସେହିପରି ରାଜ୍ୟ ମନ୍ତ୍ରୀ ମଣ୍ଡଳର ବହୁ ସଦସ୍ୟ ରଥଯାତ୍ରାରେ ଉପସ୍ଥିତ ଥିଲେ। ଏହି ଅବସରରେ ରଥଯାତ୍ରା ସମ୍ପର୍କିତ ପତ୍ରିକା 'ଉତ୍କଳ ପ୍ରସଙ୍ଗ'ର ଓଡ଼ିଆ ଏବଂ ଇଂଲିଶ ପତ୍ରିକା 'ଉତ୍କଳ ରିଭ୍ୟୁ'କୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ।



# ରଥଯାତ୍ରା ଶୁଭେଚ୍ଛା ଦେଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୧।୭(ବ୍ୟୁରୋ):** ପବିତ୍ର ରଥଯାତ୍ରା ଉପଲକ୍ଷେ ଦେଶର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଟୁଇଟ୍ କରି କହିଛନ୍ତି, ରଥଯାତ୍ରା ଉପଲକ୍ଷେ ସମଗ୍ର ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆସିବାକୁ ସେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସେହିପରି ଉପରାଷ୍ଟ୍ରପତି ଏମ୍. ଭେଙ୍କେୟା ନାଇଡୁ କହିଛନ୍ତି, ପବିତ୍ର ରଥଯାତ୍ରା ଉପଲକ୍ଷେ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା। ରଥଯାତ୍ରା ସହ ଜଡ଼ିତ ପବିତ୍ର ଏବଂ ମହାନ୍ ଆଦର୍ଶ ଆମ ଜୀବନକୁ ଶାନ୍ତି ଓ ସଦ୍‌ଭାବରେ ସମୃଦ୍ଧ କରୁ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି କହିଛନ୍ତି, ରଥଯାତ୍ରାରେ ସମସ୍ତଙ୍କୁ ଶୁଭେଚ୍ଛା। ସମସ୍ତଙ୍କୁ ସର୍ବଦା ଶ୍ରୀଜଗନ୍ନାଥ ଆଶୀର୍ବାଦ କରୁଥାଆନ୍ତୁ ବୋଲି ପ୍ରାର୍ଥନା। ସମସ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସୁଖ ବଜାୟ ରହୁ।






**ପ୍ରଥମ ପୃଷ୍ଠାରୁ...**

## ଦେଶରେ ନିଆଁ...

ଲୋକେ ତାଙ୍କ ପଛରେ ଅଛନ୍ତି ଓ ସେ ଦାୟିତ୍ୱହୀନ ମନ୍ତବ୍ୟ ଦେଇଚାଲିଥିବେ ବୋଲି ନୂପୁର ମନେକରୁଛନ୍ତି ବୋଲି ଖଣ୍ଡପୀଠ କହିଥିଲେ। ନୂପୁରଙ୍କ ଓକିଲ ସୁପ୍ରିମକୋର୍ଟଙ୍କୁ ନିଜ ପିଟିଶନ ପ୍ରତ୍ୟାହାର ପାଇଁ ଅନୁମତି ମାଗିଥିଲେ। ଏଥିସହ ସେ କୁଆଡେ ଯିବେ ନାହିଁ ଏବଂ ତଦନ୍ତ ପାଇଁ ଏଜେନ୍ସିଗୁଡ଼ିକ ଯେତେବେଳେ ଡାକିବେ ନୂପୁର ସହଯୋଗ କରିବେ ବୋଲି ଖଣ୍ଡପୀଠଙ୍କ ଆଗରେ ମନିନ୍ଦର ସୁନିଶ୍ଚିତ କରିଥିଲେ। ନୂପୁରଙ୍କ ବିରୋଧରେ ସୁପ୍ରିମକୋର୍ଟଙ୍କ ପ୍ରତିକୂଳ ମନ୍ତବ୍ୟ ଆସିବା ପରେ ଦିଲ୍ଲୀର ସାମାଜିକ କର୍ମୀ ଅଜୟ ଗୌତମ ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ୍.ଭି. ରମନାଙ୍କୁ ଏକ ପତ୍ର ଲେଖିଛନ୍ତି। ନୂପରଙ୍କୁ ତାଙ୍କ ମତ ରଖିବା ପାଇଁ ସୁଯୋଗ ଦିଆଯାଉ। ଏଥିସହ ତାଙ୍କ ବିରୋଧରେ ଦିଆଯାଇଥିବା ନକାରାତ୍ମକ ମନ୍ତବ୍ୟକୁ ପ୍ରତ୍ୟାହାର ପାଇଁ ସିଜେଆଇ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଏଥିରେ ସେ ଉଲ୍ଲେଖ କରିଛନ୍ତି। ଅଜୟ ଗୌତମ ନିଜ ପତ୍ରକୁ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ରୂପେ ବିବେଚନା କରି ଶୁଣାଣି କରିବାକୁ ସିଜେଆଇଙ୍କୁ ଅନୁରୋଧ କରିଛନ୍ତି।

## ଆଜି ପୂର୍ଣ୍ଣାଙ୍ଗ...

ବେକାରି ସମସ୍ୟା ଭଳି ଅନେକ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିବାକୁ ନିଷ୍ପତ୍ତି ନେଇଛି। ତେବେ କେଉଁ ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବ ତାହା ବିଧାୟକ ଦଳ ବୈଠକରେ କଂଗ୍ରେସ ନିଷ୍ପତ୍ତି ନେବ। ଅନ୍ୟପକ୍ଷରେ ପଞ୍ଚମ ପାଳିର ତୃତୀୟ ବର୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ମନ୍ତ୍ରିମଣ୍ଡଳ ଗଠନ କରିଛନ୍ତି। ନୂଆ ବାଚସ୍ପତି ଭାବେ ବିକ୍ରମ କେଶରୀ ଆରୁଖ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଓ ଉପମୁଖ୍ୟ ସଚେତକ ଭାବେ ସରୋଜ ମେହେର ଦାୟିତ୍ୱ ନେଇଛନ୍ତି। ଅଧିବେଶନ ପାଇଁ ସମସ୍ତେ ପ୍ରସ୍ତୁତ ବୋଲି ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି କହିଛନ୍ତି।

ମୌସୁମୀ ଅଧିବେଶନର ପ୍ରଥମ ଦିବସ ଅର୍ଥାତ୍ ଶନିବାର ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଗୃହରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଦୁଇଟି ପର୍ଯ୍ୟାୟରେ ବିଧାନସଭା ଦୈନିକ ୬ ଘଣ୍ଟା ଚାଲିବ। ବିଧାନସଭା ଅଧିବେଶନ ପୂର୍ବରୁ ସମସ୍ତ ସଦସ୍ୟ ଓ କର୍ମଚାରୀମାନଙ୍କର କୋଭିଡ୍ ଟେଷ୍ଟିଂ କରାଯାଇଛି। କୋଭିଡ୍ କଟକଣା ମଧ୍ୟରେ ଗୃହ କାର୍ଯ୍ୟ ପରିଚାଳନା ହେବ।

## ରାଜ୍ୟରେ ନିଷେଧ ହେଲା...

ସେହିପରି ଯଦି କୌଣସି ସଂସ୍ଥାରୁ ନିଷେଧ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ମିଳିବ ସମ୍ପୃକ୍ତ ସଂସ୍ଥାକୁ ୫ ହଜାର ଟଙ୍କା ଜରିମାନା ଦେବାକୁ ହେବ। ସ୍ଥାନୀୟ ପୌର ସଂସ୍ଥା କିମ୍ବା ପଞ୍ଚାୟତ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ ଜରିଆରେ ଏଭଳି ଜରିମାନା ଆଦାୟ କରାଯିବ। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟର ସମସ୍ତ ସହରକୁ ପଲିଥିନ ମୁକ୍ତ କରିବା ପାଇଁ ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୨୦୧୮ ଅକ୍ଟୋବର ୨ରୁ ୫ ମହାନଗର ନିଗମ(ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର)ରେ ପଲିଥିନ ଉପରେ କଟକଣା ଜାରି କରିଥିଲେ। ୨୦୧୯ ଅକ୍ଟୋବର ୨ରୁ ସମସ୍ତ ସହରାଞ୍ଚଳରେ ଏହାକୁ ନିଷେଧ କରାଯାଇଛି। ମାତ୍ର ଧରପଗଡ଼ ନ ଥିବାରୁ ସହରାଞ୍ଚଳଗୁଡ଼ିକରେ ଅବାଧରେ ପଲିଥିନ ଓ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବ୍ୟବହାର ବହୁଳ ମାତ୍ରାରେ ବଢ଼ିଚାଲିଛି। ବିଡ଼ମ୍ବନା ଯେ ପୌର ସଂସ୍ଥା କର୍ତ୍ତୃପକ୍ଷ କିମ୍ବା ଏସ୍‌ପିସିବି କଟକଣା ଉପରେ ନଜର ଦେଉ ନ ଥିବାରୁ ୩ ବର୍ଷ ପରେ ମଧ୍ୟ ସହରାଞ୍ଚଳରେ ପଲିଥିନ ଭରା ହୋଇ ରହିଛି।

## ରାଜ୍ୟର ୨୧ ଜେଲରେ...

ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ବିଶ୍ୱଜିତ୍ କେଶରୀ ଦାସ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅନୁପାଳନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମେଡିକାଲ ଏଜୁକେଶନ ଡାଇରେକ୍ଟର, ହେଲ୍‌ଥ ସର୍ଭିସ ଡାଇରେକ୍ଟର ଓ ସମସ୍ତ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ରାଜ୍ୟରେ ୯୨ ଜେଲ ରହିଛି। ସେଥିମଧ୍ୟରୁ ୫ ସର୍କିଲ ଜେଲ, ୯ ଡିଷ୍ଟ୍ରିକ୍ଟ ଜେଲ, ୨ ସ୍ପେଶାଲ ଜେଲ, ୬ ସ୍ପେଶାଲ ସବ୍‌ଜେଲ, ୬୭ ସବ୍‌ଜେଲ, ୧ ମହିଳା ଜେଲ, ୧ ମୁକ୍ତାକାଶ ଜେଲ ଓ ୧ ମଡେଲ କନଭିକ୍ଟ ଜେଲ ରହିଛି। ଉପରୋକ୍ତ ସମସ୍ତ ଜେଲରେ ମୋଟ ୨୦,୦୨୭ ଜଣ ମହିଳା ଓ ପୁରୁଷ କଏଦୀଙ୍କ ରହିବା ପାଇଁ ବ୍ୟବସ୍ଥା ରହିଛି। ହେଲେ କେତେକ ଜେଲରେ କ୍ଷମତାଠାରୁ ଅଧିକ ଅନ୍ତେବାସୀ ବନ୍ଦୀ ଜୀବନ କାଟୁଥିବା ଜେଲ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଅନ୍ୟପକ୍ଷେ ୧୨୫ କ୍ଷମତା ବିଶିଷ୍ଟ ବିଜୁ ପଟ୍ଟନାୟକ ଖୋଲା ବନ୍ଦୀଗୃହ ନିର୍ମାଣ ହୋଇଥିଲେ ହେଁ ଏପ୍ରିଲ ସୁଦ୍ଧା ମାତ୍ର ୩୩ ଜଣ ଅନ୍ତେବାସୀ ସେଠାରେ ରହୁଛନ୍ତି। ଜେଲ୍ ଏଡିଜିଙ୍କ କହିବା ଅନୁଯାୟୀ, ଅନ୍ୟ ଜେଲରେ ଥିବା କଏଦୀମାନଙ୍କୁ ଏହି ଖୋଲା ଜେଲକୁ ଆଣିବାକୁ ଉଦ୍ୟମ କରାଯାଇଛି। କିନ୍ତୁ ସେମାନେ ଅନିଚ୍ଛା ପ୍ରକାଶ କରିଥିବାରୁ ତାହା ସମ୍ଭବ ହୋଇ ପାରିନାହିଁ। ଏନେଇ ଗୃହ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ବୈଠକରେ ସେ ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷେ ଅସୁସ୍ଥ, ବୃଦ୍ଧାବସ୍ଥା ଏବଂ ଗର୍ଭବତୀ ଥିବା ୨୯୯ ଜଣ ଅନ୍ତେବାସୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ଆବଶ୍ୟକସ୍ଥଳେ ଜାମିନ ଦେବାକୁ ନ୍ୟାୟିକ ବ୍ୟବସ୍ଥା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

ଚମ୍ପୁଆ, କାମାକ୍ଷାନଗର, ବାଙ୍କୀ, ଯାଜପୁର, ଧର୍ମଗଡ଼ ଓ ଜୟପୁର ଉପକାରାଗାରରେ ବିଚାରାଧୀନ କଏଦୀ ଏବଂ ଅନ୍ୟ ବନ୍ଦୀଙ୍କୁ ଅଲଗା କରାଯାଇନାହିଁ। ସେହିପରି ବରଗଡ଼, ମାଲକାନଗିରି, କେନ୍ଦୁଝର, ଭଦ୍ରକ, କଟକ, ଯାଜପୁର, କଳାହାଣ୍ଡି, କୋରାପୁଟ ଓ ନୂଆପଡା ଜେଲରେ ୧୮ରୁ ୨୧ ବର୍ଷର ବନ୍ଦୀ ଏବଂ ବୟସ୍କ ବନ୍ଦୀଙ୍କଠାରୁ ପୃଥକ୍ କରାଯାଇନାହିଁ। ତେବେ ଜେଲ କର୍ତ୍ତୃପକ୍ଷ ଏନେଇ ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଖୁବ୍‌ଶୀଘ୍ର ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ବୋଲି ବୈଠକରେ ପ୍ରତିଶ୍ରୁତି ମିଳିଛି। ବନ୍ଦୀମାନଙ୍କ ପଞ୍ଚାୟତ ପରିଷଦ (ପିପିସି) ଗଠନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଯାଏ ରାଜ୍ୟର ମାତ୍ର ୧୩ ଜେଲରେ ଏହି ପରିଷଦ ଗଠନ ହୋଇଛି। ଆସନ୍ତା ଜୁଲାଇ ୧୫ ସୁଦ୍ଧା ବାକି ସମସ୍ତ ଜେଲରେ ପିପିସି ଗଠନ କରାଯିବ ବୋଲି ଜେଲ୍ ଏଡିଜି ପଟ୍ଟନାୟକ ପ୍ରତିଶ୍ରୁତି ଦେଇଛନ୍ତି।


**ଭାରତ ସରକାର**
**କାର୍ମିକ, ଜନ ଅଭିଯୋଗ ଏବଂ ପେନ୍‌ସନ ମନ୍ତ୍ରଣାଳୟ**
**ପ୍ରଶାସନିକ ସଂସ୍କାର ଏବଂ ଜନ ଅଭିଯୋଗ ବିଭାଗ**

**ଇ-ଗଭର୍ନାନ୍ସ ୨୦୨୧-୨୨ ପାଇଁ ଜାତୀୟ ପୁରସ୍କାର**

**ନାମାଙ୍କନ ଆମନ୍ତ୍ରଣକାରୀ ବିଜ୍ଞପ୍ତି**

ଇ-ଗଭର୍ନାନ୍ସ ପ୍ରୟାସଗୁଡ଼ିକର ରୂପାୟନରେ ଉତ୍କର୍ଷତାକୁ ସ୍ୱୀକୃତି ପ୍ରଦାନ କରିବା ଓ ପ୍ରୋତ୍ସାହିତ କରିବା ପାଇଁ, ଭାରତ ସରକାର ପ୍ରତିବର୍ଷ ଇ-ଗଭର୍ନାନ୍ସ ପାଇଁ ଜାତୀୟ ପୁରସ୍କାର ବିତରଣ କରିଥାନ୍ତି।

**www.nceg.gov.in**ରେ ୧ ଜୁଲାଇ, ୨୦୨୨ଠାରୁ ଲାଗୁ ପୁରସ୍କାର ଯୋଜନାରେ ବିସ୍ତୃତ ଭାବେ ଦର୍ଶାଯାଇଥିବା ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ୫ଟି ବର୍ଗ ଅଧୀନରେ କେନ୍ଦ୍ରୀୟ ମନ୍ତ୍ରଣାଳୟ/ବିଭାଗ, ରାଜ୍ୟ/କେନ୍ଦ୍ରଶାସିତ ସରକାର, ଜିଲ୍ଲା, ସ୍ଥାନୀୟ ନିକାଶ, କେନ୍ଦ୍ରୀୟ ଏବଂ ରାଜ୍ୟ ପିଏସ୍‌ୟୁ, ଶିକ୍ଷାଗତ ଏବଂ ଗବେଷଣା ଅନୁଷ୍ଠାନ (ସରକାରୀ ହୁଅନ୍ତୁ କି ବେସରକାରୀ)ଗୁଡ଼ିକଠାରୁ ଅନ୍‌ଲାଇନ୍ ନାମାଙ୍କନ ଆହ୍ୱାନ କରାଯାଉଛି ।

ନାମାଙ୍କନ ପଠାଇବାର ପଦ୍ଧତି ସମେତ ପୁରସ୍କାର ଯୋଜନାର ଦିଗ୍‌ନିର୍ଦ୍ଦେଶାବଳୀ ଏବଂ ଅନ୍ୟାନ୍ୟ ବିବରଣୀ ବିଭାଗର ୱେବ୍‌ସାଇଟ୍ **www.darpg.gov.in/ www.nceg.gov.in**ରେ ଉପଲବ୍ଧ। ସମସ୍ତ ନାମାଙ୍କନ କେବଳ ପୁରସ୍କାର ଯୋଜନାରେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ କରାଯିବ। ଇମେଲ୍/ହାତ/ଡାକ/କୋରିୟର/ଫ୍ୟାକ୍ସ କିମ୍ବା ଅନ୍ୟକୌଣସି ହାର୍ଡ କପି ଆକାରରେ ପଠାଯାଇଥିବା ନାମାଙ୍କନଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।

ନାମାଙ୍କନ ଦାଖଲର ଶେଷ ତାରିଖ: - **୩୧ ଜୁଲାଇ, ୨୦୨୨**

ଯୋଗାଯୋଗ ବିବରଣୀ: ଶ୍ରୀମତୀ ବିଭୂତି ପଞ୍ଜିୟାର, ଅନୁସଚିବ (ଇ-ଗଭ୍), ପ୍ରଶାସନିକ ସଂସ୍କାର ଏବଂ ଜନ ଅଭିଯୋଗ ବିଭାଗ, ୫ମ ମହଲା, ସର୍ଦ୍ଦାର ପଟେଲ ଭବନ, ସଂସଦ ମାର୍ଗ, ନୂଆଦିଲ୍ଲୀ-୧୧୦୦୦୧।
ଇମେଲ୍: **vibhuti.panjiyar@nic.in**; ଟେଲି. +୯୧-୧୧-୨୩୩୬୭୯୬୬

**CBC 32101/11/0001/2223**

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ରଙ୍ଗ ମିସ୍ତ୍ରିଙ୍କ ମୃତ୍ୟୁ

ମାର୍ଶାଘାଇ, ୧୭(ଡି. ଏନ୍. ଏ ): ମୃତ୍ୟୁ ବି ଏମିତି ଆସେ। ରଙ୍ଗ କାମ ସାରି ଧୁଆଧୁଇ ହୋଇ ଘରକୁ ବାହାରିଥିଲେ। ମାତ୍ର ବିଧିର ବିଧାନ ଥିଲା କିଛି ଅଲଗା। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହଠାତ୍ ମୃତ୍ୟୁ ଘଟିଛି ଜଣେ ରଙ୍ଗ ମିସ୍ତ୍ରିଙ୍କର। ପ୍ରକାଶ ଯେ, ମାର୍ଶାଘାଇ ବାଳକ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ଜୈନିକ ବ୍ୟକ୍ତିଙ୍କ ଘର ରଙ୍ଗ ହେଉଥିଲା। ମହାକାଳପଡ଼ା ବ୍ଲକ ଅନ୍ତର୍ଗତ କେୟାରବାଙ୍କ ଗାଁର ବନମାଳୁ ସାହୁ(୩୪) ରଙ୍ଗ କାମ ସାରି ଘରକୁ ବାହାରିବା ବେଳେ ଘର ମାଲିକ ତାଙ୍କୁ ତଳେ ଥିବା କିଛି ଷ୍ଟିଲ ରେଲିଙ୍ଗକୁ ଛାତ ଉପରକୁ ଉଠାଇବାକୁ କହିଥିଲେ। ବନମାଳୀ ଛାତ ଉପରକୁ ଯାଇଥିଲେ। ତଳେ ମାଲିକ ଷ୍ଟିଲ ରେଲିଙ୍ଗକୁ ଟେକି ତାଙ୍କ ହାତକୁ ଦେଉଥିଲେ। ସେ ତାକୁ ଟେକି ଧରିବା ପରେ ମାଲିକ ହାତ ଛାଡି ଦେଇଥିଲେ। ମାତ୍ର ଘର ଉପରେ ଥିବା ଏଗାର କେଭି ବିଦ୍ୟୁତ୍ ତାରରେ ରେଲିଙ୍ଗ ବାଜି ଯାଇଥିଲା। ସେ ଛଟପଟ ହୋଇ ଛାତ ଉପରେ ପଡି ଯାଇଥିଲେ। ତାଙ୍କୁ ତୁରନ୍ତ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାର୍ଶାଘାଇ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବନମାଳୀଙ୍କ ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି।

### ପତିତପାବନ ଜୀଉଙ୍କ ରଥ ମାଉସୀ ମା' ମନ୍ଦିର ଚକଡା ଛୁଇଁଲା

ପଟ୍ଟାମୁଣ୍ଡାଇ, ୧୭(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ପାଖରୀଆପଡା ପତିତପାବନଜୀଉଙ୍କ ରଥ ସନ୍ଧ୍ୟା ୭ଟା ବେଳେ ବକ୍ତାରପୁର ମାଉସୀ ମା' ମନ୍ଦିର ଚକଡା ଛୁଇଁଛି। ରଥଯାତ୍ରା ଉପଲକ୍ଷେ ପ୍ରତ୍ୟୁଷରୁ ମନ୍ଦିର ପୂଜକମାନେ ପହଡ ଖୋଲିଥିଲେ। ମଙ୍ଗଳ ଆରତୀ ସକାଳ ୭ଟା ବେଳେ ମହାସ୍ନାନ ଓ ବାଲ୍ୟଧୂପ ହୋଇଥିଲା। ସକାଳ ସାଢେ ୯ଟା ବେଳେ ବକ୍ତାରପୁର ମାଉସୀ ମା' ମନ୍ଦିରରୁ ଆଜ୍ଞାମାଳ ପହଞ୍ଚି ଥିଲା। ପଣ୍ଡାମାନେ ଶ୍ରୀଜୀଉମାନଙ୍କର ପୂଜାର୍ଚ୍ଚନା କରିଥିଲେ। ସକାଳ ୧୦ଟା ବେଳେ ଶ୍ରୀଜୀଉମାନଙ୍କୁ ଦଇତାପତି ଗୋଟି ପହଣ୍ଡିରେ ଦିଅଁଙ୍କୁ ରଥାରୁଢ କରିଥିଲେ। ରଥ ଉପରେ ମହାସ୍ନାନ ଓ ବେଶାଦି କରାଯାଇଥିଲା। ମନ୍ଦିର ପୂଜକ ବିଶେଷ ପୂଜା ନୀତି ସମ୍ପନ୍ନ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ ରଥରେ ଛେରା ପହଁରା କରିଥିଲେ। ଅପରାହ୍ନରେ ହଜାର ହଜାର ଶ୍ରଦ୍ଧାଳୁ ରଥ ଟାଣିଥିଲେ। ଶ୍ରଦ୍ଧାଳୁମାନେ ରଥ ଟାଣି ନେଇ ସନ୍ଧ୍ୟାରେ ବକ୍ତାରପୁରସ୍ଥିତ ମାଉସୀ ମା' ମନ୍ଦିର ଚକଡାରେ ପହଞ୍ଚି ଥିଲେ। ଏହି ରଥଯାତ୍ରାରେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ନରହରି ଲେଙ୍କା, ତ୍ରିଲୋଚନ ମିଶ୍ର, ତ୍ରିଲୋଚନ ସୂତାର, ତପନ ପାତ୍ର, ଶୁକଦେବ ସ୍ୱାଇଁଙ୍କ ସମେତ ଶତାଧିକ ସଦସ୍ୟ ରଥଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ ପୋଲିସ ବାହିନୀ ଶାନ୍ତି ଶୃଙ୍ଖଳା ବଜାୟ ରଖିଥିବା ବେଳେ ସ୍ୱାସ୍ଥ୍ୟସେବା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଭ୍ରାମ୍ୟମାଣ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିଲା। ବହୁ ଦୁର ଦୁରାନ୍ତରୁ ରଥ ଟାଣିବାକୁ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ।





କେନ୍ଦ୍ରାପଡ଼ା ଇଛାପୁରସ୍ଥିତ ତୁଳସୀକ୍ଷେତ୍ରରେ ସେବାୟତମାନେ ପହଣ୍ଡିରେ ଶ୍ରୀବଳଦେବଜୀଉ, ମା' ସୁଭଦ୍ରା, ଶ୍ରୀଜଗନ୍ନାଥଜୀଉଙ୍କୁ ରଥକୁ ନେଉଛନ୍ତି।

# ତୁଳସୀକ୍ଷେତ୍ରରେ ଭକ୍ତ, ଭଗବାନ ଏକାଠି

### ଦେବୋତ୍ତର କାର୍ଯ୍ୟାଳୟଠାରେ ଅଟକିଲା ବ୍ରହ୍ମ ତାଳଧ୍ୱଜ

କେନ୍ଦ୍ରାପଡ଼ା ଅଫିସ, ୧୭

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ଦୁଇଦିନିଆ ରଥଯାତ୍ରା ଶୁକ୍ରବାର ଆରମ୍ଭ ହୋଇଛି। ଅପରାହ୍ନରେ ରଥଟଣା ଆରମ୍ଭ ହୋଇ ଦେବୋତ୍ତର କାର୍ଯ୍ୟାଳୟ ନିକଟରେ ଶ୍ରୀଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଅଟକିଛି। ଆସନ୍ତା ଶନିବାର ଅପରାହ୍ନ ୨ଟାରେ ଶ୍ରୀଜୀଉଙ୍କ ରଥଯାତ୍ରା ପୁନର୍ବାର ଆରମ୍ଭ ହେବ। ଦୀର୍ଘ ଦୁଇବର୍ଷ ଧରି କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖାଯାଇ ରଥଟଣା ହୋଇ ନ ଥିଲା। ଚଳିତବର୍ଷ ଭକ୍ତ ଓ ଭଗବାନ ଏକାଠି ହେବା ସହରର ଇଚ୍ଛାପୁରସ୍ଥିତ ରଥଦାଣ୍ଡରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ରଥଯାତ୍ରାର କାର୍ଯ୍ୟ ନିର୍ଘଣ୍ଟ ଅନୁଯାୟୀ ଗୁରୁବାର ସନ୍ଧ୍ୟାରେ ରଥ ପ୍ରତିଷ୍ଠା ସହ ନେତ ବନ୍ଧା ହୋଇଥିଲା। ଶୁକ୍ରବାର ସକାଳ ୬ଟାରେ ଜୟ ମଙ୍ଗଳା ଆରତି, ୮ଟାରେ ନୀତିସ୍ନାନ ଓ ବଲ୍ଲଭ ପରେ ଖେଚୁଡି ଧୂପ ଲାଗିଥିଲା। ପୂର୍ବାହ୍ନ ୧୧ଟାରେ ସେନାପଟା ଲାଗି ଆରମ୍ଭ ହୋଇଥିଲା। ଅପରାହ୍ନ ୨ଟାରେ ମଣିବିଗ୍ରହ ଶ୍ରୀବଳଦେବଜୀଉ, ଅନୁଜ ଶ୍ରୀଜଗନ୍ନାଥ, ଭଉଣୀ ସୁଭଦ୍ରା ସହ ସୁଦର୍ଶନଙ୍କୁ ଧରି ବ୍ରହ୍ମ ତାଳଧ୍ୱଜ ରଥକୁ ପହଣ୍ଡି ବିଜେ କରିଥିଲେ। ହରିବୋଲ, ହୁଳହୁଳି ଧ୍ୱନିରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା। ଦୀର୍ଘ ଦୁଇବର୍ଷ ପରେ ଭକ୍ତ ଓ ଭଗବାନଙ୍କ ମିଳନ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ବଡଛତା ମଠରେ ଥିବା ଶ୍ରୀଜଗନ୍ନାଥଙ୍କ ବିଜେ ପ୍ରତିମାଙ୍କୁ ସେବାୟତମାନେ ଶ୍ରୀଜୀଉଙ୍କୁ ଦର୍ଶନ କରାଇଥିଲେ। ପରେ ଶ୍ରୀଜୀଉମାନେ ବ୍ରହ୍ମ ତାଳଧ୍ୱଜ ରଥ ପ୍ରଦକ୍ଷିଣ ସହ ରଥ ଚକାସନରେ ବସିଥିଲେ। ରାଜ ପୁରୋହିତ ମୃତ୍ୟୁଞ୍ଜୟ ପତ୍ରୀ ଛେରାପହଁରା କରିଥିଲେ। ପରେ ରଥ ଟଣା ଆରମ୍ଭ ହୋଇଥିଲା। ଜିଲାପାଳ ଅମୃତ ଋତୁରାଜ, ଏସ୍‌ପି ମଡକର ସନ୍ଦିତ ସମ୍ପଦ, ପୌରାଧକ୍ଷା ସରିତା ସାହୁ, ଉପଜିଲାପାଳ ତଥା ଟ୍ରଷ୍ଟ ବୋର୍ଡ ଅଧକ୍ଷ ନିରଞ୍ଜନ ବେହେରା, କାଉନସିଲର କାଳିପ୍ରସାଦ ମିଶ୍ର, ପୂର୍ବତନ କାଉନସିଲର ହିରଣ୍ୟ କିଶୋର ପଣ୍ଡା, ଜିଲା ଭାଜପା ସଭାପତି କିଶୋର ଚନ୍ଦ୍ର ପଣ୍ଡା ବରିଷ୍ଠ ନେତା ଭୁବନ ମୋହନ ଜେନା ଏହି ରଥଯାତ୍ରାରେ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ୮ ପ୍ଲାଟୁନ ଫୋର୍ସ ସହ ଶତାଧିକ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।



ଜୀଉମାନଙ୍କ ପହଣ୍ଡି ଆଗରେ ଗୋଟିପୁଅ ନୃତ୍ୟ।

# ମୁରୁଜ ରଥରେ ବିରାଜିଲେ ଶ୍ରୀବଳଦେବଜୀଉ

ରାଜନଗର, ୧୭(ଡି.ଏନ.ଏ.)

ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ରିଘାଗଡସ୍ଥିତ ବହୁ ପ୍ରାଚୀନ ଶ୍ରୀବଳଦେବଜୀଉଙ୍କ ପବିତ୍ର ରଥଯାତ୍ରା ନିଆରା ଢଙ୍ଗରେ ବଡପଣ୍ଡା ଓ ସେବାୟତମାନେ ପାଳନ କରିଛନ୍ତି। ଏଠାରେ ଶ୍ରୀବଳଦେବଜୀଉ ସାନଭାଇ ଜଗନ୍ନାଥ ଓ ଭଉଣୀ ସୁଭଦ୍ରାଙ୍କ ସହ ରଥରେ ବିରାଜମାନ ନ କରି ମୁରୁଜ ରଥରେ ବିଜେ କରିଥାନ୍ତି। କାହିଁ କେଉଁ କାଳରୁ ଏହି ପ୍ରଥା ପ୍ରଚଳିତ ହୋଇଆସୁଛି। ବିରାଟକାୟ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମୁରୁଜ ରଥରେ ଦେଖିବାକୁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ବଡପଣ୍ଡା ଓ ସେବାୟତମାନେ ରଥଯାତ୍ରାର ପରମ୍ପରା ଅନୁଯାୟୀ ପହଣ୍ଡି ବିଜେ ସହ ବିଭିନ୍ନ ନୀତି ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମୁରୁଜ ରଥରେ ସ୍ଥାପନ କରିଛନ୍ତି। ଏହି ବିରଳ ଓ ସ୍ୱତନ୍ତ୍ର ରଥଯାତ୍ରା ପାଇଁ ରିଘାଗଡର ଶ୍ରୀବଳଦେବଜୀଉ ଶ୍ରଦ୍ଧାଳୁ ଭକ୍ତଙ୍କ ନିକଟରେ ସ୍ୱତନ୍ତ୍ର ଭାବେ ଦର୍ଶନ ଦେଇଆସୁଛନ୍ତି।



ରାଜନଗରରେ ବଳଦେବଜୀଉଙ୍କ ଆଗରେ ରଥ ଭଳି ମୁରୁଜ ପକାଯାଇଛି।

# ଭକ୍ତଙ୍କ ମେଳରେ ଶ୍ରୀଦଧିବାମନ ଜୀଉ

କେନ୍ଦ୍ରାପଡ଼ା ଅଫିସ, ୧୭

କେନ୍ଦ୍ରାପଡ଼ା ବ୍ଲକ ଚନ୍ଦନପୁର ପଞ୍ଚାୟତ ଚଉଦକୁଳାଟର ତମାଳଶାସନ କ୍ଷେତ୍ରାଧିପତି ଶ୍ରୀଦଧିବାମନଜୀଉଙ୍କ ରଥଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧୦ ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଅପରାହ୍ନ ୧ଟାରେ ଶ୍ରୀଜୀଉଙ୍କ ଗୋଟି ପହଣ୍ଡି ପରେ ଶ୍ରୀଜୀଉ ରଥାରୂଢ଼ ହୋଇଥିଲେ। ବାଡଗ୍ରାହୀ କିଶୋର ଚନ୍ଦ୍ର ମିଶ୍ର, ରମାକାନ୍ତ ମିଶ୍ର, ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ରଥ ଉପରେ ଶ୍ରୀଜୀଉଙ୍କ ନୀତିକାନ୍ତି ସମାପନ କରିଥିଲେ। ପଣ୍ଡିତ ତ୍ରିଲୋଚନ ମିଶ୍ର ଛେରା ପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଦଧିବାମନ ଚେତନା ପରିଷଦ ପକ୍ଷରୁ ଦଧିବାମନ ହିଁ ଶ୍ରୀଜଗନ୍ନାଥ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ପରିଷଦର ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ବହୁ ବୁଦ୍ଧିଜୀବୀ ଭାଗ ନେଇଥିଲେ। ପଟ୍ଟାମୁଣ୍ଡାଇ ଥାନା ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



ଶ୍ରୀଦଧିବାମନଜୀଉ ରଥାରୂଢ଼ ହୋଇ ମାଉସୀ ମା' ମନ୍ଦିରକୁ ଯାଉଛନ୍ତି।

# ମହାକାଳପଡ଼ାର ବିଭିନ୍ନ ସ୍ଥାନରେ ରଥଯାତ୍ରା

ମହାକାଳପଡ଼ା, ୧୭(ଡି.ଏନ.ଏ.)

ପବିତ୍ର ରଥଯାତ୍ରା ଅବସରରେ ମହାକାଳପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକର ପ୍ରସିଦ୍ଧ କାକଟପୁର ଗ୍ରାମରେ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ହୋଇଯାଇଛି। ଏହି ରଥରେ ଚତୁର୍ଦ୍ଧା ମୂର୍ତ୍ତି ରଥାରୂଢ଼ ହେଲା ପରେ ଅପରାହ୍ନରେ ଭକ୍ତମାନେ ରଥ ଟାଣି ଟାଣି ନେଇ ମାଉସୀ ମା' ମନ୍ଦିର ସମ୍ମୁଖରେ ପହଞ୍ଚି ଥିଲା। ସେହିପରି ବିଜୟନଗର, ତନ୍ତିଆପାଳ, ବେଣାକନ୍ଧା, ଚଣ୍ଡିଆପଲ୍ଲୀ, ଦେଉଳପଡ଼ା, ରାଜଗଡ଼, ଜମ୍ବୁ, ରାମନଗର ଆଦି ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳୁଛି।

# ଆଳିରେ ରଥଯାତ୍ରା ପାଳିତ

ଆଳି, ୧୭(ଡି.ଏନ.ଏ.)

କୋଭିଡ ମହାମାରୀ ଯୋଗୁ ଦୁଇବର୍ଷ ରଥଯାତ୍ରା ବନ୍ଦ ଥିବାରୁ ଭକ୍ତ ଓ ଭଗବାନଙ୍କ ମିଳନ ହୋଇ ପାରି ନ ଥିଲା। କୋଭିଡ ସ୍ଥିତି ସୁଧୁରିବା ପରେ ଆଳିର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀଲକ୍ଷ୍ମୀବରାହଜୀଉ ମନ୍ଦିର ପରିସରରେ ଥିବା ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଆଡ଼ମ୍ବରରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଶୁକ୍ରବାର ସକାଳେ ଠାକୁରଙ୍କ ମଙ୍ଗଳ ଆଳତି, ମଣିଭୋଗ ଆଦି ନୀତିକାନ୍ତି ପରେ ଠାକୁରଙ୍କର ପହୁଡ଼ ପଡିଥିଲା। ପରେ ଅପରାହ୍ନ ୩ଟା ବେଳେ ପହୁଡ଼ ଫିଟିବା ପରେ ଠାକୁରଙ୍କ ଛେନା ପଟି କରାଯାଇଥିଲା। ଏହାପରେ ପଣ୍ଡା ସେବକମାନେ ପହଣ୍ଡି କରି ଠାକୁରଙ୍କୁ ରଥାରୁଢ଼ କରିଥିଲେ। ଆଳି ରାଜା ବ୍ରଜକେଶରୀ ଦେବ ରଥ ସମ୍ମୁଖରେ ଛେରା ପହଁରା କରିବା ପରେ ମାଉସୀ ମା' ମନ୍ଦିର ଅଭିମୁଖେ ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଇଥିଲେ। ଆଳି ତହସିଲଦାର ତପନ ସେନାପତି, ଆଇଆଇସି ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଥିଲେ। ରଥଯାତ୍ରା ଦେଖିବା ନିମନ୍ତେ ବ୍ଲକର ବିଭିନ୍ନସ୍ଥାନରୁ ହଜାର ହଜାର ଶ୍ରଦ୍ଧାଳୁ ରୁଣ୍ଡ ହୋଇଥିଲେ। ସେହିପରି ଗୋବିନ୍ଦପୁର, ଭୁଇଁପୁର, କୁମାରଟଙ୍କା, ସହିରା, କଳଦିଆ ଆଦି ବିଭିନ୍ନ ଗାଁରେ ମଧ ରଥଟଣା କାର୍ଯ୍ୟ ହୋଇଥିଲା।



# ଡେରାବିଶର ବିଭିନ୍ନସ୍ଥାନରେ ରଥଯାତ୍ରା

### ଓଁକାର କ୍ଷେତ୍ର ଓଳକଣାରେ ରଥ ଟାଣିଲେ ଶ୍ରଦ୍ଧାଳୁ

ଡେରାବିଶ, ୧୭(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ବିଭିନ୍ନସ୍ଥାନରେ ଶୁକ୍ରବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଦଧିବାମନଜୀଉଙ୍କ ରଥଯାତ୍ରା ଅପରାହ୍ନ ୪ଟାରେ ଆରମ୍ଭ ହୋଇଥିଲା। ରଥାରୁଢ଼ ଜୀଉଙ୍କୁ ଦର୍ଶନ କରିବାକୁ ରଥଦାଣ୍ଡରେ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା। ତେବେ ମନ୍ଦିରଠାରୁ କିଛି ବାଟ ଯିବା ପରେ ପଣ୍ଡାଘର ଦାଣ୍ଡ ନିକଟରେ ସନ୍ଧ୍ୟାରେ ରଥ ଅଟକି ଥିଲା। ଶନିବାର ପୂର୍ବାହ୍ନରେ ପୁନର୍ବାର ଏହି ରଥ ବଡ଼ଦାଣ୍ଡରେ ଗଡିବ ବୋଲି ପରିଚାଳନା କମିଟି ଟ୍ରଷ୍ଟି ନାରାୟଣ ସାହୁ ସୂଚନା ଦେଇଛନ୍ତି। ସେହିପରି କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଓଁକାର କ୍ଷେତ୍ର ରୂପେ ପରିଚିତ ଓଳକଣା ମେଳନ ପଡ଼ିଆରେ ରଥଯାତ୍ରା ପାଳିତ ହୋଇଯାଇଛି। ତେବେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପୂର୍ବାହ୍ନରେ ଗୋଟି ପହଣ୍ଡିରେ ଅଣାଯାଇ ରଥାରୁଢ଼ କରାଯାଇଥିଲା। ରଥ ଉପରେ ସମସ୍ତ ନୀତିକାନ୍ତି ସରିବା ପରେ ନୃସିଂହ ପୃଷ୍ଟି ଅପରାହ୍ନରେ ରଥ ଉପରେ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ। ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଦୀର୍ଘ ଦୁଇବର୍ଷ ପରେ ରଥାରୁଢ଼ ଶ୍ରୀଜୀଉଙ୍କୁ ଦର୍ଶନ କରିବାକୁ ମେଳନ ପଡ଼ିଆ ଲୋକାରଣ୍ୟ ହୋଇଯାଇଥିଲା। ତେବେ ରଥ ଦଉଡ଼ିକୁ ହଜାର ହଜାର ଶ୍ରଦ୍ଧାଳୁ ଟାଣି ସନ୍ଧ୍ୟାରେ ମାଉସୀ ମା' ମନ୍ଦିର ନିକଟରେ ରଥକୁ ପହଞ୍ଚାଇ ଦେଇଥିଲେ। ତେବେ ବିଭିନ୍ନସ୍ଥାନରେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଡେରାବିଶ ଥାନା ପୋଲିସ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ଓଁକାର କ୍ଷେତ୍ରରେ ଶ୍ରଦ୍ଧାଳୁ ରଥ ଟାଣୁଛନ୍ତି।

# କେରେଡ଼ାଗଡ଼ରେ ରଥଯାତ୍ରା

### ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

ରାଜନଗର, ୧୭(ଡି.ଏନ.ଏ.)

କରୋନା ମହାମାରୀର ଦୁଇବର୍ଷ ପରେ ରାଜନଗରର କେରେଡ଼ାଗଡ଼ ଶ୍ରୀଜଗନ୍ନାଥ ଜୀଉଙ୍କ ପବିତ୍ର ରଥଯାତ୍ରା ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। କୋଭିଡ୍ କଟକଣା ଯୋଗୁ ୨ବର୍ଷ ରଥଯାତ୍ରା ବନ୍ଦ ରହିଥିଲା। କେରେଡାଗଡର ରଥଦାଣ୍ଡରେ ରଥ ଉପରେ ଶ୍ରୀଜଗନ୍ନାଥ ଜୀଉ ଭକ୍ତଙ୍କୁ ଦର୍ଶନ ଦେବା ବେଳେ ହଜାର ହଜାର ଶ୍ରଦ୍ଧାଳୁ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇ ଥିଲା ବଡଦାଣ୍ଡ। ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ଭିତରେ ଶ୍ରୀଜଗନ୍ନାଥଙ୍କ ରଥକୁ ଭକ୍ତମାନେ ଟାଣିବା ସମୟରେ ସବୁରି କଣ୍ଠରେ ଜୟ ଜଗନ୍ନାଥ ଧ୍ୱନିରେ ବଡଦାଣ୍ଡ ପ୍ରକମ୍ପିତ ହୋଇଥିଲା। ମହାପ୍ରଭୁଙ୍କ ସକାଳ ନୀତି ପରେ ମଧ୍ୟାହ୍ନ ୧୨ଟାରେ ଶ୍ରୀଜୀଉଙ୍କ ବିଗ୍ରହଙ୍କୁ ବଡପଣ୍ଡା ମଦନ ମୋହନ ରଥ, ନିତ୍ୟାନନ୍ଦ ପଣ୍ଡା, ଜନକୃଷ୍ଣ ରଥ, ସୋମନାଥ ରଥଙ୍କ ସମେତ ସମସ୍ତ ସେବାୟତ ଘଣ୍ଟ ଧ୍ୱନି ମଧ୍ୟରେ ପହଣ୍ଡି ବିଜେ କରାଇଥିଲେ। ଅପରାହ୍ନ ସାଢେ ୨ଟାରେ କନିକା ରାଜା ସାହେବ ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ପରମ୍ପରା ଅନୁଯାୟୀ ଛେରା ପହଁରା ନୀତି ଶେଷ କରିଥିଲେ। ଅପରାହ୍ନ ସାଢେ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟାରେ ମହାପ୍ରଭୁ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚି ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ। ରାଜନଗର ତହସିଲଦାର ଭୋଳାନାଥ ସେଠୀ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ଆଇଆଇସି ତପନ କୁମାର ନାୟକଙ୍କ ସମେତ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ, ଜିଲାପରିଷଦ ଉପାଧକ୍ଷ ଅଶୋକ କୁମାର ପ୍ରତିହାରୀ, ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ସରପଞ୍ଚ ତାପସ କୁମାର ସାହୁ, ସମିତିସଭ୍ୟ ପ୍ରଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ରହି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ପଣ୍ଡିତ ବରଦାକାନ୍ତ ଜେନା ଜଗନ୍ନାଥ ମହାପ୍ରଭୁଙ୍କ ସମ୍ବନ୍ଧରେ ଧାରା ବିବରଣୀ ପ୍ରଦାନ କରିଥିଲେ। ସେହିପରି ରାଜନଗରସ୍ଥିତ ଶ୍ରୀଦଧିବାମନଜୀଉଙ୍କ ରଥଯାତ୍ରା ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ଏଠାରେ କନିକା ଯୁବରାଜ ଧୀବେନ୍ଦ୍ର ନାରାୟଣ ଭଞ୍ଜଦେଓ ରଥରେ ଛେରା ପହଁରା କରିଥିଲେ। ରାଣୀ ମୃଣାଳିନୀ ଦେବୀଙ୍କ ସମେତ ବଡପଣ୍ଡା ଏବଂ ସେବାୟତମାନେ ଉପସ୍ଥିତ ଥିଲେ। ସେହିପରି ପେଣ୍ଠସ୍ଥିତ ଶ୍ରୀ ଶ୍ରୀବନବିହାରୀ ଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।



ରାଜନଗର କେରେଡାଗଡ଼ରେ ରଥ ଟାଣିବାକୁ ଭକ୍ତଙ୍କ ଭିଡ।



କେରେଡାଗଡ଼ର ରଥ ମାଉସୀ ମା' ମନ୍ଦିରକୁ ଯାଉଛି।

### ରଥ ଉପରେ ଗୁରୁ ଗୋବିନ୍ଦ ଭେଟ

ବହୁ ପୂର୍ବରୁ ରଥଯାତ୍ରା ସମୟରେ ଗୁରୁଗୋବିନ୍ଦଙ୍କ ଭେଟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପରମ୍ପରା ଅନୁସାରେ ଅନୁଷ୍ଠିତ ହୋଇଆସୁଛି। କେରେଡାଗଡସ୍ଥିତ ଶାନ୍ତି ଆଶ୍ରମରୁ ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବାଙ୍କ ପ୍ରତିମୂର୍ତ୍ତିକୁ ସୁସଜ୍ଜିତ ପାଲିଙ୍କିରେ ସେବକ ପାରେଶ୍ୱର ଦାସ, ଶ୍ୟାମ ସୁନ୍ଦର ଦାସ, ନୀଳମଣି ଦାସ, ଅନନ୍ତ ରାଉତ ପ୍ରମୁଖ ଭକ୍ତମାନେ ଆଣି ରଥ ଉପରେ ବିରାଜମାନ କରିଥିବା ମହାପ୍ରଭୁଙ୍କ ଭେଟ କରାଇଥିଲେ। ଗୁରୁ ଗୋବିନ୍ଦ ଭେଟ ପରେ ରଥରେ ଛେରା ପହଁରା ନୀତି ସମ୍ପନ୍ନ ହୋଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨ ଜୁଲାଇ, ୨୦୨୨

## ମେରାଇନ ମତ୍ସ୍ୟ ସମିତି କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ

ପାରାଦୀପ,୧୭(ସ୍ୱ.ପ୍ର.): ପାରାଦୀପ ମାଛଧରାବନ୍ଦର ପରିସରରେ ଥିବା ପାରାଦୀପ ମେରାଇନ ପ୍ରାଥମିକ ମତ୍ସ୍ୟ ଉତ୍ପାଦନ ଓ ବାଣିଜ୍ୟ ସମିତି କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ନିର୍ବାଚିତ ହୋଇଥିବା ସଭାପତି ପୁରନ୍ଦର ବିଶ୍ୱାଳ, ଉପସଭାପତି କୁନିଲତା ପରିଡ଼ା ସମେତ ୧୩ ଜଣ ଏଥିରେ ଶପଥ କରିଥିଲେ।



## ସଂକ୍ଷେପରେ

### ଯୌତୁକ ପାଇଁ ବଧୂ ହତ୍ୟା ଅଭିଯୋଗ

ପାରାଦୀପ,୧୭(ସ୍ୱ.ପ୍ର.): ପାରାଦୀପ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଢିଙ୍କିଆ ଗ୍ରାମରେ ଶୁକ୍ରବାର ଜଣେ ନବବଧୂଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଘୋଡାବନ୍ଧ ଗ୍ରାମର ରୁବି ଦାସ। ଏନେଇ ତାଙ୍କ ମା’ ପଦ୍ମାବତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୨୫୯/୨୨) ରୁଜୁ କରିଛି। ମୃତଦେହକୁ ଜବତ ପରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଂରକ୍ଷିତ ରଖାଯାଇଛି। ଅଭିଯୋଗ ଅନୁଯାୟୀ, ରୁବିଙ୍କ ସହ ଢିଙ୍କିଆ ଗ୍ରାମର ପ୍ରଭାତ ଦାସଙ୍କ ଗତ ମେ’୧୩ରେ ଗଡକୁଜଙ୍ଗ ମନ୍ଦିରରେ ବୈଦିକ ରିତିରେ ବିବାହ ହୋଇଥିଲା। ସେତେବେଳେ ଦାବି ମୁତାବକ ୧ ଲକ୍ଷ ଟଙ୍କା, ସୁନା ଗହଣା ଆଦି ଦିଆଯାଇଥିଲା। ମାତ୍ର ପରେ ଅଧିକ ଯୌତୁକ ଦାବିକରି ରୁବିଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଥିଲା। ଶାଶୁଘର ଲୋକଙ୍କ ନିର୍ଯାତନା ସହି ନ ପାରି ଜୁନ ୧୯ରେ ରୁବି ବାପ ଘରକୁ ଚାଲି ଯାଇଥିଲେ। ଗତ ସପ୍ତାହରେ ଶାଶୁଘର ଲୋକେ ପହଞ୍ଚି ବୁଝାଶୁଝା କରି ରୁବିଙ୍କୁ ନେଇଥିଲେ। ଏହାପରେ ଶୁକ୍ରବାର ତାଙ୍କୁ ମାରି ଦେବା ପରେ ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ପଦ୍ମାବତୀ ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତି କରି ପୋଲିସ ତଦନ୍ତ ଚଳାଇଛି।

### ମହିଳାଙ୍କୁ ଅଶାଳୀନ ବ୍ୟବହାର ଥାନାରେ ଅଭିଯୋଗ

ବାଲିକୁଦା,୧୭(ସ୍ୱ.ପ୍ର.): ବାଲିକୁଦା ଥାନା ଅଳାଭରାଠାରେ ଗତ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଜଣେ ବ୍ୟକ୍ତିଙ୍କ ସ୍ତ୍ରୀଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ୨ଜଣ ଯୁବକଙ୍କ ବିରୋଧରେ ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ମାମଲା (ନଂ. ୨୯୪/୨୨) ରୁଜୁ କରାଯାଇଛି। ପୀଡ଼ିତା ମହିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ଅଳାଭାର ପଞ୍ଚାୟତରୁ ସମିତି ସଭ୍ୟ ପ୍ରାର୍ଥୀ ହୋଇ ହାରି ଯାଇଥିଲେ। ଗତ ୩ ଦିନ ପୂର୍ବେ ପୀଡ଼ିତା ମହିଳା ଓ ତାଙ୍କ ଜାଆ’ ଘରବାରଣ୍ଡାରେ ବସିଥିବାବେଳେ ସ୍ଥାନୀୟ ଅଞ୍ଚଳର ବାମଦେବ କାଣ୍ଡି ଓ ଅଲିକଣା ଗ୍ରାମର ମନୋରଞ୍ଜନ ସ୍ୱାଇଁ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗତ ନିର୍ବାଚନରେ ପୀଡିତାଙ୍କ ସ୍ୱାମୀ ପ୍ରାର୍ଥୀ ହୋଇଥିବାରୁ ତାଙ୍କୁ ହାଣି ଦେବାକୁ ଧମକ ଦେଇଥିଲେ। ସେତେବେଳେ ସ୍ୱାମୀ ଘରେ ନ ଥିବାରୁ ଅଭିଯୁକ୍ତମାନେ ପୀଡ଼ିତାଙ୍କୁ ଅଶ୍ଳୀଳ ବ୍ୟାବହାର ପ୍ରଦର୍ଶନ କରି ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏହି ମାମଲାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

### ବନ ମହୋତ୍ସବରେ ବୁଲିଲା ପ୍ରକୃତି ରଥ

ପାରାଦୀପ,୧୭(ସ୍ୱ.ପ୍ର.): ପାରାଦୀପ ନାଗରିକ ମଞ୍ଚ ନାମକ ସଂଗଠନ ପକ୍ଷରୁ ଶନିବାର ଠାରୁ ବନ ମହୋତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ଏକ ସଚେତନତା ବାର୍ତ୍ତା ଥିବା ପ୍ରକୃତି ରଥକୁ ଜଗତସିଂହପୁର କେନ୍ଦ୍ରାପଡା ଜିଲାର ବିଭିନ୍ନ ସ୍ଥାନକୁ ପଠାଯାଇଛି। ଏହାକୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ମଞ୍ଚ ସଭାପତି ଅୟସକାନ୍ତ ରାୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଭାବରେ ଭିଜିଲେ ଭକ୍ତ



ସିଦ୍ଧଳ ବଳଦେବଜୀଉଙ୍କ ରଥରେ ଠାକୁର ରାଜା ନୀତି ସମ୍ପନ୍ନ କରୁଛନ୍ତି।



ଖଇରଙ୍ଗ ଗ୍ରାମରେ ଜଗନ୍ନାଥଙ୍କୁ ପହଣ୍ଡିରେ ରଥକୁ ନିଆଯାଉଛି।

ଜଗତସିଂହପୁର ଅଫିସ, ୧୭

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ନେଇ ସାରା ଜଗତ୍‌ସିଂହପୁର ଜିଲାରେ ଶୁକ୍ରବାର ଭାବାବେଗ ପରିବେଶ ସୃଷ୍ଟି ହୋଇଥିଲା। ଏହି ଯାତ୍ରା ସମୟରେ ଅନେକ ସ୍ଥାନରେ ଜଗନ୍ନାଥ ପ୍ରେମୀମାନେ ଭାବ ବିହ୍ୱଳିତ ହୋଇ ପଡ଼ିଥିଲେ। ଏହି ଅବସରରେ ସିଦ୍ଧଳସ୍ଥିତ ବଳଦେବଜୀଉ ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ରଥଯାତ୍ରା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ପ୍ରାତଃ ସମୟରୁ ମଙ୍ଗଳ ଆଳତି, ସ୍ନାନାଦି ନିତ୍ୟକ୍ରିୟା, ମଙ୍ଗଳାର୍ପଣ, ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ପାକଶାଳା ପୂଜା, ବୈଷ୍ଣବାଗ୍ନି ସଂସ୍କାର, ଷୋଡ଼ଶ ଉପଚାର ଆଦି ପୂଜା ରୀତି ନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନରେ ଧୂପ ଓ ଏହା ପରେ ରଥ ପ୍ରତିଷ୍ଠା ପତାକା ଲାଗି କରାଯାଇଥିଲା। ଅପରାହ୍ନରେ ପ୍ରଭୁଙ୍କ ରଥାରୋହଣ ଏବଂ ପହଣ୍ଡିବିଜେ ଅନୁଷ୍ଠିତ ହୋଇଥିଲା। ଏଥର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଠାକୁର ରାଜା ଭାବେ ରଥ ମାର୍ଜନା ଓ ଛେରା ପହଁରା କରିଥିଲେ। ଏହାପରେ ଆରତି ଦର୍ଶନ, ସର୍ବସାଧାରଣ ଭୋଗ ଲାଗି ଓ ରଥଚାଳନା କରାଯାଇଥିଲା। ସହସ୍ରାଧିକ ଭକ୍ତଙ୍କ ସମାଗମ ଭିତରେ ରଥ ଗଡି ଶେଷରେ ମାଉସୀ ମା’ ମନ୍ଦିର ନିକଟରେ ପହଞ୍ଚିଥିଲା। ଜନସମାଗମକୁ ଦୃଷ୍ଟିରେ ରଖି ପୋଲିସ ଓ ପ୍ରଶାସନ ତରଫରୁ ସୁରକ୍ଷା ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଥିଲ। ସେହିପରି ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ଖଇରଙ୍ଗ ଗ୍ରାମରେ ପ୍ରଫୁଲ୍ଲ ପାଠାଗାର ଓ ଖଇରଙ୍ଗ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଖଇରଙ୍ଗ ଗ୍ରାମସ୍ଥିତ ଭାଗବତ ଟୁଙ୍ଗୀରୁ ଚତୁର୍ଦ୍ଧାମୁରତିଙ୍କୁ ପହଣ୍ଡି ପରେ ଠାକୁର ରାଜା ଡ. ମନୋରଞ୍ଜନ ନନ୍ଦ ଛେରାପହଁରା କରିଥିଲେ। ପରେ ରଥ ଟଣା ହୋଇ ପ୍ରଫୁଲ୍ଲ ପାଠାଗାର ନିକଟରେ ପହଞ୍ଚିଥିଲା। ଏହି ସମୟରେ ଝାଞ୍ଜ, ଗିନି ଓ ମୃଦଙ୍ଗ ଆଦି ବାଦ୍ୟରୋଳ ସମଗ୍ର ଅଞ୍ଚଳରେ ନିଆରା ପରିବେଶ ସୃଷ୍ଟି କରିଥିଲା। ପୂଜକ ଭାବେ ରବି ପତି ଓ ମନୋରଞ୍ଜନ ଦାଶ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପାଠାଗାର ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀ, ସୋସାଇଟି ଫର ରୁରାଲ ଡେଭଲପମେଣ୍ଟର ସଭାପତି ବଂଶୀଧର ଆଚାର୍ଯ୍ୟ, ପାଠାଗାର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ, ଉପଦେଷ୍ଟା ବିଜୟ କୁମାର ପତି, ମୁଖ୍ୟ ପୃଷ୍ଠପୋଷକ ପ୍ରସନ୍ନ କୁମାର ଦାଶ, ନିରଞ୍ଜନ ଦାଶ, ପ୍ରଶାନ୍ତ କୁମାର ଦାଶ, ହିମାଂଶୁ ଦାଶ, ପ୍ରମୋଦ ଦାଶ, ସମୀର ଦାଶ, ଶକ୍ତିଧର ମିଶ୍ର, ଶରତ କୁମାର ଦାଶ ପ୍ରମୁଖ ସହାୟତା କରିଥିଲେ। ଏହାଛଡା ଜଗତ୍‌ସିଂହପୁର ସହରର ପାଣିଶାଳିଆ, ବାରଙ୍ଗ ଏବଂ ପୋକପୁର ଆଦି ଏକାଧିକ ସ୍ଥାନରେ ରଥଯାତ୍ରା ହୋଇଥିଲା।

## ଧାନକୁଦ ପୀଠରେ ଶ୍ରୀଗୁଣ୍ଡିଚା ରଥଯାତ୍ରା

ବିରିଡି,୧୭(ଡି.ଏନ.ଏ)

ବିରିଡି ବ୍ଲକ ଅନ୍ତର୍ଗତ ହାଜିପୁରସ୍ଥିତ ମହାପୁରୁଷ ପଞ୍ଚସଖାଙ୍କ ସାଧନାପୀଠ ଧାନକୁଦସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଶୁକ୍ରବାର ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ମନ୍ଦିରର ଦ୍ୱାରଫିଟା, ମଙ୍ଗଳ ଆଳତି, ମଇଲମ, ତଡପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ, ସକାଳ ଧୂପ, ସେନାପଟ୍ଟା ଲାଗି, ମଙ୍ଗଳାର୍ପଣ, ରଥ ପ୍ରତିଷ୍ଠା, ଟାହିଆ ବିଜେ, ପହଣ୍ଡି ଓ ମଦନମୋହନଙ୍କୁ ବିଜେ କରାଯାଇଥିଲା। ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ଅଣାଯାଇ ରଥାରୁଢ଼ କରାଯାଇଥିଲା। ମନ୍ଦିର ଆଚାର୍ଯ୍ୟ ବାବା ଅରକ୍ଷିତ ଦାସଙ୍କ ରଥ ପରିକ୍ରମା କରିବା ପରେ ମନ୍ଦିର ରାଜା ପ୍ରମୋଦ କୁମାର ନନ୍ଦିଙ୍କ ଦ୍ୱାରା ଛେରାପହଁରା କରାଯାଇଥିଲା। ଏହାପରେ ଭକ୍ତମାନେ ରଥ ଟାଣିଥିଲେ। ସନ୍ଧ୍ୟାରେ ରଥ ମାଉସୀ’ମା ମନ୍ଦିରରେ ପହଞ୍ଚି ଥିଲା। ଏହି ଅବସରରେ ମଙ୍ଗୁଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଏନସିସି ଛାତ୍ରୀଛାତ୍ରମାନେ ଗରମରେ କଷ୍ଟ ଭୋଗୁଥିବା ଭକ୍ତମାନଙ୍କ ଉପରକୁ ଥଣ୍ଡା ଜଳ ସିଞ୍ଚନ କରିଥିଲେ। ଏଥିରେ ଦଇତାପତି ଓ ସେବାୟତମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ସମାପନ କରାଯାଇଥିଲା।



ଭକ୍ତମାନେ ରଥ ଟାଣି ମାଉସୀ ମା’ ମନ୍ଦିରକୁ ନେଉଛନ୍ତି।

# ପାଟ୍ରୋଲିଂ ଜାହାଜ, ଏୟାରକ୍ରାଫ୍ଟ ମୁତୟନ

### ପୁରୀ ରଥଯାତ୍ରା ମହୋତ୍ସବ ପାଇଁ କୋଷ୍ଟଗାର୍ଡର ସୁରକ୍ଷା ବ୍ୟବସ୍ଥା

ପାରାଦୀପ,୧୭(ସ୍ୱ.ପ୍ର.)

ଓଡ଼ିଶାର ପ୍ରସିଦ୍ଧ ରଥଯାତ୍ରା ମହୋତ୍ସବ ପୁରୀ ପାଇଁ ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ପାରାଦୀପ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏନେଇ ଜୁଲାଇ ୧୧ ତାରିଖ ପର୍ଯ୍ୟନ୍ତ ପୁରୀ ସମୁଦ୍ର ଉପକୂଳରେ ଏକ ପାଟ୍ରୋଲିଂ ଜାହାଜ ଓ ଡୋନିୟର ଏୟାରକ୍ରାଫ୍ଟ ମୁତୟନ କରାଯାଇ ୨୪ ଘଣ୍ଟିଆ ଯାଞ୍ଚ କରାଯାଉଛି ବୋଲି କୋଷ୍ଟଗାର୍ଡ ପକ୍ଷରୁ ସୂଚନା ମିଳିଛି। ଏଥିପାଇଁ ରାଜ୍ୟ ପ୍ରଶାସନ ସହ ସମସ୍ତ ପ୍ରକାର ଯୋଗାଯୋଗ ରହିଛି। ରଥଯାତ୍ରା ସମୟରେ ପୁରୀ ଅତି ସମ୍ବେଦନଶୀଳ ସ୍ଥାନ ହୋଇଥିବାରୁ କୋଷ୍ଟଗାର୍ଡ ପକ୍ଷରୁ ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି।





ପାଟ୍ରୋଲିଂ ଜାହାଜ ଓ ଡୋନିୟର ଏୟାରକ୍ରାଫ୍ଟ ଯୋଗେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି।

## ବାଲିକୁଦାର ବିଭିନ୍ନ ସ୍ଥାନରେ ରଥଯାତ୍ରା

ବାଲିକୁଦା, ୧୭(ସ୍ୱ.ପ୍ର.)

ବାଲିକୁଦାର ବିଭିନ୍ନ ଜଗନ୍ନାଥ ମନ୍ଦିର ଓ ମଠରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖମ୍ବାକୁଳସ୍ଥିତ ଐତିହାସିକ ନୃସିଂହନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ହୋଇଥିଲା। ଏଥିରେ ମହନ୍ତ ବିଶ୍ୱଜିତ ଦାସ, ବଡ଼ ପଣ୍ଡା ସତ୍ୟାନନ୍ଦ ପାଢୀ, ଦୈତାପତି ଦିଗମ୍ବର ମହାପାତ୍ର, ନାରାୟଣ ଦାସ, ପ୍ରତାପ ପରିଡ଼ା, ମେଘଦୂତ ମହାନ୍ତି ପ୍ରମୁଖ ସହାୟତା କରିଥିଲେ। ସେହିପରି ବାଲିକୁଦାଠାରେ ପତିତପାବନଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ତିନି ଠାକୁର ଓ ସୁଦର୍ଶନ ରଥାରୂଢ଼ ହୋଇ ମାଉସୀ ମା’ ମନ୍ଦିରରେ ପହଞ୍ଚିଥିଲେ। ଏଠାରେ ବାଲିକୁଦା-ଏରସମା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ସମେତ ନିଗମାନନ୍ଦ ଦାସ, ପ୍ରଫୁଲ୍ଲ ଦାସ, ଅମିୟ ଦାସ, ଜୀବନ ଦାସ, ଶିବବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସିଂହାରପୁରର ସିଂହାର ଶ୍ରୀକ୍ଷେତ୍ରରେ ମଧ୍ୟ ଅନୁରୂପ ଭାବେ ରଥଯାତ୍ରା ହୋଇଯାଇଛି। ଏଥିରେ ଦାମୋଦର ପଣ୍ଡା, ବଡ଼ ପଣ୍ଡା ବିଚିତ୍ରାନନ୍ଦ ପଣ୍ଡାଙ୍କ ସମେତ ମାଧବାନନ୍ଦ ଜେନା, ପ୍ରଭାକର ଦାସ, ପୀତାମ୍ବର ସାହାଣି, ବିମଳ ରଥ, ପ୍ରଫୁଲ୍ଲ ରାଉତ ପ୍ରମୁଖ ସାମିଲ ହୋଇଥିଲେ। ରାୟପୁର ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ରଥଯାତ୍ରାରେ ରବିନାରାୟଣ ନନ୍ଦ, ବିକ୍ରମ ନନ୍ଦ, ଶଙ୍କର୍ଷଣ ନନ୍ଦ, ସୁରେଶ ଚୌଧୁରୀ, ଯୁଧିଷ୍ଠିର ଆଚାର୍ଯ୍ୟ ଓ ଗଙ୍ଗାଧର ମହାରଣା ପ୍ରମୁଖଙ୍କ ରଥ କାର୍ଯ୍ୟ ସମ୍ପାଦିତ କରିଥିଲେ। ଏହାଛଡା କଣିଆସ୍ଥିତ ପ୍ରଭୁ ଗଦାଧର ଓ ବଡ଼ରୋଡ଼ଙ୍ଗ ସ୍ଥିତ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରେ ରଥଯାତ୍ରା ହୋଇଥିଲା।

## ଶ୍ରମିକ, କର୍ମଚାରୀ ଟାଣିଲେ ରଥ

ପାରାଦୀପ,୧୭(ସ୍ୱ.ପ୍ର.)

ପାରାଦୀପ ଫସଫେଟସ ଲିମିଟେଡ଼(ପିପିଏଲ)ପକ୍ଷରୁ ଶୁକ୍ରବାର ରଥଯାତ୍ରା ମହୋତ୍ସବ ପାଳିତ ହୋଇଯାଇଛି। କମ୍ପାନୀ କର୍ମଚାରୀ ଶ୍ରମିକଙ୍କ ପରିବାର ଲୋକେ ଏଥିରେ ସାମିଲ ହୋଇଥିଲେ। ଟାଉନଶିପ ପରିସରରେ ଥିବା ଜଗନ୍ନାଥ ମନ୍ଦିରରୁ ମାଉସୀ ମା’ ମନ୍ଦିର ପର୍ଯ୍ୟନ୍ତ ଏହି ଘୋଷଯାତ୍ରା ଆୟୋଜିତ ହୋଇଥିଲା। ପିପିଏଲ କମ୍ପାନୀ ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ ରଥରେ ଛେରା ପହଁରା କରିଥିଲେ। ସୁରକ୍ଷା ଅଧିକାରୀ ଅରୁଣ କାନ୍ତି ଆଚାର୍ଯ୍ୟ, ମ୍ୟାନେଜର ସଞ୍ଜୟ କେତନ ସେଠି ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସେହିପରି ଇଫ୍‌କୋ ପରିସରରେ ରଥଯାତ୍ରା ମହୋତ୍ସବ ପାଳନ ହୋଇଯାଇଛି। କମ୍ପାନୀ କର୍ମଚାରୀ ଓ ଶ୍ରମିକ ପରିବାର ଏଥିରେ ସାମିଲ ହୋଇଥିଲେ। ଇଫ୍‌କୋ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ କେ.ଜେ.ପଟେଲ ରଥରେ ଛେରା ପହଁରା କରିଥିଲେ। ପାରାଦୀପ ଜଗନ୍ନାଥ ସମାଜ ପକ୍ଷରୁ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମାଉସୀ ମା’ ମନ୍ଦିର ପାଖରେ ୯ ଦିନ ବ୍ୟାପି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ମିଳିଛି।



ଭକ୍ତମାନେ ରଥ ଟାଣୁଛନ୍ତି।

# ଜୁଲାଇରୁ ସେପ୍ଟେମ୍ବର ୧୩ ଦିନ ଜନଶୁଣାଣି

ଜଗତ୍‌ସିଂହପୁର ଅଫିସ, ୧୭

ଜିଲା ପ୍ରଶାସନ ପକ୍ଷରୁ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ହେବାକୁ ଥିବା ମିଳିତ ଜନଅଭିଯୋଗ ଶୁଣାଣି ଶିବିରର କାର୍ଯ୍ୟସୂଚୀ ଶୁକ୍ରବାର ପ୍ରକାଶ ପାଇଛି। ଜୁଲାଇରେ ୪ ଦିନ ଏହି ଶିବିର ଆୟୋଜନ ହେବ। ୪ ତାରିଖରେ ଏରସମା ବ୍ଲକ, ୧୧ରେ ରଘୁନାଥପୁର, ୧୮ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ୨୫ରେ ତିର୍ତ୍ତୋଲ ବ୍ଲକରେ ଶୁଣାଣି ଅନୁଷ୍ଠିତ ହେବ। ସେହିପରି ଅଗଷ୍ଟରେ ୫ଦିନ ଅର୍ଥାତ୍ ୧ରେ କୁଜଙ୍ଗ ବ୍ଲକ, ୮ରେ ବିରିଡ଼ି, ୧୬ରେ ଜିଲାପାଳଙ୍କ କାର୍ଯ୍ୟାଳୟ, ୨୨ରେ ନାଉଗାଁ ଓ ୨୯ରେ ବାଲିକୁଦା ବ୍ଲକରେ ଶିବିର ଆୟୋଜନ ହେବ। ସେପ୍ଟେମ୍ବରରେ ୪ ଦିନ ଅର୍ଥାତ୍ ୫ରେ ଏରସମା ବ୍ଲକ, ୧୨ରେ ରଘୁନାଥପୁର, ୧୯ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଓ ୨୬ରେ ତିର୍ତ୍ତୋଲ ବ୍ଲକରେ ଶିବିର କରାଯିବ। ଏସବୁ ଶିବିରରେ ଜିଲାପାଳ, ଏସ୍‌ପି, ଅତିରିକ୍ତ ଜିଲାପାଳ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଉପଜିଲାପାଳ, ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର, କ୍ଷେତ୍ରୀୟ ଓ ବ୍ଲକସ୍ତରୀୟ ଅଧିକାରୀ, ଜନ ପ୍ରତିନିଧିମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିବେ। ଜିଲାର ଜନସାଧାରଣ ସେମାନଙ୍କ ସମସ୍ୟା ଓ ଅଭିଯୋଗର ସମାଧାନ ପାଇଁ ଉପରୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଉପସ୍ଥିତ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଏରସମାର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା

ଏରସମା,୧୭(ସ୍ୱ.ପ୍ର.)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ସେବାୟତମାନେ ଶ୍ରୀ ଜୀଉମାନଙ୍କୁ ପହଣ୍ଡି କରି ରଥାରୋହଣ କରାଇଥିଲେ। ପରେ ଠାକୁରରାଜା ଭାବେ ନିରଞ୍ଜନ ପ୍ରସାଦ ଦାସ ପାଲିଙ୍କି ଚଢି ଶୋଭାଯାତ୍ରାରେ ଆସି ରଥ ନିକଟରେ ଛେରା ପହଁରା କରିଥିଲେ। ଭକ୍ତମାନେ ରଥ ଟାଣି ମାଉସୀ ମା’ ମନ୍ଦିର ନିକଟକୁ ନେଇଥିଲେ।। ଏଥିରେ ପୂର୍ବତନ ମନ୍ତ୍ରୀ ଡା.ଦାମୋଦର ରାଉତ,ଏରସମାର ଅତିରିକ୍ତ ତହସିଲଦାର ଡି. କେ ପାଲ, ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ସମିତିସଭ୍ୟା ଦେବଯାନୀ ସେଠୀ ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ରେ କିଶୋର ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ପଦ୍ମପୁର ପଞ୍ଚାୟତ ଅନ୍ତର୍ଗତ ସରବନ୍ତସ୍ଥିତ ଝାଡୁଆ ଜଗନ୍ନାଥ ମନ୍ଦିର ପକ୍ଷରୁ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିମାଇଁ ଚରଣ ମଲ୍ଲିକ ଛେରା ପହଁରା କରିଥିଲେ। ସେହିପରି ପୋତକ ଜଗନ୍ନଥ ମନ୍ଦିର,ରସକଡାପୁର ଜଗନ୍ନାଥ ମନ୍ଦିର,ଜୁଣଗରୀ ଜଗନ୍ନାଥ ମନ୍ଦିର,ପଞ୍ଚପଲୀ ଜଗନ୍ନାଥ ମନ୍ଦିର,କୋଠି ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।



ଠାକୁର ରାଜା ଛେରା ପହଁରା କରୁଛନ୍ତି।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ ଟାଣିଲେ ଶ୍ରଦ୍ଧାଳୁ

ନାଉଗାଁ, ୧୭(ସ୍ୱ.ପ୍ର.)

ନାଉଗାଁ ବ୍ଲକର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର ଅଲଣା,ତିହୁଡା ବାଲିସାହିସ୍ଥିତ ଶ୍ରୀ ଶ୍ରୀ ପତିତପାବନ ଜୀଉ ମନ୍ଦିର,ଚାନ୍ଦଖାଂପାଟଣାସ୍ଥିତ ବଳଦେବଜୀଉ ମନ୍ଦିର ଆଦିରେ ଘୋଷ ଯାତ୍ରା ଉପଲକ୍ଷେ ପୂଜାର୍ଚ୍ଚନା ହୋଇଥିଲା। ଗାରୋଇସ୍ଥିତ ଗୋବର୍ଦ୍ଧନ ପୀଠରେ ରୀତିନୀତି ଅନୁଯାୟୀ ରଥ ଟଣା ହୋଇଥିଲା। ଗୋବର୍ଦ୍ଧନ ପୀଠରେ ୩ ରଥ ପ୍ରାତଃ ସମୟରୁ ସୁସଜ୍ଜିତ ହୋଇ ବଡ ଦାଣ୍ଡରେ ରହିଥିଲେ। ନିତି ଅନୁଯାୟୀ ଶ୍ରୀଜୀଉଙ୍କର ପୂଜାର୍ଚ୍ଚନା ହୋଇଥିଲା। ଶଙ୍ଖ, ହୁଳହୁଳି ଓ ନାମ ସଂକୀର୍ତ୍ତନରେ ତିନି ଠାକୁରଙ୍କୁ ପହଣ୍ଡିରେ ନିଆଯାଇ ରଥାରୁଢ଼ କରାଯାଇଥିଲା। ଠାକୁର ରାଜା ଭାବେ ଜ୍ଞାନ ରଞ୍ଜନ ବିଶ୍ୱାଳ ୩ ରଥରେ ଛେରା ପହଁରା କରିଥିଲେ। ଏହାପରେ ତେଲସରାସ୍ଥିତ ମାଉସୀ ମା’ମନ୍ଦିର ଅଭିମୁଖେ ରଥ ଟଣା ଯାଇଥିଲା। ଏଥିରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ଜଗତସିଂହପୁର ବ୍ଲକ ଅନ୍ତର୍ଗତ ସରସ୍ୱୋସ୍ଥିତ ମା’ ସିଦ୍ଧିଦାତ୍ରୀଙ୍କ ଦିବ୍ୟ ଜୀବନ ସେବାଶ୍ରମରେ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳା ନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁକ୍ତି ଶ୍ରୀକ୍ଷେତ୍ର କୁହାଯାଉଥିବା ଉକ୍ତପୀଠରେ ରୀତିନୀତି ଅନୁଯାୟୀ ରଥ ଟଣା ହୋଇଥିଲା। ରୀତିନୀତି ଅନୁଯାୟୀ, ୩ ଠାକୁରଙ୍କୁ ରଥାରୁଢ଼ କରାଯାଇଥିଲା। ଠାକୁର ରାଜାଭାବେ ଆଶ୍ରମର ସମ୍ପାଦକ ଅକ୍ଷୟ କୁମାର ମିଶ୍ର ୩ ରଥରେ ଛେରା ପହଁରା କରିଥିଲେ। ଏହାପରେ ଶ୍ରଦ୍ଧାଳୁମାନେ ମଧୁସୂଦନପୁରସ୍ଥିତ ମାଉସୀ ମା’ ମନ୍ଦିରକୁ ରଥ ଟାଣି ନେଇଥିଲେ। ଏଠାରେ ମା’ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ।



ଗାରୋଇସ୍ଥିତ ଗୋବର୍ଦ୍ଧନ ପୀଠରେ ତିନି ଠାକୁରଙ୍କ ରଥ।

## OFFICE OF THE SUPERINTENDENT KISANTANDI CHC, MORADA, MAYURBHANJ

E-mail:bpmumorada@gmail.com

### ROGI KALYAN SAMITI KISANTANDI CHC
### Morada, Mayurbhanj

**SHORT NOTICE FOR EXPRESSION OF INTEREST IS CALLED FOR ALTERNATE VACCINE DELIVERY SYSTEM**

**Adv.No.212** **Date:29.06.22**

**No.E-266:**Sealed Proposals as per the Expression of Interest (EoI) are invited from interested eligible agency/ Volunteer (registered under society registration act 1860/ registered under the Trust Act/ registered as an SHG/ others individual having its office) having adequate experience for carry out the "ALTERNATE VACCINE DELIVERY SYSTEM" in the block Morada, The eligibility criteria and the detail requirement of the said service along with the formats for submission for proposal which may be downloaded from the district website www.mayurbhanj.nic.in. The tender should be reached in the office of the undersigned within 1PM of dt.12.07,2022 through Speed post / Registered post / Courier only and tender will be opened on dt.13.07.2022 at 11 AM in the office chamber of Suptd. Kisantandi CHC, Morada, Mayurbhanj. The undersigned will not be held responsible for any postal delay and reserves the right to reject any or all the tenders without assigning reason thereof.

**Sd/- Superintendent Kisantandi CHC Morada, Mayurbhanj**
**OIPR-10156/11/0002/2223**

---

**No.CAD-985:**

idco — Your power to grow — ISO 9001 & 14001 Corporation | ODISHA NEW OPPORTUNITIES

## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022

**Tender Call Notice No.**
**IDCO:H.O./P&C/EST/E-1750/01/2021/16143 dated: 27.06.2022**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the Work: Renovation and refurnishing work of different floors of Annex Building(Stilt, 1st & 4th Floor) & 8th Floor of Main Building at IDCO Tower, Janpath, Bhubaneswar for sitting arrangement of IDCO Officers and staffs.(Civil + Electrical)
2. Estimated cost : Rs.151.87 Lakh
3. Period of completion : 02 (Two) Month
4. Other details :

| Procurement Officer | Bid ID/Tender Reference No. | Availability of Tender online for bidding | |
|---|---|---|---|
| 1 | 2 | 3 | 4 |
| Chief General Manager, (P&C), IDCO, IDCO Towers, Bhubaneswar | P&C/EST/ E-26/ 2022-23 | From 17.00 hours of dt.06.07.2022 | to 17.00 hours of dt.22.07.2022 |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

**Sd./- Chief General Manager (P&C) IDCO,Bhubaneswar**
**OIPR-14003/11/0066/2223**

---

## The Odisha Small Industries Corporation Ltd.

(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in

**No.CAD-988** OSIC GST No. 21AAACO2101M1Z1

### TENDER CALL NOTICE

**Tender Notice No.2778/MKT/OSIC** **Dt.30.06.2022**

The OSIC Ltd., Cuttack invites sealed bids from experienced vendors empanelled with OSIC for supply of ALNA with mirror and 8 box combined for use of boarder students staying in SSD Hostels in Mayurbhanj District. The detail schedules, terms and conditions of the tender document can be downloaded from **www.osicltd.in** . Any corrigendum/ changes/ modifications will appear in OSIC Ltd. website: **www.osicltd.in** only and the responsibility lies with the bidders to download the same before the last date of submission of bids. **OIPR-14073/11/0039/2223** **Sd/-Manager(Mktg)**

---

Annexure-A

## Tender Call Notice

No. K-07:- Quotations/Tenders are invited from intending eligible Bidders for Annual Maintenance Contract of Desktops Computers, its peripherals, Laptops, Printers and UPS used in L&ESI Department, Kharavel Bhawan, Bhubaneswar for a period of one year.

For details, please visit **www.labour.odisha.gov.in**

**Last date of receiving applications is 16.07.2022 at 3.30 PM**

**Dy. Secy. to Govt. Labour & ESI Deptt.**
OIPR-17001/11/0006/2223

---

## GOVERNMENT OF ODISHA
## DEPARTMENT OF WATER RESOURCES

**E-PROCUREMENT NOTICE**
**NO.-SE-HID-02/2022-23**
**E-mail: hidirrigation@gmail.com**
**BID IDENTIFICATION NO- SE-HID- 02/2022-23**

**No.A-364:1.**The Superintending Engineer, Hadua Irrigation Division, Narasinghpur on behalf of Govt. of Odisha invites bid in Single Cover system in ONLINE MODE from eligible manpower service provider as detailed below:

2. Number of Work : 1 No.
3. Estimated Cost : Rs. 7.41 Lakhs
4. Period of work : Nine months
5. Date & Time of availability of Bid Documents in the Portal : 02.07.2022 from 10.00 Hrs to 08.07.2022 upto 18.00 Hrs.
6. Last Date & Time of Online Bidding : 08.07.2022 up to 18.00 Hrs
7 Date & Time of Opening of Online Bid 11.07.2022 at 11.00 Hrs
8. Date & Time of availability of Bid Documents in the Portal : 02.07.2022 from 10.00 Hrs to 08.07.2022 up to 18.00 Hrs

The Bidders have to participate in ONLINE bidding only and required to send uploaded hard copy to this office after opening of bid. Further details can be seen from the website: https://tenderodisha.gov.in. Any addendum/ corrigendum/ cancellation of tender can also be seen in the said site.

**Sd./- Superintending Engineer, Hadua Irrigation Division, Narasinghpur**
**OIPR-32243/11/0002/2223**

---

## GOVERNMENT OF ODISHA

**No.A-362:**

### 'e" PROCUREMENT NOTICE

**Bid Identification No.:CCE,KIP(KCD-II)-02/ 2022-23**
**(Pertaining to Kanupur Canal Division No.II, Rimuli)**

| | | |
|---|---|---|
| 1 | Name of the work | "Construction of Gidhibas Distributary from RD 00m to RD 11,670m including all structures (Excluding Forest Area) off-taking at RD 65,934m of Kanupur Main Canal of Kanupur Irrigation Project". |
| 2 | Estimated Cost | Rs. 699.24 Lakh |
| 3 | Period of Completion | 11 (Eleven) calendar months including rainy season. |
| 4 | Date & Time of availability of bid document in the portal | Dt.12.07.2022 from 10.00 Hours to Dt.26.07.2022 up to 17.00 Hours. |
| 5 | Last date / time of receipt of bid in the portal | Dt. 26.07.2022 up to 17.00 Hours. |
| 6 | Name & Address of the Officer inviting Bid | Er. Prasanna Kumar Pani Chief Construction Engineer, Kanupur Irrigation Project, At/PO: Basudevpur, Dist.: Keonjhar, Odisha-758047 |

Further details can be seen from e-Procurement portal **www.tendersodisha.gov.in**

**(Er. Prasanna Kumar Pani)**
**Chief Construction Engineer, Kanupur Irrigation Project, Basudevpur, Keonjhar**
**OIPR-32449/11/0002/2223**

---

## ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
## କ୍ଷୁଦ୍ର ଜଳସେଚନ ବିଭାଜନ, ଅନୁଗୋଳ

**E-mail: eemidivision_angul@yahoo.com**

### ବିଜ୍ଞପ୍ତି

No. A-365: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଅନୁଗୋଳ ଜିଲ୍ଲାର ଆଠମଲ୍ଲିକ କ୍ଷୁଦ୍ର ଜଳସଚେନ ଉପ ବିଭାଜନର ଘୁରୁଡ଼ିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ହେବାକୁ ଥିବା ପ୍ରକଳ୍ପ ନିମନ୍ତେ, ଗ୍ରାମ ନୂଆଖୋଲ ରଗଡ଼ାରେ ଆବଶ୍ୟକ ପଡୁଥିବା ନିମ୍ନଲିଖିତ ବେସରକାରୀ ଭୂମିଗୁଡ଼ିକୁ ଖାତା ରୟତଙ୍କଠାରୁ ସିଧା ସଳଖ କ୍ରୟ କରିବା ନିମନ୍ତେ, ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳ ସେଚନ ବିଭାଜନ, ଅନୁଗୋଳଙ୍କ ତରଫରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କ୍ରୟ ନିମନ୍ତେ ସ୍ଥିରୀକୃତ ହୋଇଥିବା ତହସିଲଭୁକ୍ତ ପ୍ଲଟଗୁଡ଼ିକର ମୂଲ୍ୟାଙ୍କନ ନ୍ୟାୟୋଚିତ କ୍ଷତିପୂରଣ ଅଧିକାରୀ ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ଅନୁଯାୟୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ତା୨୮।୦୬।୨୦୧୯ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାକକ୍ଷରେ ଜିଲ୍ଲା କ୍ଷତିପୂରଣ ଉପଦେଷ୍ଟା କମିଟିର ବୈଠକରେ ସ୍ଥିର କରାଯାଇଛି। ଏହି ବିଜ୍ଞପ୍ତି ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଯଦି କାହାର ମାଲିକାନା ଉପରେ ଆପତ୍ତି ଥାଏ ତେବେ ଉକ୍ତ ବିଜ୍ଞପ୍ତି ପ୍ରକାଶନର ୧୫ ଦିନ ମଧ୍ୟରେ ଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ।

**ଠିକଣା**

୧. ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କ୍ଷୁଦ୍ର ଜଳସେଚନ ବିଭାଜନ, ଅନୁଗୋଳ।
୨. ସହକାରୀ ନିର୍ବାହୀ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ଉପ ବିଭାଜନ, ଆଠମଲ୍ଲିକ।

**ବେସରକାରୀ ଜମିର ସବିଶେଷ ବିବରଣୀ ନିମ୍ନରେ ପ୍ରକାଶିତ ହୋଇଅଛି**

ମୌଜା: ନୂଆଖୋଲ ରଗଡ଼ା, ତହସିଲ: କିଶୋରନଗର, ଜିଲ୍ଲା: ଅନୁଗୋଳ

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ଖାତା ରୟତ କିମ୍ବା ମୃତ ଖାତା ରୟତଙ୍କ ଉତ୍ତରାଧିକାରୀଙ୍କ ନାମ ଓ ଠିକଣା |
|---|---|---|---|---|---|---|
| ୧ | ୧ | ୯୯/୧୦୯ | ଶାରଦ – ୧ | ୦.୪୧ | ୦.୪୧ | ଚମ୍ପା ବେହେରା, ସ୍ୱା.: ଚୌଧୁରୀ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ମଣ୍ଡେଇ ବେହେରା, ମୁକ୍ତା ବେହେରା, ପି.: ଚୌଧୁରୀ ବେହେରା; କୁନ୍ତଳା ବେହେରା, ସ୍ୱା.: ଗୌତମ ବେହେରା, ସୁଶୀଳା ବେହେରା, ପି.: ଗୌତମ ବେହେରା, ବିଭୂତି ବେହେରା, ପି.: ଗୌତମ ବେହେରା |
| ୨ | ୨ | ୯୯/୧୦୫ | ଶାରଦ – ୧ | ୦.୩୦ | ୦.୩୦ | ବସନ୍ତ ଅମାନ୍ତ, ପି.: ସୁକଦେବ ଅମାନ୍ତ |
| ୩ | ୨ | ୯୯/୧୦୬ | ତଇଲା – ୧ | ୦.୧୪ | ୦.୧୪ | |

ରବି ଶଙ୍କର ଦାସ / ୨୯।୦୬।୨୦୨୨
ନିର୍ବାହୀ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ଅନୁଗୋଳ

OIPR-32284/11/0003/2223

---

## STATE POLICE HEADQUARTERS, ODISHA, CUTTACK

### WALK-IN-INTERVIEW

**No.D-81:**Advertisement for re-engagement of retired Administrative Officer/Establishment Officer of HoD Common Cadre (having experience of working earlier as ASO/SO in Police department) and Section Officers / Asst. Section Officers of DGPO cadre only as OSD against the vacant post of Asst. Section Officer on contractual basis for Odisha Police.

State Police Headquarters, Odisha, Cuttack is going to conduct walk-in-interview on 13.07.2022 at 11.30 AM for re-engagement of retired Police Ministerial Officers in the rank of ASO / SO of DGPO Cadre and Administrative Officer / Establishment Officer of HoD Common Cadre (having experience of working earlier as ASO/SO in Police department) only against 07 (seven) vacant posts of ASO for a period of 01 (one) year on contractual basis as OSD or till the vacancies are filled up, whichever is earlier. This engagement will be as per terms and conditions laid down in the guidelines relating to engagement of retired Government servants issued vide G.A. Department Resolution No.23750/ Gen., dtd.27.08.2014.

1. The engagement shall be made in transparent manner for 01 (one) year initially.
2. The performance of the Officers is to be reviewed periodically and documented at least once in a quarter.
3. Their monthly remuneration is to be fixed as per Finance Department O.M. No.7022/F., dtd. 17.03.2018.
4. Candidates interested to be re-engaged are required to submit the prescribed format duly filled in along with a passport size photograph at the time of interview to the Inspector General of Police (Personnel), Odisha, Cuttack on the scheduled date and time as mentioned above.
5. The selection will be governed by the procedure and rule laid down in G.A. Department Resolution No.23750/Gen., dtd.27.08.2014 and Home Department letter No.5340/ D&A, dtd.09.02.2021.
6. The application form and related Govt. Resolutions are available in Odisha Police website www.odishapolice.gov.in .

**I.G. of Police (Personnel) Odisha, Cuttack**
**OIPR-12029/11/0014/2223**

---

## ZILLA SWASTHYA SAMITI, DHENKANAL
### OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

**Walk-in-Interview**

**Advt. No.-1690** **Date-29/06/2022**

No.E-264:- Walk-in-Interview will be conducted as scheduled below for filling of vacancy of Medical Officer to be engaged in Urban Health & Wellness Centre (UHWC) under XV-FC grants in Dhenkanal on contractual basis for a period of 11 months with monthly remuneration mentioned below and subject to renewal as per the society norms based on the performance and subject to continuance of the program & XV-FC grants as per scheduled date below as per OSH&FW Society terms & conditions, Lower age limit is 21 years as on dtd. 01.06.2022.

| Sl. No. | Name of the Post | No of Vacancy | Remuneration (in Rs.) | Venue | Date of Registration/ Interview |
|---|---|---|---|---|---|
| 01 | **Medical Officer** | 1 | 61,262/- + PI as admissible | **Conference Hall, New DHH, Dhenkanal** | 12.07.2022 |

Interested candidates can log on to **www.dhenkanal.nic.in** for details of vacancy, eligibility critetia, age, application form etc, Candiclates fulfilling the eligibility criteria may appear for registration on the date as mentioned with duly filled application form. Registration timing will be from 10.00 A.M. to 11.00 A.M only on Walk-in-Interview dates. No application will be entertained after scheduled timing of registration. The undersigned reserves the right to cancel the above post without assigning any reason thereof.

**Sd./- CDM&PHO cum DMD, Dhenkanal**
**OIPR-10059/11/0004/2223**

---

## BHUBANESWAR DEVELOPMENT AUTHORITY

Akash Shova Building, Sachivalaya Marg, Bhubaneswar - 751001, Visit us at: http://www.bda.gov.in

No. CAD-984

### INVITATIONS FOR BIDS (IFB)

**Bid Identification No. 917** **Dated: 29.06.2022**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover System conforming to the Detailed Tender Call Notice (DTCN) from Electrical Contractors having valid H.T. Licence registered under Government of Odisha, having PAN and valid EPF & ESI registration No., GST Certificate for the item of works as indicated in the table below.

| Sl. No. | Name of Work | Estimated Cost (In Rs.) | EMD (In Rs.) | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Provision of permanent power supply to affordable (EWS) Housing Scheme at Ghatikia (Precast), Bhubaneswar | 32,37,292.00 | Deposit of Bid Security Declaration | 6000.00 + 12% GST | 45 Days |
| 2. | Provision of permanent power supply to affodable (EWS) Housing Scheme at Gadakana (Precast), Bhubaneswar | 25,73,860.00 | Deposit of Bid Security Declaration | 6000.00 + 12% GST | 45 Days |

2. The Bid documents will be available in the website: **https://tendersodisha.gov.in** from **05.07.2022 to 18.07.2022** upto 17.00 hours.
3. Bids shall be received only "Online" on or before **18.07.2022 upto 17.00 hours.** The bidder must possess compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids without assigning any reason.
6. Any addendum/corrigendum/cancellation shall only be uploaded in the website: **https://tendersodisha.gov.in**.

**OIPR-13033/11/0148/2223** **Sd./- Executive Engineer, Division-IV, BDA, BBSR**

---

## CHILIKA DEVELOPMENT AUTHORITY

PLOT NO.493(P), PALASPALLI, POKHARIPUT ROAD, BHUBANESWAR-751020
*Phone: 91-674-2591544, Fax: 91-674-2590485, E-mail:- chilika@chilika.com*

No.CAD-980

### e-PROCUREMENT

**Tender Call Notice No. 932/CDA/2022 Dtd.27.06.2022**

| | | | |
|---|---|---|---|
| 01. | Name of the Work | :- | Desiltation of Lead channel in Chilika lake by using Company's cutter suction dredger. |
| 02. | Estimated Cost | :- | Rs.353.806 Lakhs |
| 03. | Period of completion | :- | 12 (Twelve Calendar) Months. |
| 04. | Date & Time of availability of Bid Document in the portal | :- | 05.07.2022 to 25.07.2022 upto 5.00 P.M. |
| 05. | Bid Clarification date | :- | From 11.07.2022 to 12.07.2022 upto 15.00 hours through Online. |
| 06. | Last Date/Time for submission of Bids in the portal. | :- | 25.07.2022 upto 5.00 P.M. |
| 07. | Date of opening of the Bids | :- | On 27.07.2022 at 11.30 A.M. in the O/o the Chief Executive, Chilika Development Authority, Plot No. 493 (P), Palaspalli, Bhubaneswar - 751020 |
| 08. | Name and Address of the Officer Inviting Tender (O.I.T.) | :- | Accounts Officer, Chilika Development Authority, Plot No. 493 (P), Palaspalli, Pokhariput Road, Bhubaneswar - 751020 |

*Further information and other details are available for downloading from the Website e-procurement portal "https://tendersodisha.gov.in". Addendum/Corrigendum if required will be available only in the Website e-procurement portal "https://tendersodisha.gov.in"*

**Sd./- Chief Executive, Chilika Development Authority**
**OIPR-08138/11/0008/2223**

---

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

**(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା 11161/IND-II-PH-1034 ତାରିଖ: 27.06.2022

No.CAD-990

### ବିଜ୍ଞାପନ

ଏତଦ୍ଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ତହସିଲଦାର, ପରଜଙ୍ଗ ଓଡ଼ିଶାର ଢେଙ୍କାନାଳ ଜିଲ୍ଲା, ପରଜଙ୍ଗ ତହସିଲ ଅନ୍ତର୍ଗତ ବାସୁଲେଇ ଗ୍ରାମରେ ୨୦.୨୪ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ବାସୁଲେଇ ବାଲିଘାଟ** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୦୫.୦୮.୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ଢେଙ୍କାନାଳ ଜିଲ୍ଲା, ବାସୁଲେଇ ମୌଜା (ଖାତା ନଂ. ୪୧୮, ପ୍ଲଟ୍ ନଂ. ୨୧୪୯, କିସମ - ଗ୍ରାମ୍ୟ ରାସ୍ତା, ୦.୧୧ ଏକର) ସ୍ଥିତ ବାସୁଲେଇ ଚୌପାଢ଼ୀ ପାଲା ମଣ୍ଡପଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଢେଙ୍କାନାଳ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଢେଙ୍କାନାଳ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଢେଙ୍କାନାଳ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର–୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଅନୁଗୁଳ**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ଅନୁଗୁଳ**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./– ସଦସ୍ୟ ସଚିବ**
OIPR-08012/11/0131/2223

---

## State Health Assurance Society

**A1 Block, 2nd Floor, Toshali Bhawan, Satya Nagar Unit-9, Bhubaneswar- 751007, Odisha**
**Phone/Fax: 0674 - 2620500**

**Advt. No. IT/01/2022** **Date: 01.07.2022**

### TENDER FOR SUBSCRIPTION OF INTERNET LEASED LINE CONNECTIVITY OF 1000 MBPS and 500 MBPS at SHAS

**No.E-267:**Sealed tenders are invited from registered agencies (with GST registration having GSTIN) with adequate experience in taking up the works of subscription of internet leased line connectivity of 1000 MBPS and 500 MBPS at SHAS and terms & conditions may be downloaded from the website : www.bsky.odisha.gov.in (under link "Tender"). A pre-bid meeting shall be held on 07.07.2022 (03:30 PM) at SHAS Conference Hall, Toshali Bhawan, Satya Nagar, Bhubaneswar. The tender should reach the office of the undersigned by 21.07.2022 (till 3:30 PM). The Tender will be opened at 4.00 PM on 21.07.2022 at SHAS Conference Hall. Any changes in the tender document including extension if any shall only be notified in the website mentioned above.

The undersigned reserves the right to reject any or all the tenders / cancel the tender without assigning any reason thereof.

**Sd/-**
**Chief Executive Officer**
**State Health Assurance Society, Odisha**
**OIPR-10170/11/0003/2223**

---

## OFFICE OF THE MUNICIPAL COUNCIL, JODA

**No. 2525/JMC, Dt.29.06.2022**

### EXPRESSION OF INTEREST

**(For Empanelment of Consultancy)**

No. C-678:- Sealed EOI are invited by the undersigned from the intending Consultants/ Architectures/ Traditional Consultancies for preparation of DPR including soil test, reinforcement design, Plan & Structural Design etc. of different projects as listed below of Joda Municipality from time to time. The bid documents can be obtained from Joda Municipality Office during Office hour from **30.06.2022 at 10.00 AM** up to **15.07.2022 at 1.00 PM** by depositing an amount of **Rs.3000/- (Rupees Three Thousand) only** in shape of Bank Drafts/ Bankers Cheque (Non-Refundable) **payable to Executive Officer, Joda Municipality**. The parties are requested to quote their finishing rate of all taxes, GST etc. as applicable including supervision charges. The payment will be released after due Technical sanction from the Competent Authority.

The undersigned reserves the right to cancel any or all EOI without assigning any reason thereof.

### Nature of Work

1. Construction/ Improvement of Park and open space development at different sites
2. Construction Market Complex & Vending Zone etc at different sites .
3. Other interior Design as required by the Municipality.
4. Food Zones

The complete EOI accompanied with all relevant valid documents like Consultant/ Architecture/ Traditional Consultancy Certificate, PAN Card, GST Registration Certificate, Experience Certificate etc. will be received by the undersigned on or before **dt.15.07.2022 up to 1.30 PM** by Registered Post/ Speed Post or by Person and the same will be opened on the same day at **4.30 PM** in presence of the person or their authorized representatives if present. Any type of postal delay/ loss will not be the responsibility of the undersigned at any circumstances.

**Sd./- Executive Officer, Joda Municipality**
OIPR-13124/11/0009/2223

---

See Career Appointment on every Wednesday & Saturday

## ସାମ୍‌ସଙ୍ଗର ଷ୍ଟୁଡେଣ୍ଟ ଆଡଭାନ୍‌ଟେଜ କାର୍ଯ୍ୟକ୍ରମ

ନୂଆଦିଲ୍ଲୀ: ଦେଶର ପ୍ରମୁଖ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ୍ ସାମ୍‌ସଙ୍ଗ ପକ୍ଷରୁ ଷ୍ଟୁଡେଣ୍ଟ ଆଡଭାନ୍‌ଟେଜ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଜରିଆରେ କେବଳ ଭାରତୀୟ ବିଦ୍ୟାର୍ଥୀମାନେ ସାମ୍‌ସଙ୍ଗର ସମସ୍ତ ଉତ୍ପାଦ ଉପରେ ଆକର୍ଷଣୀୟ ସୁବିଧା ଓ ଅଫରର ଲାଭ ଉଠାଇପାରିବେ ବୋଲି କୁହାଯାଇଛି । ଏହା ଅନ୍ତର୍ଗତ ସମସ୍ତ ଉତ୍ପାଦ ସାମ୍‌ସଙ୍ଗର ଅଫିସିଆଲ ଅନ୍‌ଲାଇନ ଷ୍ଟୋର, ସାମ୍‌ସଙ୍ଗ ଶପ୍ ଓ ସାମ୍‌ସଙ୍ଗ ଏକ୍ସକ୍ଲୁସିଭ ଷ୍ଟୋରରେ ଉପଲବ୍ଧ ହେଉଛି ବୋଲି ସାମ୍‌ସଙ୍ଗ ଇଣ୍ଡିଆର ବରିଷ୍ଠ ନିର୍ଦ୍ଦେଶକ ସୁମିତ ୱାଲିଆ କହିଛନ୍ତି।

### ସଂକ୍ଷେପରେ

## 'କ୍ରିପ୍ଟୋକରେନ୍ସି ଅର୍ଥନୀତି ପାଇଁ ବିପଦ'

**ନୂଆଦିଲ୍ଲୀ,୧।୭:** ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କ୍ରିପ୍ଟୋକରେନ୍ସିକୁ ଦେଶର ଅର୍ଥନୀତି ପାଇଁ ଏକ ବିପଦ ଭାବରେ ଅଭିହିତ କରିବା ସହିତ ଗୁରୁବାର କହିଛନ୍ତି, କୌଣସି ଅନ୍ତର୍ନିହିତ ମୂଲ୍ୟ ବିନା କେବଳ କାଳ୍ପନିକ ଦର ଥିବା କୌଣସି ଜିନିଷକୁ କେବଳ କଳ୍ପନା କରାଯାଇପାରେ। ସରକାର ବିଭିନ୍ନ ହିତାଧିକାରୀ ଏବଂ ସଂସ୍ଥାନଠାରୁ ବିଭିନ୍ନ ତଥ୍ୟ ଏକତ୍ର କରିବା ପରେ କ୍ରିପ୍ଟୋକରେନ୍ସିକୁ ଉପରେ ଏକ ପରାମର୍ଶପତ୍ରକୁ ଅନ୍ତିମ ରୂପ ଦେବା ପ୍ରକ୍ରିୟାରେ ରହିଛନ୍ତି। ସୂଚନାଯୋଗ୍ୟ, ଆର୍‌ବିଆଇ କ୍ରିପ୍ଟୋକରେନ୍ସିକୁ ନେଇ ପୂର୍ବରୁ ଅନେକବାର ଚିନ୍ତା ପ୍ରକଟ କରିଛି। ଦାସ ବିତ୍ତୀୟ ସ୍ଥିରତା ରିପୋର୍ଟ (ଏଫ୍‌ଏସ୍‌ଆର୍)ର ୨୫ତମ ଅଙ୍କର ପ୍ରସ୍ତାବନାରେ କହିଛନ୍ତି, ଯେଉଁଭଳି ଭାବରେ ବିତ୍ତୀୟ ପ୍ରଣାଳୀର ଡିଜିଟାଲାଇଜେସନ ହେଉଛି, ସାଇବର ମାମଲା ବୃଦ୍ଧି ପାଉଛି। ତେଣୁ ଏ ଦିଗରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

## ଭିଡିଏ ଉପରେ ଲାଗିବ ୧% ଟିକସ

**ନୂଆଦିଲ୍ଲୀ,୧।୭:** ଦେଶରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦ ସାଙ୍ଗକୁ ଡିଜିଟାଲ କାର୍ଯ୍ୟକଳାପ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଫଳରେ ଡିଜିଟାଲ ସାମଗ୍ରୀଗୁଡିକର ଚାହିଦା ମଧ ସେହି ଅନୁସାରେ ବଢ଼ିବାପରେ ଲାଗିଛି। ଜୁଲାଇ ପହିଲାରୁ କ୍ରିପ୍ଟୋ ସମେତ ସମସ୍ତ ଭର୍ଚୁଆଲ୍ ଡିଜିଟାଲ୍ ଆସେଟ୍ସ (ଭିଡିଏ) ଉପରେ ଟ୍ରାଞ୍ଜାକ୍ସନ ଉପରେ ନିବେଶକଙ୍କୁ ୧% ଟ୍ୟାକ୍ସ ଡିଡକ୍ଟେଡ୍ ଆଟ୍ ସୋର୍ସ (ଟିଡିଏସ୍) ଦେବାକୁ ପଡ଼ିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୨ ବଜେଟ ଭାଷଣରେ ଭିଡିଏ ଟ୍ରାଞ୍ଜାକ୍ସନ ଉପରେ ଟ୍ୟାକ୍ସ ଲଗାଇବା ପାଇଁ ଘୋଷଣା କରିଥିଲେ। ଏହାଛଡ଼ା ସୀତାରାମନ ବଜେଟରେ ମଧ ଘୋଷଣା କରିଥିଲେ, କ୍ରିପ୍ଟୋ କରେନ୍ସିରୁ ହେଉଥିବା ରୋଜଗାର ଉପରେ ନିବେଶକଙ୍କୁ ୩୦% ହାରରେ ଟ୍ୟାକ୍ସ ଦେବାକୁ ହେବ। କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି) ବର୍ତ୍ତମାନ ଭିଡିଏ ଟ୍ରାନ୍ସଫର ଉପରେ ଲାଗୁ ଟିକସ ଉପରେ ସର୍କୁଲାର ଜାରି କରିଛି।

# ଜୁନ୍‌ରେ ପ୍ରାୟ ୧.୪୫ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ,୧।୭

ଭାରତ ସରକାର ୨୦୧୭ ଜୁଲାଇ ୧ ମଧ୍ୟରାତ୍ରିରୁ ଦେଶର ହିତ ପାଇଁ ଏକ ସଂସ୍କାରମୂଳକ ଟିକସ ବ୍ୟବସ୍ଥା ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ କରିଥିଲେ। ଫଳରେ ଭାରତବାସୀ ଏକ ଚିନ୍ତାଜନକ କାର୍ଯ୍ୟରୁ ମୁକ୍ତହୋଇ ଗୋଟିଏ ଟିକସ ଦେବା ସହ ଦେଶର ଅର୍ଥବ୍ୟବସ୍ଥାକୁ ମଧ ମଜଭୁତ କରିଆସିଛନ୍ତି। ଉଭୟ ଟିକସଦାତା ଓ ଦେଶବାସୀଙ୍କୁ ସରକାର ସୁବିଧାଜନକ ସେବା ଯୋଗାଇଦେବା ଆଶାରେ ଏହି ଟିକସ ସଂସ୍କାର ବ୍ୟବସ୍ଥାର ପ୍ରଣୟନ କରିଥିଲେ। ଶୁକ୍ରବାର ଏହା ୫ ବର୍ଷ ପୂରଣ କରିଛି। ଏହି ଅବଧି ମଧ୍ୟରେ ୧ ଲକ୍ଷ କୋଟି ଟଙ୍କାର ସଂଗ୍ରହ ଏକ ସାଧାରଣ କଥା ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଜିଏସ୍‌ଟିରେ ଉତ୍ପାଦ ଶୁଳ୍କ, ସେବାକର ଏବଂ ଭାଟ୍ ପରି ୧୭ଟି ସ୍ଥାନୀୟ ଏବଂ ୧୩ଟି ଉପକର ସାମିଲ କରାଯାଇଛି। ବିଶେଷକରି ଚଳିତ ବର୍ଷ ଜୁନ୍‌ରେ ଦେଶର ଜିଏସ୍‌ଟି ରାଜସ୍ୱ ସଂଗ୍ରହ ପ୍ରାୟ ୧.୪୫ ଲକ୍ଷ କୋଟି (୧,୪୪,୬୧୬ କୋଟି) ଟଙ୍କାରେ ପହଞ୍ଚିଛି। ଏହା ଗତ ବର୍ଷ ଏହି ସମୟ ତୁଳନାରେ ୫୬% ଅଧିକ ହୋଇଥିବା ବେଳେ ୨୦୨୧ ମେ ମାସରେ ଜିଏସ୍‌ଟି ସଂଗ୍ରହ ୧,୪୦,୮୮୫ କୋଟି ଟଙ୍କା ଥିଲା। ସେହି ସମୟରେ ଏହା ଗତବର୍ଷ ତୁଳନାରେ ୪୪% ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ, ଜିଏସ୍‌ଟି ଲାଗୁହେବାର ୫ବର୍ଷ ମଧ୍ୟରେ ପଞ୍ଚମ ଥର ପାଇଁ କୌଣସି ମାସିକ ଜିଏସ୍‌ଟି ସଂଗ୍ରହ ୧.୪୦ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇଛି। ଏପରିକି ୨୦୨୨ ଏପ୍ରିଲ ପରେ ଜୁନ୍‌ରେ ୨ୟ ସର୍ବାଧିକ ଜିଏସ୍‌ଟି ସଂଗ୍ରହ ହୋଇଛି ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ଜାନୁୟାରୀରେ ୧,୪୦,୯୮୬, ଫେବୃୟାରୀ ୧,୩୩,୦୮୬, ମାର୍ଚ୍ଚ ୧,୪୨,୦୯୫, ଏପ୍ରିଲ ୧,୬୭,୫୪୦, ମେ ୧,୪୦,୮୮୫ ଲକ୍ଷ କୋଟି ଟଙ୍କାର ସଂଗ୍ରହ ରହିଛି। ସେହିଭଳି ଚଳିତ ବର୍ଷ ଜୁନ୍‌ରେ ସଂଗ୍ରହ ହୋଇଥିବା ୧,୪୦,୮୮୫ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ମଧ୍ୟରୁ ସିଜିଏସ୍‌ଟି ୨୫,୩୦୬ କୋଟି, ଏସ୍‌ଜିଏସ୍‌ଟି ୩୨,୪୦୬ କୋଟି, ଆଇଜିଏସ୍‌ଟି ୭୫,୮୮୭ କୋଟି ଓ ସେସ୍ ୧୧,୦୧୮କୋଟି ଟଙ୍କା ଅନ୍ତର୍ଭୁକ୍ତ ରହିଛି ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଜୁନ୍‌ରେ ଓଡ଼ିଶାରୁ ୩,୯୬୫ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଥିବା ଜଣାପଡ଼ିଛି ; ଯାହାକି ଜୁନ୍ ୨୦୨୧ରେ ସଂଗ୍ରହ କରାଯାଇଥିବା ୩୦୦୦ କୋଟି ଟଙ୍କାଠାରୁ ୩୨% ଅଧିକ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଗତ ଜୁନ୍ ପର୍ଯ୍ୟନ୍ତ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ କରିଥିଲେ। ତେବେ ଆଉ ୫ ବର୍ଷ ପାଇଁ ଉକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ରାଜ୍ୟଗୁଡ଼ିକ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରୁଛନ୍ତି। ଏ ନେଇ ମଧ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିନାହାନ୍ତି ।



## ସିଓରବାଏର ନ୍ୟୁ ଆଉଟଲେଟ



ଭୁବନେଶ୍ୱର,୧।୭

ଦେଶର ପ୍ରମୁଖ ତଥା ଭରସାଯୋଗ୍ୟ ସେକେଣ୍ଡ ହ୍ୟାଣ୍ଡ ଯାନ ବିକ୍ରେତା ସଂସ୍ଥା ସିଓର ବାଏ ପକ୍ଷରୁ ନିକଟରେ ସ୍ଥାନୀୟ ପୁରୀ ବାଇପାସ୍ ରୋଡ୍ ଅନ୍ତର୍ଗତ କୋରୋଡକଣ୍ଠାଠାରେ ଏକ୍ସକ୍ଲୁସିଭ ଆଉଟଲେଟର ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ବର୍ତ୍ତମାନର ବର୍ଦ୍ଧିତ ଦରବୃଦ୍ଧି ହେତୁ ଆଗ୍ରହୀ ଉପଭୋକ୍ତା ଜଣକ ମନ ପସନ୍ଦର ଏକ ସୌଖିନ କାର୍ କିଣିପାରୁ ନାହିଁ। ଏହାକୁ ନଜରରେ ରଖି ଯୁବ ଉଦ୍ୟୋଗୀ ସର୍ବପ୍ରିୟ ମାତୃଦତ୍ତ ଏକ ସେକେଣ୍ଡ ହ୍ୟାଣ୍ଡ କାର୍ ଶୋ'ରୁମ୍‌ର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଓଡ଼ିଆ ସିନେ ଅଭିନେତ୍ରୀ ଶିବାନୀ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଠାରେ ସମସ୍ତ ପ୍ରକାର ବ୍ରାଣ୍ଡେଡ୍ କାର୍ ସରକାରଙ୍କ ସମସ୍ତ ପରିବହନ ନିୟମାବଳୀ ଓ ଆଇନଗତ କାଗଜପତ୍ର ସହ ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ଯୋଗାଇ ଦିଆଯିବ ବୋଲି ମାତୃଦତ୍ତ କହିଛନ୍ତି। ସେହିଭଳି ଗ୍ରାହକଙ୍କୁ ଉତ୍ତମ ସେବା ଓ ପରିବହନ ଜନିତ ସମସ୍ତ କାଗଜପତ୍ର ପ୍ରାଥମିକତା ଭିତ୍ତିରେ ପ୍ରଦାନ କରାଯାଉଛି ବୋଲି ଆଉଟଲେଟ ପକ୍ଷରୁ କୁହାଯାଇଛି।

# ମାରୁତି ସୁଜୁକିର ନ୍ୟୁ ବ୍ରିଜାର ବଜାର ପ୍ରବେଶ

ନୂଆଦିଲ୍ଲୀ,୧।୭

ଦେଶର ପ୍ରମୁଖ ୪ ଚକିଆ ଯାନ ନିର୍ମାତା 'ମାରୁତି ସୁଜୁକି'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କମ୍ପାକ୍ଟ ଏସ୍‌ୟୁଭି-ବ୍ରିଜାର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏ ସମ୍ପର୍କରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ହିସାଶି ତାକେଉଚି କହିଛନ୍ତି, ଭାରତରେ ପରିକଳ୍ପିତ ଡିଜାଇନ ଓ ବିକଶିତ ହୋଇଥିବା ବ୍ରିଜା ନିଜର ଷ୍ଟାଇଲିଶ ଡିଜାଇନ, ନିର୍ଭୀକ ଆଭିମୁଖ୍ୟ ଓ ତ୍ରୁଟିହୀନ ସଡ଼କ ଉପସ୍ଥିତି ସହ ଭାରତରେ କମ୍ପାକ୍ଟ ଏସ୍‌ୟୁଭି ସେଗ୍‌ମେଣ୍ଟକୁ ପୁନଃ ବ୍ୟାଖ୍ୟା କରିଛି। ବର୍ତ୍ତମାନର ଟ୍ରେଣ୍ଡକୁ ଦୃଷ୍ଟିରେ ରଖି ଏହି ଅଲ୍ ନ୍ୟୁ କମ୍ପାଟ ଏସ୍‌ୟୁଭି ବ୍ରିଜାର ଶୁଭାରମ୍ଭ କରାଯାଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ଏହି ମଡେଲ ନେକ୍ସଟ୍-ଜେନ୍ କମ୍ଫର୍ଟ ଓ ସୁବିଧାଜନକ ଫିଚରଗୁଡିକ ସହ ଅତ୍ୟାଧୁନିକ ଜ୍ଞାନକୌଶଳର ଏକ ଶୃଙ୍ଖଳା ସହ ସୁସଜ୍ଜିତ ରହିଛି। ଏହି ସିଟି-ବ୍ରିଡ୍ ଏସ୍‌ୟୁଭି ଏକ ଷ୍ଟାଇଲିଶ୍ ଓ ଉତ୍ସାହଜନକ ନୂଆ ଡିଜାଇନ, ଶକ୍ତିଶାଳୀ ପ୍ରଦର୍ଶନ ପ୍ରଦାନ କରୁଛି। ଏହାର ଅତ୍ୟାଧୁନିକ ସୁରକ୍ଷା ଫିଚରଗୁଡିକରେ ପ୍ୟାକ୍ ହୋଇ ରହିଛି। ଏହାର ବଜାର ମୂଲ୍ୟ ୭,୯୯,୦୦୦ ଟଙ୍କା (ପ୍ରାରମ୍ଭିକ ଏକ୍ସ ଶୋ'ରୁମ୍) ରେ ଉପଲବ୍ଧ।



## ସୁନା ଆମଦାନୀ ଶୁଳ୍କ ୧୫%କୁ ବୃଦ୍ଧି

ନୂଆଦିଲ୍ଲୀ,୧।୭

ଭାରତରେ ସୁନା ଦର ଗତ କିଛି ମାସ ହେବ କ୍ରମାଗତ ଉଚ୍ଚ ସ୍ତରରେ ରହିଆସିଛି। କିନ୍ତୁ ଆଗକୁ ସୁନା ଦର ଆହୁରି ବଢ଼ିବା ମଧ ସମ୍ଭାବନା ରହିଛି। କାରଣ ସରକାର ସୁନା ଉପରେ ଲାଗୁ ଆମଦାନୀ ଶୁଳ୍କକୁ ୧୫% କୁ ବୃଦ୍ଧି କରିଦେଇଛନ୍ତି। ପୂର୍ବରୁ ସୁନା ଉପରେ ୧୦.୭୫% ଶୁଳ୍କ ଲାଗୁଥିଲା। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶୁକ୍ରବାର ମଧ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ ସୁନା ଉପରେ ବର୍ଦ୍ଧିତ ଆମଦାନୀ ଶୁଳ୍କ ଜୁନ୍ ୩୦ରୁ ଲାଗୁ ହେବ ବୋଲି ଉଲ୍ଲେଖ ରହିଛି। ସୁନା ଉପରେ ଲାଗୁ ଆମଦାନୀ ଶୁଳ୍କ ମଧ୍ୟରେ ୧୨.୫% ବେସିକ କଷ୍ଟମ୍ସ ଡ୍ୟୁଟି ଅନ୍ତର୍ଭୁକ୍ତ ରହିଥିବା ବେଳେ ୨.୫% କୃଷି ଭିତ୍ତିଭୂମି ବିକାଶ ସେସ୍ ମଧ ଲାଗୁହେବ।

## ହ୍ୟାଣ୍ଡ ଟୁଲସ୍‌ରେ ଅଗ୍ରଣୀ 'ଟାପାରିଆ'

ନୂଆଦିଲ୍ଲୀ,୧।୭

ନିଜର ୫୦ ବର୍ଷର କାର୍ଯ୍ୟକାଳ ମଧ୍ୟରେ ମୁମ୍ବାଇସ୍ଥିତ ହସ୍ତ ଉପକରଣ କମ୍ପାନୀ ଟାପାରିଆ ଟୁଲ୍ସ ଲିମିଟେଡ୍ (ଟିଟିଏଲ୍) ନିଜ ଉପକରଣର ବିପଣନ ପାଇଁ ସାରା ଦେଶରେ ଠିକ୍ ପଦ୍ଧତି ଅବଲମ୍ବନ କରିଛନ୍ତି। ଆରମ୍ଭରେ କମ୍ପାନୀଗୁଡ଼ିକୁ ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବାକୁ ପଡୁଥିବାରୁ ଏହା ସାଧାରଣତଃ ଅଣସଂଗଠିତ କ୍ଷେତ୍ରରେ ଉପକରଣ ନିର୍ମାତାଙ୍କ ମଧ୍ୟରେ ଅନ୍ୟତମ କମ୍ପାନୀ ଥିଲା। ଟିଟିଏଲ୍‌ର ବର୍ତ୍ତମାନ ସଂଗଠିତ କ୍ଷେତ୍ରରେ ୭୦ରୁ ୭୫% ବଜାର ଶେୟାର ରହିଛି। ଏକ ଉଚ୍ଚ ମାର୍କେଟିଂ ଗୁଣବତ୍ତା ହ୍ୟାଣ୍ଡ୍ ଟୁଲ୍ ବୋଲି ଏହାର ସିଏମ୍‌ଡି କହିଛନ୍ତି। ଏହି ଆଇଏସ୍‌ଓ-୯୦୦୧ ମାନ୍ୟତାପ୍ରାପ୍ତ କମ୍ପାନୀ, ସ୍ୱିଡିସ୍ କମ୍ପାନୀ ଏବି ବାହ୍‌କୋ ସହ ମିଶି ୧୯୬୯ରୁ ହ୍ୟାଣ୍ଡ ଟୁଲ୍ସର ନିର୍ମାଣ ଆରମ୍ଭ କରିଥିଲା। ସେବେଠାରୁ ଟାପାରିଆ ଟୁଲ୍ସ ଭାରତରେ ଲଗାତର ହ୍ୟାଣ୍ଡ ଟୁଲ୍ସ ଉତ୍ପାଦନ କରୁଛି। କମ୍ପାନୀର ନାସିକଠାରେ ଏକ ଉତ୍ତମ କମ୍ପାନୀ ରହିଛି ଏବଂ ଏହା ମୁମ୍ବାଇକୁ ଏହାର ଏକ ୟୁନିଟ୍ ସମ୍ପ୍ରସାରଣ କରିଛି। ହ୍ୟାଣ୍ଡ୍ ଟୁଲ୍ସ ନିର୍ମାଣ ପାଇଁ ଆବଶ୍ୟକ ସମସ୍ତ ବିନିର୍ମାଣ ସୁବିଧା ଗୋଟିଏ ଛାତ ତଳେ ସମ୍ପାଦିତ ହେଉଛି। ହ୍ୟାଣ୍ଡ୍ ଟୁଲ୍ସ ଉତ୍ପାଦନ ପାଇଁ ଉଚ୍ଚ ପ୍ରଯୁକ୍ତି ବିଦ୍ୟା ସହିତ ଶ୍ରମ ସାପେକ୍ଷ ହୋଇଥାଏ। କମ୍ପାନୀର ଅନୁସନ୍ଧାନ ଏବଂ ବିକାଶ ବିଭାଗ ଇଞ୍ଜିନିୟର୍ସମାନଙ୍କ ଦ୍ୱାରା ସଞ୍ଚାଳିତ ହୋଇଥାଏ। କମ୍ପାନୀ ପକ୍ଷରୁ ଏହାର ଗୁଣବତ୍ତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। କମ୍ପାନୀ ନିକଟରେ କଞ୍ଚାମାଲ ଏବଂ ତିଆରି ସାମଗ୍ରୀଗୁଡ଼ିକର ରାସାୟନିକ, ଭୌତିକ ଏବଂ ଧାତୁକର୍ମ ଗୁଣବତ୍ତା ଯାଞ୍ଚ କରିବା ପାଇଁ ଉପକରଣ ରହିଛି। କମ୍ପାନୀକୁ ୧୯୭୪-୭୫ଠାରୁ ଏକ୍ସପୋର୍ଟ ଏକ୍ସିଲେନ୍ସ ଆୱାର୍ଡ ମିଳିଛି।

## ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ 'କ୍ରିପ୍ଟୋ କୁଇନ୍'



ରୁଜା ଇଗ୍ନାଟୋଭା

**ସୋଫିଆ:** କ୍ରିପ୍ଟୋ କୁଇନ୍ ଭାବେ ଜଣାଯାଉଥିବା ବୁଲଗେରିଆର ରୁଜା ଇଗ୍ନାଟୋଭାଙ୍କ ନାମ ଦ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫବିଆଇ)ର ମୋଷ୍ଟ ୱାଣ୍ଟେଡ୍ ସୂଚୀରେ ରହିଛି। ଜାରି ସୂଚୀରେ ୧୦ ଜଣଙ୍କ ନାମ ସାମିଲ ରହିଛି। ଭର୍ଚୁଆଲ କରେନ୍ସି ସ୍କିମ୍ ଜରିଆରେ କୋଟି କୋଟି ଟଙ୍କା ହଡ଼ପ କରିଥିବା ଅଭିଯୋଗ ରୁଜାଙ୍କ ନାମରେ ରହିଛି। ଅନ୍ୟପଟେ ରୁଜାଙ୍କ ମୁଣ୍ଡ ଉପରେ ୧ ଲକ୍ଷ ଡଲାର ପୁରସ୍କାର ରାଶି ମଧ ଘୋଷଣା କରାଯାଇଛି। ୨୦୧୭ରେ ଆମେରିକୀୟ ଅଧିକାରୀ ତାଙ୍କ ବିରୋଧରେ ଆରେଷ୍ଟ ୱାରେଣ୍ଟ ଜାରି କରିବା ପରେ ଗ୍ରୀସ୍‌ରୁ ରୁଜା କେଉଁଆଡେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ବୁଲଗେରିଆ ସାଙ୍ଗକୁ ଜର୍ମାନର ନାଗରିକତ୍ୱ ସେ ହାସଲ କରିଛନ୍ତି। ୨୦୧୪ରେ ରୁଜା 'ୱାନ୍ କଏନ୍' ଲଞ୍ଚ କରିଥିଲେ। ୱାର୍ଲ୍ଡର ଲିଡିଙ୍ଗ୍ ଭର୍ଚୁଆଲ ମନି ବିଟ୍‌କଏନ୍‌କୁ ହଟେଇବା ଉଦ୍ଦେଶ୍ୟରେ କ୍ରିପ୍ଟୋ କୁଇନ୍ ଆଶା ରଖିଥିଲେ। କୋର୍ଟ ଦସ୍ତାବିଜ୍ ଅନୁସାରେ ରୁଜା ଏବଂ ତାଙ୍କର ଅନ୍ୟ ଜଣେ ସହଯୋଗୀ ଏହା ଜରିଆରେ ୪ ବିଲିୟନ୍ ଡଲାର ଲୋକଙ୍କଠାରୁ ଠକି ନେଇଥିବା କୁହାଯାଉଛି। ୱାନ୍ କଏନ୍‌ରେ ନିଜସ୍ୱ ଅର୍ଥ ବିନିଯୋଗ କରିଥିବା ବ୍ୟକ୍ତିବିଶେଷ ନିଜ ଜମା ଟଙ୍କା ଫେରସ୍ତ ପାଇ ନ ଥିବା ଏଫ୍‌ବିଆଇ ସ୍ପେଶିଆଲ ଏଜେଣ୍ଟ ରୋନାଲ୍ଡ ଶିମ୍‌କୋ କହିଛନ୍ତି।

### ଫୁରସତ୍

# ଅଭିନୟ କଲେ, ଗୀତ ବି ଗାଇଲେ



ତାରା ସୁତାରିଆ

**ମୁମ୍ବାଇ:** ବଲିଉଡ୍ ଚଳଚ୍ଚିତ୍ର 'ଏକ୍ ଭିଲେନ୍ ରିଟର୍ନସ୍'ର ଟ୍ରେଲର ରିଲିଜ୍ ହୋଇଯାଇଛି। ଏଥିରେ ଅଭିନୟ କରିଛନ୍ତି ଅର୍ଜୁନ କପୁର, ଦିଶା ପଟାନି, ଜନ୍ ଇବ୍ରାହିମ୍ ଏବଂ ତାରା ସୁତାରିଆ। ଫିଲ୍ମରେ ତାରା ଜଣେ ରକ୍ ଷ୍ଟାର୍ ଭୂମିକାରେ ନଜରକୁ ଆସିଥିବାବେଳେ ଫିଲ୍ମରେ ସେ ଏକାଧିକ ଗୀତ ଗାଇଥିବା ନିର୍ଦ୍ଦେଶକ ମୋହିତ ସୁରୀ କହିଛନ୍ତି। ଫିଲ୍ମରେ ଗୀତ ଗାଇବାକୁ ନେଇ ମୋହିତ ତାରାଙ୍କର ଖୁବ୍ ପ୍ରଶଂସା କରିବା ସହ ତାରା ଜଣେ ଭଲ ଗାୟିକା ହୋଇଥିବା ସେ କହିଛନ୍ତି। ତେବେ 'ଏକ୍ ଭିଲେନ୍ ରିଟର୍ନସ୍' ଜରିଆରେ ତାରା ସିଙ୍ଗିଙ୍ଗ୍‌ରେ ଡେବ୍ୟୁ କରିଛନ୍ତି। ଏହାପୂର୍ବରୁ ସେ କୌଣସି ଫିଲ୍ମ କିମ୍ବା ଆଲ୍‌ବମ୍‌ରେ ଗୀତ ଗାଇ ନ ଥିଲେ। 'ଏକ୍ ଭିଲେନ୍ ରିଟର୍ନସ' ଜୁଲାଇ ୨୯ରେ ରିଲିଜ୍ ହେବ।ଫିଲ୍ମର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ଏକତା କପୁର ଓ ଭୂଷଣ କୁମାର। ୨୦୧୪ରେ ରିଲିଜ୍ ହୋଇଥିବା ଫିଲ୍ମ 'ଏକ୍ ଭିଲେନ୍'ର ସିକ୍ୱେଲ୍ ହେଉଛି 'ଏକ୍ ଭିଲେନ୍ ରିଟର୍ନସ'। ପୂର୍ବ ସଂସ୍କରଣରେ ସିଦ୍ଧାର୍ଥ ମାଲହୋତ୍ରା, ଶ୍ରଦ୍ଧା କପୁର ଓ ରୀତେଶ ଦେଶମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଏହାକୁ ନିର୍ଦ୍ଦଶନା ଦେଇଥିଲେ ମୋହିତ ସୁରୀ। ଫିଲ୍ମଟି ବକ୍ସଅଫିସ୍‌ରେ ଆଶାନୁରୂପ ସଫଳତା ପାଇଥିଲା।

## କ୍ରୀଡ଼ା ଜୀବନର ଅବିଚ୍ଛେଦ୍ୟ ଅଙ୍ଗ

### ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ



**କ୍ରୀ**ଡ଼ା ହେଉଛି ମଣିଷ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। କ୍ରୀଡ଼ା ଜଣେ ବ୍ୟକ୍ତିର ଚରିତ୍ର ଏବଂ ବ୍ୟକ୍ତିତ୍ୱ ନିର୍ମାଣ କରିଥାଏ। ଆମେ ସମସ୍ତେ ପିଲାଦିନର ବିଭିନ୍ନ ଖେଳକୁ ଉପଭୋଗ କରିଥିବାର ସ୍ମୃତି ବହନ କରିଥାଉ। କେତେକ ଏହାକୁ ପରବର୍ତ୍ତୀ ସମୟରେ ଏକ ବୃତ୍ତି ଭାବରେ ରଖିଥାନ୍ତି। କିନ୍ତୁ ଯେଉଁମାନେ ଉଭୟ କ୍ରୀଡ଼ା ଏବଂ ସାମ୍ବାଦିକତାକୁ ସେମାନଙ୍କର ବୃତ୍ତି ଭାବରେ ଏକତ୍ର କରିଥାନ୍ତି, ସେମାନଙ୍କୁ କ୍ରୀଡ଼ା ସାମ୍ବାଦିକ କୁହାଯାଏ। ତେଣୁ, ପ୍ରତିବର୍ଷ ଜୁଲାଇ ୨ରେ ବିଶ୍ୱର ସମସ୍ତ କ୍ରୀଡ଼ା ସାମ୍ବାଦିକଙ୍କ ପାଇଁ ଉତ୍ସର୍ଗୀକୃତ କରାଯାଇ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ କରାଯାଇଥାଏ। କ୍ରୀଡ଼ା ସାମ୍ବାଦିକ ଶବ୍ଦ କ୍ରୀଡ଼ା ଏବଂ ଏହାର ଇଭେଣ୍ଟ ସହିତ ଜଡିତ ଖବର ପ୍ରସାରଣକୁ ବୁଝାଇଥାଏ।

୧୯୨୪ରେ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରେସ ଆସୋସିଏଶନ ପ୍ରତିଷ୍ଠା କରାଯାଇଥିଲା। ଏହାର ବାର୍ଷିକୀ ଅବସରରେ ଜୁଲାଇ ୨ରେ ସାରା ବିଶ୍ୱରେ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ କରାଯାଇଥିଲା। ୧୯୯୪ରେ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରେସ ଆସୋସିଏଶନ ପକ୍ଷରୁ ଏହାର ପ୍ରତିଷ୍ଠା ବାର୍ଷିକୀ ପାଳନ କରିବା ଅବସରରେ ପ୍ରତିବର୍ଷ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କ୍ରୀଡ଼ା ମାଧ୍ୟମରେ ବିଶ୍ୱ ଶାନ୍ତି ଲାଗି ସଚେତନତା ବୃଦ୍ଧି ପାଇଁ ଏହି ଦିବସ ପାଳନ ଅବସରରେ ଉଦ୍ୟମ ହୋଇଥାଏ।

## କୁମ୍ଭୀର କନିଆକୁ ମେୟର ବର



ମେକ୍ସିକୋ ସିଟି

ମେକ୍ସିକୋର ଜଣେ ମେୟର ଭିକ୍ଟୋର ହ୍ୟୁଗୋ ସୋସା ଏକ ୭ ବର୍ଷର କୁମ୍ଭୀରକୁ ବାହାହୋଇଛନ୍ତି। ତେବେ ବୈଦିକ ରୀତିନୀତିରେ ଗୁରୁବାର ଏହି ବାହାଘର ସମ୍ପର୍ନ୍ନ ହୋଇଛି। ମେୟରଙ୍କ ପରିବାର ଲୋକେ ଉକ୍ତ ବାହାଘରରେ ଉପସ୍ଥିତ ଥିବାବେଳେ ସାଧାରଣ ବାହାଘର ପରି ବେଶ୍ ଧୁମ୍‌ଧାମ୍‌ରେ ପାରମ୍ପରିକ ବାଜା, ନୃତ୍ୟ ସାଙ୍ଗକୁ ଆଡମ୍ବର ସହକାରେ ବାହାଘର ଗୁରୁବାର ହୋଇଯାଇଛି। ତେବେ ଏହି ପ୍ରକାର ନିଆରା ବାହାଘର ପଛର କାରଣ ହେଉଛି ଲୋକଙ୍କ ହିତ। ମେକ୍ସିକୋ ଲୋକଙ୍କ ବିଶ୍ୱାସ ରହିଛି, କୁମ୍ଭୀରକୁ ବାହାହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ପ୍ରଚୁର ବର୍ଷା, ଭଲ ଫସଲ ଓ ପୋଖରୀରେ ଭଲ ମାଛ ହେବା ସହ ଖାଦ୍ୟ ସଙ୍କଟ ଦୂର ହେବ। ଖାଲି ସେତିକି ନୁହେଁ, ସ୍ଥାନୀୟ ଲୋକଙ୍କ ହିତ ଓ ଉପକାର ଦୃଷ୍ଟିରୁ ମେକ୍ସିକୋରେ ଏ ପ୍ରକାର ବାହାଘର ଅନେକ ସମୟରେ ହୋଇଥାଏ। ବାହାଘରରେ ବର କନିଆ ପରସ୍ପରକୁ ଚୁମ୍ବନ କରିବାର ପରମ୍ପରା ଥିବାବେଳେ ବାହାଘର ପରେ ମେୟର ଭିକ୍ଟୋର କୁମ୍ଭୀରକୁ ଚୁମ୍ବନ ଦେଉଥିବାର ଦେଖିବାକୁ ମିଳିଥିଲା। ବିହାହ ଉତ୍ସବରେ କାଳେ କୁମ୍ଭୀର କାହାକୁ ଆକ୍ରମଣ କରିବ ସେ ନେଇ ତା' ମୁହଁକୁ ସେଲୋଟେପ୍ ଦ୍ୱାରା ବନ୍ଦ କରିଦିଆଯାଇଥିଲା। କୁମ୍ଭୀରକୁ ଧରଣୀ ମା'ଙ୍କ ଆଖ୍ୟା ଦେଇଥାନ୍ତି ମେକ୍ସିକୋର ଲୋକେ। ଯଦି କୁମ୍ଭୀର ସହରର ଜଣେ ମୁଖିଆଙ୍କୁ ବାହା ହୁଏ ତେବେ ସାଧାରଣ ଲୋକଙ୍କ ପାଖରେ ଈଶ୍ୱରଙ୍କ କୃପା ସହଜରେ ପହଞ୍ଚେ ବୋଲି ବିଶ୍ୱାସ ରହିଛି।

# ପନ୍ତ, ଜାଡେଜାଙ୍କ ଦ୍ୱିଶତକୀୟ ଭାଗୀଦାରି

**ବର୍ମିଂହାମ୍, ୧।୭**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଗତ ସିଜନର ଅସମାପ୍ତ ୫ମ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ଶୁକ୍ରବାର ଏଠାରେ ଆରମ୍ଭ ହୋଇଛି। ବର୍ଷା ଯୋଗୁ କିଛି ସମୟ ଖେଳ ବାଧାପ୍ରାପ୍ତ ହେବାପରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୯୮ ରନରେ ୫ ଉଇକେଟ ହରାଇଥିଲା। ମାତ୍ର ଯୁବ ଉଇକେଟ କିପର ରିଷଭ ପନ୍ତ ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଦ୍ୱିଶତକୀୟ ଭାଗୀଦାରି

**ଏଜବାଷ୍ଟନ ଟେଷ୍ଟ**

ଗଢ଼ି ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଛନ୍ତି। ରିପୋର୍ଟଲେଖା ହେବା ବେଳକୁ ଭାରତ ୬ ଉଇକେଟ ହରାଇ ୩୨୦ ରନ କରିଛି। ପନ୍ତ ଓ ଜାଡେଜା ୬ଷ୍ଠ ଉଇକେଟରେ ୨୩୯ ବଲ୍‌ରୁ ୨୨୨ ରନ ଯୋଗ କରିଛନ୍ତି। କ୍ୟାରିୟରର ୫ମ ଟେଷ୍ଟ ଶତକ ହାସଲ କରିଥିବା ପନ୍ତ ୧୧୧ ବଲ୍‌ରୁ ୧୪୬ (୨୦ ଚୌକା, ୪ ଛକା) ରନ କରି ଭାରତୀୟ ଇନିଂସର ମେରୁଦଣ୍ଡ ସାଜିଛନ୍ତି। ଜୋ ରୁଟ୍‌ଙ୍କୁ ଏକ ଛକା ମାରିବା ପରେ ଚୌକା ଲଗାଇ ୧୫୦ ରନ ପୂରଣ କରିବା ଚକ୍କରରେ ଥିବା ପନ୍ତ ସ୍ଲିପ୍‌ରେ ଜ୍ୟାକ୍ କ୍ରଲିଙ୍କୁ



ଶଟ୍ ଖେଳିବା ଅବସରରେ ରିଷଭ ପନ୍ତ।

କ୍ୟାଚ ଦେଇଥିଲେ। ଜାଡେଜା ୧୪୪ ବଲ୍‌ରୁ ୬୮ (୯ ଚୌକା) ରନରେ ଅପରାଜିତ ରହିଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଇଂଲଣ୍ଡ। ଭାରତ ପକ୍ଷରୁ ଶୁବମନ ଗିଲ୍ ଓ ଚେତେଶ୍ୱର ପୂଜାରା ଇନିଂସ ଆରମ୍ଭ କରିଥିଲେ। ଟିମ୍ ଇଣ୍ଡିଆ ଭଲ ଆରମ୍ଭ କରିଥିଲେ ହେଁ ଘରୋଇ ଦଳର ଜେମ୍ସ ଆଣ୍ଡରସନଙ୍କ ଡବଲ ଷ୍ଟ୍ରାଇକ୍ ଭାରତର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲା। ଗିଲ୍ ୨୪ ବଲ୍‌ରୁ ୪ ଚୌକା ସହାୟତାରେ ୧୭ ରନ କରିଥିବାବେଳେ ଆଣ୍ଡରସନଙ୍କ ବଲ୍‌ରେ ଜ୍ୟାକ୍ କ୍ରଲିଙ୍କୁ କ୍ୟାଚ ଦେଇଥିଲେ। ସେହିପରି ପୂଜାରା ୪୬ଟି ବଲ୍ ଖେଳିଥିଲେ ହେଁ ୨ ଚୌକା ସହ ୧୩ ରନ କରି ଆଣ୍ଡରସନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଭାରତ ୨ ଉଇକେଟ ହରାଇ ୫୩ ରନ କରିଥିବାବେଳେ ବର୍ଷା ପାଇଁ ଖେଳ ବାଧାପ୍ରାପ୍ତ ହୋଇଥିଲା। ବର୍ଷା ଛାଡ଼ିବାପରେ ମ୍ୟାଟି ପଟ୍ସ ଶୀଘ୍ର ୨ଟି ଉଇକେଟ ନେଇ ଘରୋଇ ଦଳକୁ ଡ୍ରାଇଭର ସିଟ୍‌ରେ ବସାଇଥିଲେ। ୫୩ ବଲ୍‌ରୁ ୧ ଚୌକା ସହ ୨୦ ରନ କରିଥିବା ହନୁମା ବିହାରୀଙ୍କୁ ସେ ଏଲ୍‌ବିଡବ୍ଲ୍ୟୁ ଆଉଟ କରିଥିବାବେଳେ ୧୯ ବଲ୍‌ରୁ ୨ ଚୌକା ସହାୟତାରେ ୧୧ ରନ କରିଥିବା ବିରାଟ କୋହଲିଙ୍କୁ କ୍ଲିନ୍ ବୋଲ୍ଡ କରି ବଡ଼ ସଫଳତା ପାଇଥିଲେ ପଟ୍ସ। ଶ୍ରେୟାସ ଆୟାର ମଧ୍ୟ ଖରାପ ଫର୍ମ ଜାରିରଖି ମାତ୍ର ୧୫ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ପନ୍ତ ଓ ଜାଡେଜା ଆତ୍ମବିଶ୍ୱାସର ସହ ଖେଳି ଇନିଂସ ସମ୍ଭାଳିଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଜେମ୍ସ ଆଣ୍ଡରସନ ୩ଟି, ମ୍ୟାଟି ପଟ୍ସ ୨ଟି ଓ ଜୋ ରୁଟ୍ସ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୨୦/୬ (ରିଷଭ ପନ୍ତ-୧୪୬, ରବୀନ୍ଦ୍ର ଜାଡେଜା-୬୮, ଜେମ୍ସ ଆଣ୍ଡରସନ-୩/୫୨, ମ୍ୟାଟି ପଟ୍ସ-୨/୭୨, ଜୋ ରୁଟ୍-୧/୨୨)।

**ହୁଇଲ୍ ଚେୟାର ଫେନ୍‌ସିଂ ବିଶ୍ୱକପ୍**

## ଓଡ଼ିଶାର ରମେଶ, ରାଖାଲ ଭାଗନେବେ

**ଭୁବନେଶ୍ୱର, ୧।୭ (କ୍ରୀଡ଼ା ପ୍ରତିନିଧି):** ପୋଲାଣ୍ଡର ୱାର୍ସଠାରେ ଚଳିତ ମାସ ୭ରୁ ୧୦ ପର୍ଯ୍ୟନ୍ତ ହେବାକୁ ଯାଉଛି ହୁଇଲ୍ ଚେୟାର ଫେନ୍‌ସିଂ ବିଶ୍ୱକପ। ଏଥିରେ ଭାଗ ନେବାପାଇଁ ଓଡ଼ିଶାର ୨ ପ୍ରତିଯୋଗୀ ଭି.ରମେଶ ରାଓ ଏବଂ ରାଖାଲ୍ କୁମାର ସେଠୀ ମନୋନୀତ ହୋଇଛନ୍ତି। ଭାରତରୁ ୧୧ ଜଣ ପ୍ରତିଯୋଗୀ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ୨୦୨୧-୨୦୨୨ ଜାତୀୟ ଚାମ୍ପିୟନଶିପ୍‌ରେ ରାଖାଲ ବ୍ୟକ୍ତିଗତ ଓ ଦଳଗତ ୬ ପଦକ ହାସଲ କରିଥିଲା ବେଳେ ଭି.ରମେଶ ରାଓ ବ୍ୟକ୍ତିଗତ ଓ ଦଳଗତ ୫ଟି ପଦକ ପାଇଥିଲେ। ଥାଇଲାଣ୍ଡ ବିଶ୍ୱକପ୍ ରେ ଆଖିଦୃଶିଆ ଫଳ ପାଇ ନ ଥିଲେ ମଧ୍ୟ ଏହି ବିଶ୍ୱକପ୍ ରେ ୨ ଖେଳାଳି ଭଲ ପ୍ରଦର୍ଶନ କରିବେ ବୋଲି ଆଶା ପ୍ରକଟ କରିଛନ୍ତି ପାରା ଫେନ୍‌ସିଂ (ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା) ଅଧ୍ୟକ୍ଷା ବେଲା ଜୟସ୍ୱାଲ। ଅଗଷ୍ଟ ମାସରେ ଲଣ୍ଡନରେ ହେବାକୁଥିବା ହୁଇଲ୍‌ଚେୟାର ଫେନ୍‌ସିଂ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ହେଲେ ଆଗାମୀ ବିଶ୍ୱକପରେ ଭଲ ପ୍ରଦର୍ଶନ କରି ପଏଣ୍ଟ ହାସଲ କରିବା ଆବଶ୍ୟକ ବୋଲି ରାଖାଲ ପ୍ରକାଶ କରିଛନ୍ତି।

# ଇଂଲଣ୍ଡ ଦଳରେ ୩୪ ବର୍ଷୀୟ ଗ୍ଲିସନଙ୍କୁ ସୁଯୋଗ

**ଲଣ୍ଡନ, ୧।୭ (ପି.ଟି.)**

ଇଂଲଣ୍ଡ ବିପକ୍ଷ ଟି୨୦ ଓ ଦିନିକିଆ କ୍ରିକେଟ ସିରିଜ ପାଇଁ ଶୁକ୍ରବାର ଇଂଲଣ୍ଡ ଦଳ ଘୋଷଣା କରାଯାଇଛି। ୩୪ ବର୍ଷୀୟ ଭେଟେରାନ ଲଙ୍କାଶାୟାର ଦ୍ରୁତ ବୋଲର ରିଚାର୍ଡ ଗ୍ଲିସନ ଟି୨୦ ଦଳରେ ସୁଯୋଗ ପାଇଛନ୍ତି। ଜୋସ୍ ବଟଲରଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଛି। ଏଜ୍‌ବାଷ୍ଟନ ଟେଷ୍ଟ ଖେଳୁଥିବା କୌଣସି ଖେଳାଳି ଟି୨୦ ଦଳରେ ସାମିଲ ହୋଇନାହାନ୍ତି। ତେବେ ଜନି ବେୟାରଷ୍ଟୋ, ଜୋ ରୁଟ୍ ଓ ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଭାରତ-ଇଂଲଣ୍ଡ ଟି୨୦ ସିରିଜ ଜୁଲାଇ ୭ରେ ସାଉଥାମ୍ପଟନ ଏବଂ ଦିନିକିଆ ସିରିଜ

**ଭାରତ-ଇଂଲଣ୍ଡ ଟି୨୦**

୧୨ ତାରିଖରେ ଓଭାଲ ଗ୍ରାଉଣ୍ଡରେ ଆରମ୍ଭ ହେବ। ଆଡିଲ ରଶିଦଙ୍କୁ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ହଜ୍ ତୀର୍ଥଯାତ୍ରା ପାଇଁ ମକ୍କା ଯିବାକୁ ଅନୁମତି ଦେଇଛି। ଫଳରେ ସେ ୨ଟି ଯାକ ସିରିଜରେ ଖେଳିବେ ନାହିଁ। ପ୍ରକାଶଯୋଗ୍ୟ ଯେ ଗୋଟିଏ ଦିନ ପୂର୍ବରୁ ଭାରତୀୟ ଟି୨୦ ଓ ଦିନିକିଆ ଦଳ ମଧ୍ୟ ଘୋଷଣା କରାଯାଇଛି। କୋଭିଡ୍-୧୯ରେ ସଂକ୍ରମିତ ଥିବାରୁ ଏଜବାଷ୍ଟନ ଟେଷ୍ଟ ଖେଳିପାରି ନ ଥିବା ରୋହିତ ଶର୍ମା ଉଭୟ ଟି୨୦ ଓ ଦିନିକିଆ ସିରିଜରେ ଅଧିନାୟକ ଦାୟିତ୍ୱ ତୁଲାଇବେ।




**ଇଂଲଣ୍ଡ ଟି୨୦ ଦଳ:** ଜୋସ ବଟଲର (ଅଧିନାୟକ), ମୋଇନ ଅଲୀ, ହ୍ୟାରୀ ବ୍ରୁକ୍, ସାମ୍ କୁରାନ, ରିଚାର୍ଡ ଗ୍ଲିସନ, କ୍ରିସ୍ ଜୋର୍ଡାନ, ଲିଆମ ଲିଭିଂଷ୍ଟୋନ, ଡାୱିଦ ମଲନ, ଟାଇମଲ ମିଲ୍ସ, ମାଥ୍ୟୁ ପାର୍କିନସନ, ଜାସନ ରୟ, ଫିଲ୍ ସଲ୍ଟ, ରିଜି ଟୋପ୍‌ଲେ, ଡେଭିଡ ୱିଲି।

**ଇଂଲଣ୍ଡ ଦିନିକିଆ ଦଳ:** ଜୋସ୍ ବଟଲର (ଅଧିନାୟକ), ମୋଇନ୍ ଅଲୀ, ଜୋନାଥନ ବେୟାରଷ୍ଟୋ, ହ୍ୟାରୀ ବ୍ରୁକ୍, ବ୍ରେଡନ କର୍ସେ, ସାମ୍ କୁରାନ, ଲିଆମ ଲିଭିଂଷ୍ଟୋନ, କ୍ରେଗ୍ ଓଭର୍ଟନ, ମାଥ୍ୟୁ ପାର୍କିନସନ, ଜୋ ରୁଟ୍, ଜାସନ ରୟ, ଫିଲ୍ ସଲ୍ଟ, ବେନ୍ ଷ୍ଟୋକ୍ସ, ରିସି ଟୋପ୍‌ଲେ, ଡେଭିଡ ୱିଲି।

**ଭାରତୀୟ ଟି୨୦ ଦଳ (ପ୍ରଥମ):** ରୋହିତ ଶର୍ମା (ଅଧିନାୟକ), ଇଶାନ କିଷନ, ଋତୁରାଜ ଗାଏକ୍‌ୱାଡ, ସଞ୍ଜୁ ସାମସନ, ସୂର୍ଯ୍ୟକୁମାର ଯାଦବ, ଦୀପକ ହୁଡା, ରାହୁଲ ତ୍ରିପାଠୀ, ଦୀନେଶ କାର୍ତ୍ତିକ, ହାର୍ଦ୍ଦିକ ପାଣ୍ଡ୍ୟା, ଭେଙ୍କଟେଶ୍ ଆୟାର, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ଭୁବନେଶ୍ୱର କୁମାର, ହର୍ଷଲ ପଟେଲ, ଆଭେଶ ଖାଁ, ଅର୍ଶଦୀପ ସିଂ, ଉମ୍ରାନ ମଲିକ।

**ଭାରତୀୟ ଟି୨୦ ଦଳ (ଦ୍ୱିତୀୟ ଓ ତୃତୀୟ):** ରୋହିତ ଶର୍ମା (ଅଧିନାୟକ), ଇଶାନ କିଷନ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଦୀପକ ହୁଡା, ଶ୍ରେୟାସ ଆୟାର, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ଯଶପ୍ରୀତ୍ ବୁମ୍‌ରା, ଭୁବନେଶ୍ୱର କୁମାର, ଆଭେଶ୍ ଖାଁ, ହର୍ଷଲ ପଟେଲ, ଉମ୍ରାନ ମଲିକ।

**ଭାରତୀୟ ଦିନିକିଆ ଦଳ:** ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ଇଶାନ କିଷନ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଯଶପ୍ରୀତ୍ ବୁମ୍‌ରା, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ଶାମି, ମହମ୍ମଦ ସିରାଜ, ଅର୍ଶଦୀପ ସିଂ।

**ଜାତୀୟ ଖୋ ଖୋ କୋଚିଂ କ୍ୟାମ୍ପ**

## ଓଡ଼ିଶାର ୫ ଖେଳାଳି ସାମିଲ



ଅର୍ଜ୍ଜୁନ ସିଂ

**ଭୁବନେଶ୍ୱର, ୧।୭ (କ୍ରୀଡ଼ା ପ୍ରତିନିଧି):** ପୁଣେ ବେଲେୱାଡ଼ିସ୍ଥିତ ଶ୍ରୀ ଛତ୍ରପତି ଶିବାଜୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଜାତୀୟ ଖୋ ଖୋ କୋଚିଂ କ୍ୟାମ୍ପ (ପୁରୁଷ) ଚଳିତ ମାସ ୫ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କ୍ୟାମ୍ପରୁ ୪ର୍ଥ ଏସିଆନ ଖୋ ଖୋ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳ ଚୟନ କରାଯିବ। ଏହି କ୍ୟାମ୍ପ ପାଇଁ କିସ୍ ଛାତ୍ର ଅର୍ଜ୍ଜୁନ ସିଂଙ୍କ ସମେତ ଓଡ଼ିଶାର ୫ ଖେଳାଳି ମନୋନୀତ ହୋଇଛନ୍ତି। ଅନ୍ୟ ୪ ଖେଳାଳି ହେଲେ ଲିପୁନ ମୁଖୀ, ଭରତ କୁମାର ପ୍ରଧାନ, ଜଗନ୍ନାଥ ଦାସ ଓ ଜଗନ୍ନାଥ ମୁର୍ମୁ। ଓଡ଼ିଶା ଖେଳାଳିମାନେ ଜୁଲାଇ ୨ରେ ପୁଣେ ଯିବାର କାର୍ଯ୍ୟକ୍ରମ ରହିଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଏବଂ ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ମନୋନୀତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନିଜ ଜାତୀୟ ରେକର୍ଡ ଭଙ୍ଗ କଲେ ନୀରଜ

**ଷ୍ଟକ୍‌ହୋମ୍, ୧।୭ (ପି.ଟି.)**

ମର୍ଯ୍ୟାଦାପୂର୍ଣ୍ଣ ଡାଇମଣ୍ଡ ଲିଗ୍ ମିଟ୍‌ରେ ଭାରତର ଷ୍ଟାର ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ନିଜ ଜାତୀୟ ରେକର୍ଡକୁ ଭଙ୍ଗ କରିଛନ୍ତି। ସେ ମାତ୍ର ଅଳ୍ପକେ ୯୦ ମିଟର ଅଙ୍କ ହାସଲ କରିପାରିନାହାନ୍ତି, ଯାହାକି ବିଶ୍ୱ ଜାଭେଲିନ୍ ଥ୍ରୋ'ରେ ସ୍ୱର୍ଣ୍ଣ ମାନକ ଅଟେ। ୨୬ବର୍ଷୀୟ ଚୋପ୍ରା ୮୯.୯୪ ମିଟର ଥ୍ରୋ କରି ମାତ୍ର ୬ ସେଣ୍ଟିମିଟର ପାଇଁ ୯୦ମିଟର ଅଙ୍କରୁ ପଛରେ ରହିଯାଇଥିଲେ। ତେବେ ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଥ୍ରୋ। ଏହା ପୂର୍ବରୁ ଜୁନ୍ ୧୪ରେ ଫିନ୍‌ଲାଣ୍ଡର ତୁର୍କୁଠାରେ ଅନୁଷ୍ଠିତ ପାଭୋ ନୁରାମି ଗେମ୍ସରେ ୮୯.୩୦ମିଟର କ୍ଲିଅର କରି ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ନିଜ ଜାତୀୟ ରେକର୍ଡ ଭଙ୍ଗ କରିଥିଲେ। ଡାଇମଣ୍ଡ ଲିଗ୍ ମିଟ୍‌ରେ ନୀରଜ ବିଶ୍ୱ ଚାମ୍ପିୟନ ତଥା ସିଜନ ଲିଡର ଗ୍ରେନେଡାର ଆଣ୍ଡରସନ ପିଟର୍ସଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଆଣ୍ଡରସନ ତାଙ୍କ ତୃତୀୟ ପ୍ରଚେଷ୍ଟାରେ ଶ୍ରେଷ୍ଠ ଥ୍ରୋ ୯୦.୩୧ ମିଟର କରିଥିଲେ। ଗ୍ରେନେଡାର ଜାଭେଲିନ୍ ଥ୍ରୋୟର ଏହି ସିଜନରେ ପୂର୍ବରୁ ଦୁଇଥର ୯୦ମିଟରରୁ ଅଧିକ ଦୂରତା ଥ୍ରୋ କରିପାରିଛନ୍ତି। ଗତ ମାସରେ ଡାଇମଣ୍ଡ ଲିଗ୍‌ର ଦୋହା ଲେଗ୍‌ରେ ସେ ୯୩.୦୭ ମିଟର ଥ୍ରୋ କରିଥିଲେ। ନେଦରଲାଣ୍ଡ୍ସର ହେଙ୍ଗେଲୋଠାରେ ସେ ୯୦.୭୫ମିଟର ଥ୍ରୋ କରିଥିଲେ। ଜର୍ମାନୀର ଜୁଲିଆନ ୱେବର ୫ମ ରାଉଣ୍ଡ ଥ୍ରୋରେ ୮୯.୦୮ମିଟର ଥ୍ରୋ ସହ ତୃତୀୟ ହୋଇଥିବା ବେଳେ ଟୋକିଓ ଅଲିମ୍ପିକ ବିଜେତା ଜାକବ ଭାଦେଲଜିଚ୍ (୮୮.୫୯ ମିଟର) ଚତୁର୍ଥ ହୋଇଛନ୍ତି।

# ଡୁପ୍ଲାଣ୍ଟିସଙ୍କ ବିଶ୍ୱ ରେକର୍ଡରେ ଉନ୍ନତି

**ଷ୍ଟକ୍‌ହୋମ୍, ୧।୭ (ଏପି):** ସ୍ୱିଡିଶ ପୋଲ୍‌ଭଲ୍ଟର ଆର୍ମାଣ୍ଡ ଡୁପ୍ଲାଣ୍ଟିସ୍ ତାଙ୍କ ନିଜ ଆଉଟଡୋର୍ ବିଶ୍ୱ ରେକର୍ଡରେ ଉନ୍ନତି ଆଣିଛନ୍ତି। ଏଠାରେ ଚାଲିଥିବା ଡାଇମଣ୍ଡ ଲିଗ୍‌ରେ ସେ ୬.୧୬ ମିଟର କ୍ଲିଅର କରିଛନ୍ତି। ଡୁପ୍ଲାଣ୍ଟିସ ତାଙ୍କ ଦ୍ୱିତୀୟ ପ୍ରଚେଷ୍ଟାରେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ସେ ୨୦୨୦ରେ ରୋମ୍‌ରେ ୬.୧୫ ମିଟର କ୍ଲିଅର କରି ସର୍ଗେ ବୁବ୍‌କାଙ୍କ ୨୬ବର୍ଷ ପୁରୁଣା ଆଉଟଡୋର ରେକର୍ଡ ଭାଙ୍ଗିଥିଲେ। ଡୁପ୍ଲାଣ୍ଟିସଙ୍କ ନାମରେ ଇନ୍‌ଡୋର ବିଶ୍ୱ ରେକର୍ଡ ରହିଛି। ସର୍ବିୟାରେ ଅନୁଷ୍ଠିତ ବିଶ୍ୱ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ୬.୨୦ ମିଟର କ୍ଲିଅର କରି ସେ ଏହି କୀର୍ତ୍ତିମାନ ଅର୍ଜନ କରିଥିଲେ।




# ଭୁବନେଶ୍ୱର ସ୍କୁଲ ଚେସ୍: ଆଦିତ୍ୟ ଚାମ୍ପିୟନ

**ଭୁବନେଶ୍ୱର, ୧।୭ (କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୩୫ତମ ଭୁବନେଶ୍ୱର ସ୍କୁଲ ଚେସ୍ ଚାମ୍ପିୟନଶିପ୍ ଶୁକ୍ରବାର ଟଙ୍କପାଣି ରୋଡସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ୬ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ଆଦିତ୍ୟ ଜେନା ଓ ସାଇ ଅଂଶୁମାନ ସିଂ ୫.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରିଷିତ ଦେବନାଥ, ଅଂଶୁମାନ ଦାସ, ଦିବ୍ୟାଂଶ ଦର୍ଶନ, ତ୍ରିଦେବ ତୀର୍ଥଙ୍କର, ଲଳିତ ରଞ୍ଜନ ସାହୁ, ନମସ୍ୟ ନଳିନ, ସାର୍ଥକ ମହାନ୍ତି ଓ ସାରାଂଶ ମିଶ୍ର ଟପ୍-୧୦ ଫିନିଶ୍ କରିଥିଲେ। ଏମାନଙ୍କ ବ୍ୟତୀତ ୮, ୧୦, ୧୨, ୧୪ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୨ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ଏବଂ ୫ ଖେଳାଳିଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ସିନିୟର ଅନ୍‌କୋଲୋଜିଷ୍ଟ ଅମିତାଭ ଜେନା ମୁଖ୍ୟ ଅତିଥି ଏବଂ ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଏମ୍‌ସିଏ ବିଭାଗ ମୁଖ୍ୟ ଅମରେଶ ସାହୁ ଓ ରାଜ୍ୟ ଗୋଇନ୍ଦା ବିଭାଗ ଇନ୍ସପେକ୍ଟର ପ୍ରିୟଦର୍ଶୀ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଭୁବନେଶ୍ୱର ଚେସ୍ ଆସୋସିଏଶନ ସମ୍ପାଦକ ଦେବାଶିଷ ପାଣିଗ୍ରାହୀ, ସାଇ ବୀଣାପାଣି ଜ୍ଞାନମନ୍ଦିର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ଓ ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

## କିର୍ଗିଓସ୍‌ଙ୍କୁ ୧୦ ହଜାର ଡଲାର ଜରିମାନା

**ୱିମ୍ବେଲଡନ, ୧।୭ (ଏପି):** ଅଣଖେଳୁଆଡ଼ ଆଚରଣ ଯୋଗୁ ଚଳିତ ୱିମ୍ବେଲଡନ ଓପନ ଟେନିସ ପ୍ରତିଯୋଗିତାରେ ନିକ୍ କିର୍ଗିଓସ୍‌ଙ୍କୁ ୧୦,୦୦୦ ଆମେରିକୀୟ ଡଲାର ଜରିମାନା ହୋଇଛି, ଯାହାକି ଟୁର୍ନାମେଣ୍ଟରେ ସର୍ବାଧିକ। କିର୍ଗିଓସ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଜଣେ ଦର୍ଶକ ତାଙ୍କୁ ଚିଡ଼ାଇବାରୁ ସେ ତାଙ୍କୁ ଲକ୍ଷ୍ୟ କରି ଛେପ ପକାଇଥିଲେ। ଅନ୍-ସାଇଟ୍ ଅପରାଧ ପାଇଁ ଏହି ଦଣ୍ଡବିଧାନ କରାଯାଇଥିବା ଅଲ୍ ଇଂଲଣ୍ଡ କ୍ଲବ ତରଫରୁ ଗୁରୁବାର ଘୋଷଣା କରାଯାଇଛି।

## ଶ୍ରୀଲଙ୍କାକୁ ୪ ଉଇକେଟରେ ହରାଇଲା ଭାରତ

**ପାଲିକେଲ୍, ୧।୭ (ପି.ଟି.):** ଅଭିଜ୍ଞ ଦୀପ୍ତି ଶର୍ମାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ସହାୟତାରେ ଭାରତ ଏଠାରେ ଶୁକ୍ରବାର ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ୪ଉଇକେଟରେ ବିଜୟ ହାସଲ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୪୮.୨ ଓଭରରେ ୧୭୧ରନ କରି ଅଲଆଉଟ ହୋଇଯାଇଥିଲା। ଭାରତ ୧୨ ଓଭର ବାକିଥାଇ ୬ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ମ୍ୟାଚରେ ଦୀପ୍ତି ୨୫ ରନ ବିନିମୟରେ ୩ ଉଇକେଟ ନେବା ସହ ୨୨ ରନ କରି ଅପରାଜିତ ରହିଥିଲେ। ଶୁକ୍ରବାର ଏହି ବିଜୟ ଦ୍ୱାରା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଅନ୍ତର୍ଜାତୀୟ ଦିନିକିଆ ଚାମ୍ପିୟନଶିପ୍‌ର ଅଂଶ ବିଶେଷ ଖେଳାଯାଉଥିବା ଏହି ୩ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ଲାଭ କରିଛି। ଭାରତର ଦୀପ୍ତି ଶର୍ମା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

# ଭାରତୀୟ ଦଳରେ ଓଡ଼ିଶାର ସ୍ନେହମୟୀ, ମାମାଲି

**ଭୁବନେଶ୍ୱର, ୧।୭ (କ୍ରୀଡ଼ା ପ୍ରତିନିଧି)**

**୨୦ ବର୍ଷରୁ କମ୍ ଏସୀୟ ମହିଳା ଭଲିବଲ**

କାଜାଖସ୍ତାନର ନୁର-ସୁଲତାନଠାରେ ୨୧ତମ ଏସିଆନ ମହିଳା ଭଲିବଲ (୨୦ ବର୍ଷରୁ କମ୍) ଚାମ୍ପିୟନଶିପ୍ ଚଳିତମାସ ୪ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗନେବାକୁ ମନୋନୀତ ହୋଇଥିବା ଭାରତୀୟ ଦଳରେ ଓଡ଼ିଶାର ୨ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ସ୍ନେହମୟୀ କିଶାନ ଓ ମାମାଲି ନାଗ୍। ଭଲିବଲ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ନିର୍ଦ୍ଦେଶକ୍ରମେ ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଭାରତୀୟ ଦଳର କୋଚିଂ କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ବିଜୁପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଏପ୍ରିଲ ୨୧ରୁ ୨୦ ଖେଳାଳିଙ୍କୁ ନେଇ କ୍ୟାମ୍ପ ଆୟୋଜନପରେ ୧୨ ଜଣିଆ ଦଳ ଘୋଷଣା କରାଯାଇଛି। ଓଡ଼ିଶାର ୨ ଖେଳାଳିଙ୍କ ବ୍ୟତୀତ ଜଣେ ଫିଜିଓ ଗାଲା ମୈତ୍ରୀ ମନୀଷ ଦଳସହ ସାମିଲ ହୋଇଛନ୍ତି। ଓଡ଼ିଶା ଦଳ ଶୁକ୍ରବାର କାଜାଖସ୍ତାନ ଅଭିମୁଖେ ଯାତ୍ରା କରିଛି। ଭିଏଫ୍‌ଆଇ ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି ଓ ଅଫିସିଆଲଙ୍କୁ ସ୍ପୋର୍ଟ୍ସ କିଟ୍ ପ୍ରଦାନ କରିବା ସହ ଆଗାମୀ ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

ଭାରତୀୟ ଦଳ: ଅଲ୍ପନା, ଗୋପିକା ଗୁଣସେକରନ, ସୁଷମା ଶ', ଲାବଣ୍ୟ ଚନ୍ଦୁ, ସ୍ନେହମୟୀ କିଶାନ, ଏଲିନା ବିଜୁ, ପ୍ରୀଶା ପାଉଲିନ, ପ୍ରେରଣା ପାଲ୍ (ଅଧିନାୟିକା), ଦେବସ୍ମିତା ମଲିକ, ଅନୁ ଦେବୀ, ମାମାଲି ନାଗ୍, ସାଥି ଦାସ (ଲିବେରୋ)। ମୁଖ୍ୟ କୋଚ୍: ଅଶୋକ କୁମାର ଚକ୍ର, ସହକାରୀ କୋଚ୍: ରାଧିକା ପରୁଚୁରି, କ୍ରିଷ୍ଣା ପ୍ରସାଦ କୋସାରି, ଫିଜିଓ: ଗାଲା ମୈତ୍ରୀ ମନୀଷ।



ଭିଏଫ୍‌ଆଇ ସଭାପତି ଅଚ୍ୟୁତ ସାମନ୍ତଙ୍କ ସହ ୨୦ ବର୍ଷରୁ କମ୍ ଭାରତୀୟ ମହିଳା ଭଲିବଲ ଦଳ।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ନୟାଗଡ଼ରେ ଜିଲା ବ୍ୟାପୀ ସେବା ଉତ୍ସବ ଉଦ୍‌ଘାଟିତ

**ନୟାଗଡ଼ ଅଫିସ,୧୭:** ସେବା ଉତ୍ସବ ସମିତି ଆନୁକୂଲ୍ୟରେ ନୟାଗଡ଼ରେ ଷଷ୍ଠ ବାର୍ଷିକୀ ଜିଲାବ୍ୟାପୀ ସେବା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ନୟାଗଡ଼ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଏହି ଉଦଘାଟନୀ ଉତ୍ସବ ରଥରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସମର୍ପଣ କରି ପଥପ୍ରାନ୍ତ ସଚେତନତା ସଭା ମାଧ୍ୟମରେ ଶୁଭାରମ୍ଭ କରାଯାଇଛି। ନୟାଗଡ଼ ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଦାମୋଦର ସାହୁ ଓ ଯୁବନେତା ସନ୍ତୋଷ କୁମାର  ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଚଳିତବର୍ଷ ଏହା ଶୁକ୍ରବରଠାରୁ ଆରମ୍ଭ ହୋଇ ଆଗାମୀ ୧୫ ତାରିଖ ଯାଏ ଜିଲାବ୍ୟାପୀ ଅନୁଷ୍ଠିତ ହେବ। ଅନ୍ୟପକ୍ଷେ ଏଭଳି ଏକ ନିଆରା ଉତ୍ସବ ଅଭାବ ଅସୁବିଧାରେ ଥିବା ଅନେକ ଲୋକଙ୍କ ମୁହଁରେ ହସ ଫୁଟାଇ ପାରୁଛି ବୋଲି ମତ ରଖିଛନ୍ତି ମୁଖ୍ୟ ଅତିଥି ଦାମୋଦର ସାହୁ ଓ ସନ୍ତୋଷ କୁମାର ପ୍ରଧାନ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ସେବା ସଦସ୍ୟ ଜ୍ୟୋତିରଞ୍ଜନ ମହାପାତ୍ର, ଅମିତ କୁମାର, ପରମେଶ୍ୱର ସାହୁ  ସ୍ୱେଚ୍ଛାସେବୀ ସୁନୀଲ କୁମାର ନାୟକ, ଗୁଲସନ ଦାସ, ଶ୍ରୀମାନ ଅଭିଜିତ କର, ଚନ୍ଦନ କୁମାର ପ୍ରମୁଖଙ୍କ ସହ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଫଟୋ ସାମ୍ବାଦିକଙ୍କ ବିୟୋଗରେ ଶୋକ ପ୍ରକାଶ

**ଖଣ୍ଡପଡା,୧୭(ସ୍ୱ.ପ୍ର.):** ବରିଷ୍ଠ ଫଟୋ ସାମ୍ବାଦିକ ଅଶୋକ ପଣ୍ଡା ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଛି। ତାଙ୍କ ବିୟୋଗରେ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ସଦସ୍ୟମାନେ ଗଭୀର ଦୁଃଖ ପ୍ରକାଶ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସଂଘ କାର୍ଯ୍ୟାଳୟ ପରିସରରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ସଭାପତି ବିନାୟକ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାରେ ସମ୍ପାଦକ ଭବାନୀ ଶଙ୍କର ସିଂହ ସାମନ୍ତ, ଶାନ୍ତି ଶେଖର ରଥ, ବିନୋଦ କୁମାର ମହାପାତ୍ର, ରାମଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

























See Career Appointment on every Wednesday & Saturday






















Your classified advertisement published in Dharitri will be listed free in Dharitri online edition : www.dharitri.com

## ସଂକ୍ଷେପରେ

### ମନ୍ଦିର ପ୍ରତିଷ୍ଠା ଉଦ୍‌ଯାପିତ

ଆସିକା,୧।୭(ଡି.ଏନ୍.ଏ.)-ଆସିକା ଏନଏସିର ୧୮ ନମ୍ବର ୱାର୍ଡ ପାକଲାପଲ୍ଲୀ ଗ୍ରାମରେ ଗତ ସୋମବାରରୁ ଚାଲିଥିବା ରଘୁନାଥ ଠାକୁରଙ୍କ ୫ଦିନ ବ୍ୟାପି ମନ୍ଦିର ପ୍ରତିଷ୍ଠା ଓ ଠାକୁରଙ୍କ ସିଂହାସନ ଆରୋହଣ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ମଧାହ୍ନରେ ଠାକୁରଙ୍କ ବିଜେ ପ୍ରତିମାକୁ ପାକଲାପଲ୍ଲୀ ଗ୍ରାମରୁ ବାହାରି କଳିଙ୍ଗା ରୋଡ, ତାଲୁକା ରୋଡ, ପାଢୀ କଲୋନୀ ଆଦି ଅଞ୍ଚଳରେ ପରିକ୍ରମା ପରେ ଠାକୁରଙ୍କୁ ସିଂହାସନରେ ବିଜେ କରାଯାଇଥିଲା। ତାପରେ ଘୃତଯଜ୍ଞ, ନାମଯଜ୍ଞ ଆଦି କାର୍ଯ୍ୟ ଉଦ୍‌ଯାପନ ହୋଇଥିଲା। ବିଶିଷ୍ଟ କର୍ମକାଣ୍ଡ ବିଷାରଦ ଲଡ୍ଡୁ କିଶୋର ପଣ୍ଡା ଓ ବଦ୍ରିନାରାୟଣକର ଠାକୁରଙ୍କ ପ୍ରତିଷ୍ଠା କାର୍ଯ୍ୟରେ ନିୟୋଜିତ ଥିଲା ବେଳେ ବରିଷ୍ଠ ନାମଯଜ୍ଞ ଶିକ୍ଷକ ରବୀନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା କମିଟିର ସଭାପତି ସନ୍ତୋଷ କୁମାର ପୋଲାଇଙ୍କ ନେତୃତ୍ୱରେ ସୂର୍ଯ୍ୟକାନ୍ତ ପରିଡ଼ା, ରମେଶ ପୋଲାଇ, ରବୀନ୍ଦ୍ରନାଥ ପୋଲାଇ, ସାଇଶଙ୍କର ପୋଲାଇ, ମଧୁସୂଦନ ପରିଡା, ଲଲାଟେନ୍ଦୁ ପରିଡା ପ୍ରମୁଖ ପ୍ରତିଷ୍ଠା କାର୍ଯ୍ୟ ପରିଚାଳନା କରିଥିଲେ।

### ନୂତନ ଲଫାପା, ପୋଷ୍ଟକାର୍ଡ ଉନ୍ମୋଚିତ

ଭଞ୍ଜନଗର,୧।୭(ଡି.ଏନ.ଏ):ଭାରତୀୟ ଡାକ ବିଭାଗ ପକ୍ଷରୁ ଶୁକ୍ରବାର ଦେଶ ବ୍ୟାପୀ ନୂତନ ଭାବେ ଲଫାଫା ଓ ପୋଷ୍ଟକାର୍ଡ ଉନ୍ମୋଚିତ ହୋଇଯାଇଛି। ଏହିଭଳି ଆସିକା ମଣ୍ଡଳ ପକ୍ଷରୁ ଭଞ୍ଜନଗର ମୁଖ୍ୟ ଡାକ ଘରେ ଏହି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅସରରେ ବରିଷ୍ଠ ନାଗରିକ ମଞ୍ଚ ଅଧକ୍ଷ ଆଇନଜୀବୀ ସୋମନାଥ ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ଓକିଲ ସଂଘ ସଭାପତି ସନ୍ତୋଷ କୁମାର ନାୟକ, ଆସିକା ମଣ୍ଡଳ ଇନ୍ସପେକ୍ଟର କ୍ରିଷ୍ଣାନନ୍ଦ, ଶ୍ରମିକ ନେତା ହରେକୃଷ୍ଣ ସାହୁ, ଆଇନଜୀବୀ ସନ୍ତୋଷ ପାଳ, ଭଞ୍ଜନଗର ମୁଖ୍ୟ ଡାକପାଳ ନିତ୍ୟାନନ୍ଦ ନାଥ ଶର୍ମା ଅତିଥି ଭାବେ ଯୋଗ ଦେଇଥିଲେ। ଶମ୍ଭୁନାଥ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### କୈଳାସ ଚନ୍ଦ୍ର ଦେଓ ସମ୍ମାନିତ

ଛତ୍ରପୁର,୧।୭(ଡି.ଏନ.ଏ.)- ଛତ୍ରପୁର ତାଡେପଲ୍ଲୀ ସାହି ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ରାଜା କୈଳାସ ଚନ୍ଦ୍ର ଦେଓଙ୍କୁ ସମ୍ମାନିତ କରାଯାଇଛି। ରାଜ ପରିବାରର ମନ୍ଦିରକୁ ସେବା ପ୍ରଦାନର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଛତ୍ରପୁର ଜନସାଧାରଣ ଓ ଜଗନ୍ନାଥ ଭକ୍ତଙ୍କ ପକ୍ଷରୁ ରଥଯାତ୍ରା ଦିନ ପହଣ୍ଡି ପୂର୍ବରୁ ରାଜା କୈଳାସ ଚନ୍ଦ୍ର ଦେଓଙ୍କୁ ପୁଷ୍ପମାଲ୍ୟ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିର ଟ୍ରଷ୍ଟ ସଦସ୍ୟ ଆଦିକନ୍ଦ ପାଣିଗ୍ରାହୀ, ଇଂ. ରାମଚନ୍ଦ୍ର ପଟ୍ଟନାୟକ,ରମାକାନ୍ତ ଚୌଧୁରୀ, ସୁଧୀର ରଥ ଓ ମହାଶକ୍ତି ବଣିକ ସଂଘର ସଭାପତି କିଶୋର ଚନ୍ଦ୍ର ସେନାପତି ରାଜାଙ୍କ ସମେତ ରାଜ ପରିବାରର ସଦସ୍ୟ ବୃନ୍ଦ ଅମ୍ରିତା ଦେଓ, ଲିଖିତ ନାୟକ ଓ ଅନମୋଲ ଛାବ୍ରିଆଙ୍କୁ ସମ୍ମାନିତ କରିଥିଲେ। ଜଗନ୍ନାଥ ମନ୍ଦିର ପରିଚାଳକ ଟ୍ରଷ୍ଟି ଜଗବନ୍ଧୁ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଶ୍ରୀକାନ୍ତ ମହାନ୍ତି ସଂଯୋଜନା କରିଥିବା ବେଳେ ଅସିତ ପଟ୍ଟନାୟକ, ଭାଗବତ ମହାପାତ୍ର, ଗୋବିନ୍ଦ ମିଶ୍ର, ଦାଶରଥି ନେପାକ, ରାଜେନ୍ଦ୍ର ପାଣିଗ୍ରାହୀ, ନିରଞ୍ଜନ ତ୍ରିପାଠୀ, ସୁରେନ୍ଦ୍ର ପାଢୀ, ମନୋରଞ୍ଜନ ସେନାପତି, କୃଷ୍ଣ ଚନ୍ଦ୍ର ସାହୁ, ଏନ୍. ଜଗଦୀଶ ରାଓ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ଖଡ଼ଗପୁର-ହାଓଡାକୁ ରେଳ ଚଳାଚଳ ହେଉ

**ନୟାଗଡ଼ ଅଫିସ,୧।୭**

- ଚମ୍ପତିପୁର, ବାଉଁଶିଆପଡ଼ାରେ ପାସେଞ୍ଜର ହଲଟ ପାଇଁ ଦାବି ଜୋର୍‌ଦାର
- ଦଶପଲ୍ଲା ପାଇଁ ରେଳପଥ ନିର୍ମାଣ କାର୍ଯ୍ୟ ହେଉ ତ୍ୱରାନ୍ୱିତ
- ରେଳମନ୍ତ୍ରୀଙ୍କୁ ୩ଟି ସ୍ମାରକପତ୍ର ପ୍ରଦାନ

ନୟାଗଡ଼ରୁ ଖଡ଼ଗପୁର ଓ ହାୱାଡ଼ାକୁ ରେଳ ଚଳାଚଳ ପାଇଁ ରେଳମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେହିପରି ନୟାଗଡ଼ ବ୍ଲକର ଚମ୍ପତିପୁର ଓ ବାଉଁଶିଆପଡାଠାରେ ପାସେଞ୍ଜର ହଲଟ୍ କରିବାକୁ ଦାବି ଜୋରଦାର କରାଯାଇଛି। ଏ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୩ଟି ଯାକ ସ୍ମାରକପତ୍ର ନୂଆଗାଁ ରେଳ ଷ୍ଟେଶନ ଉଦ୍‌ଘାଟନ ପରେ ଗୁରୁବାର ପ୍ରଦାନ କରାଯାଇଛି। ନୂଆଗାଁ ପରେ ଦଶପଲ୍ଲାକୁ ରେଳପଥର କାର୍ଯ୍ୟ ଶୀଘ୍ର ଶେଷ କରି ଏଠାକାର ଷ୍ଟେଶନକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ। ଦଶପଲ୍ଲାକୁ ଶୀଘ୍ର ରେଳ ଚଳାଚଳ କରିବାର ବ୍ୟବସ୍ଥା କରିବାକୁ କଂଗ୍ରେସ ପକ୍ଷରୁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି ତେବେ ସ୍ମାରକପତ୍ର ପ୍ରଦାନ କରାଯାଇନାହିଁ।

ପ୍ରକାଶ ଯେ, ପୂର୍ବରୁ ରେଳ ବିଭାଗ ପକ୍ଷରୁ ଏକ ଫାଷ୍ଟ ପାସେଞ୍ଜର ଟ୍ରେନ(ଟ୍ରେନ ନଂ.୫୮୦୦୫/୫୮୦୦୬) ନୟାଗଡ଼ ଟାଉନରୁ ଖଡ଼ଗପୁର ନିୟମିତ ଯିବା ଆସିବା କରୁଥିଲା। ଫଳରେ ବ୍ୟବସାୟିକ ଦୃଷ୍ଟିକୋଣରୁ ଜିଲାବାସୀ ସମ୍ପୃକ୍ତ ଟ୍ରେନ ଦ୍ୱାରା ବିଶେଷ ଭାବେ ଉପକୃତ ହେବା ସହ ନୟାଗଡ଼ରୁ ସିଧାସଳଖ କୋଲକାତା, ଖଡ଼ଗପୁର ଆଦି ସ୍ଥାନକୁ ସୁବିଧାରେ ଯିବା ଆସିବା କରି ପାରୁଥିଲେ। ତେବେ କୋଭିଡ୍ ସମୟରେ ରେଳ ବିଭାଗ ପକ୍ଷରୁ ଏହି ଟ୍ରେନକୁ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ରଖାଯାଇଛି। ଅନ୍ୟପକ୍ଷରେ କୋଭିଡ୍ କଟକଣା ସମ୍ପୂର୍ଣ୍ଣ ଉଚ୍ଛେଦ ହୋଇ ଟ୍ରେନ ଚଳାଚଳ ସ୍ୱାଭାବିକ ହେଉଛି। ନୟାଗଡ଼ରୁ ଖୋର୍ଦ୍ଧାରୋଡ଼ ପର୍ଯ୍ୟନ୍ତ ରେଳ ଲାଇନର ବିଦ୍ୟୁତୀକରଣ କାର୍ଯ୍ୟ ସମାପ୍ତ ହୋଇଛି। ଖଡ଼ଗପୁର ଟ୍ରେନ ଚଲାଇବାକୁ ବିଭାଗ ପକ୍ଷରୁ ଆନ୍ତରିକତା ପ୍ରକାଶ ପାଉନାହିଁ। ଏଣୁ ବାଣିଜ୍ୟ ବ୍ୟବସାୟ କିମ୍ବା ଭ୍ରମଣ ଉଦ୍ଦେଶ୍ୟରେ ଜିଲାବାସୀ ଏହି ଟ୍ରେନ ଉପରେ ନିର୍ଭରଶୀଳ ହୋଇଥିବା ବେଳେ ସେମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ବିଭିନ୍ନ ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୟାଗଡ଼ରୁ ଖଡ଼ଗପୁର ଓ ହାୱାଡ଼ାକୁ ରେଳ ଚଳାଚଳ ପାଇଁ ଦାବି ହେଉଛି। ରେଳ ବିଭାଗ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ଉଠିଛି। ଜିଲାବାସୀଙ୍କ ଅସୁବିଧାକୁ ହୃଦୟଙ୍ଗମ କରି ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଗୋପୀନାଥ ସେଠୀ, ପ୍ରଶାନ୍ତ ପଟ୍ଟନାୟକ, ଶେଖ ଅବଦୁଲ ଖାଲିକ, ଲକ୍ଷ୍ମୀଧର ସାହୁ ପ୍ରମୁଖ ନୂଆଗାଁଠାରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ପୁନର୍ବାର ନୟାଗଡ଼ ଟାଉନ ଖଡ଼ଗପୁର ଟ୍ରେନ ଚଳାଇବା ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଏହା ଉପରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରଛନ୍ତି। ସେହିପରି ନୟାଗଡ଼ ବ୍ଲକର ଚମ୍ପତିପୁରରେ ଖୋର୍ଦ୍ଧାରୋଡ ବଲାଙ୍ଗୀର ରେଳପଥ ଉପରେ ରେଳ ଷ୍ଟେଶନ/ ପାସେଞ୍ଜର ହଲଟ୍ କରିବାକୁ ବହୁଦିନ ଧରି ଦାବି ହୋଇ ଆସୁଛି। ରେଳ ବିଭାଗ ପକ୍ଷରୁ ଇଟାମାଟି ପରି ବ୍ୟବସାୟିକ ଅଞ୍ଚଳକୁ ଅଣଦେଖା କରାଯାଇଥିବା ଅଭିଯୋଗ ରହିଛି। ଇଟାମାଟି ଦେଇ ରେଳପଥ ଯାଇ ନାହିଁ। ଇଟାମାଟିର ନିକଟସ୍ଥ ଅଞ୍ଚଳ ଚମ୍ପତିପୁର ଦେଇ ରେଳପଥ ଯାଇଛି। ଚମ୍ପତିପୁରରେ ରେଳ ଷ୍ଟେଶନ/ପାସେଞ୍ଜର ହଲଟ୍ କରାଗଲେ ଇଟାମାଟ, ଲାଠିପଡା, ଗମ୍ଭାରୀଡିହି, ବିରୁଡା, ଇକିରି, ରାଜପାଟଣା, କାଳିକାପ୍ରସାଦ, ବଡପଣ୍ଡୁସର, ବାଉଁଶିଆପଡା, ଚମ୍ପତିପୁର, ନୂଆଗାଁ, ସଜନାପଡା, ଗୁଣ୍ଡୁଣି, ଜହ୍ନିପଦା, ରାଣିପଡା, ଶାଳଙ୍ଗରିଆ, ଗଦାଧରପ୍ରସାଦ, ଶରଧାପୁର ଅଞ୍ଚଳର ଲୋକ ଉପକୃତ ହେବା ସହ ଇଟାମଟି ପରି ବ୍ୟବସାୟିକ ଅଞ୍ଚଳର ଉନ୍ନତି ହେବ। ଏପରି କି ବାଣିଜ୍ୟ କାରବାର କରିବାକୁ ବ୍ୟବସାୟୀଙ୍କୁ ସୁବିଧା ହେବ। ଏ ନେଇ ବାଲୁଙ୍କେଶ୍ୱର ରେଳବାଇ ସଂଗ୍ରାମ ସମିତି ପକ୍ଷରୁ ଏହାର ସଭାପତି ମନୋଜ ସାହୁ, ଅମର ପ୍ରସାଦ ସାହୁ, ନିରଞ୍ଜନ ସାଥୁଆ ପ୍ରମୁଖ ରେଳମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ଦେବା ସହ ଆଲୋଚନା କରିଛନ୍ତି। ସେହିଭଳି ବାଉଶିଆପଡାରେ ପାସେଞ୍ଜର ହଲଟ୍ ନିର୍ମାଣ କରିବାକୁ ପୂର୍ବାଞ୍ଚଳ ରେଲୱେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ଦିଆଯାଇଛି।

## ସାଂସ୍କୃତିକ ଦଳ ଚୟନ ଆଜିଠୁ ଆରମ୍ଭ

**ଛତ୍ରପୁର,୧।୭(ଡି.ଏନ.ଏ.)**

ଗଞ୍ଜାମ ଜିଲା ସାଂସ୍କୃତିକ ଦଳମାନଙ୍କୁ ଚୟନ କରାଯାଇ ତାଲିକାଭୁକ୍ତ କରାଯିବ । ଏଥି ସକାଶେ ପୂର୍ବରୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିୟମ ପ୍ରକାରେ ସିଟିଏମ୍ଏସ୍ ୱେବ ପୋର୍ଟାଲରେ ପଞ୍ଜୀକୃତ କରିଥିବା ସମସ୍ତ ଦଳଙ୍କୁ ପର୍ଯ୍ୟାୟ କ୍ରମେ ଜିଲାସ୍ତରକୁ ଡକାଇ ଚୟନ କରାଯିବ। ୨ ତାରିଖରୁ ଜିଲା ସଂସ୍କୃତି ଭବନ ଛତ୍ରପୁରଠାରେ ପୂର୍ବାହ୍ନ ୧୦ଟାରୁ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ଚୟନରେ ଅଂଶ ଗ୍ରହଣ କରିଥିବା ଦଳମାନଙ୍କୁ ତାଲିକା ଭୁକ୍ତ କରାଯିବ। କେବଳ ତାଲିକାଭୁକ୍ତ ଦଳ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସିଟିଏମ୍ଏସ୍ ନିୟମ ଅନୁଯାୟୀ କାର୍ଯ୍ୟକ୍ରମ ପରିବେଷଣ କରିବାର ସୁଯୋଗ ପାଇବେ ବୋଲି ଜିଲା ସଂସ୍କୃତି ଅଧିକାରୀ ଜିତେନ କୁମାର ପରିଡା ସୂଚନା ଦେଇଛନ୍ତି ।

## ପୋଲସରା ଜେଏମ୍ଏଫ୍‌ସି କୋର୍ଟର ୧ମ ପ୍ରତିଷ୍ଠା ଉତ୍ସବ

**ପୋଲସରା,୧।୭(ଡି.ଏନ.ଏ.)**

ପୋଲସରା ସହରସ୍ଥିତ ଜେଏମ୍ଏଫ୍‌ସି କୋର୍ଟ ପରିସରରେ ଶୁକ୍ରବାର କୋର୍ଟ ସ୍ଥାପନର ୧ମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଜୁଡିସିଆରି ବ୍ୟବସ୍ଥା ଉପରେ ମଧ୍ୟ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ଆଇନଜୀବୀ ସଂଘର ପୂର୍ବତନ ସଭାପତି ଶିଶିର ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ଦୌରା ଜଜ ଆନନ୍ଦ ଚନ୍ଦ୍ର ବେହେରା, ହାଇକୋର୍ଟରେ ଷ୍ଟାଣ୍ଡିଙ୍ଗ କାଉନସିଲ ଲଲାଟେନ୍ଦୁ ସାମନ୍ତରା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିରିକ୍ତ ଜିଲା ଦୌରା ଜଜ୍ ଚିନ୍ମୟ ଗୋଚ୍ଛାୟତ, ସବ୍‌ଜଜ ସ୍ୱପ୍ନା ସାଗରିକା ମିଶ୍ର, ଜେଏମ୍ଏଫସି ପୋଲସରା ଦୀପ୍ତିମୟୀ, ଜେଏମ୍ଏଫସି କୋଦଳା ବିଜୟଲକ୍ଷ୍ମୀ ଚୌଧୁରୀ, ପୋଲସରା ତହସିଲଦାର ଦିଲୀପ କୁମାର ନାୟକ, ବିଡିଓ ଧର୍ମରାଜ ପରିଡା, ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ, ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ସମେତ ପୋଲସରା ଅଞ୍ଚଳର ଆଇନଜୀବୀମାନେ ଉପସ୍ଥିତ ଥିଲେ। ପୋଲସରା ବାର୍ ଆସୋସିଏଶନର ସଭାପତି ସୁଶାନ୍ତ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ସୀମାଞ୍ଚଳ ହୋତା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଆଇନଜୀବୀ ବ୍ରଜବନ୍ଧୁ ଦଳବେହେରା ମଞ୍ଚ ପରିଚାଳନା କରିଥିଲେ।

## ଗଣେଶ ସ୍ମୃତି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ



ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ଅତିଥି ।

**ଦିଗପହଣ୍ଡି,୧।୭(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବଡଗୁମୁଲା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝଗଡାପଲ୍ଲୀ ଗ୍ରାମରେ ଚାଲିଥିବା ଗଣେଶ ଗୌଡ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ଚଳିତ ମାସ ୫ ତାରିଖଠାରୁ ଆରମ୍ଭ ହୋଇଥିଲା। ଦିଗପହଣ୍ଡି ଅଞ୍ଚଳର ପ୍ରାୟ ୧୬ ଟିମ୍ ଏଥିରେ ଅଂଶ ଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ଦେଓଖାଳି କ୍ରିକେଟ୍ କ୍ଲବ ଓ କାଳିଆଘାଇ କ୍ରିକେଟ୍ କ୍ଲବ ମଧ୍ୟରେ ମୁକାବିଲା ହୋଇଥିଲା। ଏହି ମ୍ୟାଚରେ ଦେଓଖାଳି କ୍ରିକେଟ୍ କ୍ଲବ୍ ଚାମ୍ପିୟନ୍ ଘୋଷିତ ହୋଇଥିଲା। ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ମଟନ୍‌ପପୁ ଓ ମ୍ୟାନ ଅଫ୍ ଦି ସିରିଜ୍ ଭାବେ ନୀଳାଞ୍ଚଳଙ୍କୁ ଘୋଷଣା କରାଯାଇଥିଲା। ଏହି ଅବସରରେ ଏକ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଗୀତାଞ୍ଜଳି ଜାନୀ ଓ ସମିତିସଭ୍ୟ ରମେଶ ଚନ୍ଦ୍ର ପାଢୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଡଗୁମୁଲା ରାଜସ୍ୱ ନିରୀକ୍ଷକ ଉପେନ୍ଦ୍ର ବେହେରା, ବିଜେଡି ସଭାନେତ୍ରୀ ସନ୍ତୋଷୀ ଜେନ୍ନା, ପାକ୍ସ ସମ୍ପାଦକ ଶେଷକାନ୍ତ ଜାନୀ ପ୍ରମୁଖ ଉପସ୍ଥିତ ରହି ବିଜୟୀ ଓ ପରାଜିତ ଦଳଙ୍କୁ ଟ୍ରଫି ସହ ପୁରସ୍କାର ବିତରଣ କରିଥିଲେ।

## ପୁରୁଷୋତ୍ତମପୁର ସମବାୟ ସମିତିର ସଭାପତି ବିଘ୍ନରାଜ

**ପୁରୁଷୋତ୍ତମପୁର,୧।୭(ଡି.ଏନ.ଏ.)**

ପୁରୁଷୋତ୍ତମପୁର ସମବାୟ ସମିତିର ସଭାପତି ନିର୍ବାଚନ ଶେଷ ହୋଇଛି। ଏଥିରେ ପୁଣି ସଭାପତି ଭାବେ ବିଘ୍ନରାଜ ପାଢୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେ ଲଗାତର ଭାବେ ଏହି ସମବାୟ ସମିତିକୁ ସପ୍ତମଥର ଲାଗି ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ସେ କୃଷକମାନଙ୍କ ବିକାଶ ଲାଗି ଗୁରୁତ୍ୱ ଦେବାର ପ୍ରକାଶ କରି ସମସ୍ତ ନିର୍ବାଚିତ ଡାଇରେକ୍ଟର ଓ ସମବାୟବିତ୍‌ମାନଙ୍କ ସହଯୋଗ ଲୋଡିଛନ୍ତି। ଏହାକୁ ନିର୍ବାଚନ ଅଧିକାରୀ ଅକ୍ଷୟ କୁମାର ଦାଶ ପରିଚାଳନା କରିଥିବା ବେଳେ ସମବାୟ ସମିତିର ସମ୍ପାଦକ ଜି. ଲୋକନାଥ ଆଚାରି ସହଯୋଗ କରିଥିଲେ।

## ରାଷ୍ଟ୍ରୀୟ ଶିକ୍ଷାନୀତି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଖଲ୍ଲିକୋଟ,୧।୭(ଡି.ଏନ.ଏ.)**

ଖଲ୍ଲିକୋଟ ସହରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ଶିକ୍ଷାନୀତି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ୨୭ ଜୁନରୁ ଆରମ୍ଭ ହୋଇଥିବା ଏହି ଶିବିରକୁ ଏନ୍ଏସି ଅଧ୍ୟକ୍ଷ ନିରଞ୍ଜନ ବେହେରା ଉଦ୍‌ଘାଟନ କରିଥିଲେ। ଏଠାରେ ଶଙ୍କୁଳସ୍ତରୀୟ ୮ ବିଦ୍ୟାଳୟର ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ। ୭୪ ପ୍ରଶିକ୍ଷାର୍ଥୀ ମଧ୍ୟରୁ ୫୬ ଭଉଣୀ ଓ ୧୮ ଭାଇ ଥିଲେ। ଏମାନଙ୍କୁ ୨୦୨୦ ରାଷ୍ଟ୍ରୀୟ ଶିକ୍ଷାନୀତିର କ୍ରିୟାନ୍ୱୟନ ଓ ସଂସ୍କୃତିର ଉତ୍‌ଥାନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ବିଦ୍ୟାମନ୍ଦିର ପ୍ରଧାନ ଗୁରୁଜୀ ଚକ୍ରପାଣି ସାହୁଙ୍କ ସମେତ ପରିଚାଳନା ସମିତି ସଦସ୍ୟ ସଞ୍ଜୀବ କୁମାର ମହାପାତ୍ର, ରତ୍ନାକର ଦାସ, ଉପସଭାପତି ଦୟାନିଧି ମହାରଣା, ସମ୍ପାଦକ ସନ୍ତୋଷ କୁମାର ମହାପାତ୍ର, ପ୍ରଦୀପ ଚନ୍ଦ୍ର ପଟ୍ଟନାୟକ, ରଞ୍ଜନ କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ସହ ଆଲୋଚନା

**କୋଟଗଡ,୧।୭(ଡି.ଏନ୍.ଏ.)**

ନ୍ଧମାଳ ଜିଲା କୋଟଗଡ଼ ବ୍ଲକ ଏକ ଆଦିବାସୀ ଅଧୁଷିତ ମାଓବାଦୀ ପ୍ରବଣ ଅଞ୍ଚଳ। ଜିଲାର ଶେଷ ସୀମାରେ ଏହି ବ୍ଲକ ଅବସ୍ଥିତ। ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ,ଗମନାଗମନ, ପାନୀୟ ଜଳ ସମସ୍ୟା ସହ କେତେକ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇ ନାହିଁ। ଲୋକେ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବ୍ଲକଠାରୁ ୭୦ରୁ ୮୦କି.ମି. ଦୂରରେ ପଞ୍ଚାୟତଗୁଡିକ ଅବସ୍ଥିତ। ଏଠାରୁ ଆସିବାକୁ କୌଣସି ଗମନାଗମନ କିମ୍ବା ଗାଡି ସୁବିଧା ନାହିଁ। ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ଫଳରେ ରୋଗୀମାନେ ଭାର ଏବଂ ଦୋଳାରେ ବୁହାହୋଇ କୋଟଗଡ ଓ ବାଲିଗୁଡା ଚିକିତ୍ସାଳୟକୁ ଆସୁଛନ୍ତି। ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଛି।



ଜିଲାପାଳଙ୍କୁ ଭେଟୁଛନ୍ତି ଷ୍ଟିଫାନ ପ୍ରଧାନ।

ଏହାର ସମାଧାନ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ଲାଗି ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ କୋଟଗଡ଼ ବ୍ଲକ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ବିଜେଡି ବ୍ଲକ ସଭାପତି ଷ୍ଟିଫାନ ପ୍ରଧାନ, ପୂର୍ବତନ ଜିଲା ସମ୍ପାଦକ ସରୋଜ ବଳିଆରସିଂ, ଯୁବ ସଭାପତି କବିରାଜ ମଲ୍ଲିକ ଓ ବିଧାୟକ ପ୍ରତିନିଧି ସୁଶାନ୍ତ କହଁର ଭେଟି ନୂତନ ଜିଲାପାଳଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି।

## ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ ଉଦ୍‌ଯାପିତ

**ଛତ୍ରପୁର,୧।୭(ଡି.ଏନ.ଏ.)**

ଛତ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଚାଲିଥିବା ସଂକୁଳ ସାମୂହିକ ପ୍ରଶିକ୍ଷଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୨ୟ ଦିବସରେ ସରକାରୀ ଶିକ୍ଷକ ସୁବାସ ଚନ୍ଦ୍ର ନାୟକ ଉପସ୍ଥିତ ରହି ଶିକ୍ଷା ଉପକରଣ ପ୍ରସ୍ତୁତି କ୍ଲାସ ନେଇଥିଲେ। ସନ୍ଧ୍ୟା କ୍ଲାସରେ ଭାଗବତ ଭାସ୍କର, ଜଗନ୍ନାଥ ପଣ୍ଡା ଉପସ୍ଥିତ ରହି ଆଚାର୍ଯ୍ୟମାନେ ମାର୍ଗଦର୍ଶନ ଦେଇଥିଲେ। ସେହିପରି ଅବସରପ୍ରାପ୍ତ ରାଜସ୍ୱ ଅଧିକାରୀ ଗୌରୀଶଙ୍କର ପାଢୀ ଯୋଗଦେଇ ଏହିଶିକ୍ଷା ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରିଥିଲେ। ୩ୟ ଦିବସର ଉଦ୍‌ଘାଟନରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜିତ କୁମାର ସେଠୀ ଯୋଗଦେଇ ରାଷ୍ଟ୍ରୀୟ ଶିକ୍ଷାନୀତିରେ ଭାଷାଜ୍ଞାନ ଓ ଅଙ୍କଜ୍ଞାନ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ପୂର୍ବ କ୍ଷେତ୍ରର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମହାରଣା ବିଦ୍ୟାଭାରତୀର ଲକ୍ଷ୍ୟ ପୂରଣରେ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜିଲା ସଂଘଚାଳକ ପ୍ରଶାନ୍ତ କୁମାର ପତି ଉକ୍ତ କ୍ଲାସରେ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ତ୍ରିପାଠୀ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ଶିକ୍ଷକମାନେ ଦେଶ ଗଠନରେ ସହାୟକ କିପରି ହୋଇପାରିବେ ସେ ସମ୍ବନ୍ଧରେ ମାର୍ଗ ଦର୍ଶନ କରିଥିଲେ। ତାଙ୍କୁ ସହଯୋଗ କରିଥିଲେ ପୂର୍ବତନ ଅଧକ୍ଷ ରଜନୀ କାନ୍ତ ପଟ୍ଟନାୟକ। ୪ର୍ଥ ଦିବସରେ ଉଦ୍‌ଘାଟନରେ ଛତ୍ରପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୃସିଂହ ଚରଣ ମିଶ୍ର ନୂତନ ଶିକ୍ଷାନୀତି ସମ୍ବନ୍ଧରେ ଆଲୋଚନା କରିଥିଲେ।




ଉପସ୍ଥିତ ଅତିଥି ।

ପୂର୍ବତନ ଛାତ୍ର ଡାକ୍ତର ଲୋକନାଥ ପଣ୍ଡା ଉପସ୍ଥିତ ଥିଲେ । ବୟୋଜ୍ୟେଷ୍ଠ ଗୁରୁମା ସୁଶ୍ରୀ ସୁସ୍ମିତା ଚୌଧୁରୀଙ୍କ ଶେଷକାର୍ଯ୍ୟ ଦିବସରେ ତାଙ୍କୁ ମୁଖ୍ୟ ଅତିଥିଙ୍କ ଦାରା ସମ୍ମାନିତ କରାଯାଇଥିଲା। ସମାରୋହରେ ଅବସରପ୍ରାପ୍ତ ସେନା ଅଧିକାରୀ ରାମ ପ୍ରସାଦ ପଟ୍ଟନାୟକ ଉପସ୍ଥିତ ରହି ଶିଶୁମାନଙ୍କୁ ପାଠପଢ଼ା ସହିତ ନୈତିକ ଶିକ୍ଷା ଦେବା ପାଇଁ ମାର୍ଗଦର୍ଶନ କରିଥିଲେ । ଶେଷରେ ଉପକରଣ ପ୍ରଦର୍ଶନୀ କରାଯାଇଥିଲା।

## ତହସିଲ କାର୍ଯ୍ୟାଳୟ ଘେରିଲେ ବାହାଡ଼ାପଦାଗାଁ ମହିଳା



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ମହିଳା।

**ଆର.ଉଦୟଗିରି,୧।୭(ଡି.ଏନ.ଏ.)**

ଗଜପତି ଜିଲା ମୋହନା ତହସିଲ କାର୍ଯ୍ୟାଳୟ ଘେରିଲେ ବାହାଡ଼ାପଦା ଗ୍ରାମର ମହିଳା। ଗତ ୫ ତାରିଖରେ ସରକାରୀ ଜମିକୁ ନେଇ ବାହାଡ଼ାପଦା-ବିଜିପୁର ଗ୍ରାମବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏଥିରେ ଉଭୟ ଗାଁର ୨୨ ଜଣ ଗୁରୁତର ଆହତ ହୋଇଥିଲେ। ଏହା ପରଠାରୁ ସେହି ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ଏଥିସହ ସେହି ବିବାଦୀୟ ଜମିରେ ପ୍ରଶାସନ ୧୪୪ ଧାରା ଜାରି କରିଛି। ତେବେ ଶାନ୍ତିପ୍ରତିଷ୍ଠା ପାଇଁ ବୁଧବାର ଚନ୍ଦ୍ରଗିରି ଫାଣ୍ଡିରେ ଉଭୟ ଗ୍ରାମବାସୀଙ୍କୁ ଡାକି ଶାନ୍ତି କମିଟି ଗଠନ କରିଥିଲା ପୋଲିସ। ତେବେ ଏହି ଶାନ୍ତି କମିଟିକୁ ବିରୋଧ କରି ଗୁରୁବାର ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ ବାହାଡ଼ାପଦା ଗାଁର ମହିଳା। ଶାନ୍ତି କମିଟି ବୈଠକ କରି ପୋଲିସ ବାହାଡ଼ାପଦା ଗାଁର ୪ ଜଣ ପୁରୁଷଙ୍କୁ ଜୋର୍ ଜବରଦସ୍ତ ଦସ୍ତଖତ କରିଥିବା ଅଭିଯୋଗ କରିଛନ୍ତି ମହିଳା। ସେହି ଜମି ବାହାଡ଼ାପଦା ଗାଁର। ସେଥିପାଇଁ ଜମି ଛାଡ଼ିବୁ ନାହିଁ ବୋଲି ଜିଦ୍ ଧରିଛନ୍ତି ମହିଳା। ମହିଳାମାନେ କିଛି ସମୟ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବା ପରେ ଭିତରକୁ ଧସେଇ ପଶି ତହସିଲଦାରଙ୍କୁ ଦାବିପତ୍ର ଦେଉଥିଲେ।

# ରାତି ଅଧରେ ଚୋରି ମସୁଧା

**ନୟାଗଡ଼ ଅଫିସ,୧।୭**

- କରଡାରେ ଉତ୍ତେଜନା, ପୋଲିସ ସକାଳେ ଆସିଲା
- ଚୋରକୁ କାବୁ କରି ପୋଲିସ ଜିମା ଦେଲେ
- ବ୍ରାଉନସୁଗାର ଖାଇବା ପାଇଁ ରୋଜଗାର ଉଦ୍ୟମ

ନୟାଗଡ଼ ଜିଲା ଶରଣକୁଳ ଥାନା କରଡା ରଘୁନାଥପୁର ବ୍ରାହ୍ମଣ ଶାସନରେ ଗୁରୁବାର ରାତିରେ ଜଣେ ବ୍ୟକ୍ତି ନିଶା ଖାଇବା ପାଇଁ ଗାଁର ହାତୀ ପ୍ରଧାନଙ୍କ ଘରେ ଲୁଟ୍ ଉଦ୍ଦେଶ୍ୟରେ ପଶିଥିଲେ। ହେଲେ ଚୋରି ବେଳେ ହାତୀଙ୍କ ପରିବାର ଲୋକ ଉଠି ପଡି ଥିଲେ। ଅଜଣା ଯୁବକଙ୍କୁ କାବୁ କରି ଘଟଣାକୁ ଲୋକଲୋଚନକୁ ଆଣିଥିଲେ। ତେବେ ଦୁର୍ବୃତ୍ତ ଖସିଯିବାକୁ ଉଦ୍ୟମ କରି ପରିବାରର ୩ଜଣଙ୍କୁ ଆକ୍ରମଣ କରଥିଲେ। ଗାଁ ଲୋକ ଦୁର୍ବୃତ୍ତଙ୍କୁ ଧରି ନିସ୍ତୁକ ମାଡ ମାରିବା ସହ ପୋଲିସକୁ ହସ୍ତାନ୍ତର କରିବାକୁ ଚେଷ୍ଟା କଲାବେଳେ ସେ କରଡାର ବୋଲି ଜଣାପଡିଥିଲା। ତେବେ ଗାଁ ଲୋକ ଜାଣିଲେ ମଧ୍ୟ ପୋଲିସକୁ ଆସି ନେବାକୁ ଅନୁରୋଧ କରିଥିଲେ। ଏ ଘଟଣାକୁ ନେଇ କରଡାରେ ରାତିତମାମ ଉତ୍ତେଜନା ଦେଖାଦେଇଥିଲା। ବ୍ରାଉନସୁଗାର ଖାଇବାକୁ ଦୁର୍ବୃତ୍ତ ରୋଜଗାର କରିବା ପାଇଁ ଚୋରି ପରି ବିଦ୍ୟା ଆପଣେଇଥିବା ଜଣାପଡିଥିଲା। ଦୁର୍ବୃତ୍ତଙ୍କ ପରିବାର ଲୋକ ପହଞ୍ଚି ଗାଁଲୋକଙ୍କୁ ବୁଝାଶୁଝା କରି ନେବାକୁ ଉଦ୍ୟମ କରିଥିଲେ। ଏପରି କି ଜୋରଜବରଦସ୍ତ ପୁଅଙ୍କୁ ନେଇ ଯାଇଥିଲେ। ତେବେ ଗାଁଲୋକଙ୍କ ପ୍ରତିବାଦ ଦେଖି ପୁଅଙ୍କୁ ଛାଡିବାକୁ ବାଧ୍ୟ ହୋଇଥିଲେ। ରାତିରେ ଦୁର୍ବୃତ୍ତଙ୍କୁ ନେଇ ଉତ୍ତେଜନା ସତ୍ତ୍ୱେ ପୋଲିସ ଘଟଣାସ୍ଥଳକୁ ଆସି ନ ଥିଲା। ଶୁକ୍ରବାର ସକାଳେ ପୋଲିସ ପହଞ୍ଚି ଦୁର୍ବୃତ୍ତଙ୍କୁ ନିଜ ହୋପାଜତକୁ ନେଇଛି। ତେବେ ଏ ନେଇ ଥାନାରେ ମାମଲା ହୋଇନାହିଁ। ବରଂ ରଫାଦଫା କରିବାକୁ ଉଦ୍ୟମ ଚାଲିଛି। ଏ ସମ୍ପର୍କରେ ଶରଣକୁଳ ଥାନା ଭାରପ୍ରାପ୍ତ ଅଧିକାରୀ ମନୋରମା ମଲ୍ଲିକ କୁହନ୍ତି, ନିଶା ଖାଇ ଯୁବକ ଭୁଲରେ ଅନ୍ୟ ଘରକୁ ଚାଲି ଯାଇଥିଲା। ଚୋରି ପାଇଁ ସେ ଘରେ ପଶି ନ ଥିଲା। ଘଟଣା ସମ୍ପର୍କରେ ଉଭୟପକ୍ଷ ଆଲୋଚନା କରୁଛନ୍ତି। ଏହାର ସମାଧାନ ପାଇଁ ଚେଷ୍ଟା ଚାଲିଛି ବୋଲି କହିଛନ୍ତି।

### ନିଶା ବଢ଼ାଉଛି ଅସାମାଜିକ କାର୍ଯ୍ୟ

ନୟାଗଡ଼ ଜିଲାରେ ବ୍ରାଉନସୁଗାର କାରବାର ଏବେ ସବୁ ଗାଁ, ସାହି, ୱାର୍ଡରେ ଚାଲିଛି। ଭଲ ରୋଜଗାର ଥିବାରୁ ବହୁ ଯୁବକ ଏଥିରେ ସାମିଲ ହୋଇ ବ୍ରାଉନସୁଗାର ବ୍ୟବସାୟକୁ ଆଗକୁ ନେଉଛନ୍ତି। କିନ୍ତୁ ନିଶା କବଳରେ ପଡିଥିବା ଅନେକଙ୍କ ଘର ଉଜୁଡି ଯାଉଛି। କେତେଜଣ ଯୁବକ ନିଶା ଖାଇବାକୁ ଘରେ ନ ଜଣାଇ ଚୋରି, ଡକାୟତି, ଲୁଟ୍ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ଧରା ପଡିଲେ ସେମାନଙ୍କର ଅସଲ ଚରିତ୍ର ନଜରକୁ ଆସୁଛି। ଯେପରି କରଡାରେ ଆସିଲା। ଏପରି ଅନେକ ଯୁବକ ନିଶା କବଳରେ ପଡିଛନ୍ତି। ତେବେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ନାହିଁ। ମଝିରେ ମଝିରେ ଲୋକ ଦେଖାଣିଆ ଚଢ଼ାଉ କରି ସବୁ କିଛି ଠିକ୍‌ଠାକ୍ ଚାଲୁଛି ବୋଲି କୁହାଯାଉଛି। ହେଲେ ନିଶା ଅସମାଜିକ କାର୍ଯ୍ୟକଳାପ ବଢ଼ାଉଥିବା ନେଇ ଆଉ କାହାକୁ ଅଛପା ନାହିଁ। ଏ ଦିଗରେ ପ୍ରଶାସନ ପଦକ୍ଷେପ ନ ନେଲେ ନୟାଗଡ଼ ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

## ସଂକ୍ଷେପରେ

### ରଥରେ ଛେରା ପହଁରା କଲେ ଦଶପଲ୍ଲା ରାଜା

ଦଶପଲ୍ଲା ୧୭(ଡି.ଏନ.ଏ.): ଦଶପଲ୍ଲାରେ ରଥଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୨ ବର୍ଷ କରୋନା କଟକଣା ଯୋଗୁଁ



ରଥଯାତ୍ରା ବନ୍ଦ ଥିବାବେଳେ ଚଳିତବର୍ଷ ସାଧାରଣ ଆନନ୍ଦ ଉଲ୍ଲାସରେ ରଥଟାଣି ଥିଲେ। ପ୍ରାୟ ୧ ଘଣ୍ଟାରେ ରଥ ମନ୍ଦିରଠାରୁ ବାହାରି ବାଟରେ କୌଣସିଠାରେ ନ ଅଟକି ମାଉସୀ ମା’ ମନ୍ଦିର ନିକଟରେ ପହଞ୍ଚି ଥିଲା। ଅପରାହ୍ନ ପ୍ରାୟ ୧ଘଣ୍ଟାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ରଥ ଉପରକୁ ଅଣାଯାଇଥିଲା। ରଥରେ ଦଶପଲ୍ଲା ରାଜା ଦିଗବିଜୟ ଚନ୍ଦ୍ର ଦେଓଭଞ୍ଜ ଛେରା ପହଁରା କାର୍ଯ୍ୟ କରିଥିଲେ। ପରେ ରଥଟଣା କାର୍ଯ୍ୟ ସାଢେ ୪ଟାରେ ଆରମ୍ଭ ହୋଇଥିଲା। ସାଢେ ୫ଟାରେ ରଥ ମାଉସୀ ମା’ ମନ୍ଦିର ନିକଟରେ ପହଞ୍ଚି ଥିଲା। ଶାନ୍ତିଶୃଙ୍ଖଳା ସହ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

### ଖଣ୍ଡପଡ଼ା ଯୁବକ ସଂଘ ପକ୍ଷରୁ ସେବା ଉତ୍ସବ




ଖଣ୍ଡପଡ଼ା,୧୭(ସ୍ୱ.ପ୍ର.): ଖଣ୍ଡପଡ଼ା ସହରର ଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ଯୁବକ ସଂଘ ପକ୍ଷରୁ ପବିତ୍ର ଘୋଷଯାତ୍ରା ପରିପ୍ରେକ୍ଷୀରେ ସେବା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଅଞ୍ଚଳର ପ୍ରଗତି ଓ ଶାନ୍ତି ପ୍ରତିଷ୍ଠାରେ ସମସ୍ତେ ସାମିଲ ହେବା ସହ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସମସ୍ତ ସଭ୍ୟ କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ। ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ. ଅଭିସାର ପଣ୍ଡା, ଶିଶୁ କବି କାଶୀନାଥ ଦାସ, ସାମ୍ବାଦିକ ଭବାନୀ ଶଙ୍କର ସିଂହ ସାମନ୍ତ, ବିନାୟକ ମିଶ୍ର ପ୍ରମୁଖ ଅତିଥି ଭାବେ ସେବା ଉତ୍ସବରେ ସାମିଲ ହୋଇଥିଲେ। ମହେନ୍ଦ୍ର କୁମାର ବାରିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।



ସ ରଣପୁରରେ ଶ୍ରୀବଳଦେବଙ୍କ ପହଣ୍ଡି ଯାତ୍ରା।



ସୁଭଦ୍ରାଙ୍କୁ ପହଣ୍ଡିରେ ନିଆଯାଉଛି।



ସେବାୟତମାନେ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡିରେ ନେଉଛନ୍ତି।

# ରଣପୁରରେ ୪ ଘଣ୍ଟା ବିଳମ୍ବରେ ରଥଟଣା

ରଣପୁର,୧୭ (ସ୍ୱ.ପ୍ର.)

ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ନୟାଗଡ଼ ଜିଲାର ରଣପୁର ଶ୍ରୀମନ୍ଦିରରୁ ଶ୍ରୀଜୀଉମାନେ ୯ ଦିନ ପାଇଁ ଜନ୍ମମାଟି ମାଉସୀ ମା’ ମନ୍ଦିରକୁ ରଥାରୁଢ଼ ହୋଇ ଶ୍ରୀଗୁଣ୍ଡିଚା ଯାତ୍ରା ଶୁକ୍ରବାର କରିଛନ୍ତି। ଏଥିପାଇଁ ସକାଳୁ ରଣପୁର ବଡଦାଣ୍ଡ ହୋଇଯାଇଥିଲା ଲୋକାରଣ୍ୟ। ୩ ରଥ ପ୍ରତିଷ୍ଠା କରାଯିବା ପରେ ନିର୍ଦ୍ଧାରିତ ସମୟ ନିର୍ଘଣ୍ଟଠାରୁ ପ୍ରାୟ ୪ଘଣ୍ଟା ବିଳମ୍ବରେ ବାଜି ଥିଲା ବିଜେ କାହାଳୀ। ୧ଟାରେ ଆରମ୍ଭ ହୋଇଥିଲା ଠାକୁରମାନଙ୍କ ପହଣ୍ଡି ବିଜେ। ହରିବୋଲ ହୁଳହୁଳି ଘଣ୍ଟା ନାଦ ଏବଂ ସଂକୀର୍ତ୍ତନରେ ପ୍ରକମ୍ପିତ ହୋଇଥିଲା ରଣପୁର ଜଗନ୍ନାଥ ମନ୍ଦିର ପରିସର। ମନ୍ଦିର ଛାଡି ଠାକୁରମାନେ ଆସିଥିଲେ ଦାଣ୍ଡକୁ। ଏହା ପରେ ଭକ୍ତ ଓ ଭଗବାନଙ୍କ ହୋଇଥିଲା ମହାମିଳନ। ରଥଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେବାୟତଙ୍କ ଦ୍ୱାରା ଠାକୁରମାନଙ୍କ ନୀତିକାନ୍ତିରେ ସାମାନ୍ୟ ଡେରି ହୋଇଥିଲା। ଫଳରେ ଦେବୋତ୍ତର ବିଭାଗ ପକ୍ଷରୁ ପ୍ରକାଶ କରାଯାଇଥିବା କାର୍ଯ୍ୟସୂଚୀଠାରୁ ୩ଘଣ୍ଟା ବିଳମ୍ବରେ ସାଢେ ୪ଟାରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ସମସ୍ତ ନୀତିକାନ୍ତି ପରେ ଠାକୁରମାନେ ସିଂହ ଦ୍ୱାର ଛାଡିଥିଲେ। ପ୍ରଥମେ ଶ୍ରୀ ସୁଦର୍ଶନାସୁ ଦେବଦଳନ ରଥରେ ବୀଜେ କରିବା ପରେ ବଡ ଠାକୁର ଆସିଥିଲେ। ଦେବୀ ସୁଭଦ୍ରା ପହଣ୍ଡି ହୋଇ ରଥରେ ବୀଜେ କରିଥିଲେ। ପରେ ମହାପ୍ରଭୁ ଜଗତରନାଥ ଶ୍ରୀ ଜଗନ୍ନାଥ ଦାରୁ ବ୍ରହ୍ମଙ୍କୁ ନେଇ ରଥରେ ବୀଜେ କରିଥିଲେ। ପହଣ୍ଡି କାର୍ଯ୍ୟ ଶେଷ ହେବା ପରେ ପରମ୍ପରା ଅନୁଯାୟୀ ରଣପୁର ରାଜା ଦିଲିପ ଚନ୍ଦ୍ର ସିଂଦେଓ ପାଲିଙ୍କି ଶୋଭା ଯାତ୍ରାରେ ମନ୍ତ୍ରୀ ସେନାପତିଙ୍କ ସହିତ । ରାଜଉଆସରୁ ଆସି ତିନି ରଥରେ ଛେରା ପହଁରା କରିଥିଲେ। ଅପରାହ୍ଣ ୪ଟାରେ ଛେରା ପହଁରା ପରେ ଅପରାହ୍ଣ ୪ ଟାରେ ତାଳଧ୍ୱଜ ରଥର ଚାର ଖୋଲା ହୋଇ ଘୋଡା ଲାଗି ହୋଇଥିଲା। ଅପରାହ୍ଣ ସାଢେ ୪ ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ପ୍ରଥମେ ବଡ ଠାକୁରଙ୍କ ତାଳଧ୍ୱଜ ରଥକୁ ଭକ୍ତମାନେ ଟାଣି ନେଇ ମାଉସୀ ମା’ ମନ୍ଦିର ନିକଟରେ ଥିବା ରଥ ଖଳାରେ ଲଗାଇଥିଲେ। ପରେ ମହିଳା ଭକ୍ତମାନେ କଡା ସୁରକ୍ଷା ମଧ୍ୟରେ ମା’ ସୁଭଦ୍ରାଙ୍କ ରଥକୁ ଟାଣି ନେଇ ମାଉସୀ ମା’ ମନ୍ଦିର ନିକଟରେ ଥିବା ରଥ ଖଳାରେ ଲଗାଇ ଥିଲେ। ସନ୍ଧ୍ୟା ହୋଇଯିବାରୁ ପ୍ରଶାସନ ପକ୍ଷରୁ ରଥଟଣା କାର୍ଯ୍ୟ ବନ୍ଦ କରାଯାଇଥିଲା। ଶନିବାର ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇ ମାଉସୀ ମା’ ମନ୍ଦିର ନିକଟରେ ଲଗାଯିବ। ପରେ ରାତ୍ରରେ ଠାକୁରମାନଙ୍କୁ ପହଣ୍ଡି ବୀଜେ କରାଯାଇ ମାଉସୀ ମା’ ମନ୍ଦିରକୁ ବୀଜେ କରାଯିବେ ବୋଲି ଦେବୋତ୍ତର ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ରଣପୁର ପୂର୍ବତନ ସମବାୟ ମନ୍ତ୍ରୀ ସୁରମା ପାଢୀ, ପୂର୍ବତନ ବିଧାୟକ ରବିନାରାୟଣ ମହାପାତ୍ର, ନୟାଗଡ଼ ଜିଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ରଥ ଟାଣି ଥିଲେ। ନୟାଗଡ଼ ଅତିରିକ୍ତ ଏସପି, ରଣପୁର ଥାନା ଅଧିକାରୀ ଜୋତିପ୍ରକାଶ ପଣ୍ଡା ଆଇନ ଶୃଙ୍ଖଳା ତଦାରଖ କରିବା ସହ ରଥଟଣା ଶେଷ ପର୍ଯ୍ୟନ୍ତି ଉପସ୍ଥିତ ରହିଥିଲେ। ରଥଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



ମା’ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣୁଛନ୍ତି।

- ମାଉସୀ ମା’ ମନ୍ଦିରରେ ପହଞ୍ଚିଲା ତାଳଧ୍ୱଜ
- ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ସୁଭଦ୍ରାଙ୍କ ରଥକୁ ଟାଣିଲେ ମହିଳା

# ଭାପୁର ବ୍ଲକ ଅଞ୍ଚଳରେ ଘୋଷଯାତ୍ରା

ଭାପୁର ,୧୭ (ଡି.ଏନ.ଏ.)

ଭାପୁର ବ୍ଲକରେ ଶୁକ୍ରବାର ଜଗତରନାଥ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଭାପୁର ବଜାର, ବିଜିପୁର ପଞ୍ଚାୟତ ଅଧୀନ ସୁନାଖଳା ଗାଁରେ ରଥଯାତ୍ରା ହୋଇଥିଲା। ଭାପୁର ବଜାରରେ ଏହି ରଥଯାତ୍ରାରେ ପୂଜକ ଥିଲେ କେଲୁଚରଣ ନନ୍ଦ। ସାଧୁ ଚରଣ ସିଂ ଛେରାପହଁରା କରିଥିଲେ। ଜିତେନ୍ଦ୍ର କୁମାର ସାହୁ ଡାହୁକ କାର୍ଯ୍ୟ ନିର୍ବହ କରିଥିଲେ। ଭାପୁର ବିଡିଓ ଜନ୍ମେଜୟ ସାହୁ, ତହସିଲଦାର ତୃପ୍ତି ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ୨୦ନଂ. ଜୋନର ଜିଲା ପରିଷଦ ବିଜୟ କୁମାର ସାମନ୍ତରାୟ, ପୂର୍ବତନ ସରପଞ୍ଚ ପ୍ରସନ୍ନ ନାୟକ, ଭାପୁର ବଣିକ ସଂଘର ସଭାପତି କାର୍ତ୍ତିକ ନାୟକ ଓ ରଥଯାତ୍ରା କମିଟିର ସମସ୍ତ ସଦସ୍ୟ, ଭାପୁର ଅଗ୍ନିଶମ ବିଭାଗ, ଡାକ୍ତର ଓ ପୋଲିସ ଅତିଥି ଭାବେ ଯୋଗଦେଇ ଥିଲେ। ବିଜିପୁର ପଞ୍ଚାୟତ ଅଧୀନ ସୁନାଖଳା ଗାଁର ବହୁ ପୁରାତନ ରଥଯାତ୍ରାରେ ବିକଳି ଦାଶ, ରାମଚନ୍ଦ୍ର ଦାଶ ଓ ସନାତନ ଦାଶ ପୂଜକ ଥିଲେ। କାଠିଆ ବରାଡ ଏଠାରେ ଛେରାପହଁରା କରିଥିଲେ। ଟୁକୁନା ଦାସ ଡାହୁକ କାର୍ଯ୍ୟ ନିର୍ବାହ କରିଥିଲେ। ରଥଯାତ୍ରା ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଫତେଗଡ ପୋଲିସ ଉପସ୍ଥିତ ରହିଥିଲା।



ଭାପୁରରେ ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଉଛନ୍ତି।

# ଅଧାରେ ଅଟକିଲା ପତିତପାବନଙ୍କ ରଥ

ଖଣ୍ଡପଡ଼ା,୧୭(ସ୍ୱ.ପ୍ର.)

ଖଣ୍ଡପଡା ଅଞ୍ଚଳର ୩ଟି ସ୍ଥାନରେ ଶୁକ୍ରବାର ଶ୍ରୀଜୀଉଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨ଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ପରମ୍ପରା ଖଣ୍ଡପଡ଼ା ସହରରେ ଅନୁଷ୍ଠିତ ହେଉଛି। ରଥଯାତ୍ରାରେ ପ୍ରାୟ ୮ରୁ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହୋଇଥିଲା। ଖଣ୍ଡପଡାରେ ଏହି ଯାତ୍ରା ୨ଟି ରଥରେ ବାହାରିଥାଏ। ଗୋଟିଏ ରଥରେ ରାଜ ପରିବାର ଦ୍ୱାରା ପ୍ରତିଷ୍ଠିତ ତଥା ପୂଜିତ ଏକକ ଜଗନ୍ନାଥ(ବଡ଼ ଜଗନ୍ନାଥ) ଓ ଦ୍ୱିତୀୟ ରଥରେ ଦେବୋତ୍ତର ବିଭାଗ ତତ୍ତ୍ୱାବଧାନରେ ଥିବା ଶ୍ରୀରଘୁନାଥ ମନ୍ଦିରର ପାର୍ଶ୍ୱ ଠାକୁର ଭାବେ ବିରାଜିତ ୩ ଠାକୁର ବିଜେ ହୋଇଥାନ୍ତି। ଉଭୟ ଠାକୁରଙ୍କ ସକାଳ ସେବା ନୀତି ଓ ମଧ୍ୟାହ୍ନ ଧୂପ ପରେ ସେନାପଟା ଲାଗି, ଛକ ଲାଗି କାର୍ଯ୍ୟ ସମ୍ପନ୍ନ ହେବା ପରେ ଠାକୁରମାନଙ୍କୁ ମନ୍ଦିର ବାହାରକୁ ଘୋଷଯାତ୍ରାରେ ଯିବା ପୂର୍ବରୁ ମଙ୍ଗଳାର୍ପଣ କରାଯାଇଥିଲା। ଅପରାହ୍ନ ସାଢେ ୪ଟାରେ ବିଗ୍ରହମାନଙ୍କୁ ମନ୍ଦିରରୁ ପହଣ୍ଡି ବିଜେ କରାଯିବା ପରେ ରଥ ଚାରି ପାଖରେ ଛେରା ପହଁରା କାର୍ଯ୍ୟ ଶେଷ ହୋଇଥିଲା। ଖଣ୍ଡପଡ଼ା ରାଜ ପରିବାର ଦ୍ୱାରା ପରିଚାଳିତ ଏକକ ଜଗନ୍ନାଥଙ୍କ ରଥ ଚାରି ପଟେ ରାଜା ବିଭୂତି ଭୂଷଣ ସିଂ ମର୍ଦ୍ଦରାଜ ଛେରା ପହଁରା କରିଥିଲେ। ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ପ୍ରଭୁ ଶ୍ରୀପତିତପାବନ ଦେବଙ୍କ ରଥ ଚାରି ପାଖରେ ମଧ୍ୟ ରାଜା ସିଂହ ଛେରା ପହଁରା କାର୍ଯ୍ୟ କରିଥିଲେ। ଚଳିତ ରଥଯାତ୍ରାରେ ରଥାରୁଢ଼ ଦିଅଁଙ୍କୁ ଦର୍ଶନ ସହ ରଥ ଟାଣିବା ନିମନ୍ତେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟା ପୂର୍ବରୁ ସମସ୍ତ ରଥ ମାଉସୀ ମା’ ମଣ୍ଡପରେ ପହଞ୍ଚି ଯାଇଛନ୍ତି। ଖଣ୍ଡପଡ଼ା ବଡ଼ଦାଣ୍ଡରେ ଠାକୁରଙ୍କ ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିଲା। ଯାତ୍ରା ସମୟରେ ପୋଲିସ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ସହ ଦମକଳ ବାହିନୀ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଥିଲା। ସେହିପରି ଖଳିସାହି ଜଗନ୍ନାଥ ମନ୍ଦିର ପକ୍ଷରୁ ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖଳିସାହିଠାରେ ଅନୁଷ୍ଠିତ ଘୋଷଯାତ୍ରାରେ ପବିତ୍ର କୁମାର ପୃଷ୍ଟି ରଥ ଚାରି ପାଖରେ ଛେରା ପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି କଣ୍ଟିଲୋ ଅଞ୍ଚଳର ବିଭିନ୍ନ ସାହିବସ୍ତିର ଛୋଟ ଛୋଟ ପିଲାମାନେ କୁନି କୁନି ରଥ ପ୍ରସ୍ତୁତ କରି ଦାଣ୍ଡରେ ଗ୍ରାମ ପରିକ୍ରମା କରୁଥିବା ଦେଖିବାକୁ ମିଳିଥିଲା।



ଶ୍ରଦ୍ଧାଳୁମାନେ ୨ଟି ରଥକୁ ଟାଣି ନେଉଛନ୍ତି।

# ୨ ବର୍ଷ ପରେ ଶ୍ରଦ୍ଧାଳୁ ରଥ ଟାଣିଲେ

ନୟାଗଡ଼ ଅଫିସ,୧୭

ଭକ୍ତମାନେ ଠାକୁର ଦର୍ଶନ ଓ ରଥଯାତ୍ରାରେ ସାମିଲ ହୋଇ ରଥ ଟାଣିବାର ସୁଯୋଗ ପାଇ ଆତ୍ମହରା ହୋଇ ଉଠିଛନ୍ତି। ଭକ୍ତଙ୍କ ହୁଳହୁଳି ଓ ହରିବୋଲରେ ନୟାଗଡ଼ର ବଡଦାଣ୍ଡ ଆଧାତ୍ମିକ ପରିବେଶରେ ପରିଣତ ହୋଇଥିଲା। ନୟାଗଡ଼ ପୁରୁଣାସହରଠାରେ ବିଜେ ଶ୍ରୀଜଗନ୍ନାଥଙ୍କର ଘୋଷଯାତ୍ରା ଅବସରରେ ଶୁକ୍ରବାର ସକାଳୁ ଠାକୁରଙ୍କ ମଙ୍ଗଳ ଆଳତି, ନୀତିସ୍ନାନ, ବଲ୍ଲଭ, ସୂର୍ଯ୍ୟପୂଜା, ରୋଷଭୋଗ କରାଯିବା ପରେ ପୂର୍ବାହ୍ନ ୯ଟାରେ ରଥ ପ୍ରତିଷ୍ଠା କରାଯାଇଥିଲା। ସାଢ଼େ୧୦ଟାରେ ଶ୍ରୀଜୀଉମାନଙ୍କର ପହଣ୍ଡି ବିଜେ ହୋଇଥିଲା। ହଜାର ହଜାର ଭକ୍ତଙ୍କ ଗହଣରେ ରାଜା ରାମେଶ୍ୱର ପ୍ରସାଦ ସିଂହଙ୍କ ସାଢ଼େ ୧ଟାରେ ଛେରାପହଁରା କାର୍ଯ୍ୟ ସମାପନ କରିଥିଲେ। ଅପରାହ୍ନ ସାଢ଼େ ୩ଟାରେ ରଥଟଣା ନୀତି ସମ୍ପନ୍ନ ହୋଇଥିଲା। ତେବେ ବଳଭଦ୍ରଙ୍କ ରଥ ଟଣାବେଳେ ଗୋଟିଏ ସ୍କୁଟି ଓ ବାଇକ୍ ଉପରେ ମାଡି ଯାଇଥିଲା। ନଂ. ଓଡି ୨୫ ସି ୪୧୫୧୮ ° ସ୍କୁଟିଟି ନଷ୍ଟ ହୋଇଥିବାବେଳେ ବାଇକ୍‌ର ସ୍ୱଳ୍ପ କ୍ଷତି ହୋଇଛି। ରାସ୍ତା ଉପରେ ବାଇକ୍ ରଖା ଯାଇଥିବାରୁ ଏପରି ହୋଇଛି। ଭକ୍ତମାନେ ବଳଦେବଜୀଉଙ୍କ ତାଳଧ୍ୱଜ ରଥକୁ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚାଇ ଥିଲେ। ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ମହିଳାମାନେ ହନୁମାନ ଛକରେ ଓ ଶ୍ରୀଜଗନ୍ନାଥ ଜୀଉଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ନବନାଲ ମଠ ପାଶ୍ୱବର୍ତ୍ତୀ ଅଞ୍ଚଳରେ ଟାଣି ରଖିଥିଲେ। ଡାହୁକର ଅଶ୍ଳୀଳ ଗୀତ ଚଳିତବର୍ଷ ବନ୍ଦ ରହିବାରୁ ରଥ ଟାଣୁଥିବା ଜଣେ ଯୁବକ ଅଶ୍ଳୀଳ ଗୀତ ପରିବେଷଣ କରି ଲୋକଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ଉପଜିଲାପାଳ ତଥା ଦେବୋତ୍ତର ବିଭାଗର ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ ଓ ଅତିରିକ୍ତ ଏସ୍‌ପିଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା। ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ୩ ପ୍ଲାଟୁନ ଫୋର୍ସ, ହୋମଗାର୍ଡ, ଏସ୍‌ଆଇ ଓ ଏଏସ୍‌ଆଇଙ୍କୁ ନିଯୁକ୍ତି କରାଯାଇଥିଲା। ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅସ୍ଥାୟୀ ସୂଚନା କେନ୍ଦ୍ର ଖୋଲାଯାଇ ଏଠାରେ କବି ରାମକୃଷ୍ଣ ରଥ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କୈଳାସ ବାଣ୍ଡ, ଅଧାପିକା ପ୍ରିୟମ୍ବଦା ତ୍ରିପାଠୀ, କୃଷକ ନେତା ଜଗନ୍ନାଥ ପଣ୍ଡା, ଶରତ ଆଚାର୍ଯ୍ୟ, ନୟାଗଡ଼ ତହସିଲଦାର ପଦ୍ମଲୋଚନ ସାହୁ ପ୍ରମୁଖ ରଥଯାତ୍ରା ଉପରେ ଧାରା ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ଉପଜିଲାପାଳ ମାନସ ଦେବତା ରଥ ଟାଣି ଥିଲେ।

### ସ୍କୁଟି ଉପରେ ଚଢ଼ିଗଲା ବଳଭଦ୍ରଙ୍କ ରଥ



### ଗୋଡିପଡ଼ାରେ ରଥଯାତ୍ରା

ନୟାଗଡ଼, ରଣପୁର ଓ ଓଡଗାଁ ବ୍ଲକର ସୀମାନ୍ତ ଅଞ୍ଚଳ ଗୋଡିପଡ଼ାରେ ପୂଜା ପାଉଥିବା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଛି । ଦିନ ୧୧ଟାରେ ଭୋଗ ଓ ଧୂପ ସମ୍ପନ୍ନ ହେବା ପରେ ୩ଘଣ୍ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ଦର୍ଶନ ନିମନ୍ତେ ସାହାଣମେଲା କରାଯାଇଥିଲା। ଦିବା ୨ଟାରେ ଶ୍ରୀଜୀଉମାନଙ୍କର ସେନାପଟା କରାଯିବା ସହ ଟାହିଆ ବନ୍ଧା ଯାଇଥିଲା। ସାଢ଼େ ୨ଟାରେ ମଙ୍ଗଳା ଅର୍ପଣ ଓ ରାଜଭେଟି କରାଯିବା ପରେ ଘଣ୍ଟ, କାହାଳୀ, ବାଜା ଧ୍ୱନୀରେ ଜୀଉମାନଙ୍କର ବିଜେ କରାଯାଇଥିଲା। କ୍ଷେତ୍ରବାସୀ ସାହୁ ଛେରାପହଁରା କରିବା ପରେ ରଥଟଣା ହୋଇ ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିଛି। ବଡତେଲିସାହି ଗ୍ରାମବାସୀ ଗୁଣ୍ଡିଚା ମନ୍ଦିରଠାରେ ଠାକୁରଙ୍କ ପୂଜା ଦାୟିତ୍ୱ ନେଇଥାନ୍ତି। ସେହିପରି ଓଡ଼ଗାଁ ବ୍ଲକର ବଡଗୋରଡା, ଭାଲିଆଡିହି, ହରିହରପୁର, କୋତରଙ୍ଗ, ନୟାଗଡ ବ୍ଲକର ବଉଳସାହି, ରଣପୁର ବ୍ଲକର ତଲାରୀବନ୍ଧରେ ରଥଯାତ୍ରା ଅନୁଷ୍ଠିତ ହୋଇଛି।



ନୟାଗଡ଼ରେ ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଉଛନ୍ତି।

### ଶରଣକୁଳରେ ରଥଯାତ୍ରା

ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳ ଲଡୁବାବାଙ୍କ ପାର୍ଶ୍ୱ ଦେବତା ଜଗନ୍ନାଥଙ୍କର ରଥ ଯାତ୍ରା ଅନୁଷ୍ଠିତ ହୋଇଛି। ମନ୍ଦିର ପରିଛା ତୋଷବନ୍ତ କର ୩ ରଥରେ ଶୁଦ୍ଧ ଜଳ ସିଞ୍ଚନ କରିଥିଲେ। ପରେ ତାଳଧ୍ୱଜ ରଥରେ ବଡପଣ୍ଡା ଆଷଶିଷ କୁମାର ମହାପାତ୍ର, ଦେବୀ ଦଳନ ରଥରେ ଗୋଲଖ ବିହାରୀ ବଡପଣ୍ଡା ଓ ନନ୍ଦିଘୋଷ ରଥରେ ଦେବାଶିଷ ବଡପଣ୍ଡା ଛେରାପହଁରା କରିବାପରେ ଏଠାରେ ରଥଟଣା ହୋଇଥିଲ। ଏଠାର ୩ଟି ରଥ ସନ୍ଧ୍ୟା ସୁଦ୍ଧା ଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚିଛି। ସେହିପରି ଶରଣକୁଳର ଭିକାରୀପଡାରେ ୪ରୁ ୧୨ ବର୍ଷ ଓ ସୁଆରସାହିଠାରେ ୧୦ରୁ ୧୫ ବର୍ଷର ପିଲାମାନେ ରଥ ଟାଣିଥିଲେ। ଭିକାରୀପଡାରେ ୧୧ବର୍ଷ ଓ ସୁଆରସାହିଠାରେ୨୩ ବର୍ଷ ହେଲା ଏହି ଯାତ୍ରା ଅନୁଷ୍ଠିତ ହୋଇଆସୁଅଛି। ସେହିପରି ନୟାଗଡ଼ ସହରର ୪ ନଂ. ୱାର୍ଡରେ ଆଖଣ୍ଡଳମଣି ସାହିରେ ବସ୍ତି ପିଲାମାନେ ରଥ ଟାଣିଥିଲେ।

# ଭଗବାନଙ୍କୁ ପାଇ ଭକ୍ତ ଭାବବିହ୍ୱଳ

ଦୀର୍ଘ ଦୁଇ ବର୍ଷ ପରେ ଭକ୍ତ-ଭଗବାନ ଏକାଠି ହୋଇଛନ୍ତି। ଭକ୍ତ-ଶ୍ରଦ୍ଧାଳୁଙ୍କ ଗହଳରେ ଅନୁଷ୍ଠିତ ହୋଇଛି ମହାପ୍ରଭୁଙ୍କ ଘୋଷଯାତ୍ରା। ଯାଜପୁର ଜିଲାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଶାନ୍ତିପୂର୍ଣ୍ଣ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଭକ୍ତ ଭଗବାନଙ୍କୁ ପାଖରେ ପାଇ ଭାବ ବିହ୍ୱଳ ହୋଇ ପଡ଼ିଛନ୍ତି। ପ୍ରତିକୁଳ ପାଗ ସତ୍ତ୍ୱେ ବିଭିନ୍ନ ସ୍ଥାନରେ ଶତାଧିକ ଭକ୍ତ ରଥ ଟାଣିଛନ୍ତି। ଜୟ ଜଗନ୍ନାଥ ଧ୍ୱନିରେ ସାରା ଜିଲା ପ୍ରକମ୍ପିତ ହୋଇଛି।

## ରଥାରୂଢ଼ ହେଲେ ଚତୁର୍ଦ୍ଧା ମୁରତି

### ଶ୍ରୀଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ବାର୍ଷିକୋତ୍ସବ

ଯାଜପୁର ଟାଉନ,୧୭(ଡି.ଏନ.ଏ.)

ଯାଜପୁର ଦଶାଶ୍ୱମେଧ ଘାଟଠାରେ ଥିବା ଜଗନ୍ନାଥ ମନ୍ଦିରର ରଥଯାତ୍ରା ଆରମ୍ଭ ହୋଇଛି। ରଥଯାତ୍ରା ଦିନ ଯାଜପୁରରେ ଚତୁର୍ଦ୍ଧା ମୁରତି ରଥାରୂଢ଼ ହୋଇଥାନ୍ତି। ପରଦିନ ରଥ ଟଣା ଯାଇଥାଏ। ସେହି ଅନୁସାରେ ଶୁକ୍ରବାର ପ୍ରାତଃ ସମୟରେ ମଙ୍ଗଳଆଳତି ପରେ ପହଣ୍ଡି କରାଯାଇ ଚତୁର୍ଦ୍ଧା ମୁରତିଙ୍କୁ ରଥାରୂଢ଼ କରାଯାଇଥିଲା। ଶନିବାର ରଥଯାତ୍ରା କରାଯାଇ ଚତୁର୍ଦ୍ଧା ମୁରତିଙ୍କୁ ମାଉସୀ ମା' ମନ୍ଦିର ନିଆଯିବ। ଏହି ଅବସରରେ ସେଠାରେ ଶ୍ରୀଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ବାର୍ଷିକୋତ୍ସବ ପାଳନ କରାଯିବା ସହ ଭଜନ ସମାରୋହ ଅନୁଷ୍ଠିତ ହୋଇଛି। ଚେତନା ପରିଷଦ ସଭାପତି ସନ୍ତୋଷ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ରଞ୍ଜୁଲତା ହୋତା, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ସମରଜିତ ମହାନ୍ତି, କାଉନସିଲର ସରିତା ଖୁଣ୍ଟିଆ, ରୀନାବାଳା ସାମନ୍ତ ଓ ମାନଗୋବିନ୍ଦ ପତି ପ୍ରମୁଖ ଯୋଗଦେଇ ଜଗନ୍ନାଥ ପ୍ରେମୀଙ୍କୁ ସମ୍ବୋଧନ କରିଥିଲେ। ପରିଷଦ ପକ୍ଷରୁ ରଥ ମହାରଣା ନିମାଇ ଚରଣ ଓଝା, କୀର୍ତ୍ତନ ମଣ୍ଡଳୀ ସଭାପତି ଅନନ୍ତ ସେଠୀ, ଜଗନ୍ନାଥ ମନ୍ଦିରର ଗୁମାସ୍ତା ଜନାର୍ଦ୍ଦନ ମହାନ୍ତି, ସାମାଜିକ କର୍ମୀ ଶଙ୍କର ସାହୁଙ୍କ ସମେତ ବଡ଼ବଜାର ପୂଜା କମିଟି, ହରପାର୍ବତୀ ପୂଜା କମିଟି ଓ ସଦାବ୍ରତ ମଠ ପୂଜାକମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ଚେତନା ପରିଷଦ ସମ୍ପାଦକ ଆଲୋକ କୁମାର ବେହେରା, ସହସମ୍ପାଦକ ସରୋଜ କୁମାର ଜେନା, କୋଷାଧ୍ୟକ୍ଷ ସ୍ମୃତିରଞ୍ଜନ ମହାନ୍ତି ଓ ଶୁଭେନ୍ଦୁ ସାମନ୍ତ ପ୍ରମୁଖ ପରିଚାଳନା କରିଥିଲେ।



ଶ୍ରୀଜଗନ୍ନାଥ ଚେତନା ପରିଷଦ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।


ଭାଲୁଖାଇ ଜଗନ୍ନାଥ ମନ୍ଦିରରୁ ବାହାରିଥିବା ରଥକୁ ଶ୍ରଦ୍ଧାଳୁ ଟାଣୁଛନ୍ତି।

## ମାଉସୀ ଘରକୁ ଗଲେ ମହାବାହୁ

ଧର୍ମଶାଳା,୧୭(ଡି.ଏନ.ଏ.)

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଜଗନ୍ନାଥ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ସାଙ୍ଗରେ ଧରି ୯ଦିନ ପାଇଁ ମାଉସୀ ମା' ଘରକୁ ଯାତ୍ରା କରିଛନ୍ତି। ବ୍ଲକର ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରେ ଡା. ବିଜୟ କୁମାର ଶତପଥୀ ଓ ନିରଞ୍ଜନ ପାଣିଗ୍ରାହୀଙ୍କ ସହ ସେବାୟତମାନେ ଶ୍ରୀଜୀଉମାନଙ୍କ ପହଣ୍ଡି ବିଜେ କରିଥିଲେ। ଧର୍ମଶାଳା ମୁନ୍‌ସୀ ମିଳନ କମିଟି ସଭାପତି ତଥା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଛେରାପହଁରା କରିବା ପରେ ଅପରାହ୍ନ ସାଢ଼େ ୩ଟାରେ ରଥଟଣା ଆରମ୍ଭ ହୋଇଥିଲା। ୧୬ ନଂ.ଜାତୀୟ ରାଜପଥ ଦେଇ ରଥ ଜାରକା ବଜାର, ବୁଦ୍ଧଛକ, ଶାନ୍ତିବଜାର ଓ ଧର୍ମଶାଳା ବଜାର ଦେଇ ଧର୍ମଶାଳା ହାଟ ପଡ଼ିଆସ୍ଥିତ ମାଉସୀ ମା'ମନ୍ଦିରରେ ସନ୍ଧ୍ୟାରେ ତିନି ରଥ ପହଞ୍ଚିଥିଲା। ତେବେ ରଥଟଣାର କିଛିସମୟ ପରେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। କରୋନା ପାଇଁ ଦୁଇ ବର୍ଷ ଧରି ରଥଯାତ୍ରା ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ରଥଯାତ୍ରା ହୋଇଥିବାରୁ ପ୍ରତିକୁଳ ପାଗ ସତ୍ତ୍ୱେ ବର୍ଷାକୁ ଖାତିର ନ କରି ଅଞ୍ଚଳର ଶହଶହ ଭକ୍ତ ରଥ ଟାଣିଥିଲେ। ମହିଳାମାନେ ରାସ୍ତାରେ ମୁରୁଜ ପକାଇବା ସହ କଳସ ବସାଇ ଠାକୁରଙ୍କୁ ବନ୍ଦାପନା କରିଥିବା ଦେଖିବାକୁ ମିଳିଥିଲା। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ମୁନ୍‌ସୀ ମିଳନ କମିଟି ସମ୍ପାଦକ ଜଳଧର ମହାନ୍ତି, ବସନ୍ତ ପରିଡ଼ା, ସୁଦୀପ୍ତ ସ୍ୱାଇଁ, ମନ୍ଦିର କମିଟି ପକ୍ଷରୁ ଅବଧୂତ ରାଉତ, ପ୍ରସନ୍ନ ବରାଳ, ଇନ୍ଦ୍ରମଣି ମହାନ୍ତି, ଅନିରୁଦ୍ଧ ରାଉତ, ଗଜେନ୍ଦ୍ର ବେହେରା, ପ୍ରଭୁଦତ୍ତ ଜେନା, ସବ୍ୟସାଚୀ ବେହେରା, ପ୍ରସନ୍ନ ପାଳ, ମନୋଜ ରଣା, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କେଲୁ ଚରଣ ନାୟକ, ଅଶୋକ ଜେନା, ମୃତ୍ୟୁଞ୍ଜୟ ସାହୁ, ଜିତେନ୍ଦ୍ର ସାମଲ, କଳ୍ପତରୁ ସାହୁ, ବିଜୟ ନାୟକ ଓ ଅଜୟ ନାୟକ ପ୍ରମୁଖ କମିଟି ସଭ୍ୟମାନେ ରଥ ଟଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ସେହିପରି ପାଟପୁର ବଳଦେବଜୀଉ ମଠରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଏଠାରେ ରଥଯାତ୍ରା ଦେଖିବା ପାଇଁ ଶହଶହ ଭକ୍ତଙ୍କ ସମାବେଶ ହୋଇଥିଲା। ସେହିପରି ବ୍ଲକର ମଧୁପୁରଗଡ଼ଠାରେ ରାଜଜେମା ଅପର୍ଣ୍ଣା ଧିରସିଂ ଛେରାପହଁରା କରିଥିଲାବେଳେ ଚୌଷଠିପଡ଼ା, ବଳରାମପୁରଗଡ଼, କବାଟବନ୍ଧ, ତଳଗଡ଼, ନରସିଂହପୁର, ଭବାନୀପୁର, ଛେଳିଆପଦା, ଅଚ୍ୟୁତପୁର, ନାକପୋଲ ଠାରୁ ଇମାମନଗର ପର୍ଯ୍ୟନ୍ତ ପ୍ରଥମ କରି ରଥ ଟଣାଯାଇଥିଲା। ନୂଆଗାଁ, ସାଥୁଆପାଟଣା, ଦଣ୍ଡାଘାଟି ଓ ରାମପୁର କଇଥାଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଧର୍ମଶାଳା ଓ ଜେନାପୁର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ୯ଦିନ ବ୍ୟାପୀ ଧର୍ମଶାଳା ହାଟପଡ଼ିଆ ମାଉସୀ ମା' ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ୧୧ କି.ମି. ଗଡ଼ିଲା ୩ ରଥ

ଚଣ୍ଡିଖୋଲ/ଛତିଆ,୧୭(ଡି.ଏନ୍.ଏ.)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଶୁକ୍ରବାର ସମସ୍ତ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଛି। ତେବେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ଛତିଆଠାରେ ହେଉଥିବା ମହାପ୍ରଭୁଙ୍କ ରଥଯାତ୍ରା ଏକ ପୌରାଣିକ ତଥା ଦୀର୍ଘପଥ ଅତିକ୍ରମ କରୁଥିବା ଯାତ୍ରାକୁ ଗୁରୁତ୍ୱ ବହନ କରି ଏକ ନିଆରା ପରମ୍ପରା ସୃଷ୍ଟି କରିଥାଏ। ମାଳିକା ବର୍ଣ୍ଣିତ ଛତିଆର ଏହି ଯାତ୍ରା ଭାରତର ସର୍ବବୃହତ୍ ରଥଦାଣ୍ଡର ଆଖ୍ୟା ବହନ କରି ୧୧ କି.ମି. ଧରି ଚାଲିଥାଏ। ଏହି ରଥଯାତ୍ରା ଦେଖିବା ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଥିଲାବେଳେ ପ୍ରଶାସନ ତରଫରୁ ମଧ୍ୟ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା ।

ଛତିଆସ୍ଥିତ ଜଗନ୍ନାଥ ମନ୍ଦିରରୁ ବଡ଼ଘୁମୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ୧୧ କିମି ପଥ ରଥଟଣା ହେବାକୁ ଥିବାରୁ ଏଠାରେ ଚଳିତ ବର୍ଷ ପୂର୍ବାହ୍ନ ୮ଟାରେ ପହଣ୍ଡି ଆରମ୍ଭ ହେବା ପରେ ଦିନ ପ୍ରାୟ ୧୧ଟାରେ ରଥଟଣା ହୋଇଥିଲା। ଉପେନ୍ଦ୍ର ଓଝା ଛେରାପହଁରା କରିଥିଲେ। ପୂର୍ବରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ଛତିଆ ଜଗନ୍ନାଥ ମନ୍ଦିରରୁ ଚମ୍ପାପୁର ପର୍ଯ୍ୟନ୍ତ ରଥଯାତ୍ରା ହେଉଥିଲା। ତେବେ ଏହା ବନ୍ଦ ହେବା ପରେ ପୁନର୍ବାର ମହାପ୍ରଭୁଙ୍କ ସ୍ୱପ୍ନାଦେଶ ହୋଇଥିଲା ଛତିଆ ଓଝା ପରିବାରକୁ ରଥଯାତ୍ରା କରିବା ପାଇଁ। ୨୦୦୨ ମସିହାରୁ ଏହା ଗୋଟିଏ ରଥରେ ପରିଣତ ହୋଇ ଚାଲିଲା। ଚଳିତ ବର୍ଷ ୩ରଥ ନିର୍ମାଣ କରାଯାଇ ଦୀର୍ଘପଥ ଅତିକ୍ରମ କରିଥିବା କହିଛନ୍ତି ଏହାର ମୁଖ୍ୟ ପୁରୋଧା ଉପେନ୍ଦ୍ର ଓଝା। ୩ ରଥ ଗଡ଼ିଥିବାବେଳେ ଏହା ଅପରାହ୍ନ ୫ଟାରେ ବଡ଼ଘୁମୁରୀ ସ୍ଥିତ ମାଉସୀ ମା' ମନ୍ଦିର ନିକଟରେ ପହଞ୍ଚିଥିଲା। ବଡ଼ଚଣା ଓ ବୈରୀ ପୋଲିସ ତରଫରୁ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଦୁଇ ଥାନା କର୍ମଚାରୀଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ, ପାନୀୟଜଳ ବିଭାଗ ସମେତ ଡାକ୍ତରୀଦଳ ଉପସ୍ଥିତ ଥିଲେ। ମାଜିଷ୍ଟ୍ରେଟ ଭାବେ ତହସିଲଦାର ପ୍ରଦୀପ କୁମାର ସେଠୀ ଉପସ୍ଥିତ ରହିଥିଲେ। ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ନେଳିଆର ଜୟନ୍ତୀ ସ୍ୱାଇଁ, ବଡ଼ଘୁମୁରୀର ଅକ୍ଷୟ ରାଉତ, ସମିତିସଭ୍ୟ ଦୀପକ ସାହୁ, ଗୀତାଞ୍ଜଳି ବେହେରା, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


ଶ୍ରଦ୍ଧାଳୁ ରଥ ଟାଣୁଛନ୍ତି।

## ରସୁଲପୁରର ବିଭିନ୍ନ ସ୍ଥାନରେ ଶ୍ରୀଗୁଣ୍ଡିଚା ଯାତ୍ରା

ରସୁଲପୁର,୧୭(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ କୁଆଖିଆ ବଜାର, ନରସିଂପୁର ପଞ୍ଚାୟତର ହରିପୁର ଜଗନ୍ନାଥ ମଠ, ଭୋଟକା ପଞ୍ଚାୟତର ଇଚ୍ଛାପୁରସ୍ଥିତ



ଜଗନ୍ନାଥ ମନ୍ଦିର, ବାହାଦଲାପୁର ପଞ୍ଚାୟତର ସୁଧର୍ମା ମଠ, ସିଂହାପୁର ପଞ୍ଚାୟତ ଜଗନ୍ନାଥପୁର ଜଗନ୍ନାଥ ମନ୍ଦିର ଓ ଶ୍ରୀବନ୍ତପୁର ଆଦି ଅଞ୍ଚଳରେ ଶ୍ରୀଗୁଣ୍ଡିଚା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। କରୋନା କାରଣରୁ ୨ ବର୍ଷ ପରେ ଭକ୍ତ ଓ ଭଗବାନଙ୍କ ମିଳନ ହେବା ସମ୍ଭବପର ହୋଇଛି। ବିଭିନ୍ନସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୂଢ଼ କରାଯାଇ ରଥଟଣା କାର୍ଯ୍ୟ ସମ୍ପନ୍ନ ହୋଇଛି। ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ଦିନତମାମ ବିଭିନ୍ନସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା। ଭକ୍ତମାନେ ରଥ ଟାଣି ଆଣି ମାଉସୀ ମା' ମନ୍ଦିର ସମ୍ମୁଖରେ ବିରାଜମାନ କରିଛନ୍ତି। ବିଭିନ୍ନସ୍ଥାନରେ ଅନୁଷ୍ଠିତ ହେଉଥିବା ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସମାପନ କରିବା ପାଇଁ କୁଆଖିଆ, ଧର୍ମଶାଳା ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟପକ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି।

## ମଧୁପୁରଗଡ଼ରେ ରଥଯାତ୍ରା


ରଥାରୂଢ଼ ତିନି ଠାକୁର।

ଚଢ଼େଇଧରା,୧୭(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି। ସୁଦର୍ଶନ, ଜଗନ୍ନାଥ, ବଳଭଦ୍ର ଓ ଭଉଣୀ ଶୁଭଦ୍ରାଙ୍କୁ ନେଇ ମାଉସୀ ମା' ଘରକୁ ଘରକୁ ବିଜେ କରିଛନ୍ତି ମହାବାହୁ। ୩ ଠାକୁରଙ୍କ ପହଣ୍ଡି ପରେ ରଥେ ବିଜେ କରାଯାଇ ରଥ ଟଣାଯାଇଥିଲା। ମଧୁପୁରଗଡ଼ ରାଣୀ ଅପର୍ଣ୍ଣାଧୀର ସିଂ ଭରଦ୍ୱାଜ ଏକ ଘୋଡା ଗାଡିରେ ଆସି ପ୍ରଭୁଙ୍କର ମଙ୍ଗଳ ଆଳତି କରିଥିଲେ। ପରେ ଦିଅଁମାନଙ୍କୁ ଗୋଟି ପହଣ୍ଡିରେ ଅଣାଯାଇଥିଲା। ପ୍ରଥମେ ସୁଦର୍ଶନ ପରେ ବଳଦେବ ଓ ଦେବୀ ସୁଭଦ୍ରାଙ୍କୁ ଅଣାଜିବା ପରେ ଶେଷରେ ମହାପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡି ବିଜେ କରାଯାଇ ରଥ ଉପରକୁ ନିଆ କରାଯାଇଥିଲା। ରାଜ ବିରାଦରମାନେ ମହାପ୍ରଭୁଙ୍କୁ ପହଣ୍ଡି କରାଇଥିଲେ। ଘଣ୍ଟଘଣ୍ଟା ଖୋଳତାଳରେ ପୁରା ଅଞ୍ଚଳରେ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ରାଣୀ ଛେରା ପହଁରା କରିବା ପରେ ହଜାର ହଜାର ଭକ୍ତଙ୍କ ଗହଣରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। କୋଭିଡ କଟକଣା ଉଠିଯାଇଥିବାରୁ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତ ଉପସ୍ଥିତ ହୋଇ ରଥ ଟାଣିଥିଲେ। ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଥାନାର ଏକ ଟିମ ଶାନ୍ତି ଶୃଙ୍ଖଳା ବଜାୟ ରଖିଥିଲା।

## ନଛିପୁରରେ ରଥଯାତ୍ରା

ସିଂହପୁର,୧୭(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ନଛିପୁର ନୀଳାଦ୍ରି ବିହାର ପ୍ରାଙ୍ଗଣରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଥମେ ୩ଦିଅଁଙ୍କ ରୀତିନୀତିରେ ପୂଜା ଅନୁଷ୍ଠିତ ହୋଇଥିଲା। ନୀଳାଦ୍ରି ବିହାର ଶ୍ରୀମନ୍ଦିରର ସେବାଧ୍ୟକ୍ଷ ନିରଞ୍ଜନ ଆଚାର୍ଯ୍ୟଙ୍କ ଦେହାନ୍ତ ପରେ ଜ୍ୟେଷ୍ଠପୁତ୍ର ଦେବାଶିଷ ଆଚାର୍ଯ୍ୟ ରଥରେ ଛେରାପହଂରା କରିଥିଲେ। ଇନ୍ଦ୍ରମଣି ସ୍ୱାଇଁ, ସନ୍ତୋଷ କୁମାର ସାହୁ, କମଳାକାନ୍ତ ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ରଥ ଟାଣିବା ସହ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସେହିପରି ଛନ୍ଦାମୁଣ୍ଡ ଓ ଟିକଣାରେ ରଥଯାତ୍ରା ପାଳିତ ହୋଇଯାଇଛି। ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ରଥ ଟଣାରେ ଭାଗ ନେଇଥିଲେ।



## ବନ ମହୋତ୍ସବ ପାଳିତ

କାଳିଆପାଣି,୧୭(ଡି.ଏନ.ଏ.)

ଜଙ୍ଗଲ ବିଭାଗ ପକ୍ଷରୁ ଶୁକ୍ରବାର କଳରଙ୍ଗୀଠାରେ ୭୩ତମ ବନ ମହୋତ୍ସବ ପାଳିତ ହେଇଯାଇଛି। ଏଥିରେ ସୁକିନ୍ଦା ରେଞ୍ଜର ବିପିନ ବିହାରୀ ରାଉତରାୟ ମୁଖ୍ୟଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଫରେଷ୍ଟର ନରେଶ ଗୁଡୁ ଓ କଳରଙ୍ଗୀ ଭିଏସ୍‌ଏସ୍ ସଭ୍ୟଙ୍କ ମିଳିତ ତତ୍ତ୍ୱାବଧାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଂଶୋଳ ସରପଞ୍ଚ କନକଲତା ସର୍ଦ୍ଦାର, ସମିତିସଭ୍ୟା ଉମାରାଣୀ ପ୍ରଧାନ, କଳରଙ୍ଗୀ ଗ୍ରାମର ଭିଏସ୍‌ଏସ୍ ସଭ୍ୟ ଓ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଯୋଗଦେଇ ଚାରାରୋପଣ କରିଥିଲେ। ଆଗାମୀ ଦିନରେ ଅଞ୍ଚଳରେ ବହୁ ଜଙ୍ଗଲ ଜାତ ବୃକ୍ଷ ସହ ଫଳ ଚାରା ରୋପଣ କରାଯିବ ବୋଲି ରେଞ୍ଜର ରାଉତରାୟ ପ୍ରକାଶ କରିଥିଲେ।



ବନ ମହୋତ୍ସବ ଅବସରରେ ଚାରାରୋପଣ କରାଯାଉଛି।

## ବଜ୍ରପାତରେ ୫ ଆହତ, ୩ ଗୋରୁ ମୃତ

ଧର୍ମଶାଳା,୧୭(ଡି.ଏନ.ଏ.)

ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ଅପରାହ୍ନରେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଛି। ଏଥିରେ ୫ଜଣ ଆହତ ହୋଇଥିବା ବେଳେ ୩ ଗାଈଙ୍କ ମୃତ୍ୟୁ ହୋଇଛି। ବ୍ଲକର ମଣିନାଥପୁର ଗ୍ରାମରେ ବଜ୍ରପାତ ଯୋଗୁ ଏକ ନଡ଼ିଆ ଗଛ ପୋଡ଼ିଯିବା ସହ ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଗ୍ରାମର ମିଲି ମଲିକ(୨୯), ସୁପ୍ରିୟା ମଲିକ(୧୦) ଓ ଦୁର୍ଗେଶ୍ୱର ମଲିକ(୮)। ସେହିପରି ଜାରକାର କବିତା ମଲିକ(୩୦) ଓ ପାଖର ଗ୍ରାମର ଟିକି ମଲିକ( ୩୦) ଆହତ ହୋଇ ଧର୍ମଶାଳା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ତେବେ ଚିକିତ୍ସା ପରେ ସମସ୍ତଙ୍କ ଅବସ୍ଥା ସୁସ୍ଥଥିବା ଜଣାପଡ଼ିଛି। ସେହିପରି ବଜ୍ରପାତ ଯୋଗୁ ଏହି ବ୍ଲକ ପନ୍ତୁରୀ ଗ୍ରାମର କାଳନ୍ଦୀ ମଲିକ, ବଟ ଦଳେଇ ଓ ଜନକ ଦଳେଇଙ୍କ ଗୋଟିଏ ଲେଖାଏ ଗାଈର ମୃତ୍ୟୁ ହୋଇଛି।

## ଟାଟା ପାୱାରର ମନମୁଖି କାର୍ଯ୍ୟକୁ ବିରୋଧ

### ଆନ୍ଦୋଳନ ପାଇଁ ଉପଭୋକ୍ତାଙ୍କ ସଜବାଜ

ରସୁଲପୁର,୧୭(ଡି.ଏନ.ଏ.)

ଟାଟା ପାୱାରର ମନମୁଖି କାର୍ଯ୍ୟକୁ ନେଇ ଅସନ୍ତୋଷ ଝାଡ଼ିଛି ରସୁଲପୁର ବ୍ଲକ୍ ଉପଭୋକ୍ତା ସମନ୍ୱୟ ସମିତି। ଜନସାଧାରଣଙ୍କ ବିଦ୍ୟୁତ ଆବଶ୍ୟକତା ଗୁରୁତ୍ୱକୁ ଦୃଷ୍ଟିରେ ରଖି କମ୍ପାନୀ ଗ୍ରାହକଙ୍କୁ ଶୋଷଣ କରିବାକୁ ଲକ୍ଷ୍ୟ ରଖୁଛି। ଆଇନକୁ ଆଖିଠାର ମାରି କମ୍ପାନୀ ବିଦ୍ୟୁତ୍ ଦେୟ ଓ ବକେୟା ଆଦାୟ ଉପରେ ଗୁରୁତ୍ୱ ଦେଉଛି। ଗ୍ରାହକଙ୍କ ଉପରେ ବିଦ୍ୟୁତ ୟୁନିଟ୍ ବୃଦ୍ଧି ପାଇଁ ବିନା କାରଣରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ମାସିକିଆ ବିଲ ଆଦାୟ ବଦଳରେ ଦେଢମାସରେ ବିଲ୍ ଆଦାୟ କରାଯାଉଛି। ଆଧିକ ୟୁନିଟ୍ ଓ ଦେୟ ବଢ଼ାଇ ଗ୍ରାହକଙ୍କ ଉପରେ ଚାପ ସୃଷ୍ଟି କରାଯିବା ପାଇଁ କମ୍ପାନୀ ପକ୍ଷରୁ ଏହି ଅଭିସନ୍ଧି ରଖାଯାଇଛି। ଅନେକ ସମୟରେ ଅଘୋଷିତ ବିଦ୍ୟୁତ୍ କାଟ, ବର୍ଷା ଆସିଲେ ବିଦ୍ୟୁତ୍‌ର ଲୁଚକାଳି ଖେଳ, ସାମାନ୍ୟ ବର୍ଷା ଓ ପବନ ହେଲେ କମ୍ପାନୀ ବିଦ୍ୟୁତ ଯୋଗାଣରେ ବିଫଳ ହେବା, ବିଭିନ୍ନ ଅଞ୍ଚଳରେ ଲୋ-ଭୋଲଟେଜ୍ ସମସ୍ୟା, ବିଦ୍ୟୁତ ବିଲ୍‌ରେ ବ୍ୟାପକ ତ୍ରୁଟି, ସଂଶୋଧନ ପାଇଁ ବିତରଣ କମ୍ପାନୀ କର୍ମଚାରୀଙ୍କ ଅନାଗ୍ରହ ଓ ବିଲ୍‌ରେ ଡିପିଏସ ଭଳି ବହୁ ବେଆଇନ ବିଷୟରେ କମ୍ପାନୀ ଗ୍ରାହକଙ୍କୁ ଶୋଷଣ କରୁଛି। ତେବେ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଏକ ବଳକା ରାଜ୍ୟ ହୋଇଥିବାରୁ ଗ୍ରାମାଞ୍ଚଳ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଇବାକୁ ବୈଠକ ଜରିଆରେ ଦାବି କରାଯାଇଛି। ଆଗାମୀ ଦିନରେ ଏହି ଲଢ଼େଇକୁ ଜିଲାସ୍ତରୀୟ ଆନ୍ଦୋଳନରେ ପରିଣତ କରିବା ପାଇଁ ପ୍ରସ୍ତାବ ଆଗତ ହୋଇଛି। ଏହି ମର୍ମରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର କୁଆଖିଆ ବିଦ୍ୟୁତ୍ ଖଣ୍ଡ ନିର୍ବାହୀ ଯନ୍ତ୍ରୀଙ୍କ ଜରିଆରେ ଟାଟା ପାୱାର ମୁଖ୍ୟଙ୍କୁ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। କୁଆଖିଆ ବଜାରଠାରେ ଅନୁଷ୍ଠିତ ସମନ୍ୱୟ ସମିତି ବୈଠକରେ କମିଟି ସଭାପତି ପଦ୍ମନାଭ ବାରିକଙ୍କ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବିଶିଷ୍ଟ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ଏକତା ମଞ୍ଚ ଆଦମପୁରର ସଭାପତି ନାରାୟଣ ଜେନା, କାଳନ୍ଦୀ କଣ୍ଡ, ଗଦାଧର ଦାସ, ସୁଦାମ ଚରଣ ରାଉତ, ଗୋଲକ ବିହାରୀ ରାଉତ, ବଟକୃଷ୍ଣ ସାହୁ, ଅଭୟ ଦାସ, ଅରୁଣ ସାହୁ, ନିରଞ୍ଜନ ପ୍ରଧାନ, ଦେବେନ୍ଦ୍ର ପାଢ଼ୀ, କୃଷ୍ଣ ଚନ୍ଦ୍ର ସାହୁ, ମନମୋହନ ନନ୍ଦୀ, ସୁବାସ ମିଶ୍ର ଓ ଆଲୋକ ମହାନ୍ତି ପ୍ରମୁଖ ଯୋଗଦେଇ ଟାଟା ପାୱାରର ଗ୍ରାହକ ମାରଣନୀତିକୁ ତୀବ୍ର ସମାଲୋଚନା କରିଥିଲେ।



ବୈଠକରେ ଉପସ୍ଥିତ ଉପଭୋକ୍ତା ସମନ୍ୱୟ ସମିତି କର୍ମକର୍ତ୍ତା।